# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୪/୨୦୧୮ (୧୬ ପୃଷ୍ଠା) | Bhubaneswar, Tuesday, December 4/ 2018 | ★★★★★★

୪୫ଶ ଭାଗ ୧୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-




## ମଲାଇକା, ଅର୍‌ବାଜ୍ ମୁହାଁମୁହିଁ

ଦୀପିକା-ରଣବୀରଙ୍କ ବିବାହ ପାର୍ଟିରେ ବଲିଉଡ୍‌ର ଚର୍ଚ୍ଚିତ ତାରକା ମଲାଇକା ଆରୋରା ଓ ତାଙ୍କ ପୂର୍ବତନ ଜୀବନସାଥୀ ଅର୍‌ବାଜ୍ ଖାନ ମୁହାଁମୁହିଁ ହୋଇଛନ୍ତି।

୦୨

୧୬

## ମଧୁସ୍ମିତାଙ୍କ ଅଲରାଉଣ୍ଡ ପ୍ରଦର୍ଶନ

ମଧୁସ୍ମିତା ବେହେରାଙ୍କ ଅଲରାଉଣ୍ଡ ପ୍ରଦର୍ଶନ ସହାୟତାରେ ଓଡ଼ିଶା ସିନିୟର ମହିଳା କ୍ରିକେଟ ଦଳ ୬ଉଇକେଟରେ ଉତ୍ତର ପ୍ରଦେଶକୁ ହରାଇ ଦେଇଛି।










କଳିଙ୍ଗ ଷ୍ଟାଡିୟମରେ ସୋମବାର ଆର୍ଜେଣ୍ଟିନା ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଅନୁଷ୍ଠିତ ହକି ବିଶ୍ୱକପ୍ ମ୍ୟାଚର ଏକ ଉତ୍କଣ୍ଠାପୂର୍ଣ୍ଣ ମୁହୂର୍ତ୍ତ।


ସମ୍ପ୍ରସାରଣ ହେବ ବିଜୁ ପଟ୍ଟନାୟକ ବିମାନବନ୍ଦର ...୫...

ବିକ୍ରି ହେଲା ୧୦୦ ବର୍ଷର ହର୍ଲିକ୍ସ ...୧୩...


# ସ୍ଥଗିତାଦେଶ ଦେଲେନି ସୁପ୍ରିମକୋର୍ଟ

## ପୋଲାଭରମ୍ ପ୍ରକଳ୍ପ ବିବାଦ



- ରାଜ୍ୟ ସରକାରଙ୍କୁ ଝଟକା
- ସମସ୍ତ ତଥ୍ୟ ଦେବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ
- ଜାନୁୟାରୀ ପ୍ରଥମ ସପ୍ତାହରେ ପରବର୍ତ୍ତୀ ଶୁଣାଣି

ଭୁବନେଶ୍ୱର,୩।୧୨(ବ୍ୟୁରୋ)

ପୋଲାଭରମ ପ୍ରକଳ୍ପ ବିବାଦକୁ ନେଇ ରାଜ୍ୟ ସରକାରଙ୍କୁ ଜୋରଦାର ଝଟକା ଲାଗିଛି। ସୋମବାର ଏହି ମାମଲାର ଶୁଣାଣି କରି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ସ୍ଥଗିତ ପାଇଁ ନିର୍ଦ୍ଦେଶ ଦେବାକୁ ସୁପ୍ରିମକୋର୍ଟ ମନାକରି ଦେଇଛନ୍ତି। ତେବେ ପ୍ରକଳ୍ପ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଉଭୟ ଓଡ଼ିଶା ଏବଂ ଛତିଶଗଡ଼ ସରକାରଙ୍କୁ ଦେବାକୁ କୋର୍ଟ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରକଳ୍ପ ଦ୍ୱାରା କେତେ ଅଞ୍ଚଳ ବୁଡ଼ିବ, କେତେଜଣ କ୍ଷତିଗ୍ରସ୍ତ ହେବେ ସେ ସମ୍ପର୍କରେ ତଥ୍ୟ ଦେବାକୁ କୁହାଯାଇଛି। ସେହି ତଥ୍ୟ ଆଧାରରେ ଓଡ଼ିଶା ଏବଂ ଛତିଶଗଡ଼ ନିଜ ରାଜ୍ୟରେ ଜନ ଶୁଣାଣି କରିପାରିବେ ବୋଲି କୋର୍ଟ କହିଛନ୍ତି । ଜାନୁୟାରୀ ପ୍ରଥମ ସପ୍ତାହରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ।

ଏଠାରେ ସୂଚନାଯୋଗ୍ୟ ରାଜ୍ୟ ସରକାର ପ୍ରକଳ୍ପ କାର୍ଯ୍ୟକୁ ସ୍ଥଗିତ ରଖିବା ପାଇଁ ସୁପ୍ରିମକୋର୍ଟରେ ଆବେଦନ କରିଛନ୍ତି। ପୋଲାଭରମ୍ ପ୍ରକଳ୍ପ ବିବାଦକୁ ନେଇ ସୁପ୍ରିମକୋର୍ଟ ନଭେମ୍ବର ୨୯ ତାରିଖରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଥିଲେ। ଓଡ଼ିଶା ଏବଂ ଛତିଶଗଡ଼ରେ ଜନଶୁଣାଣି କରିବାକୁ ସର୍ବୋଚ୍ଚ ଅଦାଲତ ଉଭୟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ଡିସେମ୍ବର ୧ ତାରିଖ ସୁଦ୍ଧା ଜନଶୁଣାଣି ପାଇଁ ଟର୍ମସ୍ ଆଣ୍ଡ କଣ୍ଡିସନ ଦାଖଲ କରିବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଓଡ଼ିଶା ସରକାରଙ୍କ ଏକ ଅନ୍ତରୀଣ ପିଟିଶନ ଉପରେ ଶୁଣାଣି କରି ସୁପ୍ରିମକୋର୍ଟଙ୍କ ଏକ ୩ ଜଣିଆ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଥିଲେ। ଏହାପରେ ପୋଲାଭରମ୍ ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ହେବାକୁଥିବା ଲୋକମାନେ ନ୍ୟାୟ ମିଳିବା ନେଇ ଆଶା ସଞ୍ଚାର ହୋଇଥିଲା। ମାତ୍ର ପ୍ରକଳ୍ପ କାର୍ଯ୍ୟ ଉପରେ ସର୍ବୋଚ୍ଚ ଅଦାଲତ ସ୍ଥଗିତାଦେଶ ଦେଇ ନ ଥିବାରୁ ଓଡ଼ିଶାର ଆଶା ମଉଳିବାରେ ଲାଗିଛି।

ନଭେମ୍ବର ୨୭ରେ କେନ୍ଦ୍ର ସରକାର ଓଡ଼ିଶା ଏବଂ ଛତିଶଗଡ଼ରେ ଏକ ସ୍ୱତନ୍ତ୍ର ସଂସ୍ଥା ଦ୍ୱାରା ଜନ ଶୁଣାଣି କରିବାକୁ କୋର୍ଟଙ୍କୁ ଅବଗତ କରିଥିଲେ। ତେବେ ନଭେମ୍ବର ୨୯ରେ ସତ୍ୟପାଠ ଦାଖଲ କରି କେନ୍ଦ୍ର ସରକାର ଏଭଳି ପ୍ରସ୍ତାବରୁ ଓହରି ଯାଇଥିଲେ। ସ୍ୱତନ୍ତ୍ର ସଂସ୍ଥା ଦ୍ୱାରା ଜନଶୁଣାଣି କରିବା ଲାଗି ଭୁଲବଶତଃ କୁହାଯାଇଥିଲା ବୋଲି ସତ୍ୟପାଠରେ ଉଲ୍ଲେଖ କରିଥିଲେ। ଉଭୟ ରାଜ୍ୟରେ ଜନଶୁଣାଣି ହୋଇଥିବା ବିଷୟ କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କୁ ଜଣାଇଥିଲେ। ଓଡ଼ିଶା, ତେଲେଙ୍ଗାନା ଏବଂ ହାଇଦ୍ରାବାଦସ୍ଥିତ ଏକ ବେସରକାରୀ ସ୍ୱେଚ୍ଛାସେବୀ ସଂସ୍ଥା ରେଡିନେସ ଫର ଏମ୍ପାଓ୍ୱାରମେଣ୍ଟ ଥ୍ରୁ ଲେଜିଟିମେଟ ଆକ୍ସନ(ଆରଇଏଲଏ) ☞ପୃଷ୍ଠା-୪

## ହକି ବିଶ୍ୱକପ୍ ଫଳାଫଳ

ODISHA HOCKEY MEN'S WORLD CUP BHUBANESWAR 2018

**ସୋମବାର**

ପ୍ରଥମ ମ୍ୟାଚ
ସ୍ପେନ୍ -୧
ଫ୍ରାନ୍ସ -୧

ଦ୍ୱିତୀୟ ମ୍ୟାଚ
ଆର୍ଜେଣ୍ଟିନା-୩
ନ୍ୟୁଜିଲାଣ୍ଡ-୦

## ଆଜିର ସମ୍ପାଦକୀୟ

ଫ୍ରାନ୍ସରୁ ଶିକ୍ଷା

## ଆଜିର ମନ୍ତବ୍ୟ

“ କଂଗ୍ରେସ ମିଛ ପ୍ରଚାରର ବିଶ୍ୱବିଦ୍ୟାଳୟ ପାଲଟିଯାଇଛି।
–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## କିଛି ତଥ୍ୟ

ବର୍ତ୍ତମାନ ସୁଦ୍ଧା ଦେଶର ୨୮ ରାଜ୍ୟର ୧୧୭ ଜିଲ୍ଲାକୁ ଆକାଂକ୍ଷୀ ଜିଲ୍ଲା ଭାବେ ଘୋଷଣା କରାଯାଇଛି।
– ନୀତି ଆୟୋଗ


NECC NATIONAL EGG CO-ORDINATION COMMITTEE | 03.12.2018 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 73 | 123 | 133 |
| CTC | 73 | 123 | 133 |
| DKL | 74 | 124 | 134 |
| BDK | 75 | 126 | 136 |
| BLS | 77 | 128 | 138 |
| ANG | 76 | 127 | 137 |

*Conditions Apply
Eggs Retail Price- 48/-Dozen
Issued in the Interest of Consumers


■ ୟୁପି, କଶ୍ମୀରରେ ଗୋ ସୁରକ୍ଷା ନାଁରେ ହିଂସା

# ଟେକାମାଡ଼ରେ ପୋଲିସ ମୃତ

## ଉତ୍ତ୍ୟକ୍ତଙ୍କ ଲଙ୍କାକାଣ୍ଡ



ବୁଲନ୍ଦସହରରେ ପୋଲିସକୁ ଉତ୍ତ୍ୟକ୍ତ ଲୋକଙ୍କ ଟେକାମାଡ଼।

- ବୁଲନ୍ଦସହରରେ ଗୋହତ୍ୟା ଗୁଜବରୁ ଉତ୍ତେଜନା
- ପୋଲିସ ଗୁଳିମାଡ଼ରେ ଟଳିଲେ ଯୁବକ
- ମାଜିଷ୍ଟ୍ରେଟ୍ ସ୍ତରୀୟ ତଦନ୍ତ ନିର୍ଦ୍ଦେଶ
- କଠୁଆରେ ଟ୍ରକ୍ ଜାଳିଦେଲେ, ରାଜପଥ ରୋକିଲେ

ବୁଲନ୍ଦସହର/କଠୁଆ,୩।୧୨(ପି.ଟି.)

ଉତ୍ତରପ୍ରଦେଶ (ୟୁପି) ଓ ଜମ୍ମୁ-କଶ୍ମୀରରେ ଗୋ ସୁରକ୍ଷା ନାମରେ ହିଂସା। ୟୁପିର ବୁଲନ୍ଦ୍‌ସହରରେ ଗୋହତ୍ୟା ଗୁଜବକୁ ନେଇ ଉତ୍ତ୍ୟକ୍ତ ଲୋକଙ୍କ ଲଙ୍କାକାଣ୍ଡ ଦେଖିବାକୁ ମିଳିଛି। ଲୋକଙ୍କ ଟେକାମାଡ଼ରେ ଜଣେ ପୋଲିସ ଇନ୍ସପେକ୍ଟରଙ୍କ ଜୀବନ ଯାଇଥିବାବେଳେ ଜବାବୀ କାର୍ଯ୍ୟାନୁଷ୍ଠାନ ବେଳେ ଗୁଳିମାଡ଼ରେ ଟଳିପଡ଼ିଛନ୍ତି ଜଣେ ଯୁବକ। ଯୋଗୀ ଆଦିତ୍ୟନାଥ ସରକାର ଏହାର ମାଜିଷ୍ଟ୍ରେଟ୍ ସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ସେପଟେ କଶ୍ମୀରର କଠୁଆ ଜିଲାରେ ଗୋ ଚାଲାଣ ହେଉଥିବାବେଳେ ଗୋରୁ ବୋଝେଇ ଟ୍ରକ୍‌କୁ ଜାଳି ଦିଆଯାଇଛି। ତଥାକଥିତ ଗୋରକ୍ଷକମାନେ ବ୍ୟାପକ ଭଙ୍ଗାରୁଜା କରିବା ସହ ଜମ୍ମୁ-ପଠାନ୍‌କୋଟ୍ ଜାତୀୟ ରାଜପଥରେ ରାସ୍ତା ରୋକୋ କରିଛନ୍ତି। ଉଭୟ ହିଂସାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି।

ବୁଲନ୍ଦ୍‌ସହରରେ କେତେବେଳେ ଦଙ୍ଗା ଭଳି ସ୍ଥିତି ସୃଷ୍ଟି ହୁଏ ତାହା କହିହୁଏ ନାହିଁ। ଦୁଇ ସମ୍ପ୍ରଦାୟକୁ ନେଇ ଦଙ୍ଗା ଏଠାରେ ନୂଆକଥା ନୁହେଁ। ମହାଉ ଗ୍ରାମ ନିକଟସ୍ଥ ଏକ ଜଙ୍ଗଲରେ ସୋମବାର ସ୍ଥାନୀୟ ଲୋକେ କେତେକ ଗାଈ ଓ ବାଛୁରୀଙ୍କ ଶରୀରର କିଛି ଅଂଶ ପାଇବା ପରେ ଗୋ ହତ୍ୟା ଗୁଜବ ସୃଷ୍ଟି ହୋଇଥିଲା। ପୂର୍ବାହ୍ଣ ୧୧ଟାରେ ଏହାକୁ ନେଇ ଚିଙ୍ଗ୍‌ରାୱଠି କ୍ରସିଂରେ ଶତାଧିକ ଲୋକ ଏକତ୍ରିତ ହୋଇଥିଲେ। ବିଭିନ୍ନ ହିନ୍ଦୁ ସଙ୍ଗଠନର ସଦସ୍ୟ ଓ ଉତ୍ତ୍ୟକ୍ତ ଗ୍ରାମବାସୀ ଗୋରୁଙ୍କ ଦେହାବଶେଷକୁ ଏକ ଟ୍ରାକ୍ଟର ଟ୍ରଲିରେ ଚିଙ୍ଗ୍‌ରାୱଠି ଥାନାକୁ ଆଣି ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ସେମାନେ ପୋଲିସ ପ୍ରଶାସନ ବିରୋଧରେ ସ୍ଲୋଗାନ ଦେଇ ବୁଲନ୍ଦ୍‌ସହର-ଗଡ଼ ରାଜପଥ ଅବରୋଧ କରିଥିଲେ। ପୋଲିସ ସେମାନଙ୍କୁ ☞ପୃଷ୍ଠା-୪

## ଯୌତୁକ ପାଇଁ ବଧୂ ହତ୍ୟା

# ଗୋଡ଼ହାତ ବାନ୍ଧି ଜାଳିଦେଲେ

- ୭ ମାସର ଶିଶୁକନ୍ୟା ଉଦ୍ଧାର
- ଶାଶୁ ଓ ୨ ନଣନ୍ଦ ଗିରଫ

ମାର୍ଶାଘାଇ,୩।୧୨(ଡିଏନଏ)

ଯୌତୁକ ପାଇଁ ମହାକାଳପଡା ବ୍ଲକ ତିଖିରୀ ପଞ୍ଚାୟତ ବାଲିସୁଆଁ ଗ୍ରାମରେ ଭାରତୀ ନାମ୍ନୀ ଜଣେ ନବବଧୂଙ୍କୁ ଶାଶୁଘର ଲୋକେ ହାତଗୋଡ ବାନ୍ଧି କିରୋସିନ ଢାଳି ପୋଡି ମାରି ଦେଇଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଗଭୀର ଆଲୋଡନ ସୃଷ୍ଟି କରିଛି। ଗ୍ରାମବାସୀଙ୍କ ସହାୟତାରେ ସଂପୃକ୍ତ ମହିଳାଙ୍କ ସାତ ମାସର ଶିଶୁକନ୍ୟା ଅଳ୍ପକେ ରକ୍ଷା ପାଇଯାଇଛି । ଏହି ଘଟଣାରେ ଅଭିଯୁକ୍ତ ଶାଶୁ ଓ ୨ ନଣନ୍ଦଙ୍କୁ ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି ।

ପ୍ରକାଶ ଯେ, କେନ୍ଦ୍ରାପଡା ଜିଲା ବାଲିସୁଆଁ ଗ୍ରାମର ନିଶାକର ସ୍ୱାଇଁଙ୍କ ପୁଅ ନିର୍ମଳ ଙ୍କୁ ଦେଢ ବର୍ଷ ତଳେ ମାର୍ଶାଘାଇ ବ୍ଲକ ଗରଜଙ୍ଗା ପଞ୍ଚାୟତ ବଡପାଳ ଗ୍ରାମର ଗଗନ ବିହାରୀ ଦାସଙ୍କ ଝିଅ ଭାରତୀ (୨୩) ବିବାହ କରିଥିଲେ। ବିବାହ ସମୟରେ ନଗଦ ୧ଲକ୍ଷ ଟଙ୍କା ସହ ସମସ୍ତ ଆସବାବପତ୍ର ଏବଂ ସୁନା ଅଳଙ୍କାର ଦିଆଯାଇଥିଲା। ତେବେ ବିବାହ ପରେ ଅଧିକ ୫୦ହଜାର ଟଙ୍କା ଯୌତୁକ ଦାବି କରି ସ୍ୱାମୀଙ୍କ ଅନୁପସ୍ଥିତିରେ ଶାଶୁ ଓ ନଣନ୍ଦ ଭାରତୀଙ୍କୁ ନିର୍ଯାତନା ଦେଇ ଆସୁଥିଲେ । ଗତ ରବିବାର ରାତି ପ୍ରାୟ ସାଢେ ୯ଟା ସମୟରେ ଶାଶୁ ଏବଂ ୪ ନଣନ୍ଦ ମିଶି ଭାରତୀଙ୍କ ହାତ ଗୋଡ ବାନ୍ଧି କିରୋସିନ ଢାଳି ନିଆଁ ଲଗାଇ ☞ପୃଷ୍ଠା-୪






ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁଇଟି ଭାରତ ତିଆରି କରୁଛନ୍ତି । ଗୋଟିଏ ଅନିଲ୍ ଅମ୍ବାନୀଙ୍କ ଭଳି କୋଟିପତିଙ୍କ ପାଇଁ ହୋଇଥିବାବେଳେ ଅନ୍ୟଟି ଋଣବୋଝରେ ନଇଁପଡ଼ିଥିବା ଗରିବ ଚାଷୀଙ୍କ ପାଇଁ ।

- ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ

## ସଂକ୍ଷେପରେ

### ଆତଙ୍କବାଦୀଙ୍କ ୧୦ ସହଯୋଗୀ ଗିରଫ

ଶ୍ରୀନଗର,୩ା୧୨(ପି.ଟି.)-ଜମ୍ମୁ-କଶ୍ମୀରର ପୁଲୱାମା ଜିଲାରେ ଜେଇଏମ୍ ଆତଙ୍କବାଦୀଙ୍କ ୧୦ ସହଯୋଗୀ ଗିରଫ ହୋଇଛନ୍ତି। ସେମାନଙ୍କଠାରୁ ଜିଲେଟିନ୍ ଷ୍ଟିକ୍, ଡେଟୋନେଟର, ଆଇଇଡି ପ୍ରଭୃତି ସାମଗ୍ରୀ ଏବଂ ଗ୍ରେନେଡ୍ ଜବତ ହୋଇଛି। ଏହାସହ ଜେଇଏମ୍‌ର ଦୁଇଟି ବଡ଼ ଆକ୍ରମଣ ଷଡ଼ଯନ୍ତ୍ର ପଣ୍ଡ ହୋଇଛି। ଆତଙ୍କବାଦୀମାନେ ତ୍ରାଲ ଅଞ୍ଚଳରେ ଜନତା ଏବଂ ସୁରକ୍ଷା ବଳକୁ ଟାର୍ଗେଟ କରିବା ଲାଗି ଉଦ୍ୟମ କରୁଥିଲେ।

### ରାଜପାକ୍ସେଙ୍କୁ ଅଦାଲତୀ ଝଟ୍‌କା



କଲମ୍ବୋ,୩ା୧୨(ପି.ଟି.)- ଶ୍ରୀଲଙ୍କାର କାର୍ଯ୍ୟକାରୀ ପ୍ରଧାନମନ୍ତ୍ରୀ ମହିନ୍ଦ୍ରା ରାଜପାକ୍ସେଙ୍କୁ ସୋମବାର ଅଦାଲତୀ ଝଟ୍‌କା ଲାଗିଛି। ଏକ ସ୍ଥାନୀୟ କୋର୍ଟ ତାଙ୍କ କ୍ଷମତାରେ ସାମୟିକ ବିରାମ ଲଗାଇଛନ୍ତି। ସେହିପରି ଅକ୍ଟୋବର ୨୬ରେ ରନିଲ ୱିକ୍ରମସିଂହେଙ୍କୁ କ୍ଷମତାଚ୍ୟୁତ କରି ରାଜପାକ୍ସେଙ୍କୁ ପ୍ରଧାନମନ୍ତ୍ରୀ କରାଇଥିବା ରାଷ୍ଟ୍ରପତି ମୈତ୍ରିପାଳ ସିରିସେନାଙ୍କୁ ମଧ୍ୟ ଅଦାଲତଙ୍କ ଅନ୍ତରୀଣ ରାୟ ଶକ୍ତ ଝଟ୍‌କା ଦେଇଛି। ବିବାଦୀୟ ସରକାରଙ୍କ ବିରୋଧରେ ୧୨୨ ଏମ୍‌ପିଙ୍କ ପକ୍ଷରୁ ଦାଏର ପିଟିଶନର ଶୁଣାଣି କରି ଅପିଲ କୋର୍ଟ ରାଜପାକ୍ସେ ଓ ତାଙ୍କ କ୍ୟାବିନେଟ ମନ୍ତ୍ରୀମାନଙ୍କୁ କାର୍ଯ୍ୟରୁ ଅନ୍ତର କରିଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୧୨ ଓ ୧୩ ତାରିଖରେ କରିବାକୁ କୋର୍ଟ ଧାର୍ଯ୍ୟ କରିଛନ୍ତି। ରାଜପାକ୍ସେ ଏହି ରାୟକୁ ମଙ୍ଗଳବାର ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବେ ବୋଲି କହିଛନ୍ତି।

### କଙ୍ଗୋରେ ସଂଘର୍ଷ: ୧୫ ନିହତ

ବୁକାଭୁ,୩ା୧୨(ପି.ଟି.)- କଙ୍ଗୋରେ ସେନା ଓ ପୂର୍ବତନ ଜେନେରାଲଙ୍କ ଅନୁଗତ ବିଦ୍ରୋହୀଙ୍କ ମଧ୍ୟରେ ସଂଘର୍ଷ ଘଟି ୧୫ ନିହତ ହୋଇଛନ୍ତି। ଧର୍ମୀୟ ଉତ୍ତେଜନାପ୍ରବଣ ଫିଜିରେ ସୋମବାର ପର୍ଯ୍ୟନ୍ତ ଏହି ସଂଘର୍ଷ ଜାରି ରହିଥିଲା। ନିର୍ବାଚନ ବିଳମ୍ବିତ କରାଉଥିବା ରାଷ୍ଟ୍ରପତି ଯୋସେଫ୍ କାବିଲାଙ୍କ ବହିଷ୍କାର ଏହି ବିଦ୍ରୋହର ଉଦ୍ଦେଶ୍ୟ ବୋଲି ଜଣାପଡିଛି।

### ଏଜେଏଲ୍ ଜମି ବାଜ୍ୟାପ୍ତ

ନୂଆଦିଲ୍ଲୀ,୩ା୧୨(ପି.ଟି.)-ହରିୟାଣା ସରକାର ୨୦୦୫ରେ ଆସୋସିଏଟେଡ ଜର୍ନାଲ୍ସ ଲିମିଟେଡ (ଏଜେଏଲ୍)କୁ ଆବଣ୍ଟନ କରିଥିବା ପଞ୍ଚକୁଲାର ଏକ ଜମିକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବାଜ୍ୟାପ୍ତ କରିଛି। ଏହି ଜମି କାରବାରରେ ମନି ଲଣ୍ଡରିଂ ହୋଇଥିବା ଜଣାପଡିବା ପରେ ପିଏମ୍‌ଏଲ୍‌ଏରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ନ୍ୟାଶନାଲ୍ ହେରାଲ୍ଡ ଖବରକାଗଜ ଚଳାଉଥିବା ଏଜେଏଲ୍ ଗାନ୍ଧୀ ପରିବାର ସଦସ୍ୟ ଏବଂ କେତେଜଣ ବରିଷ୍ଠ କଂଗ୍ରେସ ନେତାଙ୍କ ନିୟନ୍ତ୍ରଣରେ ରହିଛି। ହରିୟାଣାର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପିନ୍ଦର ସିଂ ହୁଡ୍ଡାଙ୍କ ବିରୋଧରେ ସିବିଆଇ ଚାର୍ଜଶିଟ୍ ଦାଖଲ କରିବା ପରେ ଇଡି ପକ୍ଷରୁ ସମ୍ପତ୍ତି ଜବତ ଲାଗି ନିର୍ଦ୍ଦେଶନାମା ଜାରି ହୋଇଥିଲା।

## [ଇତିହାସର ଆଇନାରେ]

### ଡିସେମ୍ବର ୪ର ପ୍ରମୁଖ ଘଟଣା

୧୯୧୮ ଡିସେମ୍ବର ୪ ତାରିଖରେ ଆମେରିକା ରାଷ୍ଟ୍ରପତି ଉଡ୍ରୋ ୱିଲସନ ପ୍ରଥମ ବିଶ୍ୱଯୁଦ୍ଧ ପରବର୍ତ୍ତୀ ଶାନ୍ତି ଆଲୋଚନା ଲାଗି ଭର୍ସାଇଲିସ ଯାତ୍ରା କରିଥିଲେ। କ୍ଷମତାରେ ଥାଇ ୟୁରୋପ ଗସ୍ତ କରିବାରେ ସେ ଥିଲେ ପ୍ରଥମ ଆମେରିକା ରାଷ୍ଟ୍ରପତି। ତେବେ ପରବର୍ତ୍ତୀ ସମୟରେ ତାଙ୍କର ଭର୍ସାଇଲିସ ଚୁକ୍ତି ସିନେଟରେ ଖାରଜ ହୋଇଯାଇଥିଲା ଏବଂ ଆମେରିକା ଲିଗ୍ ଅଫ ନେସନ୍ସ ବାହାରେ ରହିଥିଲା।

୧୯୮୨ ଡିସେମ୍ବର ୪ ତାରିଖରେ ପିପୁଲ୍ସ ରିପବ୍ଲିକ୍ ଅଫ୍ ଚାଇନା ଏହାର ବର୍ତ୍ତମାନର ସମ୍ବିଧାନକୁ ଅନୁମୋଦନ କରିଥିଲା ଏବଂ ସେହିଦିନଠାରୁ ଉକ୍ତ ସମ୍ବିଧାନ କାର୍ଯ୍ୟକାରୀ ହୋଇଥିଲା। ପଞ୍ଚମ ନ୍ୟାସନାଲ ପିପୁଲ୍ସ କଂଗ୍ରେସରେ ସମ୍ବିଧାନ ଗୃହୀତ ହେବା ପରେ ବର୍ତ୍ତମାନ ସୁଦ୍ଧା ୫ ଥର ସଂଶୋଧନ ହୋଇଛି।

■ ବିଧାନସଭା ଲଢ଼େଇକୁ ୪ ଦିନ ବାକି: ରୋଚକ ମୋଡ଼ରେ ପ୍ରଚାର

# ବଢ଼ୁଛି ତେଲେଙ୍ଗାନା ତାତି

ହାଇଦ୍ରାବାଦ,୩ା୧୨

ତେଲେଙ୍ଗାନା ବିଧାନସଭା ନିର୍ବାଚନକୁ ଆଉ ମାତ୍ର ୪ ଦିନ ବାକିଥିବାବେଳେ ସବୁ ଦଳ ପକ୍ଷରୁ ହାଇଭୋଲଟେଜ୍ ପ୍ରଚାର ଚାଲିଛି। କାମଚଳା ମୁଖ୍ୟମନ୍ତ୍ରୀ କେ.ଚନ୍ଦ୍ରଶେଖର ରାଓ (କେସିଆର୍) ଗଡ଼ରକ୍ଷା ପାଇଁ ଅଣ୍ଟାଭିଡ଼ିଥିବାବେଳେ ଶାସକ ତେଲେଙ୍ଗାନା ରାଷ୍ଟ୍ର ସମିତି (ଟିଆର୍‌ଏସ୍)କୁ ହଟାଇ କ୍ଷମତା ଅକ୍ତିଆର କରିବା ପାଇଁ ଉଦ୍ୟମ ଚଳାଇଛନ୍ତି କଂଗ୍ରେସ ଓ ଭାଜପା। ଏଭଳି ସମୟରେ କେସିଆର୍‌ଙ୍କୁ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଟାର୍ଗେଟ ନିର୍ବାଚନକୁ ସରଗରମ କରିଛି। ସେପଟେ ଭାଜପାର ଷ୍ଟାର କ୍ୟାମ୍ପେନର୍ ଭାବେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ଓ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ତୋଫାନି ଗସ୍ତ ରାଜ୍ୟ ତଥା ଜାତୀୟ ରାଜନୀତିରେ ଉଷ୍ମତା ସୃଷ୍ଟି କରିଛି। ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ ଅସାଦୁଦ୍ଦିନ ଓ୍ୱାଇସି ଓ ତାଙ୍କ ଭାଇ ଆକବରୁଦ୍ଦିନ ଓ୍ୱାଇସି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଯୋଗୀଙ୍କୁ ନେଇ ଦେଇଥିବା ଉତ୍ତେଜନାପୂର୍ଣ୍ଣ ମନ୍ତବ୍ୟ ପ୍ରଚାରକୁ ରୋଚକ ମୋଡ଼ରେ ପହଞ୍ଚାଇଛି।

୧୧୯ ଆସନ ବିଶିଷ୍ଟ ତେଲେଙ୍ଗାନା ବିଧାନସଭା ପାଇଁ ଆସନ୍ତା ୭ରେ ଭୋଟଗ୍ରହଣ କରାଯିବ। ନିର୍ବାଚନ ପ୍ରଚାର ଶେଷ ହେବାକୁ ଆଉ ଦୁଇଦିନ ବାକି



ଅସାଦୁଦ୍ଦିନ ଓ୍ୱାଇସି



ଆକବରୁଦ୍ଦିନ ଓ୍ୱାଇସି

ଥିବାବେଳେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଉଭୟ ରାଜ୍ୟର ଟିଆର୍‌ଏସ୍ ଏବଂ କେନ୍ଦ୍ରର ଏନ୍‌ଡିଏ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ରାହୁଲ ସୋମବାର ଗଡ଼ୱାଲରେ ଏକ ନିର୍ବାଚନୀ ସଭାକୁ ସମ୍ବୋଧିତ କରି କହିଛନ୍ତି, ଟିଆର୍‌ଏସ୍ ଅଧ୍ୟକ୍ଷ କେସିଆର୍ ଜିଏସ୍‌ଟି ବିଲ୍, ବିମୁଦ୍ରୀକରଣ, ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ନିର୍ବାଚନ ଭଳି ବିଭିନ୍ନ ସମୟରେ ଏନ୍‌ଡିଏକୁ ସମର୍ଥନ କରିଛନ୍ତି। କେସିଆର୍ ଭାଜପାର 'ବି' ଟିମ୍ ହୋଇଥିବାରୁ ସେ କେବେ ମୋଦିଙ୍କୁ ସମାଲୋଚନା କରନ୍ତି ନାହିଁ। ଟିଆର୍‌ଏସ୍-ଏନ୍‌ଡିଏ ମଧ୍ୟରେ ଭିତିରି ବୁଝାମଣା ଅଛି। ଉଭୟ ଟିଆର୍‌ଏସ୍ ଏବଂ ଭାଜପାକୁ ତେଲେଙ୍ଗାନାବାସୀ ପ୍ରତ୍ୟାଖ୍ୟାନ କରି କଂଗ୍ରେସକୁ ଭୋଟ ଦିଅନ୍ତୁ। କଂଗ୍ରେସ କ୍ଷମତାକୁ ଆସିଲେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କୃଷିଋଣ ଛାଡ଼ କରାଯିବ ବୋଲି ରାହୁଲ ପ୍ରତିଶ୍ରୁତି ଦେଇଛନ୍ତି। ମାତ୍ର କେସିଆର୍ ଏଭଳି ଅଭିଯୋଗକୁ ଖଣ୍ଡନ କରି ନିଜକୁ ଲୋକଙ୍କ ଏଜେଣ୍ଟ ଭାବେ ଅଭିହିତ କରିଛନ୍ତି। ଅନ୍ୟପକ୍ଷରେ ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ 'ନିଜାମ୍' ମନ୍ତବ୍ୟର କଡ଼ା ଜବାବ ଦେଇଛନ୍ତି ହାଇଦ୍ରାବାଦ ଏମ୍‌ପି ଅସାଦୁଦ୍ଦିନ। ସେ କହିଛନ୍ତି, ଭାରତ ହେଉଛି ତାଙ୍କ ବାପାଙ୍କ ଦେଶ। ତେଣୁ ତାଙ୍କୁ ନିଜାମ୍‌ଙ୍କ ଭଳି ଦେଶରୁ ବାହାର କରିଦେବା ଅଧିକାର କାହାରି ନାହିଁ। ଯୋଗୀଙ୍କୁ ଇତିହାସ ଜଣାନାହିଁ। ତେଣୁ ସେ ଇତିହାସ ପଢ଼ିଥିବା ଲୋକଙ୍କୁ ନିଜାମ୍‌ଙ୍କ ବିଷୟରେ ପଚାରି ବୁଝନ୍ତୁ। ଯୋଗୀ ନିଜ ନିର୍ବାଚନମଣ୍ଡଳୀ ଓ ରାଜ୍ୟ କଥା ବୁଝନ୍ତୁ ବୋଲି ଅସାଦୁଦ୍ଦିନ ପରାମର୍ଶ ଦେଇଛନ୍ତି। ସେହିପରି ଅସାଦୁଦ୍ଦିନଙ୍କ ଭାଇ ତଥା ଏଆଇଏମ୍‌ଆଇଏମ୍ ବିଧାୟକ ଆକବରୁଦ୍ଦିନ ଓ୍ୱାଇସି ଯୋଗୀ ଓ ମୋଦିଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି, ହାଇଦ୍ରାବାଦରେ ତାଙ୍କର ଆଗାମୀ ୧୦୦ ପିଢ଼ି ପର୍ଯ୍ୟନ୍ତ ରହିବେ। ସେମାନଙ୍କୁ ସେଠାରୁ କେହି ବାହାର କରିପାରିବେ ନାହିଁ। ସେହିପରି ପ୍ରଧାନମନ୍ତ୍ରୀଙ୍କ ସମ୍ପର୍କରେ ସେ କଟୁଭାଷା ବ୍ୟବହାର କରି କହିଛନ୍ତି, ମୋଦି ସବୁବେଳେ ନିଜକୁ ଚା' ବାଲା ବୋଲି କହୁଛନ୍ତି। ସେ ସେହି ଢଙ୍ଗରେ ବ୍ୟବହାର ମଧ୍ୟ ଦେଖାଉଛନ୍ତି। ତାଙ୍କଠାରେ କେବଳ ଜଣେ ଚା' ବାଲାର ମାନସିକତା ରହିଛି। ମୋଦି ଏଭଳି ମାନସିକତାରୁ ମୁକ୍ତ ହୋଇ ପ୍ରଧାନମନ୍ତ୍ରୀ ଭଳି ବ୍ୟବହାର ଦେଖାନ୍ତୁ ଓ କାର୍ଯ୍ୟ କରନ୍ତୁ ବୋଲି ଆକବରୁଦ୍ଦିନ ତାଚ୍ଛଲ୍ୟ କରିଛନ୍ତି। ବିକାରାବାଦ ଜିଲାର ତନ୍ଦୁରରେ ରବିବାର ଏକ ସଭାକୁ ସମ୍ବୋଧିତ କରି ଯୋଗୀ ଆଦିତ୍ୟନାଥ କହିଥିଲେ, ତେଲେଙ୍ଗାନାରେ ଭାଜପା କ୍ଷମତାସୀନ ହେଲେ ଅସାଦୁଦ୍ଦିନଙ୍କୁ ନିଜାମ୍‌ଙ୍କ ହାଇଦ୍ରାବାଦରୁ ପଳାୟନ କରିବାକୁ ପଡ଼ିବ।

### ମୋଦି-ଯୋଗୀଙ୍କୁ ଅସାଦୁଦ୍ଦିନ ଭ୍ରାତାଙ୍କ ଉତ୍ତେଜନାପୂର୍ଣ୍ଣ ଜବାବ



ମୁଁ ଭାଜପାର 'ବି' ଟିମ୍ କି କଂଗ୍ରେସର 'ଏଜେଣ୍ଟ' ନୁହେଁ। ମୁଁ କେବଳ ତେଲେଙ୍ଗାନା ଜନସାଧାରଣଙ୍କର ଏଜେଣ୍ଟ।

- କେ. ଚନ୍ଦ୍ରଶେଖର ରାଓ, ଟିଆର୍‌ଏସ୍ ଅଧ୍ୟକ୍ଷ

## ୧୦ରେ ବିରୋଧୀ ମେଳି

ନୂଆଦିଲ୍ଲୀ,୩ା୧୨(ପି.ଟି.)

୨୦୧୯ ସାଧାରଣ ନିର୍ବାଚନରେ ଭାଜପାକୁ କ୍ଷମତାଚ୍ୟୁତ କରିବା ପାଇଁ ବିରୋଧୀ ଦଳଗୁଡ଼ିକ ଏକାଠି ହେବାରେ ଲାଗିଛନ୍ତି। ଏହିକ୍ରମରେ ଆସନ୍ତା ୧୦ରେ ବିରୋଧୀ ନେତାମାନେ ଦିଲ୍ଲୀର କନ୍‌ଷ୍ଟିଚ୍ୟୁଶନ୍ କ୍ଲବ୍‌ରେ ମେଳି କରିବାକୁ ଯାଉଛନ୍ତି। ତେଲେଙ୍ଗାନା ସମେତ ୫ ରାଜ୍ୟ ବିଧାନସଭା ନିର୍ବାଚନର ଫଳାଫଳ ଏହି ଦିନ ଆସିବାକୁ ଥିବାବେଳେ ଦିନକ ପରେ ପାର୍ଲାମେଣ୍ଟର ଶୀତ ଅଧିବେଶନ ଆରମ୍ଭ ହେବ। ତେଣୁ ଟିଡିପି ଅଧ୍ୟକ୍ଷ ତଥା ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍.ଚନ୍ଦ୍ରବାବୁ ନାଇଡୁ ସମସ୍ତ ବିରୋଧୀ ଦଳକୁ ନେଇ ଏକ ଅଣଭାଜପା ସାମ୍ମୁଖ୍ୟ ଗଠନ ପାଇଁ ଉଦ୍ୟମ ଚଳାଇଛନ୍ତି। ବୈଠକରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶରଦ ଯାଦବ ଓ ନ୍ୟାଶନାଲ କନ୍‌ଫରେନ୍ସ ଅଧ୍ୟକ୍ଷ ଫାରୁକ୍ ଅବ୍‌ଦୁଲ୍ଲାଙ୍କ ସମେତ ଅନେକ ବିରୋଧୀ ନେତା ଯୋଗଦେବେ।

## ଲୋକ ସଭା ସହ ୪ ବିଧାନସଭା ଭୋଟ

ନୂଆଦିଲ୍ଲୀ,୩ା୧୨(ପି.ଟି.)



ଆସନ୍ତା ବର୍ଷ ଲୋକ ସଭା ନିର୍ବାଚନ ସହ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ସିକିମ ଏବଂ ଅରୁଣାଚଳପ୍ରଦେଶ ନିର୍ବାଚନ ଅନୁଷ୍ଠିତ ହୋଇପାରେ। ନିର୍ବାଚନ ଆୟୋଗଙ୍କ ଏକ ଉଚ୍ଚସ୍ତରୀୟ ସୂତ୍ରରୁ ଏହା ଜଣାପଡିଛି। ଏହି ୪ ରାଜ୍ୟର ନିର୍ବାଚନ ମେ' ଏବଂ ଜୁନ୍ ମାସରେ ଶେଷ ହେବ। ଜମ୍ମୁ-କଶ୍ମୀର ବିଧାନସଭାକୁ ଭାଙ୍ଗିଦିଆଯାଇଥିବାରୁ ସେଠାରେ ମଧ୍ୟ ଉକ୍ତ ସମୟରେ ନିର୍ବାଚନ ହେବା ଯଥେଷ୍ଟ ସମ୍ଭାବନା ରହିଛି।

ପୂର୍ବଭଳି ଓଡ଼ିଶା ସମେତ ୪ ରାଜ୍ୟର ବିଧାନସଭା ନିର୍ବାଚନ ଲୋକ ସଭା ସହ ଏକସଙ୍ଗରେ ହେବ। ଜମ୍ମୁ-କଶ୍ମୀର ବିଧାନସଭା ଭଙ୍ଗ ହୋଇଥିବାରୁ ନିର୍ବାଚନ ଆୟୋଗ ସେଠାରେ ୬ ମାସ ମଧ୍ୟରେ ନିର୍ବାଚନ କରିବାକୁ ବାଧ୍ୟ। ଆସନ୍ତା ବର୍ଷ ମେ ସୁଦ୍ଧା ସେଠାରେ ନିର୍ବାଚନ ସାରିବାକୁ ହେବ। ତେଣୁ ଏହି ରାଜ୍ୟର ନିର୍ବାଚନ ଲୋକସଭା ନିର୍ବାଚନ ସହ କିମ୍ବା ଏହା ପୂର୍ବରୁ ହୋଇପାରେ ବୋଲି ଉକ୍ତ ସୂତ୍ରରୁ ଜଣାପଡିଛି। ତେବେ ଲୋକ ସଭା ନିର୍ବାଚନ ଲାଗି ଜମ୍ମୁ-କଶ୍ମୀରରେ ସୁରକ୍ଷା ବାହିନୀ ମୁତୟନ ହୋଇଥିଲା ବେଳେ ବିଧାନସଭା ନିର୍ବାଚନ କରାଇବା ସୁବିଧାଜନକ ହେବ ବୋଲି ଏହି ସୂତ୍ରରୁ କୁହାଯାଇଛି। ଅନ୍ୟପକ୍ଷରେ ସିକିମ ବିଧାନସଭା କାର୍ଯ୍ୟକାଳ ୨୦୧୯ ମେ ୨୭ରେ ଶେଷ ହେବାକୁ ଥିଲାବେଳେ ଓଡ଼ିଶାରେ ଜୁନ୍ ୧୧, ଆନ୍ଧ୍ରପ୍ରଦେଶରେ ଜୁନ୍ ୧୮ ଏବଂ ଅରୁଣାଚଳ ପ୍ରଦେଶରେ ଜୁନ୍ ୧ରେ ବିଧାନସଭା କାର୍ଯ୍ୟକାଳ ଶେଷ ହେବ। ଲୋକ ସଭା ନିର୍ବାଚନ ଲାଗି ପ୍ରସ୍ତୁତି ବେଳେ ଉକ୍ତ ରାଜ୍ୟ ବିଧାନସଭାଗୁଡ଼ିକର କାର୍ଯ୍ୟକାଳ ଶେଷ ହେଉଥିବାରୁ ସେଠାରେ ଏକସଙ୍ଗେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବା ସ୍ୱାଭାବିକ। ଏଥିସହିତ ଯଦି ମହାରାଷ୍ଟ୍ର ଏବଂ ହରିୟାଣା ବିଧାନସଭା ନିର୍ବାଚନ କରାଯାଏ ତେବେ ୨୦୧୯ରେ ଆଉ ନିର୍ବାଚନ କରିବାକୁ ପଡିବ ନାହିଁ। ତେବେ ଏଥିପାଇଁ ଲୋକସଭା ନିର୍ବାଚନର ୬ ମାସ ପୂର୍ବରୁ ଦୁଇ ରାଜ୍ୟ ବିଧାନସଭାକୁ ଭଙ୍ଗ କରିବାକୁ ହେବ।

## ଜାନୁୟାରୀରେ ଜାକିଆଙ୍କ ଆବେଦନର ଶୁଣାଣି

ନୂଆଦିଲ୍ଲୀ,୩ା୧୨(ପି.ଟି.)



ବହୁଚର୍ଚ୍ଚିତ ୨୦୦୨ ଗୋଧ୍ରା ଦଙ୍ଗା ମାମଲାର ତଦନ୍ତ କରୁଥିବା ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ତତ୍କାଳୀନ ଗୁଜରାଟ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କ୍ଲିନ୍‌ଚିଟ୍ ଦେଇଥିଲେ। ଏହାକୁ ଚାଲେଞ୍ଜ କରି ଜାକିଆ ଜାଫ୍ରି ସୁପ୍ରିମକୋର୍ଟରେ କରିଥିବା ଆବେଦନର ଶୁଣାଣି ଆସନ୍ତା ଜାନୁୟାରୀ ତୃତୀୟ ସପ୍ତାହକୁ ଧାର୍ଯ୍ୟ କରାଯାଇଛି। ଜଷ୍ଟିସ୍ ଏ.ଏମ୍. ଖାନୱାଲିକର ଏବଂ ଜଷ୍ଟିସ ହେମନ୍ତ ଗୁପ୍ତାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିଷ୍ପତ୍ତି ନେଇଛନ୍ତି।

ଜାକିଆ ହେଉଛନ୍ତି ଗୁଜରାଟର ପୂର୍ବତନ ଏମ୍.ପି. ଏହସାନ୍ ଜାଫ୍ରିଙ୍କ ସ୍ତ୍ରୀ। ଦଙ୍ଗା ବେଳେ ଏହସାନ୍‌ଙ୍କୁ ହତ୍ୟା କରାଯାଇଥିଲା। ଏସଆଇଟିର ନିଷ୍ପତ୍ତି ବିରୋଧରେ ଜାକିଆ ଗୁଜରାଟ ହାଇକୋର୍ଟରେ କରିଥିବା ଆବେଦନ ଖାରଜ ହେବା ପରେ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଶୁଣାଣି ପୂର୍ବରୁ ଅନ୍ୟତମ ପିଟିଶନର ତଥା ସାମାଜିକ କର୍ମୀ ତିସ୍ତା ସେତଲଭାଦଙ୍କ ଆବେଦନକୁ ଅନୁଧ୍ୟାନ କରିବେ ବୋଲି ସୁପ୍ରିମକୋର୍ଟ ପୂର୍ବରୁ କହିଥିଲେ।

## କଳାଧନ ରୋକିପାରିନି ବିମୁଦ୍ରୀକରଣ

ନୂଆଦିଲ୍ଲୀ,୩ା୧୨

### ଅବସର ପରେ ମୁହଁ ଖୋଲିଲେ ରାୱତ୍



କଳାଧନ ଉପରେ ବିମୁଦ୍ରୀକରଣ କୌଣସି ପ୍ରଭାବ ପକାଇ ନ ଥିଲା ବୋଲି ସୋମବାର ପୂର୍ବତନ ସିଇସି ଓ.ପି.ରାୱତ୍ କହିଛନ୍ତି। ଅବସରର ଦିନକ ପରେ ତାଙ୍କର ଏଭଳି ମନ୍ତବ୍ୟ କେନ୍ଦ୍ରର ଏନ୍‌ଡିଏ ସରକାରଙ୍କୁ ଶକ୍ତ ଝଟ୍‌କା ଦେଇଛି। ସେ କହିଛନ୍ତି, ବିମୁଦ୍ରୀକରଣ ପରେ ନିର୍ବାଚନ ବେଳେ ଟଙ୍କାର ଅପବ୍ୟବହାର ହ୍ରାସ ପାଇବ ବୋଲି ଚିନ୍ତା କରାଯାଉଥିଲା। କିନ୍ତୁ ନିର୍ବାଚନ ସମୟରେ ଜବତ ହୋଇଥିବା ବିପୁଳ ଟଙ୍କା ଏହାକୁ ଭୁଲ୍ ପ୍ରମାଣିତ କରିଛି। ପୂର୍ବ ତୁଳନାରେ ବିମୁଦ୍ରୀକରଣ ପରବର୍ତ୍ତୀ ନିର୍ବାଚନରେ ସେହି ରାଜ୍ୟଗୁଡ଼ିକରୁ ଅଧିକ ଟଙ୍କା ଜବତ ହୋଇଛି। ରାଜନେତା ଏବଂ ସେମାନଙ୍କୁ ଆର୍ଥିକ ସହାୟତା ଯୋଗାଉଥିବା ଲୋକଙ୍କ ପାଖରେ ଟଙ୍କାର ଅଭାବ ନାହିଁ। ଏଭଳି ବ୍ୟବହୃତ ଟଙ୍କା କଳାଧନ।

## ଗ୍ୟାସ୍ ଲିକ୍: ୧୪ ଗୁରୁତର

ମୁମ୍ବାଇ,୩ା୧୨(ପି.ଟି.)-ମହାରାଷ୍ଟ୍ରର ରତ୍ନଗିରି ଜିଲାରେ ଥିବା ଏକ କେମିକାଲ୍ ପ୍ଲାଣ୍ଟରୁ ଆମୋନିଆ ଗ୍ୟାସ୍ ଲିକ୍ ହୋଇ ୧୪ ଜଣ ଗୁରୁତର ଅସୁସ୍ଥ ହୋଇପଡିଥିଲେ। ଅସୁସ୍ଥଙ୍କ ମଧ୍ୟରେ ୬ ମହିଳା ଓ ୪ ଜଣ ପିଲା ଅଛନ୍ତି। ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଜିଲାର ପର୍ଶୁରାମ ଅଞ୍ଚଳରେ ଥିବା ଏମଆଇଡିସି ଶିଳ୍ପାଞ୍ଚଳରେ ଏହି ଦୁର୍ଘଟଣା ଘଟିଛି। ଶୁକ୍ରବାର ସକାଳେ ଲିଟମସ୍ ଅର୍ଗାନିକ ପ୍ରା.ଲିଃରେ କର୍ମଚାରୀମାନେ କାର୍ଯ୍ୟରତ ଥିଲାବେଳେ ଗ୍ୟାସ୍ ଲିକ୍ ହୋଇଥିଲା। କମ୍ପାନୀର ମ୍ୟାନେଜର ଏବଂ ସୁପରଭାଇଜରଙ୍କ ବିରୋଧରେ ମାମଲା ରୁଜୁ ହୋଇଛି।

## 'ଦୀପକ ମିଶ୍ରଙ୍କ ଉପରେ ବାହ୍ୟ ପ୍ରଭାବ ଥିଲା'

ନୂଆଦିଲ୍ଲୀ,୩ା୧୨(ପି.ଟି.)

ପୂର୍ବତନ ପ୍ରଧାନ ବିଚାରପତି ଦୀପକ ମିଶ୍ର କୌଣସି ବାହ୍ୟ ପ୍ରଭାବର ବଶବର୍ତ୍ତୀ ହୋଇ କାର୍ଯ୍ୟ କରୁଥିବାରୁ ନ୍ୟାୟିକ ପ୍ରଶାସନ ପ୍ରଭାବିତ ହେଉଥିଲା। ଚାରି ଦିନ ତଳେ ଅବସର ଗ୍ରହଣ କରିଥିବା ଜଷ୍ଟିସ୍ କୁରିଏନ ଯୋସେଫ ଏଭଳି ଚାଞ୍ଚଲ୍ୟକର ଅଭିଯୋଗ କରିଛନ୍ତି। ଗତ ଜାନୁୟାରୀରେ ଜଷ୍ଟିସ କୁରିଏନ୍‌ଙ୍କ ସମେତ ସୁପ୍ରିମକୋର୍ଟର ୪ ଜଣ ବରିଷ୍ଠ ବିଚାରପତି ଖବରଦାତା ସମ୍ମିଳନୀ ଡାକି ତତ୍କାଳୀନ ସିଜେଆଇ ଦୀପକ ମିଶ୍ରଙ୍କ ବିରୋଧରେ ବିଭିନ୍ନ ଅଭିଯୋଗ ଆଣି ଖୋଲା ବିଦ୍ରୋହ କରିଥିଲେ। ସେମାନଙ୍କ



ଜଷ୍ଟିସ୍ କୁରିଏନ ଯୋସେଫ

ମଧ୍ୟରେ ବର୍ତ୍ତମାନର ସିଜେଆଇ ରଞ୍ଜନ ଗୋଗୋଇ, ଜଷ୍ଟିସ୍ ଜେ. ଚେଲମେଶ୍ୱର ଏବଂ ଜଷ୍ଟିସ୍ ମଦନ ଲୋକୁର ଥିଲେ। ବିଭିନ୍ନ ଖଣ୍ଡପୀଠକୁ ମାମଲା ଆବଣ୍ଟନ ବେଳେ ବରିଷ୍ଠତାକୁ ଗୁରୁତ୍ୱ ଦିଆଯାଉ ନ ଥିବା ସେମାନେ ଅଭିଯୋଗ କରିଥିଲେ।

ତତ୍କାଳୀନ ସିଜେଆଇ ଅନ୍ୟ କାହାର ରିମୋଟ କଣ୍ଟ୍ରୋଲରେ ପରିଚାଳିତ ହେଉଥିଲେ। ତାଙ୍କ ଉପରେ ବାହ୍ୟ ପ୍ରଭାବ ଯୋଗୁ ନ୍ୟାୟିକ ପ୍ରଶାସନ ପ୍ରଭାବିତ ହେଉଥିଲା ବୋଲି ନଭେମ୍ବର ୨୯ରେ ଅବସର ନେଇଥିବା ଜଷ୍ଟିସ୍ ଯୋସେଫ କହିଛନ୍ତି। କେଉଁ ଆଧାରରେ ସେ ଏଭଳି ଅଭିଯୋଗ କରୁଛନ୍ତି ବୋଲି ପ୍ରଶ୍ନ ହେବାରେ କୁରିଏନ କହିଥିଲେ, ଏହା ବିଚାରପତିମାନଙ୍କ ଅନୁଭୂତି। ତେବେ ସେହି ବାହ୍ୟ ଉତ୍ସ କିଏ ଏବଂ କେଉଁ ମାମଲା ଆବଣ୍ଟନରେ ପାତରଅନ୍ତର କରାଯାଇଥିଲା ତାହା ସେ କହିବାକୁ ମନା କରିଦେଇଥିଲେ।

# ଫୁର୍ସତ

## ମଲାଇକା, ଅର୍‌ବାଜ୍ ମୁହାଁମୁହିଁ

ମୁମ୍ବାଇ:



ଦୀପିକା-ରଣବୀରଙ୍କ ବିବାହ ପାର୍ଟିରେ ବଲିଉଡ୍‌ର ଚର୍ଚ୍ଚିତ ତାରକା ମଲାଇକା ଆରୋରା ଓ ତାଙ୍କ ପୂର୍ବତନ ଜୀବନସାଥୀ ଅର୍‌ବାଜ୍ ଖାନ୍ ମୁହାଁମୁହିଁ ହୋଇଛନ୍ତି। ଦୀର୍ଘଦିନର ବିଚ୍ଛେଦ ପରେ ଗୋଟିଏ ଛାତ ତଳେ ମଲାଇକା ଏବଂ ଅରବାଜ୍‌ଙ୍କୁ ପ୍ରଥମଥର ଦେଖିବାକୁ ମିଳିଥିଲା। ଦୁହେଁ ପରସ୍ପରଠାରୁ ସମ୍ପର୍କ ଛିନ୍ନ କରିବା ପରେ ଅଲଗା ରହିଆସୁଥିଲେ। ପାର୍ଟିରେ ଅରବାଜ ତାଙ୍କର ବାନ୍ଧବୀ ଜର୍ଜିଆଙ୍କ ସହ ପୂର୍ବରୁ ଉପସ୍ଥିତ ରହିଥିଲାବେଳେ ମଲାଇକା ତାଙ୍କ ନୂଆ ବନ୍ଧୁ ଅର୍ଜୁନ କପୁରଙ୍କ ସହ ସେଠାରେ ପହଞ୍ଚିଥିଲେ। ଅରବାଜ୍ ଓ ଜର୍ଜିଆଙ୍କୁ ଏକାଠି ଦେଖି ମଲାଇକା ମୁହଁ ବୁଲାଇ ଚାଲିଯାଇଥିଲେ। ଅରବାଜ୍ ମଧ୍ୟ ମଲାଇକାଙ୍କୁ ଦେଖି ବନ୍ଧୁମାନଙ୍କ ସହ ବାର୍ତ୍ତାଳାପରେ ମସ୍‌ଗୁଲ ରହିଥିଲେ।

ବୈବାହିକ ଜୀବନରେ ଯବନିକା ପଡ଼ିବା ପରେ ମଧ୍ୟ ଉଭୟ ମଲାଇକା ଓ ଅରବାଜଙ୍କ ମଧ୍ୟରେ ସମ୍ପର୍କ ସ୍ୱାଭାବିକ ରହିଥିଲା। କିନ୍ତୁ ଅରବାଜ-ଜର୍ଜିଆଙ୍କ ପ୍ରେମ ସମ୍ପର୍କ ପଦାକୁ ଆସିବା ପରେ ତିକ୍ତତା ବଢ଼ିଥିଲା। ପରେ ଅର୍ଜୁନ କପୁରଙ୍କ ସହ ନିବିଡ଼ତା ବଢ଼ିବା ପରେ ମଲାଇକା ତାଙ୍କ ନାମରୁ ଖାନ୍ 'ସାଙ୍ଗିଆ' ହଟାଇ ଦେଇଥିଲେ। ଫଟୋ-ଭିଡ଼ିଓ ଶେୟାରିଂ ଆପ୍‌ରେ ସେ ତାଙ୍କ ନାମ ମଲାଇକା ଆରୋରା ରଖିଛନ୍ତି। ହେଲେ ଇନ୍‌ଷ୍ଟାଗ୍ରାମ୍‌ରେ ମଲାଇକା ଆରୋରା ଖାନ୍ ଅପରିବର୍ତ୍ତିତ ରହିଛି।

## କେମିତି ରହିବ ଆଜିର ପାଗ

ରାଜ୍ୟ-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

ସ୍ଥାନୀୟ ଅଞ୍ଚଳ- ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୧୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୯.୦ | ୧୪.୫ |
| ଚାନ୍ଦବାଲି | ୨୭.୯ | ୧୬.୮ |
| କଟକ | ୨୮.୨ | ୧୫.୦ |
| ପାରାଦ୍ୱୀପ | ୨୮.୭ | ୧୭.୭ |
| ଭୁବନେଶ୍ୱର | ୨୯.୭ | ୧୫.୮ |
| ଗୋପାଳପୁର | ୨୯.୭ | ୧୭.୪ |
| ପୁରୀ | ୨୯.୦ | ୧୮.୦ |
| ଅନୁଗୋଳ | ୨୭.୧ | ୧୩.୪ |
| ବାରିପଦା | ୨୬.୪ | ୧୪.୬ |
| ଝାରସୁଗୁଡ଼ା | ୨୮.୪ | ୧୪.୦ |
| କେନ୍ଦୁଝର | ୨୫.୭ | ୧୩.୯ |
| ସମ୍ବଲପୁର | ୨୯.୮ | ୧୪.୦ |
| ସୁନ୍ଦରଗଡ଼ | --- | ୧୧.୦ |
| ହୀରାକୁଦ | ୨୮.୭ | ୧୪.୮ |
| ତାଳଚେର | --- | ୧୪.୩ |
| ଭବାନୀପାଟଣା | ୨୯.୦ | ୧୪.୦ |
| ବଲାଙ୍ଗୀର | ୨୮.୫ | ୧୪.୦ |
| କୋରାପୁଟ | ୨୭.୪ | ୧୨.୦ |
| ଫୁଲବାଣୀ | --- | ୮.୦ |
| ଟିଟିଲାଗଡ଼ | --- | --- |
| ମାଲକାନଗିରି | ୩୧.୫ | --- |
| ସୋନପୁର | ୨୯.୮ | ୧୬.୦ |
| ଦାରିଙ୍ଗିବାଡ଼ି | --- | ୯.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍



ସୋମବାର ଅପରାହ୍ଣ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.



ବ୍ଲୁହ୍ୱେଲ୍ ଗେମ୍ ଅନେକ ସ୍କୁଲ୍ ପିଲାଙ୍କ ଜୀବନ ନେଇଥିଲା। ଏବେ ପୁଣି ସ୍କୁଲ ପିଲାଙ୍କ ପାଇଁ ଘାତକ ସାଜିଛି ମାରଭେଲ୍ ଗେମ୍। ରାଜସ୍ଥାନ ସିରୋହି ଜିଲାର ଆବୁରୋଡ୍‌ସ୍ଥିତ ହାଉସିଂ ବୋର୍ଡରେ ବିପିନ ରାଓ୍ୱତ୍ ନାମକ ଜଣେ ଛାତ୍ରଙ୍କ ମୃତଦେହ ମିଳିଛି। ସେ ଆତ୍ମହତ୍ୟା ପୂର୍ବରୁ କାନ୍ଥରେ 'ଆଇ କୁଇଟ୍' ଲେଖିଛନ୍ତି। ଛାତ୍ରଙ୍କ ଖାତାରେ ମାରଭେଲ୍ ଗେମ୍ ସମ୍ପର୍କରେ ଲେଖାଯାଇଥିବା ପୋଲିସ ସୂଚନା ଦେଇଛି। ଖେଳର କେତେକ ସ୍ତର(ଷ୍ଟେପ୍) ସମ୍ପର୍କରେ ଖାତାରେ ଲେଖାଯାଇଛି। ସେ ମୋବାଇଲ୍‌ରେ ମାରଭେଲ୍ ଗେମ୍ ଖେଳୁଥିବାର ସନ୍ଦେହ କରାଯାଉଛି।



## ସଂକ୍ଷେପରେ

### ଜାନୁୟାରୀ ୨୦କୁ ଘୁଞ୍ଚିଲା ଏଏସ୍‌ଓ ପରୀକ୍ଷା

**ଭୁବନେଶ୍ୱର,୩।୧୨(ବ୍ୟୁରୋ):** ଆସିଷ୍ଟାଣ୍ଟ ସେକ୍ସନ ଅଫିସର(ଏଏସ୍‌ଓ) ଗ୍ରୁପ୍-ବି ଲିଖିତ ପରୀକ୍ଷା ତାରିଖକୁ ଘୁଞ୍ଚାଇ ଦିଆଯାଇଛି। ପୂର୍ବ ନିର୍ଦ୍ଧାରିତ ତାରିଖ ଡିସେମ୍ବର ୨୩ରେ ପରୀକ୍ଷା ନ କରି ୨୦୧୯ ଜାନୁୟାରୀ ୨୦ରେ କରିବାକୁ ନିଷ୍ପତ୍ତି ନେଇଛନ୍ତି ଓଡ଼ିଶା ପବ୍ଲିକ ସର୍ଭିସ୍ କମିଶନ(ଓପିଏସ୍‌ସି)। ଏ ନେଇ ଓପିଏସ୍‌ସି ପକ୍ଷରୁ ସୋମବାର ବିଜ୍ଞପ୍ତି ଜାରି କରାଯାଇଛି। ଓପିଏସ୍‌ସି ତରଫରୁ ଗତ ସେପ୍ଟେମ୍ବରରେ ୫୦୦ଟି ଗ୍ରୁପ୍-ବି ଆସିଷ୍ଟାଣ୍ଟ ସେକ୍ସନ ଅଫିସର ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିପାଇଁ ଅନ୍‌ଲାଇନ୍ ଆବେଦନ ପ୍ରକ୍ରିୟା ଗତ ଅକ୍ଟୋବର ୧୦ରେ ଶେଷ ହୋଇଥିଲା। ହେଲେ ନିର୍ଦ୍ଧାରିତ ପଦବୀଠାରୁ ମାତ୍ରାଧିକ ପ୍ରାର୍ଥୀ ଆବେଦନ କରିଥିବାରୁ ପରୀକ୍ଷା ନିୟନ୍ତ୍ରଣରେ ହେବାକୁ ଥିବା ସମସ୍ୟାକୁ ଉପଲବ୍ଧି କରି ଜାନୁୟାରୀ ୨୦କୁ ପରୀକ୍ଷା ଘୁଞ୍ଚାଯାଇଛି। ପରୀକ୍ଷା କେନ୍ଦ୍ରଗୁଡ଼ିକୁ ପୁନଃନିର୍ଦ୍ଧାରଣ କରିବା ଓ ପୁନଃବଣ୍ଟନ କରିବା ସହ ନିୟମାବଳୀ ଅନୁଯାୟୀ ପ୍ରାର୍ଥୀ ଚୟନ କରିବା ପାଇଁ ସମୟ ଲାଗିବ ବୋଲି ଓପିଏସ୍‌ସି ପକ୍ଷରୁ ଦର୍ଶାଯାଇଛି। ଏହାସହ ସମ୍ପୂର୍ଣ୍ଣ ବିବରଣୀ ପାଇଁ ଆବେଦନକାରୀ ଓପିଏସ୍‌ସି ୱେବ୍‌ସାଇଟ୍ www.opsc.gov.in କୁ ଯାଇ ଦେଖିପାରିବେ ବୋଲି କୁହାଯାଇଛି। ସୂଚନାଯୋଗ୍ୟ, ଚୟନ ପ୍ରାର୍ଥୀମାନେ ଓଡ଼ିଶା ସରକାରଙ୍କ ଗୃହ ବିଭାଗ ଅଧୀନ ଓଡ଼ିଶା ସେକ୍ରେଟାରିଏଟ୍ ସର୍ଭିସ୍‌ରେ ନିଯୁକ୍ତ ହେବେ। ଆସିଷ୍ଟାଣ୍ଟ ସେକ୍ସନ ଅଫିସରର ଗ୍ରୁପ୍-ବି ଲେଭଲ୍‌ରେ ସେମାନଙ୍କୁ ନିଯୁକ୍ତି ଦିଆଯିବ। ୫୦୦ଟି ପଦବୀ ମଧ୍ୟରୁ ୧୬୬ଟି ପଦବୀ ମହିଳାଙ୍କ ପାଇଁ ସଂରକ୍ଷିତ ରହିବ।




### ଫୁଲବାଣୀ ୮, ଦାରିଙ୍ଗିବାଡ଼ି ୯ ଡିଗ୍ରୀ

**ଭୁବନେଶ୍ୱର,୩।୧୨(ବ୍ୟୁରୋ)**

ରାଜ୍ୟରେ ଶୀତର ପ୍ରକୋପ ସାମାନ୍ୟ ବୃଦ୍ଧି ପାଇଛି। ସର୍ବନିମ୍ନ ତାପମାତ୍ରା ୮ ଡିଗ୍ରୀକୁ ଖସିଛି। କେତେକ ସ୍ଥାନରେ ପାରଦ ୧୧ ଡିଗ୍ରୀ ତଳେ ରହିଥିବାବେଳେ ଅନ୍ୟାନ୍ୟ ସ୍ଥାନରେ ୧୫ରୁ ୧୮ ଡିଗ୍ରୀ ମଧ୍ୟରେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସୋମବାର ଫୁଲବାଣୀର ସର୍ବନିମ୍ନ ତାପମାତ୍ରା ୮ ଡିଗ୍ରୀ ସେଲସିୟସ ଥିବାବେଳେ ଦାରିଙ୍ଗିବାଡି ୯, ସୁନ୍ଦରଗଡ଼ ୧୧, ବାଲେଶ୍ୱର ୧୪.୫, ଅନୁଗୋଳ ୧୩.୪, ବାରିପଦା ୧୪.୬, ଝାରସୁଗୁଡା ୧୪, କେନ୍ଦୁଝର ୧୩.୯ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।




# ସମ୍ପ୍ରସାରଣ ହେବ ବିଜୁ ପଟ୍ଟନାୟକ ବିମାନବନ୍ଦର

**ଭୁବନେଶ୍ୱର, ୩।୧୨(ବ୍ୟୁରୋ)**

ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଦିନକୁ ଦିନ ବିମାନ ଯାତ୍ରୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଯାତ୍ରୀ ଅଭିବୃଦ୍ଧି କ୍ଷେତ୍ରରେ ଏହା ଦେଶର ଏକ ନମ୍ବର ବିମାନବନ୍ଦରର ମାନ୍ୟତା ପାଇଛି। ଏହାକୁ ଆଖି ଆଗରେ ରଖି ଭୁବନେଶ୍ୱର ବିମାନବନ୍ଦରରେ ଖୁବ୍‌ଶୀଘ୍ର ତୃତୀୟ ଟର୍ମିନାଲ୍ ନିର୍ମାଣ ହେବ। ଏଥିପାଇଁ ୯୩୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ସୋମବାର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଯୁଗ୍ମ ସଚିବ ଉଷା ପାଢ଼ୀ କହିଛନ୍ତି। ସୂଚନା ଅନୁସାରେ, ଟର୍ମିନାଲ-୧ ନିକଟରେ ଟର୍ମିନାଲ-୩ ନିର୍ମାଣ ହେବ। ଏଥିରେ ଅତ୍ୟାଧୁନିକ ବ୍ୟବସ୍ଥା ଉପଲବ୍ଧ ରହିବ। ବର୍ଷକୁ ପ୍ରାୟ ୬୦ଲକ୍ଷ ଯାତ୍ରୀଙ୍କୁ ପରିଚାଳନା କରିବା ଭଳି କ୍ଷମତା ରହିବ। ୨୦୧୯ ଜୁଲାଇ ମାସରୁ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ତେବେ ଟର୍ମିନାଲ-୩ କେବଳ ଡୋମେଷ୍ଟିକ ଏବଂ ଟର୍ମିନାଲ-୧ ଓ ୨ ଅନ୍ତର୍ଜାତୀୟ ବିମାନ ପାଇଁ ବ୍ୟବହାର ହେବ ବୋଲି ଜଣାପଡ଼ିଛି।

ସୂଚନାଯୋଗ୍ୟ, ବର୍ଷକ ମଧ୍ୟରେ ଭୁବନେଶ୍ୱର ବିମାନବନ୍ଦର ଦେଇ ୩୯.୪ ପ୍ରତିଶତ ଯାତ୍ରୀଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଏପରି କି ଭୁବନେଶ୍ୱର ବିମାନବନ୍ଦରର ଯାତ୍ରୀ ଅଭିବୃଦ୍ଧି ହାର ଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ ଓ କୋଲକାତା ଭଳି ବିମାନବନ୍ଦରଠାରୁ ବହୁ ଅଧିକ ରହିଛି। ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ (ଏଏଆଇ) ପକ୍ଷରୁ ଦେଶର ୧୫ଟି ବ୍ୟସ୍ତବହୁଳ ବିମାନବନ୍ଦର ତାଲିକା ପ୍ରକାଶ ପାଇଛି। ସେଥିରେ ଅଧିକ ଯାତ୍ରୀ ଯାତାୟାତ କରିବାରେ ଦିଲ୍ଲୀ ଏକ ନମ୍ବର ସ୍ଥାନରେ ଥିଲେ ମଧ୍ୟ ଯାତ୍ରୀ ଅଭିବୃଦ୍ଧି ହାରରେ ଭୁବନେଶ୍ୱର ବିମାନବନ୍ଦର ଶୀର୍ଷରେ ରହିଛି।

ଅନ୍ୟପଟେ ପଶ୍ଚିମ ଓଡ଼ିଶାବାସୀଙ୍କ ପାଇଁ ଏକ ଖୁସି ଖବର ରହିଛି। ୨୦୧୯ ଜାନୁୟାରୀ ପ୍ରଥମ ସପ୍ତାହରୁ ଝାରସୁଗୁଡ଼ା ବିମାନବନ୍ଦର (ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦର)ରୁ ପୁଣି ଥରେ ବିମାନ ସେବା ଆରମ୍ଭ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ସଚିବଙ୍କ ମଧ୍ୟରେ ଏନେଇ ଆଲୋଚନା ହୋଇଛି। ଗତ ସେପ୍ଟେମ୍ବର ୨୨ରେ 'ଉଡାନ' ଯୋଜନାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ବିମାନ ବନ୍ଦରରୁ ବିମାନ ସେବା ଉଦ୍‌ଘାଟନ କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ବିଭିନ୍ନ କାରଣରୁ ଏହି ସେବା ବନ୍ଦ ହୋଇଥିଲା। ଏ ନେଇ ମୁଖ୍ୟମନ୍ତ୍ରୀ କେନ୍ଦ୍ରକୁ ଚିଠି ଲେଖିବା ସହିତ ଅନେକ ରାଜନୈତିକ ଦଳ ମଧ୍ୟ ଏଥିରେ ହସ୍ତକ୍ଷେପ କରିଥିଲେ।



- ନିର୍ମାଣ ହେବ ତୃତୀୟ ଟର୍ମିନାଲ
- ଖର୍ଚ୍ଚ ହେବ ୯୩୦ କୋଟି
- ଜାନୁୟାରୀରୁ ଝାରସୁଗୁଡ଼ା ବିମାନବନ୍ଦରରୁ ପୁଣି ଉଡ଼ିବ ବିମାନ

# ମହାପ୍ରଭୁଙ୍କୁ ଦର୍ଶନ କଲେ ମନୀଷା କୋଇରାଲା

**ପୁରୀ ଅଫିସ,୩।୧୨**

ବଲିଉଡ୍ ଅଭିନେତ୍ରୀ ମନୀଷା କୋଇରାଲା ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ସୋମବାର ସକାଳ ୬ଟା ୧୫ରେ ମନୀଷା ଶ୍ରୀମନ୍ଦିରରେ ପହଞ୍ଚିଥିଲେ। ସେତେବେଳେ ମହାପ୍ରଭୁଙ୍କ ମଙ୍ଗଳ ଆଳତି ପାଇଁ ପ୍ରସ୍ତୁତି ଚାଲିଥିଲା। ପ୍ରାୟ ୧୫ ମିନିଟ୍ ଅପେକ୍ଷା କରିବା ପରେ ଠାକୁରଙ୍କ ମଙ୍ଗଳ ଆଳତି ହୋଇଥିଲା। ଏହି ସମୟରେ ମନୀଷା ଭିତର କାଠ ନିକଟରୁ ଦାରୁବିଗ୍ରହଙ୍କୁ ଦର୍ଶନ କରିଥିଲେ। ମନୀଷାଙ୍କୁ ମନ୍ଦିର ଭିତରେ ଅନ୍ୟ ଦର୍ଶନାର୍ଥୀମାନେ ପ୍ରାୟତଃ ଜାଣିପାରି ନ ଥିଲେ। ଜଣେ ସାଧାରଣ ଦର୍ଶନାର୍ଥୀ ଭାବେ ସେ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଦର୍ଶନ ସାରି ସେ ବେହେରଣ ଦ୍ୱାର ଦେଇ ବାହାରକୁ ବାହାରିଥିଲେ। ସମୟ ଅଭାବରୁ ବେଢା ପରିସର ଅନ୍ୟାନ୍ୟ ମନ୍ଦିର ବୁଲି ନ ପାରି ସେ ଫେରିଯାଇଥିଲେ।


ମହାପ୍ରଭୁଙ୍କୁ ଦର୍ଶନ କରି ଫେରୁଛନ୍ତି ମନୀଷା କୋଇରାଲା।

## ବିଶ୍ୱଭୂଷଣଙ୍କ ଆତ୍ମଜୀବନୀ 'ସଂଗ୍ରାମ ସରିନାହିଁ' ପୁସ୍ତକ ଉନ୍ମୋଚିତ

**ଭୁବନେଶ୍ୱର, ୩।୧୨(ବ୍ୟୁରୋ)**

ଭାଜପା ବରିଷ୍ଠ ନେତା ବିଶ୍ୱଭୂଷଣ ହରିଚନ୍ଦନଙ୍କ ଦ୍ୱାରା ଲିଖିତ ଆତ୍ମଜୀବନୀ 'ସଂଗ୍ରାମ ସରିନାହିଁ' ପୁସ୍ତକ ସୋମବାର ରାଜ୍ୟପାଳ ଗଣେଶୀ ଲାଲ୍‌ଙ୍କ ଦ୍ୱାରା ଲୋକାର୍ପିତ କରାଯାଇଛି। ଏହି ପୁସ୍ତକ ଆଗାମୀ ପିଢିମାନଙ୍କ ପାଇଁ ବେଶ୍ ସହାୟକ ହେବ ବୋଲି ରାଜ୍ୟପାଳ କହିଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ କହିଛନ୍ତି ଯେ, ବିଶ୍ୱଭୂଷଣଙ୍କ ଭଳି ଜଣେ ମହାନ୍ ବ୍ୟକ୍ତିଙ୍କ ପୁସ୍ତକ ଲୋକାର୍ପଣ ଉତ୍ସବରେ ଯୋଗଦାନ କରି ନିଜକୁ ଗୌରବାନ୍ୱିତ ମନେକରୁଛି। ଯେପରିଭାବେ ନିଜର ଲମ୍ବା ସମୟର ତପସ୍ୟା ଓ ଅନୁଭୂତିକୁ ନେଇ ଏହି ପୁସ୍ତକ ଲେଖାଯାଇଛି ତାହା ନୂଆ ପିଢିମାନଙ୍କୁ ବିଶେଷ ସହାୟକ ହେବ । ନୂଆପିଢିଙ୍କ ପାଇଁ ଏହା ପ୍ରେରଣାର ଉତ୍ସ ହେବାସହ ସଂଗ୍ରାମ ସରିନାହିଁର ଚ୍ୟାପ୍ଟର-୨ ଆସୁ ବୋଲି ଧର୍ମେନ୍ଦ୍ର ଲେଖକ ବିଶ୍ୱଭୂଷଣଙ୍କୁ ନିବେଦନ କରିଛନ୍ତି ।

# ତଦନ୍ତ ପରିସରଭୁକ୍ତ ହେବ ସବୁ ଶେଲ୍‌ଟର ହୋମ୍: ଡିଜିପି

**ଭୁବନେଶ୍ୱର,୩।୧୨ (ବ୍ୟୁରୋ)**

- ରିପୋର୍ଟ ଦେବାକୁ ଏସ୍‌ପିଙ୍କୁ ନିର୍ଦ୍ଦେଶ
- ସନ୍ଦେହ ହେଉଥିଲେ ଚଢ଼ାଉ କରି ସିଲ୍ କର
- ପୁଣି ଜାରି ହେଲା ସର୍କୁଲାର

ଢେଙ୍କାନାଳ ସଦର ବ୍ଲକ୍ ବେଲଟିକିରିସ୍ଥିତ 'ଗୁଡ୍ ନ୍ୟୁଜ୍ ଇଣ୍ଡିଆ ଡ୍ରିମ୍ ସେଣ୍ଟର'ରେ ନାବାଳିକାଙ୍କୁ ଯୌନ ଶୋଷଣ ଘଟଣା ପଦାକୁ ଆସିବା ପରେ ଓଡିଶା ପୋଲିସର ନିଦ ଭାଙ୍ଗିଛି। ଯେଭଳି ଏହି ଘଟଣାର ପୁନରାବୃତ୍ତି ନ ଘଟେ ସେଥିଲାଗି ପୋଲିସ ଡିଜି ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା କଡା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ସୋମବାର ଏ ସଂକ୍ରାନ୍ତରେ ସୂଚନାଦେଇ ଶର୍ମା କହିଛନ୍ତି, ଘଟଣା ଅତ୍ୟନ୍ତ ସମ୍ବେଦନଶୀଳ। ଗିରଫ ହୋଇଥିବା ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରାଗଲେ ଉକ୍ତ ସଂସ୍ଥାର ଅନ୍ୟ ଶାଖାରେ ନାବାଳିକାଙ୍କୁ ନିର୍ଯାତନା ଦିଆଯାଉଥିଲା କି ନାହିଁ ସ୍ପଷ୍ଟ ହେବ। ଅନ୍ୟପକ୍ଷରେ ରାଜ୍ୟରେ ଚାଲୁଥିବା ସମସ୍ତ ଶେଲ୍‌ଟର ହୋମ୍ ସଂକ୍ରାନ୍ତରେ ସବିଶେଷ ରିପୋର୍ଟ ଦେବାକୁ ଏସ୍‌ପିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କେଉଁ ଜିଲାରେ କେତେ ଶେଲ୍‌ଟର ହୋମ୍ ରହିଛି, ସେ ସବୁ ପଞ୍ଜୀକୃତ ହୋଇଛି କି ନାହିଁ ଓ କିପରି କାର୍ଯ୍ୟ କରୁଛି, ସେସବୁର ଟିକିନିଖି ଜଣାଇବାକୁ କୁହାଯାଇଛି। ଏପରିକି ସନ୍ଦେହ ହେଉଥିଲେ ପୋଲିସ ସେଠାରେ ଚଢ଼ାଉ କରିବା ସହ ପ୍ରାଥମିକ ତଦନ୍ତ କରି ଉପରିସ୍ଥ ଅଧିକାରୀଙ୍କୁ ଜଣାଇବେ। ଯେଉଁ ଶେଲ୍‌ଟର ହୋମ୍‌ରେ ଯୌନ ନିର୍ଯାତନା ଦିଆଯାଉଥିବା ଠୋସ୍ ପ୍ରମାଣ ମିଳୁଛି, ତୁରନ୍ତ ତାହାକୁ ସିଲ୍ କରିବାକୁ ନିର୍ଦ୍ଦେଶ ରହିଛି। ଏ ସମ୍ପର୍କରେ ସମସ୍ତ ଏସ୍‌ପିଙ୍କୁ ଚିଠି କରାଯାଇଥିବା ଡିଜିପି ଶର୍ମା ସୂଚନା ଦେଇଛନ୍ତି।

ଏ ନେଇ ମଧ୍ୟ ଡିଜିପି ଏକ ସର୍କୁଲାର ଜାରି କରିବା ସହ କଡାକଡି ପାଳନ ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ଶେଲଟର ହୋମ୍‌ରେ ଯୌନ ନିର୍ଯାତନା ରୋକିବା ପାଇଁ ପୋଲିସ ଡିଜି ଏକ ସର୍କୁଲାର ଜାରି କରିଥିଲେ। ହେଲେ ଏହାକୁ ଉଲ୍ଲଂଘନ କରାଯାଇଥିଲେ ମଧ୍ୟ କୌଣସି ସ୍ଥାନରେ ପୋଲିସ କିଛି ବି ପଦକ୍ଷେପ ଗ୍ରହଣ କରି ନ ଥିଲା। ଫଳରେ ଗୁଡ୍ ନ୍ୟୁଜ୍ ଇଣ୍ଡିଆ ଡ୍ରିମ୍ ସେଣ୍ଟରରେ ଦୀର୍ଘଦିନ ହେବ ଏଭଳି ଜଘନ୍ୟ ଘଟଣା ଘଟିଚାଲିଥିଲା। ଏହାକୁ ନେଇ ବିରୋଧୀ ସରକାରଙ୍କୁ ଘେରୁଥିବା ବେଳେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ କହିଛନ୍ତି, ଘଟଣାର ଗୁରୁତ୍ୱକୁ ଉପଲବ୍ଧ କରି ମୁଖ୍ୟମନ୍ତ୍ରୀ କଡା ନିର୍ଦ୍ଦେଶ ଦେଇଛନ୍ତି। ଅଣପଞ୍ଜୀକୃତ ଆଶ୍ରୟ ଗୃହରେ ଚଢାଉ ଜାରି ରହିଛି। ଭାଜପା କହିଲେ ନୁହେଁ, ମୁଖ୍ୟମନ୍ତ୍ରୀ କହିଲେ ମୁଁ ଇସ୍ତଫା ଦେବି ବୋଲି ମନ୍ତ୍ରୀ ସାମଲ କହିଛନ୍ତି।

ସୂଚନାଯୋଗ୍ୟ, ଗୁଡ୍ ନ୍ୟୁଜ୍ ଇଣ୍ଡିଆ ଡ୍ରିମ୍ ସେଣ୍ଟର ଯୌନ ଶୋଷଣ ଘଟଣାରେ ଅନୁଷ୍ଠାନର ଚେୟାରମ୍ୟାନ ଡ. ଫୟାଜ ରେହମାନଙ୍କୁ ମଙ୍ଗଳବାରଠାରୁ ଦୁଇଦିନିଆ ରିମାଣ୍ଡରେ ନେବାକୁ ପୋଲିସକୁ ଅନୁମତି ମିଳିଛି। ତାଙ୍କଠାରୁ ଆହୁରି ବହୁ ତଥ୍ୟ ହାସଲ କରିବାକୁ ପୋଲିସ ଆଶା ରଖିଥିବାବେଳେ ପୁରୀ, ରାୟଗଡ଼ା, ଭଦ୍ରକ ସମେତ ଅନ୍ୟ ଜିଲାରେ ଥିବା ଶାଖାଗୁଡିକରେ ଚଢ଼ାଉ କରାଯାଇଥିବା ଜଣାପଡିଛି।

**ଆଲ୍ଲାହାବାଦ ବ୍ୟାଙ୍କ**

**ଭୁବନେଶ୍ୱର ମୁଖ୍ୟ ଶାଖା**
୧୫୯, ବାପୁଜୀ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୫୯୮୦୪୪

**ଡିମାଣ୍ଡ ନୋଟିସ୍**
ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ନୋଟିସ୍

ଆଲ୍ଲାହାବାଦ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ଆଲ୍ଲାହାବାଦ ବ୍ୟାଙ୍କ, ଭୁବନେଶ୍ୱର ମୁଖ୍ୟ ଶାଖା**ର ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡ଼ିମାଣ୍ଡ ନୋଟିସ୍ ଜାରିକରାଯାଇଥିଲା କିନ୍ତୁ ଏଡି ସହିତ ରେଜିଷ୍ଟ୍ରେଡ୍ ଡାକ ଯୋଗେ ପଠାଯାଇଥିବା ଉକ୍ତ ନୋଟିସ୍ ନିମ୍ନଦର୍ଶିତ ପକ୍ଷମାନଙ୍କୁ ପ୍ରଦାନ କରାଯାଇପାରିନଥିଲା। ତେଣୁ ସେଗୁଡିକର ବିଷୟ ବସ୍ତୁ ସହିତ ବକେୟା ଦେୟ, ଋଣପରିମାଣ ଏବଂ ସୁରକ୍ଷିତ ସମ୍ପତ୍ତିର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

| ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ପ୍ରକାର / ଋଣ ପରିମାଣ | ବକେୟା ଦେୟ | ଏନ୍‌ପିଏ ତାରିଖ/ ନୋଟିସ୍ ତାରିଖ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
|---|---|---|---|---|
| **ଋଣଗ୍ରହୀତାମାନେ: ୧) ଶ୍ରୀମତୀ ଅଲିଭା ଚୌଧୁରୀ,** ସ୍ୱାମୀ: ଶ୍ରୀ ଅଶୋକ କୁମାର ଚୌଧୁରୀ, **୨) ଶ୍ରୀ ଅଶୋକ କୁମାର ଚୌଧୁରୀ,** ପିତା: ଶ୍ରୀ ରାମନାଥ ଖୁଣ୍ଟିଆ, ଫ୍ଲାଟ୍ ନଂ.: ୧୦୩, ବ୍ଲକ୍ ବି-୩, ଶ୍ରୀକ୍ଷେତ୍ର ରେସିଡେନ୍ସି, ଆଇଗିଣିଆ, ଭୁବନେଶ୍ୱର | ମିଆଦୀ ଋଣ / ଟ.୨୧,୭୫,୦୦୦/- | ୨୮.୦୮.୨୦୧୮ ସୁଦ୍ଧା ଟ.୨୧,୦୭,୨୪୨/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ୨୮.୦୮.୨୦୧୮ / ୦୧.୧୨.୨୦୧୮ | ଫ୍ଲାଟ୍‌ର ସମସ୍ତ ଅଂଶବିଶେଷ ଯାହାର ନଂ.: ୩୭, ସବ୍ ପ୍ଲଟ୍ ନଂ.: ୦୬, ଖାତା ନଂ.: ୨୫୫/୨୯, କ୍ଷେତ୍ର: ଏକର୦.୦୫୬୫ଡିସିମିଲି ରୁ ଏକର୦.୦୩୯ଡିସିମିଲି, ମୌଜା: ବୋଡଣ୍ଡା, ଥାନା: ଭୁବନେଶ୍ୱର, ଥାନା ନଂ.: ୫୯, ଏସ୍‌ଆରଓ: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ.: ୩୯, ପୂର୍ବ: ପ୍ଲଟ୍ ନଂ.: ୩୮, ପଶ୍ଚିମ: ପ୍ଲଟ୍ ନଂ.: ୩୫ |

ଆପଣ ଆମ **ଭୁବନେଶ୍ୱର ମୁଖ୍ୟ ଶାଖା, ଭୁବନେଶ୍ୱର**ରୁ ଉପରୋକ୍ତ ଋଣ ସୁବିଧା ହାସଲ କରିଥିଲେ। ଆପଣ ପ୍ରାପ୍ତ କରିଥିବା ଉପରୋକ୍ତ ଋଣ ଆକାଉଣ୍ଟର ଋଣ ସୁବିଧାର ସୁରକ୍ଷିତ ପରିଶୋଧ ନିମନ୍ତେ ବ୍ୟାଙ୍କ ସପକ୍ଷରେ ଆପଣ ବିଭିନ୍ନ ଦଲିଲ୍ ସମ୍ପାଦନ କରିଛନ୍ତି ଏବଂ ଆପଣଙ୍କର ସ୍ଥାବର / ଅସ୍ଥାବର ସମ୍ପତ୍ତିକୁ ବ୍ୟାଙ୍କ ସପକ୍ଷରେ ବନ୍ଧକ ରଖିଛନ୍ତି। କଥିତ ଋଣ ପରିଶୋଧ ନିମନ୍ତେ ସମୟ ହୋଇଯାଇଥିଲା, ଆପଣଙ୍କୁ ବାରମ୍ବାର ନୋଟିସ୍ ଦିଆଯାଇଥିବା ସତ୍ତ୍ୱେ ଆପଣ ବକେୟା ଋଣ ପରିଶୋଧ କରୁନାହାନ୍ତି କିମ୍ବା ଆପଣଙ୍କ ଉପରୋକ୍ତ ଆକାଉଣ୍ଟକୁ ନିୟମିତ କରୁନାହାନ୍ତି। ଆପଣ ଋଣ ଅନୁମୋଦନର ନିୟମ ଏବଂ ସର୍ତ୍ତାବଳୀ ଉଲ୍ଲଙ୍ଘନ କରିଛନ୍ତି ଏବଂ ଆପଣଙ୍କର ଆକାଉଣ୍ଟକୁ ଅନିୟମିତ ମଧ୍ୟ କରିଛନ୍ତି ଏବଂ ଫଳସ୍ୱରୂପ ଭାରତୀୟ ରିଜର୍ଭ ବ୍ୟାଙ୍କର ମାର୍ଗଦର୍ଶିକା ଅନୁସାରେ ଆମ ବ୍ୟାଙ୍କ ଦ୍ୱାରା ଆପଣଙ୍କ ଆକାଉଣ୍ଟକୁ **ତା.୨୮.୦୮.୨୦୧୮ରିଖ**ରେ ଅଚଳନ୍ତି ସମ୍ପତ୍ତି (ଏନ୍‌ପିଏ)ରେ ପରିଣତ କରାଯାଇଛି। ଏହି ନୋଟିସ୍ ଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି କି ନୋଟିସ୍‌ର **୬୦ ଦିନ** ମଧ୍ୟରେ ଆପଣ ସୁରକ୍ଷିତ ଋଣଦାତାଙ୍କ ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ତତ୍‌ସହିତ ଆଇନଗତ ଦେୟ ଓ ଆଇନଗତ ଖର୍ଚ୍ଚ ପରିଶୋଧ କରିବେ ଅନ୍ୟଥା ବ୍ୟାଙ୍କ ଉପରୋକ୍ତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୪) ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ। ଆପଣଙ୍କୁ ଜଣାଇ ଦିଆଯାଉଛି କି କଥିତ ଆକ୍ଟର ଧାରା ୧୩(୧୩) ନିୟମାବଳୀ ଅନୁସାରେ ଆପଣ ଏହି ନୋଟିସ୍ ପ୍ରାପ୍ତି ପରେ ବ୍ୟାଙ୍କର ଲିଖିତ ସହମତି ବିନା ଉପର ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରି, ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ । କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ପ୍ରଦତ୍ତ କୌଣସି ବ୍ୟବସ୍ଥାରେ ହସ୍ତକ୍ଷେପ / ବାଧା ପହଞ୍ଚାଇବା ଅପରାଧ ଅଟେ । **ଉପରୋକ୍ତ ଜାରି ନୋଟିସ୍‌ଟି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ କିମ୍ବା ବଳବତ୍ତର ଥିବା ଅନ୍ୟ କୌଣସି ଆଇନ ଅନୁଯାୟୀ ଏହା ଆମ ବ୍ୟାଙ୍କର କୌଣସି ଅଧିକାରକୁ ପ୍ରତିହତ କରିବ ନାହିଁ ।**

**ସ୍ଥାନ: ଭୁବନେଶ୍ୱର, ତାରିଖ : ୦୩.୧୨.୨୦୧୮** — **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଆଲ୍ଲାହାବାଦ ବ୍ୟାଙ୍କ**

### ଦାୟିତ୍ୱ ଗ୍ରହଣ କଲେ ଶ୍ରୀମନ୍ଦିର ନୂଆ ନୀତି ପ୍ରଶାସକ

# ଆଲୋଚନା ମାଧ୍ୟମରେ ସମନ୍ୱୟ ରଖାଯାଇପାରିବ

**ପୁରୀ ଅଫିସ,୩।୧୨**

ଶ୍ରୀମନ୍ଦିରର ନୀତି ପ୍ରଶାସକ ଭାବେ ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି ବିଶ୍ୱଜିତ ବିଶ୍ୱାଳ। ଅପରାହ୍ଣରେ ତାଙ୍କୁ ବିଦାୟୀ ନୀତି ପ୍ରଶାସକ ପ୍ରଦୀପ ଦାଶ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ନୂଆ ନୀତି ପ୍ରଶାସକ ବିଶ୍ୱାଳ ଅପରାହ୍ଣରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଆବଶ୍ୟକ କାଗଜପତ୍ରରେ ବିଶ୍ୱାଳ ଦସ୍ତଖତ କରିବା ପରେ ବିଦାୟୀ ନୀତି ପ୍ରଶାସକ ତାଙ୍କୁ କେତେକ ଚାବି ହସ୍ତାନ୍ତର କରିଥିଲେ। ବିଶ୍ୱାଳ କାର୍ଯ୍ୟରେ ଯୋଗଦେଇ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ଏହି ଅବସରରେ ଗଣମାଧ୍ୟମକୁ ନିଜ ପ୍ରତିକ୍ରିୟାରେ ସେ କହିଥିଲେ ଯେ, ମହାପ୍ରଭୁଙ୍କ କୃପାରୁ ତାଙ୍କ ସେବା କରିବାର ସୁଯୋଗ ମିଳିଛି। ଶ୍ରୀମନ୍ଦିର ନୀତି ସମ୍ପର୍କରେ ମୋର ଜ୍ଞାନ ନାହିଁ। ପ୍ରଥମେ ମହାପ୍ରଭୁଙ୍କ ସେବାପୂଜା, ପରମ୍ପରା ବିଷୟରେ ଜାଣିବାକୁ ଚେଷ୍ଟା କରିବି। ପୂର୍ବରୁ ମନ୍ଦିର ଯେପରି ଶୃଙ୍ଖଳିତ ଭାବେ ଚାଲିଆସୁଛି ସେହି ଧାରାକୁ ବଜାୟ ରଖିବା ଲାଗି ଉଦ୍ୟମ କରିବି। ମହାପ୍ରଭୁଙ୍କ ଆଶୀର୍ବାଦ ରହିଲେ ସବୁକିଛି ସୁରୁଖୁରୁରେ ଚାଲିବ। ପ୍ରତ୍ୟକ୍ଷ କ୍ଷେତ୍ରରେ କିଛି ନା କିଛି ସମସ୍ୟା ଆସିବ। ହେଲେ ଏହି ସମସ୍ୟାକୁ ସମାଧାନ କରିବାକୁ ପଡିବ। ସେହିପରି ଆଲୋଚନା ମାଧ୍ୟମରେ ସେବାୟତଙ୍କ ସହ ସମନ୍ୱୟ ରକ୍ଷା କରି ଠାକୁରଙ୍କ ନୀତିକାନ୍ତିକୁ ସୁରୁଖୁରୁରେ ସମ୍ପନ୍ନ କରିବା ଉପରେ ପ୍ରାଥମିକତା ଦିଆଯିବ ବୋଲି ନୂଆ ନୀତି ପ୍ରଶାସକ କହିଛନ୍ତି।





ରାଜସ୍ଥାନରେ ନିର୍ବାଚନ ପ୍ରଚାର କରିବାକୁ ଆସିଥିବା ଜଣେ ପ୍ରାର୍ଥୀ ସ୍ଥାନୀୟ ସ୍କୁଲରେ ପିଲାଙ୍କୁ ଗଣିତ ପଢ଼ାଇଛନ୍ତି। ସୁରସାଗର ବିଧାନସଭା ଆସନ ପାଇଁ କଂଗ୍ରେସରୁ ନିର୍ବାଚନ ଲଢ଼ୁଥିବା ପ୍ରାର୍ଥୀ ପ୍ରଫେସର ଅୟୁବ ଖାଁ ଏପରି କରିଛନ୍ତି। କିଛି ଛାତ୍ର ଗଣିତ ପ୍ରଶ୍ନର ସମାଧାନ ପାଇଁ ତାଙ୍କୁ ଅନୁରୋଧ କରିଥିଲେ। ପେସାରେ ଗଣିତ ଅଧ୍ୟାପକ ଥିବା ଅୟୁବ ତୁରନ୍ତ ବ୍ଲାକ୍ ବୋର୍ଡରେ ଏହା ସମାଧାନ କରିଥିଲେ।



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ମାମୁନ୍
ପରିବାରବର୍ଗ



ମିଥିଲେଶ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified





### HIRE

Hiring vehicle required monthly Bolero/ Tavera/ Indigo/ Dzire/ Ciaz. 7008562901, 9439198572. D-61034





### SALE

30' road patta gharabari boundary residential plot at Benupur near Hanspal (100' road side). 9437033320. D-64373

Litigation free plots near Xavier University/ Birla School BDA Zone, Bhubaneswar. Sqft.- 250/-, 160/-. 9937746907, 9337259012. D-64382

ଭୁବନେଶ୍ୱର ମହାବୀର Engineering କଲେଜ backside ଘରବାରି boundarywall ପ୍ଲଟ ମିଳୁଅଛି। 8338932027. D-64386

Ready 2BHK/ 3BHK flats for sale at Patia. 7008346486, 9937009250. D-65213

Duplex bangalow 4BHK 95,00,000/- at Pokhariput, Bhubaneswar. Contact: 9861125539, 9040521173. D-58014

ଭୁବନେଶ୍ୱର AIIMS Hospital ନିକଟରେ 30' road, ଘରବାରି plot sale. 8480745797. D-64387

**Plan approved plot sale near Infocity-2 & GITAM College, Gangapada, BBSR. Cost @ 600 sqft. 7682927930.** D-9762

One BHK flat for sale near Seabeach, Puri with modern facilities. Contact: 0674-2561050, 8260011011. D-9605





Fully refreshed/ relaxed body massage by expert therapist, Shastri Nagar. 7377984773. D-65204

Rejuvenate and Ayurvedic full body massage by smart therapist. 9114402304. D-65205

Ayurvedic full body massage ladies / gents smart experts therapist. 9114697517. D-64645

Newly open herbal full body massage with refreshment well trained therapist. 7381239385. D-64650

Experience full body massage with us by expert Enquiry: 06742597822, 7377048581. D-65206

Saishree ayurvedic full body massage ladies & gents. Contact: 7438896074. D-64653

All type of full body massage by expert therapist. 7609005923. D-65214

Herbal full body massage by smart/ expert therapist. Contact: 8338067247. D-65215

Newly opening ayurvedic massage smart therapist, Shree herbal. 7750020754. D-65216

Pamper yourself this Mansoon professional massage. Contact Purple Orchid. 9776598888. D-65217

Improving your health, skin care through expert therapist, excellent offer. 9668374480. D-65218

Physiotherapy, full body massage by trained ladies/ gents therapist: 7008773793. D-65092

### AFFIDAVIT

By virtue of an affidavit before Notary Public, Bangalore on 15 Nov., 2017, I Gautam Kumar Mohanty, Vill&PO- Patia, PS.- Chandrasekharpur, Bhubaneswar, Dist.- Khurdha, Odisha hereby declare that my Son's name is Gaurav Kumar Mohanty which is wrongly recorded as Gaurav Mohanty in my service record and his date of birth is 16.10.1998. This affidavit is sworn to be filed before the concerned authority for necessary action. D-58017

**ପାଠକଙ୍କ ପାଇଁ ସୂଚନା:**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ମନେ ପଡ଼ନ୍ତି

**ଷଷ୍ଠ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ନଗେନ୍ଦ୍ର ନାଥ ପାତ୍ର**
ପ୍ଲଟ ନଂ. ୫, ଖାରବେଳ ନଗର, ଭୁବନେଶ୍ୱର
ଆବିର୍ଭାବ: ୧୭।୦୧।୧୯୪୮
ତିରୋଧାନ: ୧୦।୧୨।୨୦୧୨
ହଠାତ୍ ଆମକୁ ଛାଡି ଚାଲିଯିବ, କେବେ ଭାବି ନ ଥିଲୁ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମକୁ ଆଗକୁ ଚାଲିବାକୁ ପ୍ରେରଣା ଦେଇଛି। ଷଷ୍ଠ ଶ୍ରାଦ୍ଧବାର୍ଷିକ ଅବସରରେ ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା। ଶୋକସନ୍ତପ୍ତ: ଝିଅ, ଜ୍ୱାଇଁ, ପୁଅ, ବୋହୂ, ନାତି, ନାତୁଣୀ, ସ୍ତ୍ରୀ, ପରିବାରବର୍ଗ, ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ ଏବଂ ସମସ୍ତ କଏର୍‌ଇଣ୍ଡିଆ କର୍ମଚାରୀବର୍ଗ। ଧ-୯୮୧୨

### 4th Birthday Wish



(Mamun)
**Saismita**
**At/Po-Athantar**
ଚତୁର୍ଥ ଶୁଭ ଜନ୍ମଦିନରେ ଆମେ ସପରିବାର ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ତୋର ନୀରୋଗ ଓ ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛୁ। ଶୁଭେଚ୍ଛା ସହ: ବନ୍ଧୁ ଓ ପରିବାରବର୍ଗ। ଧ-୯୮୦୩

### Birthday Wish



**Krishna Kumari Devi**
**(Secretary, VEMS Group)**
**Sahid Nagar, Bhubaneswar**
Mam, Many many Happy returns of the day. Best wishes from: Bandana Das & all teachers & students of Venkateswar School, Shanti Nagar, Jharapada, BBSR. D-65094

### ତୃତୀୟ ବର୍ଷ ଜନ୍ମଦିନ ଶୁଭେଚ୍ଛା



(ସାଇସୋମ)
**ଶ୍ରୀ ସିଦ୍ଧାର୍ଥ ସୋମ ଆଚାର୍ଯ୍ୟ**
ଆର୍ଯ୍ୟହୋମ୍, ଅଲାରପୁର ଶାସନ, ଟଙ୍କପାଣି, ଭୁବନେଶ୍ୱର
ପ୍ରଭୁ ଶ୍ରୀଜଗନ୍ନାଥ ମଙ୍ଗଳ କରନ୍ତୁ। ଶୁଭେଚ୍ଛା ସହ: ଜେଜେମା, ଅଜା, ଆଈ, ମମି-ଡାଡି: କୃଷ୍ଣା-କମଲ୍, ବନ୍ଧୁ ଓ ଆଚାର୍ଯ୍ୟ ପରିବାରବର୍ଗ। ଧ-୫୮୦୧୬

### ପ୍ରଥମ ଜନ୍ମଦିନ ଶୁଭେଚ୍ଛା



**ସ୍ୱସ୍ତିକ (ଓମ୍)**
ୱିଲସନ୍ ଗାର୍ଡେନ, ବାଙ୍ଗାଲୋର
ଆଜି ଜନ୍ମଦିନ ଅବସରରେ ତୋର ଭବିଷ୍ୟତ ଉଜ୍ଜ୍ୱଳମୟ କରିବା ସହିତ ଚଲାପଥ କୁସୁମିତ କରନ୍ତୁ, ଏହା ହିଁ ପ୍ରଭୁ ଶ୍ରୀ ଜଗନ୍ନାଥ ଓ ସିରିଡ଼ିସାଇଙ୍କ ନିକଟରେ ପ୍ରାର୍ଥନା।
ଶୁଭେଚ୍ଛା ସହ : ଗିରିଜା (ଅଜା), ବିଜୟଲକ୍ଷ୍ମୀ (ଆଈ) ଓ ଗୁରୁପ୍ରସାଦ (ମାମୁଁ)
ଧ-୯୭୯୩

### ସପ୍ତମ ଜନ୍ମଦିନ ଶୁଭେଚ୍ଛା



(ପାପୁ)
**ଆସୁତୋଷ ଦାଶ**
ସ୍ଥାନ- ପିପିଲି, ଦକ୍ଷିଣ ନୂଆଗାଁ
ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୋର ମଙ୍ଗଳ ହେଉ। ଶୁଭେଚ୍ଛା ସହ: ପାପା-ମାମା, ଭଉଣୀ- ନିକି, ରିକି, ଜେଜେବାପା-ଜେଜେମା, କାକା, ମଉସା- ମାଉସୀ, ଅଜା-ଆଈ। ଧ-୯୮୧୩

### ପଞ୍ଚମ ଜନ୍ମଦିନ ଶୁଭେଚ୍ଛା



**ସାଗ୍ନିକ ସୌରଭ ମାଇତି**
ବାପା- ସୁକୁମାର ମାଇତି, ମା- ଚମ୍ପାବତୀ ମାଇତି
କରଞ୍ଜମାଳ, ଭଦ୍ରକ
ପଞ୍ଚମ ଜନ୍ମବାର୍ଷିକରେ ପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରନ୍ତୁ। ଶୁଭେଚ୍ଛା ସହ: ବାପା, ମା, ଅଜା, ଆଈ, ଜେଜେମା ଓ ପରିବାରବର୍ଗ। ଧ-୯୬୫୫

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

# ଶକ୍ତି ବ୍ୟବହାରରେ ବିଶ୍ୱରେ ଭାରତ ତୃତୀୟ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୩।୧୨(ବ୍ୟୁରୋ)

ଦେଶର ଦୀର୍ଘମିଆଦୀ ଅର୍ଥନୀତିରେ ପ୍ରଗତି ଆଣିବା ପାଇଁ ସୁଯୋଗ ସୃଷ୍ଟି ହୋଇଛି। ଦେଶ ବିକାଶ ପଥରେ ଆଗେଇଛି। ସମଗ୍ର ବିଶ୍ୱରେ ଶକ୍ତି ବ୍ୟବହାରରେ ଭାରତ ୩ ନମ୍ବର ସ୍ଥାନରେ ରହିଛି। ଆସନ୍ତା ୨୦ରୁ ୩୦ବର୍ଷ ମଧ୍ୟରେ ଆମେ ୧ କିମ୍ବା ୨ନମ୍ବର ରହିବୁ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଦେଶରେ ନାଗରିକମାନଙ୍କୁ ଅଧିକରୁ ଅଧିକ ଅର୍ଥନୈତିକ ପ୍ରଗତି ମିଳିବା ପାଇଁ ଉଦ୍ୟମ କରାଯାଉଛି। ସ୍ଥାନୀୟ ରେଲୱେ ଅଡିଟୋରିୟମରେ ଆୟୋଜିତ ଅଲ ଇଣ୍ଡିଆ ଲାଇଫ ଇନ୍‌ସ୍ୟୁରାନ୍‌ସ ଏଜେଣ୍ଟ ଫେଡେରେଶନର ରାଷ୍ଟ୍ରୀୟ ଅଧିବେଶନରେ ଯୋଗଦେଇ ଧର୍ମେନ୍ଦ୍ର ଏଜେଣ୍ଟମାନଙ୍କ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରି କହିଛନ୍ତି ଯେ, ଦେଶରେ ଆଜି ୧୧ଲକ୍ଷ ଏଜେଣ୍ଟ ଲୋକମାନଙ୍କ ବିଶ୍ୱାସଭାଜନ ହୋଇପାରିଛନ୍ତି। ସେମାନଙ୍କ ଉପରେ ବର୍ତ୍ତମାନ ସାରା ଦେଶ ଭରଷା କରିପାରୁଛି। ଏହାଦ୍ୱାରା ଦେଶର ଅର୍ଥନୀତିର ବିକାଶ ହୋଇପାରିଛି। ଏହା ଆମକୁ ସ୍ୱୀକାର କରିବାକୁ ପଡିବ ବୋଲି ସେ କହିଛନ୍ତି। ନୂଆ ଟେକ୍ନୋଲୋଜିର ବ୍ୟବହାର ଫଳରେ ବର୍ତ୍ତମାନ ସବୁ କାମ ମଧ୍ୟ ସୁବିଧାରେ ହୋଇପାରିଛି। ଜିଏସ୍‌ଟି ଲାଗୁ ହେବାପରେ ଏହାର ସୁଫଳ ମିଳିପାରିଛି। ଦେଶରେ ଥିବା ଏଲଆଇସି ଏଜେଣ୍ଟମାନଙ୍କ ଦକ୍ଷତା ବିକାଶ ଉପରେ ଦୃଷ୍ଟି ଦେବା ପାଇଁ ଉଦ୍ୟମ କରାଯିବା ଦରକାର। କେନ୍ଦ୍ର ସରକାର ବୀମା ଭିତରେ ଅଧିକରୁ ଅଧିକ ଲୋକଙ୍କୁ ପରିସରଭୁକ୍ତ କରିବା ପାଇଁ ସମସ୍ତ ପ୍ରକାର ଉଦ୍ୟମ କରିଚାଲିଛନ୍ତି। ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଭାରତ ଯୋଜନା ଦ୍ୱାରା ୫୦କୋଟି ଲୋକଙ୍କୁ ସ୍ୱାସ୍ଥ୍ୟବୀମା ପରିସରଭୁକ୍ତ କରାଯାଇଛି। ଯେତେବେଳେ ଭାଜପା କ୍ଷମତାକୁ ଆସିଲା ସେତେବେଳେ ୧୩କୋଟି ଲୋକଙ୍କୁ ଏଲ୍‌ପିଜି ସଂଯୋଗ କରାଯାଇଥିବାବେଳେ ଏହା ବର୍ତ୍ତମାନ ୨୫କୋଟିରେ ପହଞ୍ଚିଛି। ପ୍ରତ୍ୟେକ ହିତାଧିକାରୀ ବୀମାରେ ସାମିଲ ହୋଇପାରିଛନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି।

## 'ଗୁଡ୍ ନ୍ୟୁଜ୍ ଇଣ୍ଡିଆ ଡ୍ରିମ୍ ସେଣ୍ଟର' କାରନାମା
# ୩ ଜିଲାରେ ଚଢ଼ାଉ

ବାଲେଶ୍ୱର ଅଫିସ/ଭଦ୍ରକ ଅଫିସ/ ତିହିଡ଼ି/ଉଦଳା, ୩।୧୨

ଢେଙ୍କାନାଳ ଜିଲା ସଦର ବ୍ଲକ ବେଲଟିକିରିସ୍ଥିତ ଶେଲଟର ହୋମ୍ 'ଗୁଡ୍ ନ୍ୟୁଜ୍ ଇଣ୍ଡିଆ ଡ୍ରିମ୍ ସେଣ୍ଟର'ରେ ନାବାଳିକା ଅନ୍ତେବାସୀଙ୍କୁ ଯୌନଶୋଷଣ ଅଭିଯୋଗ ପରେ ରାଜ୍ୟରେ ଥିବା ଏହାର ଅନ୍ୟ ଶାଖାଗୁଡିକରେ ଚଢାଉ ଆରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର, ମୟୂରଭଞ୍ଜ ଓ ଭଦ୍ରକ ଜିଲାରେ ଥିବା ଏହାର ଶାଖାଗୁଡିକରେ ସୋମବାର ଚଢାଉ କରାଯାଇ ଅନ୍ତେବାସୀମାନଙ୍କୁ ପଚରାଉଚରା କରାଯାଇ ରେକର୍ଡପତ୍ର ଯାଞ୍ଚ କରାଯାଇଛି। ପ୍ରାଥମିକ ତଦନ୍ତ ପରେ ବାଲେଶ୍ୱର ଜିଲା ରେମୁଣା ବ୍ଲକ ସରସ୍ୱତୀପୁର ପଞ୍ଚାୟତରେ ଥିବା ଏହି ଶାଖାକୁ ତାଲା ପକାଯାଇଛି। ଅନ୍ୟପକ୍ଷରେ ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଚକ ପଞ୍ଚାୟତ ନନ୍ଦପୁରସ୍ଥିତ 'ଗୁଡ୍ ନ୍ୟୁଜ ଇଣ୍ଡିଆ ଡ୍ରିମ୍ ସେଣ୍ଟର'ରେ ଚଢ଼ାଉ ସମୟରେ କାର୍ଯ୍ୟକର୍ତ୍ତାମାନେ ଅନୁପସ୍ଥିତ ଥିବାରୁ କୌଣସି ରେକର୍ଡପତ୍ର ଯାଞ୍ଚ ହୋଇପାରିନାହିଁ। ସେହିପରି ମୟୂରଭଞ୍ଜ ଜିଲା ଉଦଳା ବ୍ଲକ ଖଳାଡି ପଞ୍ଚାୟତ ଚୁଳିଆପୋଷି ଗ୍ରାମରେ ଥିବା ଏହି ସେଣ୍ଟର ଉପରେ ଚଢାଉ କରାଯାଇ ତଥ୍ୟ ସଂଗ୍ରହ କରାଯାଇଛି।

# ହାତୀମୃତ୍ୟୁ ଘଟଣା: କ୍ରାଇମବ୍ରାଞ୍ଚକୁ ଚିଠି ଲେଖିଲା ବନ ବିଭାଗ

## ୭ଦିନ ଭିତରେ ରିପୋର୍ଟ ଦେବାକୁ ଡିଜିପିଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୩।୧୨ (ବ୍ୟୁରୋ)

ଆଠଗଡ଼ ଓ ଦେବଗଡ଼ ହାତୀ ମୃତ୍ୟୁ ଘଟଣାର ତଦନ୍ତ କରିବାକୁ ସୋମବାର କ୍ରାଇମବ୍ରାଞ୍ଚକୁ ଚିଠି ଲେଖିଛି ବନ ବିଭାଗ। ଗତ ସେପ୍ଟେମ୍ବର ୨୭ରେ ଦେବଗଡ଼ ଜିଲା ପ୍ରଭାଶୁଣି ସଂରକ୍ଷିତ ଜଙ୍ଗଲରେ ଏକ ହାତୀକୁ ମାରି ତା'ର ଦାନ୍ତକୁ କାଟି ନିଆଯାଇଥିଲା। ଏହି ଘଟଣାରେ ଗତ ୧୪ ତାରିଖରେ ଜଣଙ୍କୁ ଗିରଫ କରାଯାଇଥିଲା। ସେହିପରି ଗତ ଫେବୃୟାରୀ ୨୧ ତାରିଖରେ କଟକ ଜିଲା ଆଠଗଡ଼ ଅଞ୍ଚଳରେ ଏକ ହାତୀର ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଥିଲା।

ଅନ୍ୟପକ୍ଷରେ ଅକ୍ଟୋବର ୨୬ ରାତିରେ ଢେଙ୍କାନାଳ ଜିଲା ସଦର ଫରେଷ୍ଟ ରେଞ୍ଜ ଅଧୀନ କମଳାଙ୍ଗ ଗ୍ରାମ ନିକଟରେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ୭ ହାତୀଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ପରବର୍ତ୍ତୀ ସମୟରେ କ୍ରାଇମବ୍ରାଞ୍ଚ ୩ଜଣଙ୍କୁ ଗିରଫ କରିଥିଲା। ତେବେ ସୋମବାର ଡିଜିପି ଆର୍.ପି. ଶର୍ମା ୭ଦିନ ଭିତରେ ତଦନ୍ତ ରିପୋର୍ଟ ଦେବାକୁ କ୍ରାଇମବ୍ରାଞ୍ଚକୁ ନିର୍ଦ୍ଦେଶ ଦେଇଛନ୍ତି।

# କ୍ୟାପିଟାଲ ହସ୍ପିଟାଲରେ ଦାନ୍ତ ପରୀକ୍ଷା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩।୧୨(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦାନ୍ତରେ ଯନ୍ତ୍ରଣା ଅନୁଭବ କରିବାରୁ ଚିକିତ୍ସା ପାଇଁ ସୋମବାର ଅପରାହ୍ନ ପ୍ରାୟ ୫ଟାରେ କ୍ୟାପିଟାଲ ହସ୍ପିଟାଲକୁ ଆସିଥିଲେ। କଡ଼ା ସୁରକ୍ଷା ମଧ୍ୟରେ ମୁଖ୍ୟମନ୍ତ୍ରୀ ଦାନ୍ତ ବିଭାଗରେ ପହଞ୍ଚିବା ପରେ ଡାକ୍ତର ତାଙ୍କ ଦାନ୍ତ ପରୀକ୍ଷା କରିଥିଲେ। ମୁଖ୍ୟମନ୍ତ୍ରୀ ଆସିଥିବା ଶୁଣି ହସ୍ପିଟାଲରେ ତାଙ୍କୁ ଦେଖିବାକୁ ଲୋକଙ୍କ ଭିଡ଼ ଜମିଥିଲା। ଅଧ ଘଣ୍ଟା ପରେ ମୁଖ୍ୟମନ୍ତ୍ରୀ ହସ୍ପିଟାଲ ବାହାରକୁ ଆସିବା ପରେ ସିଧା ନବୀନ ନିବାସ ଚାଲିଯାଇଥିଲେ।

**ପ୍ରଥମ ପୃଷ୍ଠାରୁ...**

## ସ୍ଥଗିତାଦେଶ...

ପକ୍ଷରୁ ଦାଏର କରାଯାଇଥିବା ପିଟିଶନର ଶୁଣାଣି କରି କୋର୍ଟ ଜନଶୁଣାଣି ପାଇଁ ଟର୍ମସ୍ ଆଣ୍ଡ କଣ୍ଡିସନ ଦାଖଲ କରିବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଗଷ୍ଟ ୨ ତାରିଖରେ ଓଡ଼ିଶା ସରକାରଙ୍କ ପିଟିଶନ ଆଧାରରେ ୪ ସପ୍ତାହ ମଧ୍ୟରେ ପ୍ରକଳ୍ପର ପରିବେଶ ଅନୁମତି ସମ୍ପର୍କିତ ସତ୍ୟପାଠ ଦାଖଲ କରିବାକୁ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ପୋଲାଭରମ୍ ପ୍ରକଳ୍ପ କାର୍ଯ୍ୟ ବନ୍ଦ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନଭେମ୍ବର ୨୧ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖି ଅନୁରୋଧ କରିଥିଲେ। କୋର୍ଟରେ ଚାଲୁ ରହିଥିବା ବିଭିନ୍ନ ବିବାଦର ସମାଧାନ ପୂର୍ବରୁ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଶେଷ ହୋଇଯିବ। ଏଥିରେ ରାଜ୍ୟର ବହୁ ଜଙ୍ଗଲ ଓ ଉର୍ବର ଚାଷ ଜମି ଜଳମଗ୍ନ ହୋଇଯିବ। ମାଲକାନଗିରି ଜିଲାର ଆଦିମ ଆଦିବାସୀମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର ହେବାକୁ ପଡ଼ିବ ବୋଲି ପ୍ରଧାନମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ଅବଗତ କରାଇଥିଲେ। ଏହାଛଡ଼ା ମୁଖ୍ୟମନ୍ତ୍ରୀ ୨୦୧୫ ସେପ୍ଟେମ୍ବର ୧୬, ୨୦୧୭ ନଭେମ୍ବର ୨୩ ଏବଂ ୨୦୧୮ ଜୁଲାଇ ୧୨ ତାରିଖରେ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ପ୍ରକଳ୍ପ କାର୍ଯ୍ୟ ବନ୍ଦ କରିବାକୁ ଚିଠି ମାଧ୍ୟମରେ ଅନୁରୋଧ କରିଥିଲେ। ଏହା ଉପରେ ପ୍ରଧାନମନ୍ତ୍ରୀ କୌଣସି ପଦକ୍ଷେପ ନେଇ ନାହାନ୍ତି।

ଏହି ପ୍ରକଳ୍ପ ଦ୍ୱାରା ଆନ୍ଧ୍ର ପ୍ରଦେଶର ୨୭୬, ଛତିଶଗଡ଼ର ୪ ଏବଂ ଓଡ଼ିଶାର ୮ଟି ଗ୍ରାମ ଜଳମଗ୍ନ ହେବ ବୋଲି କେନ୍ଦ୍ର ପରିବେଶ ଓ ଜଙ୍ଗଲ ମନ୍ତ୍ରୀ ଲୋକସଭାରେ ସୂଚନା ଦେଇଥିବାବେଳେ ଓଡ଼ିଶା ସରକାରଙ୍କ ତଥ୍ୟ କହୁଛି ଏହା ଦ୍ୱାରା ମାଲକାନଗିରି ଜିଲା ମୋଟୁ ତହସିଲ ଅଧୀନରେ ଥିବା ୨୫ଟି ଆଦିବାସୀ ପଡ଼ାଗ୍ରାମ ସହ ୭,୬୫୬ ହେକ୍ଟର ଚାଷ ଓ ଜଙ୍ଗଲ ଜମି ସମ୍ପୂର୍ଣ୍ଣ ବୁଡ଼ିଯିବ । ଆଦିବାସୀମାନେ ବାସହରା ହୋଇଯିବେ।

## ଟେକାମାଡ଼ରେ...

ଏଥିରୁ କ୍ଷାନ୍ତ ରହିବାକୁ କହିବାରୁ ସୁରକ୍ଷା ବଳ ଓ ବିକ୍ଷୋଭକାରୀଙ୍କ ମଧ୍ୟରେ ଖଣ୍ଡଯୁଦ୍ଧ ହୋଇଥିଲା। ଉପଜିଲାପାଳ ଅବିନାଶ କୁମାର ମୌର୍ଯ୍ୟ ସେଠାରେ ପହଞ୍ଚିବା ପରେ ବିକ୍ଷୋଭକାରୀମାନେ ଅଧିକ ହିଂସ୍ର ହୋଇ ଉଠିଥିଲେ। ଉତ୍ତ୍ୟକ୍ତ ଲୋକେ ଅନେକ ଯାନବାହନରେ ନିଆଁ ଲଗାଇଦେଇଥିଲେ। ସେମାନଙ୍କ ଟେକାମାଡ଼ରେ ଗୁରୁତର ହୋଇଥିବା ସ୍ୟାନା ଥାନାର ଏସ୍‌ଏଚ୍‌ଓ ସୁବୋଧ କୁମାର ସିଂଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ପୋଲିସ ଆତ୍ମରକ୍ଷା ପାଇଁ ଭିଡ଼ ଉପରକୁ ଗୁଳି ଚଳାଇଥିଲା। ଗୁଳିମାଡ଼ରେ ୨୦ ବର୍ଷୀୟ ଯୁବକ ସୁମିତ ପ୍ରାଣ ହରାଇଛନ୍ତି। ଅସାମାଜିକଙ୍କୁ ଚିହ୍ନଟ କରି ଧରିବା ପାଇଁ ପୋଲିସର ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ତନାଘନା ଚଳାଇଛି। ସମ୍ପୃକ୍ତ ଅଞ୍ଚଳରେ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ କରାଯାଇଛି ବୋଲି ଏସ୍‌ଏସ୍‌ପି କେ.ବି. ସିଂ ଏବଂ ଜିଲାପାଳ ଅନୁଜ କୁମାର ଝା ସୂଚନା ଦେଇଛନ୍ତି।

ସେହିପରି କଠୁଆ ଜିଲାର ହୀରାନଗର ଅଞ୍ଚଳସ୍ଥିତ ପଠୱାଲ ଗ୍ରାମରେ ଗୋସୁରକ୍ଷା ଅଳରେ ଅନୁରୂପ ହିଂସା ଦେଖିବାକୁ ମିଳିଛି। ଏକ ଟ୍ରକ୍‌ରେ ବେଆଇନ ଭାବେ କେତେକ ଗାଈ ଓ ମଇଁଷି ଚାଲାଣ କରାଯାଉଥିବା ସ୍ଥାନୀୟ ଲୋକେ ପୂର୍ବାହ୍ନ ୧୧ଟାରେ ଜାଣିବାକୁ ପାଇଥିଲେ। ସେମାନେ ଜମ୍ମୁ-ପଠାନ୍‌କୋଟ୍ ଜାତୀୟ ରାଜପଥ ଅବରୋଧ କରି ଗୋରୁଙ୍କୁ ସୁରକ୍ଷିତ ଭାବେ ବାହାରକୁ ଉଦ୍ଧାର କରି ଆଣିଥିଲେ। ପରେ ସେମାନେ ରାମଲୀଳା ମଇଦାନରେ ଉକ୍ତ ଟ୍ରକ୍‌ରେ ନିଆଁ ଲଗାଇଦେଇଥିଲେ। ଟ୍ରକ୍‌ର ଡ୍ରାଇଭର ଓ ତାଙ୍କ ସହଯୋଗୀ ପ୍ରାଣବିକଳରେ ସେଠାରୁ ଫେରାର ହୋଇଯାଇଥିଲେ। ଉତ୍ତ୍ୟକ୍ତ ଲୋକଙ୍କୁ ଘଉଡାଇବା ପାଇଁ ପୋଲିସ ଲାଠିଚାର୍ଜ କରିବା ସହ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା। ଏଥିରେ କେତେଜଣ ଆହତ ହୋଇଛନ୍ତି। ଇତିମଧ୍ୟରେ ସାମ୍ବା ଜିଲାରେ ପୋଲିସ ୨ ଜଣ ଚାଲାଣକାରୀଙ୍କୁ ଗିରଫ କରିବା ସହ ୧୬ ଗୋରୁଙ୍କୁ ଉଦ୍ଧାର କରିଛି। ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଗୋଡ଼ହାତ...

ଦେଇ ଘରର କବାଟ ବାହାର ପଟୁ ବନ୍ଦ କରି ଦେଇଥିଲେ। ଘର ପୋଡି ଯାଉଥିବା ଦେଖି ଗ୍ରାମବାସୀ ନିଆଁ ଲିଭାଇବା ପାଇଁ ଉଦ୍ୟମ କରିବା ସହିତ ଦମକଳ ବାହିନୀକୁ ଖବର ଦେଇଥିଲେ। ପରେ ସେହି ଘର ଭିତରେ ପୋଡି ଯାଉଥିବା ଭାରତୀ ଓ ଝିଅର କରୁଣ ଚିତ୍କାର ଶୁଣି ଗ୍ରାମବାସୀ କବାଟ ଭାଙ୍ଗି ପ୍ରଥମେ ଶିଶୁକନ୍ୟାକୁ ଉଦ୍ଧାର କରିଥିଲେ । ଭାରତୀଙ୍କୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଉଦ୍ଧାର କରାଯାଇ ଦମକଳ ଗାଡିରେ କେନ୍ଦ୍ରାପଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ମାତ୍ର ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ମାର୍ଶାଘାଇ ଥାନାଧିକାରୀ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ମୃତ ଭାରତୀଙ୍କ ଭାଇ ରଶ୍ମିରଞ୍ଜନ ଦାସ ଏ ନେଇ ମାର୍ଶାଘାଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ଭାରତୀଙ୍କ ଶାଶୁ ସରସ୍ୱତୀ ସ୍ୱାଇଁ(୫୫), ବିବାହିତା ନଣନ୍ଦ ବାସନ୍ତୀ ସ୍ୱାଇଁ (୩୫) ,ଅବିବାହିତା ନଣନ୍ଦ ସୁକାନ୍ତି ସ୍ୱାଇଁ(୨୨)ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ କାଳନ୍ଦୀ ବେହେରା ପ୍ରକାଶ କରିଛନ୍ତି। ବାପଘରେ ରହୁଥିବା ଅନ୍ୟ ୨ ଜଣ ବିବାହିତା ନଣନ୍ଦ ଫେରାର ଅଛନ୍ତି। ଅଭିଯୁକ୍ତମାନଙ୍କ ବିରୋଧରେ ଆଇପିସିର ଦଫା ୪୯୮(ଏ), ୩୪୨,୩୨୬,୫୦୬, ୩୦୭,୩୦୪(ବି),୩୦୨ ,୩୪ ଏବଂ ଯୌତୁକ ନିରୋଧ ଆଇନର ୪ ଦଫାରେ ଏକ ମାମଲା ରୁଜୁ କରାଯାଇଛି। ଏହାର କେସ ନଂ ୨୦୭/୧୮ । ସୂଚନାଯୋଗ୍ୟ ଯେ, ଭାରତୀଙ୍କ ସ୍ୱାମୀ ଚେନ୍ନାଇରେ ରହି ଚାକିରି କରନ୍ତି ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜିର ଚନ୍ଦ୍ର ଧନ ସପ୍ତମାଧିପ ଶୁକ୍ରଙ୍କ ସାନ୍ନିଧ୍ୟରେ ବୈଷୟିକ ସୁଖ, ସମ୍ପଦର ଅଭିବୃଦ୍ଧି ଜନିତ ପ୍ରଫୁଲ୍ଲତା ଅନୁଭବ କରିବେ। ଦୂରଯାତ୍ରାର ସୁଯୋଗ ପାଇବେ। କର୍ମସ୍ଥାନରେ କେତୁଙ୍କ କୁପ୍ରଭାବରେ ଆଜିହିଁ ସମ୍ପନ୍ନ କରିବାକୁ ଭାଉଥିବା କାମଟିକୁ ଶେଷ କରିପାରିବେନି। ବାଣିଜ୍ୟ, ବ୍ୟବସାୟ, ବନ୍ଧୁଙ୍କ ଆଲୋଚନା ପ୍ରଭୃତି କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ।

**ବୃଷ**
ସ୍ୱଗୃହୀ ଶୁକ୍ର ପ୍ରଭାବରୁ ଦୈହିକ ସୁସ୍ଥତା ସାଙ୍ଗକୁ ମାନସିକ ସ୍ଥିତି ମଧ୍ୟ କେତେକାଂଶରେ ଭଲ ରହିବ। ଶୁକ୍ର ଯୁକ୍ତ ଚନ୍ଦ୍ର ହେତୁ ବିନୟ ପୂର୍ଣ୍ଣ କଥା କହି ପରିସ୍ଥିତିକୁ ହାଲୁକା କରିବେ । ଆର୍ଥିକ ଅଭିବୃଦ୍ଧି ସହ ବନ୍ଧୁମିଳନ ମାଧ୍ୟମରେ ଦିନଟି ଅତିବାହିତ କରିବେ। ତଥାପି ମତାନ୍ତର ଜନିତ କର୍ମ ଓ ପାରିବାରିକ କ୍ଷେତ୍ରରେ ସାମାନ୍ୟ ଅଶାନ୍ତି ଉପୁଜିପାରେ।

**ମିଥୁନ**
କର୍ମାଧିପ ପାପଗ୍ରହ ଯୋଗୁ ସାଧାରଣ କଥାକୁ କେନ୍ଦ୍ର କରି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। ଅପ୍ରିୟ ସତ୍ୟ ଭାଷଣରୁ ଦୂରେଇ ରୁହନ୍ତୁ। ଅନ୍ୟଥା ଆପଣ ହିଁ ସମସ୍ୟାର କେନ୍ଦ୍ରବିନ୍ଦୁ ହୋଇ ପଡିବେ। ଆଗାମୀ ମାଙ୍ଗଳିକ କିମ୍ବା ଆନୁଷ୍ଠାନିକ କାମ ସକାଶେ ତତ୍ପରତା ବଢ଼ିପାରେ। କଚେରି ମାମଲା କ୍ଷେତ୍ରରେ ନୈରାଶ୍ୟଜନକ ସ୍ଥିତି ଦୂରେଇଯିବ।

**କର୍କଟ**
କେନ୍ଦ୍ର ଓ କୋଣଭାବସ୍ଥ ଗ୍ରହମାନେ ଆପଣଙ୍କୁ ଉଚ୍ଚ ସମ୍ମାନ, ଭ୍ରମଣ ସୁଖ, ବନ୍ଧୁଙ୍କ ଆତିଥ୍ୟ ପ୍ରଦାନ କରି ଆପ୍ୟାୟିତ କରିବେ। ଅତି ନିକଟରେ ରହୁଥିବା ମିତ୍ରମାନେ କିଛି ପାଇବା ଆଶାରେ ପ୍ରଶଂସା ଗାନ କରିବେ। କ୍ରୀଡ଼ା, କଳା, ସାହିତ୍ୟ, ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ବିବାଦୀୟ କ୍ଷେତ୍ରରେ ସବୁ ଜାଣିଶୁଣି ସୁଦ୍ଧା ନୀରବ ରହିବାକୁ ବାଧ୍ୟ ହେବେ।

**ସିଂହ**
କର୍ମସ୍ଥାନ ପ୍ରତି ତିନୋଟି ଗ୍ରହଙ୍କ ପ୍ରତ୍ୟକ୍ଷଦୃଷ୍ଟି ଏକାଧାରରେ ଅର୍ଥ,ସମ୍ମାନ ଓ ନୂତନ ସମ୍ପର୍କ ସୃଷ୍ଟି କରିବ। ଅତୀତ ଘଟଣାଗୁଡିକର ସମୀକ୍ଷା କରି ଭାବବିହ୍ୱଳ ହେବା ସାଙ୍ଗକୁ ପ୍ରକୃତ ଉଦ୍ଦେଶ୍ୟକୁ ଉପସ୍ଥାପିତ କରିପାରିବେ ନାହିଁ। ଶିକ୍ଷା,ପରୀକ୍ଷା,ସାକ୍ଷାତକାର, ସାହିତ୍ୟ ସାଧନା, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**କନ୍ୟା**
ରାଶ୍ୟାଧିପ ବୁଧ ଦେବଗୁରୁଙ୍କ ସଙ୍ଗଲାଭ ଜନିତ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା କାରଣରୁ ସାମୟିକ ଖୁସି ରହିବେ। ଉପରିସ୍ଥଙ୍କ ଅନୁକମ୍ପାରୁ କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇ ପାରନ୍ତି। କ୍ରୀଡ଼ା, କଳା, ସଙ୍ଗୀତ, ଚଳଚ୍ଚିତ୍ର ପାଇଁ ଦିନଟି ଭଲ। ପଡୋଶୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାଇ ବିବାଦ ଭିତରକୁ ଟାଣି ହୋଇ ପାରନ୍ତି।

**ତୁଳା**
ଗୁରୁ କ୍ଷେତ୍ରସ୍ଥ ଶନି ହେତୁ ପାରିବାରିକ ସଦ୍ଭାବ ଅକ୍ଷୁଣ୍ଣ ରହିବ ମାତ୍ର ନିଜକୁ ଟିକିଏ ନରମି କହିବାକୁ ପଡିପାରେ । ବନ୍ଧୁ ପ୍ରତିଶ୍ରୁତି ରକ୍ଷାକରି ଠିକ୍ ସମୟରେ ଆସିବେ ଏବଂ ଆପଣଙ୍କ କାମରେ ସହଯୋଗ ମଧ୍ୟ କରିବେ । ନିର୍ମାଣ କିମ୍ବା କୌଣସି ଗୁରୁତ୍ୱପୂର୍ଣ୍ଣ କାମରେ ଟଙ୍କା, ପଇସାର ଘୋର ଅଭାବ ପରିଲକ୍ଷିତ ହୋଇପାରେ ।

**ବିଛା**
କୃଷ୍ଣପକ୍ଷର ଦ୍ୱାଦଶ ଚନ୍ଦ୍ର କଲ୍ୟାଣକାରକ ହେତୁ ଯାତ୍ରା ଫଳପ୍ରଦ ହେବ । କିନ୍ତୁ ଲୋକସମ୍ପର୍କ ବୃଦ୍ଧି ପାଇବାରେ ନିଜ ଲୋକମାନେହିଁ ପ୍ରତିବନ୍ଧକ ସୃଷ୍ଟି କରିପାରନ୍ତି। ଅଫିସ୍‌ରେ ଥିବା ସମୟରେ ବନ୍ଧୁ ମାନଙ୍କ ବିଷୟରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ । ଘରୋଇ ସମସ୍ୟା ଆଲୋଚନା ପ୍ରସଙ୍ଗରେ ପର କଥାରେ ପଡି ଘର ଲୋକ ମାନଙ୍କୁ ଭୁଲ୍ ବୁଝି ପାରନ୍ତି।

**ଧନୁ**
ଭାଗ୍ୟାଧିପତି ରବିଙ୍କ ସହ ଦେବଗୁରୁ ଦ୍ୱାଦଶସ୍ଥ ଯୋଗୁ ବନ୍ଧୁମାନଙ୍କ ଆହ୍ୱାନକ୍ରମେ କୌଣସି ଶୁଭକାର୍ଯ୍ୟରେ ଯୋଗଦେବାର ସୂଚନା ରହିଛି । ରାଜନୀତି, ପ୍ରକାଶନ, ପ୍ରଶାସନ, ଗବେଷଣା ଓ ଆନୁଷ୍ଠାନିକ କାର୍ଯ୍ୟ ସକାଶେ ସମୟ ଦେଇପାରନ୍ତି। ସାହିତ୍ୟ, ଗବେଷଣା, ସଭାସମିତିରେ ସୁନାମ ଅର୍ଜନ କରିବେ। ଅର୍ଥ ସମ୍ପର୍କ ଓ ପାରିବାରିକ କ୍ଷେତ୍ର ପୂର୍ବବତ୍ ଅକ୍ଷୁଣ୍ଣ ରହିବ।

**ମକର**
କେତୁ ଓ ମଙ୍ଗଳଙ୍କ ସ୍ଥାନ ସ୍ଥିତି ପ୍ରଭାବରେ ଆପଣଙ୍କ କଥା ଓ କାମରେ ତାଳମେଳ ରହି ନ ପାରେ। ପ୍ରତ୍ୟେକ କ୍ଷେତ୍ରରେ ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ। କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିପାରନ୍ତି। ବ୍ୟବସାୟ ଓ ପରିବହନରେ ଝଗଡା ଲାଗିପାରେ ମାତ୍ର ସଭାସମିତି, ଆଲୋଚନାରୁ ଶୁଭଫଳ ପାଇବେ।

**କୁମ୍ଭ**
ପାରିବାରିକ ସମସ୍ୟାରେ ସମାଧାନର ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ଭୁଲ୍ ବୁଝାମଣା ଓ ସନ୍ଦେହ ବୃଦ୍ଧି ପାଇବା କାରଣରୁ ନିଷ୍ପତ୍ତି ନେବାରେ ବହୁତ ସମୟ ଲାଗିପାରେ। ଯାତ୍ରା ସମୟରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ। ଅନ୍ୟଥା ପରେ ଅନୁତାପ କରିବାକୁ ପଡିବ। ବ୍ୟବସାୟ,ସଭାସମିତି, ନୂତନ କର୍ମାରମ୍ଭ ପାଇଁ ଅସୁବିଧା ହେବନାହିଁ।

**ମୀନ**
ରାଶି ଓ ରାଶ୍ୟାଧିପତିଙ୍କ ଗୁଣଧର୍ମ ଅନୁଯାୟୀ ନିଜେ କଷ୍ଟ ସ୍ୱୀକାର କଲେ ମଧ୍ୟ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ସ୍ୱାର୍ଥ ସାଧନର ମସୁଧା କରି ଭଲ୍ ସମ୍ପର୍କ ଥିବା ବନ୍ଧୁ ଅସୁବିଧାରେ ପକାଇପାରନ୍ତି। ଅଧିକାଂଶ ସମୟରେ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ। କଳା,ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିବେ।

ଆଜି ମାର୍ଗଶିର କୃଷ୍ଣ ଦ୍ୱାଦଶୀ ଯୁକ୍ତ ତ୍ରୟୋଦଶୀ ମଙ୍ଗଳବାର, ଡିସେମ୍ବର ୪ ତାରିଖ, ଭାରତୀୟ ନୌସେନା ଦିବସ, ଦିବା ଘ୯।୧୪ମି. ଗତେ, ରାଶି ନକ୍ଷତ୍ର-ସ୍ୱାତୀ/ତୁଳା, ମକର ରାଶିର ଘାତବାର, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ତ୍ରୟୋଦଶୀର ପାର୍ବଣ ଶ୍ରାଦ୍ଧ,ଦିବା ଘ୮।୫୬ମି. ଗତେ ଘ୧୦।୧୬ମି. ମଧ୍ୟେ, ଘ୧୧।୩୭ମି. ଗତେ ଘ୧।୦୦ମି. ମଧ୍ୟେ ଅମୃତବେଳା। ଦିବା ଘ୧୦।୧୬ମି. ଗତେ ଘ୧୧।୩୭ମି. ମଧ୍ୟେ, ଘ୨।୨୦ମି. ଗତେ, ଘ୩।୪୦ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୨।୧୯ମି. ଗତେ ଘ୩।୪୨ମି. ମଧ୍ୟେ ରାହୁକାଳ।



ଏକ୍ସପେଣ୍ଡିଚର ସଚିବ ଅଜୟ ନାରାୟଣ ଝା ସୋମବାର ନୂଆ ଅର୍ଥ ସଚିବ ଭାବେ ନିଯୁକ୍ତ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟର ନିଯୁକ୍ତି କମିଟି ତାଙ୍କ ନିଯୁକ୍ତିକୁ ଅନୁମୋଦନ ପ୍ରଦାନ କରିଛି। ୧୯୮୧ ବ୍ୟାଚ୍ ଗୁଜରାଟ କ୍ୟାଡର ଆଇଏଏସ୍ ଅଧିକାରୀ ହସମୁଖ ଆଧିଆ ଏହି ପଦବୀରୁ ନଭେମ୍ବର ୩୦ରେ ଅବସର ଗ୍ରହଣ କରିଥିଲେ। ଝା ୧୯୮୨ ମସିହା ମଣିପୁର ତ୍ରିପୁରା କ୍ୟାଡର ଆଇଏଏସ୍ ଅଧିକାରୀ।






**ସଂକ୍ଷେପରେ**

## ବିଜୟ ଓ ଦିଲୀପଙ୍କ ଦଳ ଛାଡ଼ିବା ପ୍ରସଙ୍ଗରେ ମତ ରଖିଲେ ଧର୍ମେନ୍ଦ୍ର

## ଦଳ ଉପରେ ପ୍ରଭାବ ପଡ଼ିବ ନାହିଁ

ଭୁବନେଶ୍ୱର, ୩।୧୨(ବ୍ୟୁରୋ): ଭାଜପାର ଦୁଇ ବରିଷ୍ଠ ନେତା ବିଜୟ ମହାପାତ୍ର ଏବଂ ଦିଲୀପ ରାୟଙ୍କ ଦଳ ଛାଡିବା ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭିନ୍ନ ଢଙ୍ଗରେ ସମାଲୋଚନା କରି କହିଛନ୍ତି ଯେ, ରାଜନୀତିରେ କିଏ କେଉଁଠିକୁ ଯିବ କାହାକୁ କେହି ରୋକିପାରିବେ ନାହିଁ। ଏହା ନିଜସ୍ୱ ବିଷୟ। ପ୍ରସଙ୍ଗ କେବେ ବ୍ୟକ୍ତି ହୁଏ ନାହିଁ। ବିଚାରଧାରା ଓ ଦଳ ହିଁ ସବୁବେଳେ ପ୍ରସଙ୍ଗ ହୋଇଥାଏ। ଓଡିଶାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଶ୍ୱସନୀୟତା ବଢିଛି। ଅତୀତରେ ବହୁଲୋକଙ୍କୁ ସେବା କରିବାକୁ ସୁଯୋଗ ମିଳିଛି, ମାତ୍ର ସେମାନେ ଓଡିଶାକୁ ପଛକୁ ନେଇଛନ୍ତି। ଭାଜପା ତା'ର ନୀତି, ନେତୃତ୍ୱ ଆଧାରରେ ଲୋକମାନଙ୍କ ପାଖକୁ ଯିବ। ମତେ କିଏ ବ୍ୟକ୍ତିଗତ ଆକ୍ଷେପ କଲେ ମୁଁ ତା'ର ଉତ୍ତର ରଖିବିନି। ମୋର ସଂସ୍କାର ଓ ଶାଳୀନତା ଅଛି। କିଏ ଦଳ ଛାଡିଲେ ତାହା ୧୨୦ ମିଶନ୍ ଉପରେ କୌଣସି ପ୍ରଭାବ ପଡିବନାହିଁ ବୋଲି ଧର୍ମେନ୍ଦ୍ର କହିଛନ୍ତି।

## ଟ୍ୱିନ ସିଟି ପୋଲିସ କମିଶନରଙ୍କୁ ଭେଟିଲେ ଦିଲ୍ଲୀ ପୋଲିସ କମିଶନର

ଭୁବନେଶ୍ୱର,୩।୧୨ (ବ୍ୟୁରୋ)- ଟ୍ୱିନ ସିଟି ପୋଲିସ କମିଶନର ସତ୍ୟଜିତ୍ ମହାନ୍ତିଙ୍କୁ ଭୁବନେଶ୍ୱରରେ ସାକ୍ଷାତ୍ କରିଛନ୍ତି ଦିଲ୍ଲୀ ପୋଲିସ କମିଶନର ଅମୂଲ୍ୟ ପଟ୍ଟନାୟକ। ଅପରାହ୍ନ ପ୍ରାୟ ୨ଟା ସମୟରେ ଦିଲ୍ଲୀ ପୋଲିସ କମିଶନର ପଟ୍ଟନାୟକ ଭୁବନେଶ୍ୱର ବିମାନ ବନ୍ଦରରେ ଓହ୍ଲାଇବା ପରେ କମିଶନରେଟ ପୋଲିସ ମୁଖ୍ୟାଳୟକୁ ଆସିଥିଲେ। ଦୀର୍ଘ ଏକ ଘଣ୍ଟା ଧରି ଦୁହେଁ ଅପରାଧ ନିୟନ୍ତ୍ରଣ ଓ ଅନ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷ କରି ଦିଲ୍ଲୀରେ ଥିବା ବସ୍ତିକୁ ଅପରାଧ ମୁକ୍ତ କରାଯିବା ପାଇଁ କ'ଣ ସବୁ ବ୍ୟବସ୍ଥା କରାଯାଇଛି ସେନେଇ ପୋଲିସ କମିଶନର ସତ୍ୟଜିତ ପଚାରି ବୁଝିଥିଲେ। ଅପରାଧ ନିୟନ୍ତ୍ରଣ ପାଇଁ ବସ୍ତିରେ ନିୟମିତ ଭାବେ ବୈଠକ କରିବା, ବସ୍ତି ପିଲାଙ୍କୁ ସ୍କିଲ୍ ଡେଭେଲପମେଣ୍ଟ ଶିକ୍ଷା ଦେବା ଓ ବସ୍ତିରେ ସଂଗଠନ କରିବା ଆଦି କରାଯାଉଥିବା ଦିଲ୍ଲୀ କମିଶନର କହିଥିଲେ। ଆଲୋଚନା ପରେ ଦିଲ୍ଲୀ ପୋଲିସ କମିଶନର ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ପୁରୀ ଯାଇଥିଲେ। ଏନେଇ ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କହିଛନ୍ତି, ଏହି ସାକ୍ଷାତକାର ଅନୌପଚାରିକ ଥିଲା। ମୁଁ ତାଙ୍କ ଜୁନିୟର ହୋଇଥିବାରୁ ସେ ମୋତେ ବହୁ ଭଲ ପାଆନ୍ତି। ବିଶେଷ କରି ଦିଲ୍ଲୀର ଅପରାଧ ନିୟନ୍ତ୍ରଣ ସମ୍ପର୍କରେ ତାଙ୍କ ସହ ଆଲୋଚନା କରି କିଛିଟା ଜାଣିବାକୁ ମିଳିଲା। ତେଣୁ କେତେକ ନିୟମ ରାଜଧାନୀରେ କାର୍ଯ୍ୟକାରୀ କରିବା ପାଇଁ ଯୋଜନା ରହିଥିବା କମିଶନର ମହାନ୍ତି କହିଛନ୍ତି।






■ପଟ୍ଟାମୁଣ୍ଡାଇ-ରାଜନଗର ଧାନକିଣା ଦୁର୍ନୀତି ପ୍ରସଙ୍ଗ

# ସୂର୍ଯ୍ୟଙ୍କୁ ଅଂଶୁମାନଙ୍କ ନୋଟିସ

■କ୍ଷମା ନ ମାଗିଲେ କରିବେ ମାନହାନି ମାମଲା

ଭୁବନେଶ୍ୱର,୩।୧୨(ବ୍ୟୁରୋ)

ପଟ୍ଟାମୁଣ୍ଡାଇ, ରାଜନଗର ନିର୍ବାଚନ ମଣ୍ଡଳୀରେ ଧାନ କିଣା ଦୁର୍ନୀତି ବେଳକୁବେଳ ସରଗରମ ହେବାରେ ଲାଗିଛି। ଏହି ଦୁର୍ନୀତିକୁ ନେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ଗଣମାଧ୍ୟମରେ ଦେଇଥିବା ବୟାନକୁ ରାଜନଗର କଂଗ୍ରେସ ବିଧାୟକ ଅଂଶୁମାନ ମହାନ୍ତି କଡ଼ା ବିରୋଧ କରିଛନ୍ତି। ତାଙ୍କ ବିରୋଧରେ ଓ ପରିବାର ସଦସ୍ୟଙ୍କ ବିରୋଧରେ ପାତ୍ର ଆଣିଥିବା ଅଭିଯୋଗକୁ ଅଂଶୁମାନ ଖଣ୍ଡନ କରିବା ସହ ମନ୍ତ୍ରୀଙ୍କ ବିରୋଧରେ ମାନହାନି ମକଦ୍ଦମା କରିବାକୁ ସୋମବାର ଲିଗାଲ ନୋଟିସ ପଠାଇଛନ୍ତି। ଅଂଶୁମାନ କହିଛନ୍ତି ଯେ, ଅଭିଯୁକ୍ତଙ୍କୁ ଘଷ୍ଟ ଘୋଡ଼ାଇବା ପାଇଁ ମନ୍ତ୍ରୀ ଏଭଳି ମନଗଢ଼ା କଥା କହିଛନ୍ତି। ଡିସେମ୍ବର ୧ରେ ମନ୍ତ୍ରୀ ଧାନକିଣା ଦୁର୍ନୀତି ସମ୍ପର୍କରେ ଗଣମାଧ୍ୟମକୁ କହିଥିଲେ କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ(ସିଏଜି) ରିପୋର୍ଟରେ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ, ରାଜନଗରରେ ଯେଉଁ ଧାନ କିଣା ଦୁର୍ନୀତି ହୋଇଛି ସେଥିରେ ଅଂଶୁମାନଙ୍କ ପରିବାରର ସଦସ୍ୟମାନେ ସମ୍ପୃକ୍ତ ଅଛନ୍ତି। ମନ୍ତ୍ରୀଙ୍କ ଏଭଳି ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ଓ ମନଗଢ଼ା। ବିଜେଡି ଜିଲା ସଭାପତିଙ୍କୁ ଘଷ୍ଟ ଘୋଡ଼ାଇବାକୁ ମନ୍ତ୍ରୀ ଏଭଳି ଅସତ୍ୟ ମନ୍ତବ୍ୟ ଦିଆଯାଇଛି। ମନ୍ତ୍ରୀ ପାତ୍ର ମୋ ବିରୋଧରେ ଆଣିଥିବା ଅଭିଯୋଗ ପ୍ରମାଣ କରନ୍ତୁ ବୋଲି ଅଂଶୁମାନ ଚ୍ୟାଲେଞ୍ଜ କରିଛନ୍ତି। କେଉଁ ସିଏଜି ରିପୋର୍ଟରେ ଉଲ୍ଲେଖ ରହିଛି ତାହା ପ୍ରମାଣିତ କରନ୍ତୁ। ଯଦି ପ୍ରମାଣ କରି ଦେବେ ସବୁଦିନ ପାଇଁ ସେ ରାଜନୀତି ଛାଡ଼ି ଦେବେ ବୋଲି କହିଛନ୍ତି। ଯଦି ପ୍ରମାଣିତ ନ କରି ପାରିବେ ତେବେ ମନ୍ତ୍ରୀ ନିଜେ ରାଜନୀତିରୁ ସନ୍ନ୍ୟାସ ନେବାକୁ ପ୍ରସ୍ତୁତ ହୁଅନ୍ତୁ। ପାତ୍ର ମୋର ଭାବମୂର୍ତ୍ତିକୁ ଜନମାନସରେ କ୍ଷୁଣ୍ଣ କରିଛନ୍ତି। ଏ ନେଇ କ୍ଷମା ପ୍ରାର୍ଥନା କରନ୍ତୁ ନଚେତ୍ ମନ୍ତ୍ରୀଙ୍କ ନାମରେ ମାନହାନି ମକଦ୍ଦମା କରିବେ ବୋଲି ସେ ଚେତାବନୀ ଦେଇଛନ୍ତି।

## ଅର୍ଥ ସଚିବଙ୍କୁ ଭେଟିଲେ ଓଡ଼ିଶା ଟିକସ ଓ ଆକାଉଣ୍ଟ ସେବା ସଂଘ

ଭୁବନେଶ୍ୱର, ୩।୧୨(ବ୍ୟୁରୋ): ରାଜ୍ୟ ସରକାରଙ୍କ ନବ ନିଯୁକ୍ତ ଅର୍ଥ ସଚିବ ଅଶୋକ ମୀନା ଇତିମଧ୍ୟରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଆଗାମୀ ଦିନରେ ବଜେଟ୍ ଆସିବାକୁ ଥିବାରୁ ତାଙ୍କ ଉପରେ ଗୁରୁଦାୟିତ୍ୱ ରହିବ। ସେହିକ୍ରମରେ ସୋମବାର ଓଡ଼ିଶା ଟିକସ ଓ ଆକାଉଣ୍ଟସ ସେବା ସଂଘର କର୍ମକର୍ତ୍ତା ଅର୍ଥସଚିବଙ୍କୁ ଭେଟିଛନ୍ତି। ସେବା ସଂଘର ସଭାପତି ଧୀରେନ୍ଦ୍ର ସୁନ୍ଦର ଦାସ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଛନ୍ତି। ଧୀରେନ୍ଦ୍ରଙ୍କ ସହିତ ଉକ୍ତ ପ୍ରତିନିଧି ଦଳରେ ପଞ୍ଚାନନ ବେହେରା, ଜୟନ୍ତ କୁମାର ପତି ଓ ଗଣେଶ୍ୱର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ନୂଆ ଯୋଜନା ପୀଠ

■ପ୍ରତିମାସର ୧୫ ରୁ ୨୦ ଯାଏ ହେବ କ୍ୟାମ୍ପ

■ଶ୍ରେଷ୍ଠ ପଞ୍ଚାୟତକୁ ମିଳିବ ୫ ଲକ୍ଷ

ଭୁବନେଶ୍ୱର,୩।୧୨(ବ୍ୟୁରୋ)

ବିଭିନ୍ନ ଜନହିତକର ଯୋଜନା ବିଷୟରେ ସଚେତନତା ସୃଷ୍ଟି କରିବା ସହ ବ୍ୟକ୍ତିଗତ କିମ୍ବା ସାମାଜିକ ଲାଭ ଆବଣ୍ଟନରେ ସ୍ୱଚ୍ଛତା ଆଣିବା ନିମନ୍ତେ ରାଜ୍ୟ ସରକାର ଆରମ୍ଭ କରିଛନ୍ତି (ପିପୁଲ୍‌ସ ଏମ୍‌ପାୱାରମେଣ୍ଟ, ଏନବଲିଂ ଟ୍ରାନ୍ସପାରେନ୍ସି ଆଣ୍ଡ ଆକାଉଣ୍ଟେବିଲିଟି ଅଫ୍ ଓଡ଼ିଶା ଇନ୍‌ସିଏଟିଭସ୍) ପୀଠ। ପୂର୍ବରୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ଥ୍ରୀ-ଟି(ଟେକ୍ନୋଲୋଜି, ଟ୍ରାନ୍ସପାରେନ୍ସି ଏବଂ ଟିମ୍ ୱାର୍କ)ର ଏହା ଏକ ଅଂଶବିଶେଷ ହେବ। ଆମ ଗାଁ ଆମ ବିକାଶର ଏହା ଏକ ଉପଯୋଜନା। ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଯୋଜନାର ବିଧିବଦ୍ଧ ଘୋଷଣା କରିଛନ୍ତି। ଚଳିତ ମାସରୁ ଏହି ଯୋଜନା ଆରମ୍ଭ କରାଯିବ। ପଞ୍ଚାୟତ ସ୍ତରରେ ପ୍ରତ୍ୟେକ ମାସର ୧୫ରୁ ୨୦ ତାରିଖ ଯାଏ କ୍ୟାମ୍ପ ଅନୁଷ୍ଠିତ ହେବ। ଏହି କ୍ୟାମ୍ପରେ ଆମ ଏଲଇଡି, ମିଶନ ଶକ୍ତିର ଫାଇଦା, ସାମାଜିକ ସୁରକ୍ଷା ଯଥା ମଧୁବାବୁ ପେନ୍‌ସନ୍ ଯୋଜନା, କଳାକାର ଭତ୍ତା, ନିର୍ମାଣ ଶ୍ରମିକ ଭତ୍ତା ଏବଂ ସ୍ଥାନୀୟ ଅଞ୍ଚଳର ଅନ୍ୟାନ୍ୟ ସୁବିଧା ସୁଯୋଗ ଆଦି ବିଷୟ ଆଲୋଚନା କରାଯାଇ ସମାଧାନ କରାଯିବ। ଏଥିସହିତ ବିଭିନ୍ନ ସରକାରୀ ଯୋଜନାର ଉପକାରିତା ବିଷୟରେ ଜନ ସଚେତନତା ସୃଷ୍ଟି କରାଯିବ। ବ୍ଲକସ୍ତରର ପର୍ଯ୍ୟବେକ୍ଷକମାନେ ଏହାର ତଦାରଖ କରିବେ। ସ୍ୱେଚ୍ଛାସେବୀ ସାମାଜିକ କର୍ମୀମାନେ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା କ୍ଷେତ୍ରରେ ସହାୟତା କରିବେ। ପୀଠ କାର୍ଯ୍ୟକାରୀ କରିବାରେ ବ୍ଲକର ଶ୍ରେଷ୍ଠ ପଞ୍ଚାୟତକୁ ପୁରସ୍କାର ସ୍ୱରୂପ ୫ ଲକ୍ଷ ଟଙ୍କା ପ୍ରଦାନ କରାଯିବ। କ୍ୟାମ୍ପ କାର୍ଯ୍ୟକାରୀ କରିବାରେ ଶ୍ରେଷ୍ଠ ପଞ୍ଚାୟତଗୁଡ଼ିକୁ ଜିଲାସ୍ତରରେ ପୁରସ୍କୃତ କରାଯିବ। ସେହିପରି ଶ୍ରେଷ୍ଠ ପଞ୍ଚାୟତ, ବ୍ଲକ ଓ ଜିଲାଗୁଡ଼ିକୁ ରାଜ୍ୟସ୍ତରରେ ସମ୍ବର୍ଦ୍ଧିତ କରାଯିବା ସହ ପୁରସ୍କାର ସ୍ୱରୂପ ସ୍ୱତନ୍ତ୍ର ପାଣ୍ଠି ଯୋଗାଇ ଦେବାକୁ ନିଷ୍ପତ୍ତି ହୋଇଛି।

# ଏମ୍‌ଏସ୍‌ଏମ୍‌ଇ- କ୍ୱାଲିଟି କାଉନ୍‌ସିଲ ଅଫ୍ ଇଣ୍ଡିଆ ମଧ୍ୟରେ ବୁଝାମଣା

ଭୁବନେଶ୍ୱର, ୩।୧୨(ବ୍ୟୁରୋ):



ଓଡ଼ିଶା ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ବିଭାଗ ଓ ଭାରତୀୟ ଗୁଣବତ୍ତା ପରିଷଦ (କ୍ୱାଲିଟି କାଉନ୍‌ସିଲ୍ ଅଫ୍ ଇଣ୍ଡିଆ) ମଧ୍ୟରେ ଜେଡ୍(ଜିରୋ ଇଫେକ୍ଟ ଜିରୋ ଡିଫେକ୍ଟ) ପ୍ରମାଣନ ଯୋଜନା ସମ୍ପର୍କିତ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କ ଉପସ୍ଥିତିରେ ଏହି ବୁଝାମଣା ପତ୍ରରେ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଲକ୍ଷ୍ମୀନାରାୟଣ ଗୁପ୍ତା ଏବଂ ଭାରତୀୟ ଗୁଣବତ୍ତା ପରିଷଦ ତରଫରୁ ଏହାର ମହାସଚିବ ରବି ପି. ସିଂହ ସ୍ୱାକ୍ଷର କରିଥିଲେ।

ଏହି ଅବସରରେ ମନ୍ତ୍ରୀ ସାମଲ କହିଛନ୍ତି ଯେ, ବିନିର୍ମାଣ କ୍ଷେତ୍ରରେ ଥିବା ଏମ୍‌ଏସ୍‌ଏମ୍‌ଇମାନେ ସେମାନଙ୍କର ଉତ୍ପାଦ ଓ ନିର୍ମାଣ ପଦ୍ଧତିରେ ଉନ୍ନତି ଆଣିବା ପାଇଁ ନିରନ୍ତର ପ୍ରଚେଷ୍ଟା ଜାରି ରଖିବା ଆବଶ୍ୟକ, ଯାହାଦ୍ୱାରା ସେମାନଙ୍କର ବିକ୍ରି, ରପ୍ତାନି ଏବଂ ଆୟରେ ବୃଦ୍ଧି ଘଟିବ। ଜେଡ୍ ପ୍ରମାଣନ ଯୋଜନା ଦ୍ୱାରା ସେମାନଙ୍କ ଉତ୍ପାଦର ଗୁଣାତ୍ମକମାନ ବୃଦ୍ଧି ଘଟିବ, ଯାହାଫଳରେ ଓଡ଼ିଶାର ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୁଡ଼ିକ ମଧ୍ୟରେ ବିଶ୍ୱବଜାରର ସମ୍ମୁଖୀନ ହେବା ପାଇଁ ପ୍ରତିଯୋଗୀ ମନୋଭାବ ସୃଷ୍ଟି ହେବ। ୨୦୧୮ ଅକ୍ଟୋବର ମାସ ସୁଦ୍ଧା ରାଜ୍ୟରେ ୩ଲକ୍ଷ ୮୩ ହଜାର ୮୯୮ଟି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ରହିଛି ବୋଲି ସାମଲ କହିଛନ୍ତି। ଏହି ଅବସରରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଗୁପ୍ତା କହିଛନ୍ତି ଯେ, ଭାରତୀୟ ଗୁଣବତ୍ତା ପରିଷଦ ଏମ୍‌ଏସ୍‌ଏମ୍‌ଇମାନଙ୍କୁ ଜେଡ୍ ପ୍ରମାଣନ ଯୋଜନାରେ ଆର୍ଥିକ ସହାୟତା ପ୍ରଦାନ କରୁଥିବା ପରିଚାଳନା ଓ କାର୍ଯ୍ୟାନ୍ୱୟନ ୟୁନିଟ୍ ଅଟେ। ଏଥିରେ ପଞ୍ଜୀକୃତ ହେବାପରେ ଏମ୍‌ଏମ୍‌ଏମ୍‌ଇମାନେ ନିଜର ଉତ୍ପାଦ ଓ ପଦ୍ଧତିରେ ଉନ୍ନତି ଆଣିବା ପାଇଁ ଉଦ୍ୟମ କରିବାକୁ ସୁଯୋଗ ପାଇପାରିବେ, ଯାହାଦ୍ୱାରା ଉଦ୍ୟୋଗମାନେ ଜେଡ୍ ମ୍ୟାଚୁରିଟି ଆସେସ୍‌ମେଣ୍ଟ ମଡେଲ୍‌ରେ କାଂସ୍ୟ, ରୌପ୍ୟ, ସ୍ୱର୍ଣ୍ଣ, ହୀରକ ଓ ପ୍ଲାଟିନମ୍ ବର୍ଗରେ ସାମିଲ ହୋଇପାରିବେ ବୋଲି ଗୁପ୍ତା କହିଛନ୍ତି। ଭାରତୀୟ ଗୁଣବତ୍ତା ପରିଷଦର ମହାସଚିବ ସିଂହ କହିଛନ୍ତି ଯେ, ଓଡ଼ିଶାରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର ସ୍ଥିତି ଉତ୍ସାହଜନକ। ପରିଷଦ ଜେଡ୍ ପ୍ରମାଣନ ଯୋଜନାର କାର୍ଯ୍ୟାନ୍ୱୟନ ନିମନ୍ତେ ଏମ୍‌ଏସ୍‌ଏମ୍‌ଇମାନଙ୍କୁ ସହାୟତା ପ୍ରଦାନ କରିବ ବୋଲି ସିଂହ କହିଛନ୍ତି।

ବେଲଟିକିରି ଶେଲ୍‌ଟର ହୋମ୍ ଘଟଣାକୁ ନେଇ ରାଜନୀତି

## ସବୁ ଶର୍ଟ ଷ୍ଟେ ହୋମ୍ ପରିଦର୍ଶନ କରିବ ଭାଜପା ମହିଳା ମୋର୍ଚ୍ଚା

ଭୁବନେଶ୍ୱର, ୩।୧୨(ବ୍ୟୁରୋ):

ବେଲଟିକିରିଠାରେ ଥିବା ଶେଲ୍‌ଟର ହୋମ୍‌ରେ ନାବାଳିକା ଯୌନ ନିର୍ଯାତନା ଏବଂ ଝିଅ ଚାଲାଣ ମାମଲା ଭାତହାଣ୍ଡିରୁ ଗୋଟିଏ ଚିପିଲା ସଦୃଶ। ପ୍ରଶାସନର ନାକତଳେ ବେଆଇନଭାବେ ଶେଲ୍‌ଟର ହୋମ ଚାଲୁଥିଲା, ଯେଉଁଠି ଛୋଟ ଛୋଟ ଝିଅ ଓ ପୁଅମାନଙ୍କ ସହ ବ୍ୟଭିଚାର କରାଯାଉଥିଲା, ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ସରକାର ଏବଂ ପ୍ରଶାସନର ପ୍ରୋତ୍ସାହନ ଯୋଗୁ ଆଦିବାସୀମାନଙ୍କୁ ଆଶ୍ରୟ ଦେବା ନାଁରେ ଧର୍ମ ପରିବର୍ତ୍ତନ କରାଯାଉଥିଲା। ଏସବୁ ସରକାରଙ୍କ ଜାଣତରେ ହେଉଥିଲା ନା ନାହିଁ ସେ ନେଇ ସ୍ପଷ୍ଟ ହେବା ଦରକାର ବୋଲି ଭାଜପା ପ୍ରଶ୍ନ ଉଠାଇଛି। ଏହାସହ ଖୁବ୍‌ଶୀଘ୍ର ରାଜ୍ୟରେ ଥିବା ୨୪ରୁ ଅଧିକ ଶର୍ଟ ଷ୍ଟେ ହୋମ୍‌ଗୁଡିକୁ ଭାଜପା ପ୍ରତିନିଧିମଣ୍ଡଳୀ ଗସ୍ତ କରି ଘଟଣାର ସତ୍ୟାସତ୍ୟ ଜାଣିବାକୁ ଚେଷ୍ଟା କରିବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପଟେ କଂଗ୍ରେସ ପକ୍ଷରୁ ମଧ ଏହି ଘଟଣାକୁ ନିନ୍ଦା କରାଯିବା ସହ ବିଭାଗୀୟ ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛି କଂଗ୍ରେସ। ଏହି ପ୍ରସଙ୍ଗରେ ପ୍ରଫୁଲ୍ଲ ସାମଲ କହିଛନ୍ତି ଯେ, ଘଟଣାର ତଦନ୍ତ ଚାଲିଛି। ଦୋଷୀଙ୍କୁ ଗିରଫ କରାଯାଇଛି। ଅନ୍ୟ କେଉଁଠି ଏଭଳି ଚାଲିଛି ତା'ର ମଧ ତଦନ୍ତ ହେଉଛି। ବିରୋଧୀ ଅଯଥା ରାଜନୀତି ନ କରନ୍ତୁ। ସେମାନଙ୍କ କଥାରେ ମୁଁ ଇସ୍ତଫା ଦେବି ନା କ'ଣ ବୋଲି ପ୍ରଫୁଲ୍ଲ କହିଛନ୍ତି।

■ଅର୍ଥ ବିଭାଗର ନୂଆ ଗାଇଡ୍‌ଲାଇନ

# ଏଣିକି ଅନ୍‌ଲାଇନ ବିଦ୍ୟୁତ୍ ବିଲ୍ ପୈଠ କରିବେ ସରକାରୀ କାର୍ଯ୍ୟାଳୟ

ଭୁବନେଶ୍ୱର, ୩।୧୨(ବ୍ୟୁରୋ):

ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ବିଦ୍ୟୁତ୍ ବିଲ୍ ନିୟମିତ ପୈଠ କରୁନାହାନ୍ତି। ଦୀର୍ଘଦିନ ଧରି ବକେୟା ପଡିରହିବା ସହିତ ବିଲ୍ ପୈଠ ରିହାତି ମଧ ମିଳୁନାହିଁ। ବର୍ଷ ବର୍ଷ ଧରି କେତେକ କାର୍ଯ୍ୟାଳୟ ମଧ ବିଦ୍ୟୁତ୍ ବିଲ୍ ପୈଠ କରିନାହାନ୍ତି। ଏହି ସମସ୍ୟାକୁ ଦୂର କରିବା ସକାଶେ ଅର୍ଥ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଗାଇଡ୍‌ଲାଇନ ଜାରି କରାଯାଇଛି। ଏଣିକି ସରକାରୀ କାର୍ଯ୍ୟାଳୟ ବିଲ୍‌ଗୁଡିକ ମାନୁଆଲ୍ ପରିବର୍ତ୍ତେ ଅନ୍‌ଲାଇନ ଇଣ୍ଟିଗ୍ରେଟେଡ ଫାଇନାନ୍ସିଆଲ ମ୍ୟାନେଜମେଣ୍ଟ ସିଷ୍ଟମ୍(ଆଇଏଫ୍‌ଏମ୍‌ଏସ୍) ମାଧ୍ୟମରେ ପୈଠ କରାଯିବ। ଡିଡିଓମାନେ ବିଲ୍ ସଂଗ୍ରହ ଓ ପୈଠକୁ ତଦାରଖ କରିବେ। ବିଦ୍ୟୁତ୍ ବଣ୍ଟନ କମ୍ପାନୀ ବିଲ୍ ସଂଗ୍ରହ ଓ ପୈଠ ନୋଡାଲ ଏଜେନ୍ସି(ଗ୍ରୀଡ୍‌କୋ) ଦ୍ୱାରା କରାଯିବ। ପ୍ରତ୍ୟେକ କାର୍ଯ୍ୟାଳୟ ବିଲ୍ ସିଧା ବିଭାଗୀୟ ମୁଖ୍ୟ ଦପ୍ତରକୁ ପଠାଯିବ। ବିଦ୍ୟୁତ୍ ବଣ୍ଟନ କମ୍ପାନୀଗୁଡିକର ଦେୟ ବ୍ୟାଙ୍କର ଇଲେକ୍ଟ୍ରୋନିକ ପ୍ଲାଟ୍‌ଫର୍ମ ଜରିଆରେ ପ୍ରଦାନ କରାଯିବ। ରିହାତି ପାଇବା ପାଇଁ ପ୍ରତ୍ୟେକ ମାସର ୧୦ତାରିଖ ସୁଦ୍ଧା ବିଲ୍ ପୈଠ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯଦି କୌଣସି କାର୍ଯ୍ୟାଳୟରେ ମିଟର ଖରାପ ଥିବ ବଣ୍ଟନ କମ୍ପାନୀର କମନ୍ ପୋର୍ଟାଲ ମାଧ୍ୟମରେ ଅଭିଯୋଗ କରାଯାଇପାରିବ। ୨୦୧୯ ଜାନୁୟାରୀ ପହିଲାରୁ ଆଇଏଫ୍‌ଏମ୍‌ଏସ୍ ପାଇଲଟ୍ ପ୍ରକଳ୍ପ ଆରମ୍ଭ ହେବ। ଫେବୃୟାରୀ ପହିଲାରୁ ସମସ୍ତ କାର୍ଯ୍ୟାଳୟରେ ଅନ୍‌ଲାଇନ ବିଦ୍ୟୁତ୍ ବିଲ୍ ପୈଠକୁ ବାଧ୍ୟତାମୂଳକ କରାଯିବ। କେଉଁ କାର୍ଯ୍ୟାଳୟ ପାଇଁ କେତେ ବିଦ୍ୟୁତ୍ ଆବଶ୍ୟକ ସେ ସମ୍ପର୍କରେ ବଣ୍ଟନ କମ୍ପାନୀଗୁଡିକ କମନ୍ ପୋର୍ଟାଲ ଜରିଆରେ ସରକାରଙ୍କୁ ଜଣାଇବେ। ଅନ୍‌ଲାଇନ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପୂର୍ବରୁ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ଦେବା ବ୍ୟବସ୍ଥା କରାଯିବ। ଏଥିସହିତ ବିଦ୍ୟୁତ ପୈଠ ଅନ୍‌ଲାଇନ ବ୍ୟବସ୍ଥା ଜାଣିବା ପାଇଁ ଟ୍ରେଜେରି ଅଫିସରମାନଙ୍କୁ ମଧ ତାଲିମ ଦିଆଯିବ।

## ଟ୍ରକ୍ ଧକ୍କାରେ ଆହତ ବାଇକ୍ ଚାଳକଙ୍କ ମୃତ୍ୟୁ

ଭୁବନେଶ୍ୱର,୩।୧୨ (ବ୍ୟୁରୋ) ଶହୀଦନଗର ଥାନା ଅଧୀନ ସତ୍‌ସଙ୍ଗ ବିହାର ନିକଟରେ ଏକ ଅଜଣା ଟ୍ରକ ଧକ୍କାରେ ଆହତ ବାଇକ୍ ଚାଳକଙ୍କ ସୋମବାର ମୃତ୍ୟୁ ଘଟିଛି। ସୂଚନା ମୁତାବକ ରବିବାର ରାତି ୧୧ଟା ବେଳେ ଢେଙ୍କାନାଳ ଜିଲାର କଡଲା ନାମକ ବ୍ୟକ୍ତି ବାଇକ୍‌ରେ ଜୟଦେବ ବିହାରରୁ ଚକେଇସିଆଣି ଫେରୁଥିଲେ। ସତ୍‌ସଙ୍ଗ ବିହାର ନିକଟରେ ଏକ ଟ୍ରକ କଡଲାଙ୍କୁ ଧକ୍କା ଦେଇ ଫେରାର ହୋଇ ଯାଇଥିଲା। ଶହୀଦନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନେଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା।


INDIAN PORT RAIL CORPORATION LTD
(A Govt. Of India Enterprise)
Under Ministry of Shipping

"Carting Of Concrete Sleepers From Kaipadar Road Station of East Coast Railway To Paradip Port"
Tender No. : IPRCL/BBS/T/PPT-BOT/2
DT 01/12/2018
OPEN TENDER, Estimated cost Rs 108 Lakh, Date of Opening 08-01-2019 For details, please visit www.iprcl.org


## ଶିଶୁଗୃହରେ ଯୌନ ନିର୍ଯାତନା ଘଟଣା ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ

ଭୁବନେଶ୍ୱର, ୩।୧୨ (ବ୍ୟୁରୋ)

ଢେଙ୍କାନାଳ ବେଲଟିକିରିସ୍ଥିତ 'ଗୁଡ ନ୍ୟୁଜ୍ ଇଣ୍ଡିଆ ଡ୍ରିମ୍ ସେଣ୍ଟର'ରେ ନାବାଳିକାଙ୍କୁ ଯୌନ ନିର୍ଯାତନା ଘଟଣା ପଦାକୁ ଆସିବା ପରେ ରାଜ୍ୟରେ ଆଲୋଡ଼ନ ସୃଷ୍ଟି ହୋଇଛି। ଏନେଇ ମାନବାଧିକାର କର୍ମୀ ପ୍ରଦୀପ ନାୟକ ସୋମବାର ଜାତୀୟ ମାନବିକ ଅଧିକାର କମିଶନ (ଏନଏଚଆରସି)ଙ୍କ ନିକଟରେ ଏକ ଅଭିଯୋଗ କରିଛନ୍ତି। ଏହି ଘଟଣା ପାଇଁ ଜିଲା ପ୍ରଶାସନ ଦାୟୀ ବୋଲି ପ୍ରଦୀପ ତାଙ୍କର ପିଟିସନରେ ଉଲ୍ଲେଖ କରିଛନ୍ତି। ୨୦୦୬ ମସିହାରୁ ଜୁଭେନାଇଲ ଜଷ୍ଟିସ (ଜେଜେ) ଆକ୍ଟକୁ କଡାକଡି ପାଳନ କରିବା ପାଇଁ ସୁପ୍ରିମ୍‌କୋର୍ଟ ଯେଉଁ ନିର୍ଦ୍ଦେଶ ଦେଇଥିଲେ ତାହାକୁ ଜିଲା ପ୍ରଶାସନ ପାଳନ କରିନାହିଁ। ତେଣୁ ସେ ଜିଲା ପ୍ରଶାସନକୁ ପକ୍ଷ କରିଛନ୍ତି। ସେ ଆହୁରି ମଧ ନିବେଦନ କରିଛନ୍ତି, ଉକ୍ତ ଶିଶୁଗୃହରେ ରହୁଥିବା ପିଲାମାନଙ୍କ ପାଠପଢା ଖର୍ଚ୍ଚ ରାଜ୍ୟ ସରକାର ବହନ କରନ୍ତୁ। ଏହି ଯୌନ ନିର୍ଯାତନା ଘଟଣାରେ ଅନେକ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବାରୁ ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ କମିଶନ ନିର୍ଦ୍ଦେଶ ଦେବା ପାଇଁ ସେ ନିବେଦନ କରିଛନ୍ତି।






■୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ କାମ ପାଇଁ ଟେଣ୍ଡର ନ ହେବା ପ୍ରସଙ୍ଗ

# କେନ୍ଦ୍ର ମନ୍ତ୍ରଣାଳୟର ନିୟମାବଳୀ ଅନୁସାରେ କରାଯାଇଛି: ବିଜେଡି

ଭୁବନେଶ୍ୱର, ୩।୧୨(ବ୍ୟୁରୋ): ରାଜ୍ୟ ସରକାର ପୂର୍ତ୍ତ ବିଭାଗର ୫୦ହଜାରରୁ ୫ଲକ୍ଷ ଟଙ୍କାର କାର୍ଯ୍ୟ ଲାଗି ଟେଣ୍ଡର ନ କରିବା ନିଷ୍ପତ୍ତିକୁ କେନ୍ଦ୍ର ପରିବହନ ଓ ରାଜପଥ ମନ୍ତ୍ରଣାଳୟର ଆର୍ଥିକ ନିୟମାବଳୀ ଅନୁସାରେ କରାଯାଇଛି। ମାତ୍ର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଲଟା ଓଡ଼ିଶା ସରକାରଙ୍କୁ ସମାଲୋଚନା କରିବା ଆଦୌ ସମୀଚୀନ ନୁହେଁ। ଏହାଦ୍ୱାରା ରାଜ୍ୟରେ ଦୁର୍ନୀତିକୁ ପ୍ରଶ୍ରୟ ଦିଆଯାଉଛି ବୋଲି ଧର୍ମେନ୍ଦ୍ର ଯେଉଁ ଅଭିଯୋଗ କରିଛନ୍ତି, ତାହା ସଂପୂର୍ଣ୍ଣ ମିଥ୍ୟା, କପୋଳକଳ୍ପିତ ଓ ଭିତ୍ତିହୀନ। ପ୍ରଥମେ ୫୦ହଜାରରୁ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ କାର୍ଯ୍ୟ ପାଇଁ ଟେଣ୍ଡର ହେଉଥିବା ମାନଦଣ୍ଡକୁ ପରିବର୍ତ୍ତନ କରି ଟେଣ୍ଡର ନ ଡାକିବା ଲାଗି କେନ୍ଦ୍ର ପରିବହନ ଓ ରାଜପଥ ମନ୍ତ୍ରଣାଳୟ ନିଷ୍ପତ୍ତି ଗ୍ରହଣ କରିଥିଲା। କେନ୍ଦ୍ର ସରକାରଙ୍କ ଉକ୍ତ ପଦକ୍ଷେପକୁ ଭିତ୍ତିକରି ରାଜ୍ୟ ସରକାର ମଧ୍ୟ ଏହାକୁ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଥିବା ବିଜେଡି ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି। ସେ ଆହୁରି କହିଛନ୍ତି ଯେ, କିନ୍ତୁ ତା'ପୂର୍ବରୁ ବିଧାନସଭାର ପବ୍ଲିକ୍ ଆକାଉଣ୍ଟସ କମିଟି (ପିଏସି)ର ମତାମତ ନିଆଯାଇଥିଲା, ଯେଉଁଥିରେ ବିଜେଡି ସମେତ କଂଗ୍ରେସ ଓ ଭାଜପା ବିଧାୟକମାନେ ଉପସ୍ଥିତ ଥିଲେ। ପିଏସି ମଧ ମାନଦଣ୍ଡ ପରିବର୍ତ୍ତନ ଲାଗି ସୁପାରିସ କରିଥିଲା। ପିଏସି ସୁପାରିସ ଓ କେନ୍ଦ୍ର ସରକାରଙ୍କ ଅର୍ଥନୈତିକ ମାନଦଣ୍ଡ ଭିତ୍ତିରେ ରାଜ୍ୟ ସରକାର ପୂର୍ତ୍ତ ବିଭାଗ କାର୍ଯ୍ୟ କ୍ଷେତ୍ରରେ ସଂଶୋଧନ ଆଣିଥିଲେ। ଅଧିକାଂଶ ସମୟରେ ଓଡ଼ିଶା ଗସ୍ତକରି ଧର୍ମେନ୍ଦ୍ର ବହୁତ ଦିନ ନଷ୍ଟ କରୁଛନ୍ତି ଓ ନିଜ କାର୍ଯ୍ୟରେ ଅବହେଳା କରୁଛନ୍ତି। ସେଥିପାଇଁ କେନ୍ଦ୍ରରେ ମନ୍ତ୍ରୀ ଥାଇ ମଧ ସେ ଏଭଳି ପରିବର୍ତ୍ତନ ସମ୍ପର୍କରେ ଅଦ୍ୟାବଧି ଅଜ୍ଞ ଅଛନ୍ତି। ଏହା ତାଙ୍କ ଅଜ୍ଞତାକୁ ପ୍ରଦର୍ଶନ କରୁଛି। ସେହିପରି ହତାଶ ହୋଇ ଓଡ଼ିଶାବାସୀଙ୍କୁ ମିଛ କହି ଭୁଲାଇବାର ଏହା ଅନ୍ୟତମ ଉଦ୍ୟମ ବୋଲି ସସ୍ମିତ କହିଛନ୍ତି।


**ଚକ୍ରଧରପୁର ଡିଭିଜନର ରେଳ ଷ୍ଟେଶନଗୁଡ଼ିକରେ ଅଟୋମେଟିକ୍ ଟିକେଟ୍ ଭେଣ୍ଡିଂ ମେଶିନ୍ (ଏଟିଭିଏମ୍)ରେ ମୁତୟନ ପାଇଁ ଫାସିଲିଟେଟର୍‌ଙ୍କ ନିଯୁକ୍ତି**

ଅଧିସୂଚନା ସଂ. କମର୍ସିଆଲ୍ ୮୦ୟୁଟିଏସ୍ ସେଲ୍/ଏଟିଭିଏମ୍ ଫାସିଲିଟେଟର୍/୧୧/୧୮ ତାରିଖ: ୩୦।୧୧।୨୦୧୮
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର୍ ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଏସ୍.ଇ. ରେଳପଥ, ଚକ୍ରଧରପୁର ଡିଭିଜନଙ୍କ ଦ୍ୱାରା ଏଟିଭିଏମ୍ ମାଧ୍ୟମରେ ଅଣସଂରକ୍ଷିତ ଟିକେଟ୍ ଜାରିକୁ ସୁବିଧାଜନକ କରିବା ପାଇଁ ଚକ୍ରଧରପୁର ଡିଭିଜନର ଆଠଟି ବିଭିନ୍ନ ଷ୍ଟେଶନରେ ଫାସିଲିଟେଟର୍‌ଙ୍କ ନିୟୋଜନ ଲାଗି ରେଳପଥର ଅବସରପ୍ରାପ୍ତ କର୍ମଚାରୀଙ୍କଠାରୁ ନିର୍ଦ୍ଧାରିତ ଫର୍ମାଟ୍‌ରେ କଉମୁଦଦିଆ ଦରଖାସ୍ତ ଆହ୍ୱାନ କରାଯାଉଛି।
ଚକ୍ରଧରପୁର ଡିଭିଜନର ନିମ୍ନଲିଖିତ ରେଳ ଷ୍ଟେଶନଗୁଡ଼ିକରେ ଏଟିଭିଏମ୍ ମାଧ୍ୟମରେ ଟିକେଟ୍ ଜାରି ନିମନ୍ତେ ଫାସିଲିଟେଟର୍‌ଙ୍କ ନିୟୋଜନ କରାଯିବାର ପ୍ରସ୍ତାବ ରହିଛି। ଷ୍ଟେଶନ, ଏଟିଭିଏମ୍‌ଗୁଡ଼ିକର ସଂଖ୍ୟା ଏବଂ ଆବଶ୍ୟକ ଫାସିଲିଟେଟରଙ୍କ ସଂଖ୍ୟା ନିମ୍ନ ଅନୁଯାୟୀ ହେବ:

| କ୍ର.ସଂ. | ସ୍ଥାନର ନାମ | ଏଟିଭିଏମ୍ ସଂଖ୍ୟା | ଫାସିଲିଟେଟରଙ୍କ ସଂଖ୍ୟା |
|---|---|---|---|
| ୧ | ଟାଟାନଗର | ୬ | ୦୩ |
| ୨ | ଆଦିତ୍ୟପୁର | ୨ | ୦୧ |
| ୩ | ଚକ୍ରଧରପୁର | ୪ | ୦୨ |
| ୪ | ରାଉରକେଲା | ୩ | ୦୨ |
| ୫ | ପାନପୋଷ | ୨ | ୦୧ |
| ୬ | ରାଜଗାଙ୍ଗପୁର | ୨ | ୦୧ |
| ୭ | ଝାରସୁଗୁଡ଼ା | ୩ | ୦୨ |
| ୮ | ବଡ଼ବିଲ | ୨ | ୦୧ |

ଆଗ୍ରହୀ ଅବସରପ୍ରାପ୍ତ ରେଳପଥ କର୍ମଚାରୀମାନେ ଏହାର ଫର୍ମକୁ ୱେବ୍‌ସାଇଟ୍: www.ser.indianrailways.gov.inରୁ ଡାଉନ୍‌ଲୋଡ୍ କରିପାରିବେ।
କଉମୁଦଦିଆ ଲଫାପାକୁ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଚକ୍ରଧରପୁରଙ୍କ କାର୍ଯ୍ୟାଳୟରେ ଏହି ଉଦ୍ଦେଶ୍ୟରେ ରଖାଯାଇଥିବା ବାକ୍ସରେ ତା୨୬।୧୨।୨୦୧୮ରିଖ ପୂର୍ବାହ୍ନ ୧୦.୩୦ ଘଟିକାରୁ ୧୩.୦୦ ଘଟିକା ମଧ୍ୟରେ ପକାଯାଇପାରିବ। ତା୨୬।୧୨।୨୦୧୮ରିଖ ୧୩.୦୦ ଘଟିକା ପରେ ପ୍ରାପ୍ତ ଦରଖାସ୍ତଗୁଡ଼ିକୁ ପ୍ରଶ୍ରୟ ଦିଆଯିବ ନାହିଁ। (PR-924)

ଦକ୍ଷିଣ ପୂର୍ବ ରେଳପଥ
ଆମେ ହର୍ଷର ସହିତ ସେବା କରୁ

ପ୍ରତ୍ୟେକ ଧର୍ମ ମନୁଷ୍ୟ ଜାତିକୁ ସାହାଯ୍ୟ କରିଛି। ପ୍ରତ୍ୟେକ ଧର୍ମ ମଧ୍ୟ କେତେକ ସଂଖ୍ୟକ ଆତ୍ମାକୁ ଉଦ୍ଧାର କରିଛନ୍ତି। କିନ୍ତୁ କୌଣସି ଧର୍ମ ଏ ପର୍ଯ୍ୟନ୍ତ ମନୁଷ୍ୟ ଜାତିକୁ ସାମଗ୍ରିକ ଭାବେ ଆଧ୍ୟାତ୍ମିକ ଭାବାପନ୍ନ କରି ପାରିନାହାନ୍ତି। ସେଥିପାଇଁ ପରମ୍ପରା ବା ପ୍ରଥାର ଆବଶ୍ୟକତା ନାହିଁ। ଆଧ୍ୟାତ୍ମିକ-ବିବର୍ତ୍ତନ ପାଇଁ ଏକ ନିରନ୍ତର ଓ ସର୍ବବ୍ୟାପୀ ପ୍ରୟାସର ଆବଶ୍ୟକତା ରହିଛି। - ଶ୍ରୀଅରବିନ୍ଦ

# ଫ୍ରାନ୍ସରୁ ଶିକ୍ଷା

ଫ୍ରାନ୍ସରେ ଦୀର୍ଘ ବର୍ଷ ପରେ ଦଙ୍ଗା ପରିସ୍ଥିତି ସୃଷ୍ଟି ହୋଇଛି। ଏହା ଆର୍ଥିକ ସଂସ୍କାରକୁ ବିରୋଧ କରାଯାଇ ହୋଇଥିବାରୁ ବ୍ୟାପକ ରୂପ ଧାରଣ କରିଛି। ଆକାଶଛୁଆଁ ଟିକସ ଯୋଗୁ ସାଧାରଣ ଲୋକଙ୍କ ପାଖରେ କ୍ରୟ କରିବାର ଶକ୍ତି ହ୍ରାସ ପାଇଛି। ଜନସାଧାରଣ ଏହାକୁ ଅନୁଭବ କରିବା ପରେ ଫରାସୀମାନେ ରାସ୍ତାକୁ ଓହ୍ଲାଇଛନ୍ତି। ଆର୍ଥିକ ଉଦାରୀକରଣ ଯୋଗୁ ଦେଶର ସ୍ଥିତି ସୁଦୃଢ଼ ହେବା ସହ ବେକାରି ସମସ୍ୟା ଦୂର କରିବାରେ ଏହା ସହାୟକ ହେବ ବୋଲି ରାଷ୍ଟ୍ରପତି ଇମାନ୍ୱେଲ ମାକ୍‌ରଁ ଯୁକ୍ତି ଦର୍ଶାଇଥିଲେ ମଧ୍ୟ ତାହା ଦେଶବାସୀଙ୍କ ଦ୍ୱାରା ଗ୍ରହଣୀୟ ହୋଇପାରି ନାହିଁ। ଫଳରେ ଗଣହିଂସାରେ କେବଳ ରାଜଧାନୀ ପ୍ୟାରିସ୍‌ରେ ୧୩୩ ଜଣଙ୍କ ସମେତ ଦେଶରେ ୨୬୦ ଆହତ ହୋଇଛନ୍ତି। ଅସଂଖ୍ୟ ଗାଡ଼ିମୋଟର ଓ ଦୋକାନରେ ନିଆଁ ଲଗାଇ ଦିଆଯାଇଥିବା ବେଳେ ଲୁଟତରାଜ ଘଟିଛି। ଜରୁରିକାଳୀନ ପରିସ୍ଥିତି ଉପୁଜିଥିବାରୁ ସେଠାରେ ବିରୋଧୀ ଓ ସାଧାରଣ ଲୋକ ଏକାଠି ହୋଇଯାଇଛନ୍ତି। ବିକ୍ଷୋଭକୁ ଅଗ୍ନି ସଂଯୋଗ କରୁଥିବା 'ୟେଲୋ ଜ୍ୟାକେଟ୍' ପରିହିତ ଆନ୍ଦୋଳନକାରୀମାନେ ରାଷ୍ଟ୍ରପତି ମାକ୍‌ରଁଙ୍କ ଇସ୍ତଫା ଦାବି କରିଛନ୍ତି।

ଫ୍ରାନ୍ସରେ ଆର୍ଥିକ ସଂସ୍କାର ବଡ଼ ବ୍ୟବସାୟିକ ପ୍ରତିଷ୍ଠାନ ଓ ଶିଳ୍ପପତିଙ୍କୁ ସୁହାଇଲା ଭଳି ହୋଇଥିବାରୁ ସାମଗ୍ରୀର ଦରବୃଦ୍ଧି ଲୋକଙ୍କୁ ହନ୍ତସନ୍ତ କରିଛି। ଟିକସ ଉପରେ ସରକାରଙ୍କ ନିୟନ୍ତ୍ରଣ ନ ରହିବା ଯୋଗୁ କରଦାତାଙ୍କ ଉପରେ ଅତ୍ୟଧିକ ବୋଝ ପଡ଼ିଛି। ଅତ୍ୟାବଶ୍ୟକ ସାମଗ୍ରୀ କିଣିବାକୁ ଯେତେବେଳେ ସାଧାରଣ ଲୋକ ପାଖରେ ଅର୍ଥର ଅଭାବ ଦେଖାଦେବ, ସେତେବେଳେ ଶାସନ ବିରୋଧରେ ସ୍ୱର ଉଠିବା ସ୍ୱାଭାବିକ। ଫ୍ରାନ୍ସ ଏବେ ସେଭଳି ପରିସ୍ଥିତିର ସମ୍ମୁଖୀନ ହୋଇଛି। ଏହି ପ୍ରେକ୍ଷାପଟରେ ଭାରତୀୟଙ୍କ ସ୍ୱଭାବକୁ ଦେଖାଯାଉ। ଭାରତୀୟମାନେ ସବୁଥିରେ ଚଳାଇ ନେବାର ମନୋଭାବ ଦେଖାଉଥିବାରୁ ଜନସାଧାରଣଙ୍କ ଅସନ୍ତୋଷ ଶାସନ ଓ ପ୍ରଶାସନକୁ ବ୍ୟଥିତ କରୁନାହିଁ। ଏଠାରେ ଫ୍ରାନ୍ସ ଭଳି ହିଂସାକାଣ୍ଡ ଉପୁଜାଇବାର ମାନସିକତାକୁ ପ୍ରୋତ୍ସାହନ ଦେବା ଆମର ଲକ୍ଷ୍ୟ ନୁହେଁ। କିନ୍ତୁ ସାମଗ୍ରିକ ଭାବେ ଏକ ଚାପ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏକଜୁଟ ହେବା କ୍ୱଚିତ୍ ଦେଖାଯାଉଛି। ଆର୍ଥିକ ସଂସ୍କାର ଯୋଗୁ କାହାର ବେଶି କ୍ଷତି ଘଟୁଛି ତାହାକୁ ସାଧାରଣରେ ଆକଳନ କରାଯାଇ ନ ଥାଏ। ଭାରତରେ କେବଳ କୃଷକମାନେ ଅନେକ ବର୍ଷ ପରେ ତାଙ୍କର ଦୟନୀୟ ପରିସ୍ଥିତିର ସମାଧାନ ଦାବି କରି ରାସ୍ତାକୁ ଓହ୍ଲାଇଛନ୍ତି। କିନ୍ତୁ ବମ୍ବେଠାରୁ ଭୁବନେଶ୍ୱର ପର୍ଯ୍ୟନ୍ତ କୌଣସି ସ୍ଥାନରେ ସେମାନଙ୍କୁ ସର୍ବନିମ୍ନ ସହଯୋଗ କିମ୍ବା ସହାନୁଭୂତି ମିଳୁ ନ ଥିବାର ଲକ୍ଷ୍ୟ କରାଯାଉଛି। ନିଜ ଉତ୍ପାଦିତ ଦ୍ରବ୍ୟର ଉଚିତ ମୂଲ୍ୟ ନ ପାଇବା ଓ ଦୈନନ୍ଦିନ ଚଳଣି ଅସହାୟ ସ୍ଥିତିକୁ ଆସିଥିବାରୁ ନଭେମ୍ବର ୩୦ରେ ଦେଶର ବିଭିନ୍ନ ଆଡୁ ଆସିଥିବା ଚାଷୀ ଦିଲ୍ଲୀରେ ବିକ୍ଷୋଭ ପ୍ରଦର୍ଶନ କଲେ। ଦୁର୍ଭାଗ୍ୟର ବିଷୟ, କୌଣସି ସରକାରୀ କର୍ତ୍ତୃପକ୍ଷ ସେମାନଙ୍କ ଦୁଃଖ ଶୁଣିବାକୁ ଆଗେଇ ଆସି ନ ଥିଲେ କି ସେମାନଙ୍କୁ କିଛି ଆଶ୍ୱାସନା ମିଳି ନ ଥିଲା। ୨୦୧୪ରେ କେନ୍ଦ୍ରରେ ଭାଜପା ସରକାର ଅବସ୍ଥାପିତ ହେବା ପରେ ଜଳସେଚନ ଓ କୃଷି ସମ୍ବନ୍ଧୀୟ ଭିତ୍ତିଭୂମି ବୃଦ୍ଧି ଲାଗି ଅନେକ ପ୍ରତିଶ୍ରୁତି ଦିଆଯାଇଛି। ପାର୍ଲାମେଣ୍ଟ ଓ ବାହାରେ କୃଷକଙ୍କ ଆୟ ୨୦୨୨ ସୁଦ୍ଧା ଦୁଇଗୁଣା ହେବ ବୋଲି ଯାହା କୁହାଯାଉଛି, ତାହା କେବଳ ନିର୍ବାଚନୀ ଚାଲ୍‌ରେ ପରିଣତ ହୋଇଛି। ଦେଶବ୍ୟାପୀ କୃଷକଙ୍କ ବିକ୍ଷୋଭ ଓ ଆତ୍ମହତ୍ୟା କୃଷି ସମ୍ବନ୍ଧୀୟ ଅବନତିର ଚିତ୍ର ପ୍ରଦର୍ଶନ କରୁଛି।

ସାଧାରଣ ଭାରତୀୟ ଶୋଷଣର ଶିକାର ହେଉଥିଲେ ମଧ୍ୟ ଠିକ୍ ଭାବେ ପ୍ରତିବାଦ କରିବାକୁ ଆଗେଇ ଆସି ନ ଥାନ୍ତି। ପ୍ରତ୍ୟେକଙ୍କ ଲକ୍ଷ୍ୟ ତାଙ୍କ ପାଇଁ ଆଉ କେହି ପଦକ୍ଷେପ ନିଅନ୍ତୁ। କିନ୍ତୁ ଜାତି, ଧର୍ମ ଓ ଈଶ୍ୱରଙ୍କୁ ନେଇ ଅସ୍ୱାଭାବିକ ପରିସ୍ଥିତି ଉପୁଜିଲେ ଅନେକେ ଏକାଠି ହୋଇଯାଇଥାଆନ୍ତି। ତାହାଦ୍ୱାରା ସେମାନଙ୍କ ଜୀବନଧାରଣ ମାନଦଣ୍ଡରେ ଅଭିବୃଦ୍ଧି ଘଟୁ ନାହିଁ। ବରଂ ଦଙ୍ଗା ଘଟାଇ ପରସ୍ପରର ଜୀବନ ନେଉଛେ। ଫ୍ରାନ୍ସରେ ସାଧାରଣ ଲୋକ ସ୍ୱତଃପ୍ରବୃତ୍ତ ରାସ୍ତାକୁ ଓହ୍ଲାଇବା ଦର୍ଶାଉଛି ଯେ ସେମାନେ ବାସ୍ତବତାକୁ ବୁଝି ଭୁଲ ନିଷ୍ପତ୍ତିକୁ ପ୍ରତିରୋଧ କରିବାକୁ ଆଗଭର। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଫ୍ରାନ୍ସ ଏକ ପ୍ରଥମ ବିଶ୍ୱ ବା ଉନ୍ନତିର ଶୀର୍ଷରେ ପହଞ୍ଚିଥିବା ଅନ୍ୟତମ ରାଷ୍ଟ୍ର। କିନ୍ତୁ ଇଜିପ୍ଟ ତୃତୀୟ ବିଶ୍ୱର ଦେଶ ହୋଇଥିଲେ ମଧ୍ୟ ସେଠାରେ ରାଜନୈତିକ ଓ ଅର୍ଥନୈତିକ ପରିସ୍ଥିତିରେ ପରିବର୍ତ୍ତନ ଆଣିବା ପାଇଁ 'ଆରବ ସ୍ପ୍ରିଙ୍ଗ୍' ଏକ ଯୁବ ଆନ୍ଦୋଳନ ହାସଲ କରିପାରିଥିଲା। ଭାରତରେ ସବୁବେଳେ କୁହାଯାଏ, ରାଜନୀତିକରଣ କରା ନ ଯାଉ। ଅପରପକ୍ଷରେ ଯେକୌଣସି ସମସ୍ୟାର ସମାଧାନ ସମ୍ପର୍କରେ ଆଲୋଚନା ଆରମ୍ଭ ହେବା ମାତ୍ରକେ ତାହା ରାଜନୈତିକ ଦୃଷ୍ଟିକୋଣରୁ କରାଯାଉଛି ବୋଲି କହି ରୋକିଦିଆଯାଏ। ଏହା ଫଳରେ ଦୀର୍ଘ ୭୦ରୁ ଊର୍ଦ୍ଧ୍ୱ ବର୍ଷ ବିତିଯାଇଥିବା ସତ୍ତ୍ୱେ ସ୍ୱାଧୀନ ଭାରତରେ ସାଧାରଣ ନାଗରିକ ଅର୍ଥନୈତିକ ଏବଂ ସାମାଜିକ ସ୍ତରରେ ଅସୁରକ୍ଷିତ ହୋଇରହିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୪ ଡିସେମ୍ବର ୧୯୯୩

- ବରିଷ୍ଠ କଂଗ୍ରେସ ନେତା ବୀରଭଦ୍ର ସିଂଙ୍କ ହିମାଚଳ ପ୍ରଦେଶର ନୂଆ ମୁଖ୍ୟମନ୍ତ୍ରୀ ରୂପେ ଶପଥ ଗ୍ରହଣ।
- ଦେଶରେ ରୁଗ୍‌ଣ ହୋଇପଡିଥିବା ବ୍ୟାଙ୍କର ଚାରି ହଜାର ଶାଖା ବନ୍ଦ କରିଦେବା ଲାଗି କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 6 | | | | 2 | | | D | 9 | 5 | | | 7 | 8 |
| | 5 | | D | | | 0 | 7 | | | | | | | |
| | | | | | A | | 5 | | | 6 | D | E | | |
| | D | | | | E | | | | | | | | | |
| C | | 8 | 3 | | 1 | | | | | B | | | 6 | |
| | | | | 1 | 8 | E | | | B | | | | A | 5 |
| | | 7 | | 9 | | 5 | | | | 0 | | | | D |
| 3 | | 4 | | | | 8 | | | 7 | | | | | B |
| E | | | 6 | | | D | | | | | | 1 | | |
| | | | 5 | | | | B | | | | 3 | 8 | 2 | C |
| 5 | | 3 | | | | | 0 | | | E | 4 | | 9 | |
| A | 2 | | 7 | | 0 | | 9 | | | | 6 | C | 8 | |
| | | 1 | | C | | | | 8 | | | 9 | 0 | 4 | 3 |
| B | | | | | | 2 | | | | 3 | | | | E |
| | | C | 4 | | | 1 | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | 5 | B | 9 | 8 | A | C | 1 | 7 | D | 4 | 6 | 3 | E | 2 |
| 9 | 7 | 1 | 3 | 2 | 6 | B | D | E | 8 | C | 5 | 0 | 4 | A |
| 4 | 8 | E | B | 5 | D | 0 | 2 | 3 | 7 | 1 | A | 6 | 9 | C |
| 6 | C | 2 | 0 | 4 | E | A | 8 | 5 | 9 | B | 3 | 7 | D | 1 |
| 3 | A | D | C | 7 | 1 | 6 | 9 | 4 | E | 2 | 0 | 5 | B | 8 |
| E | 4 | 5 | 2 | A | 9 | D | 0 | 6 | B | 7 | 1 | C | 8 | 3 |
| 8 | 2 | 0 | 6 | B | C | 5 | 4 | 9 | 3 | E | D | A | 1 | 7 |
| C | D | 7 | 8 | 3 | 5 | 1 | B | 2 | A | 6 | 9 | 4 | 0 | E |
| 1 | 6 | 9 | 4 | D | 7 | E | 3 | A | 0 | 8 | C | 2 | 5 | B |
| A | B | 3 | E | 1 | 0 | 8 | 7 | C | 4 | 5 | 2 | 9 | 6 | D |
| B | 0 | C | A | E | 4 | 2 | 6 | 8 | 5 | D | 7 | 1 | 3 | 9 |
| 2 | 9 | 6 | 7 | C | B | 4 | 5 | D | 1 | 3 | 8 | E | A | 0 |
| 5 | 3 | 4 | D | 9 | 8 | 7 | A | 1 | 2 | 0 | E | B | C | 6 |
| 7 | E | 8 | 1 | 0 | 3 | 9 | C | B | 6 | A | 4 | D | 2 | 5 |
| D | 1 | A | 5 | 6 | 2 | 3 | E | 0 | C | 9 | B | 8 | 7 | 4 |

ଗତକାଲିର ଉତ୍ତର

# ରାଜନୀତିରେ ଦୋମୁହାଁ ନୀତି



ବୈକୁଣ୍ଠନାଥ ମିଶ୍ର

ରାଜନୈତିକ ଦଳଗୁଡ଼ିକ ମିଶ୍ର ଚରିତ୍ରର ଅଧିକାରୀ। ସେମାନେ ପ୍ରାୟତଃ ଦୋମୁହାଁ ନୀତି ଅବଲମ୍ବନ କରିଥାନ୍ତି। ସରକାରରେ ଥିବାବେଳେ ଯାହାସବୁ ଅସୁନ୍ଦର, ଅନୀତି ବା ଅକରଣୀୟ ବୋଲି ନିନ୍ଦା କରନ୍ତି, ସରକାରରୁ ଯିବା ପରେ ସେସବୁ ସୁନ୍ଦର, ନୀତିପୂର୍ଣ୍ଣ ଓ କରଣୀୟ ହୋଇଯାଏ। ସେହିପରି ବିରୋଧୀଙ୍କ ଉକ୍ତି ଓ କୃତି ସରକାରକୁ ଆସିବା ପରେ ଆଶ୍ଚର୍ଯ୍ୟଜନକ ଭାବେ ବଦଳିଯାଏ। ଏହାର ଅନେକ ଉଦାହରଣ ଥିଲେ ମଧ୍ୟ ପ୍ରସଙ୍ଗ ଦୃଷ୍ଟିରୁ ସେଥିମଧ୍ୟରୁ ଅଳ୍ପ କିଛି ଏଠାରେ ଉପସ୍ଥାପନ କରାଯାଉଛି। ବିରୋଧୀ ଦଳଙ୍କ ଆହୂତ ବନ୍ଦକୁ ଶାସକ ଦଳ ଅଗଣତାନ୍ତ୍ରିକ କହୁଥିବା ବେଳେ ଘଟଣାକ୍ରମେ ଶାସକ ଦଳ କ୍ଷମତାରୁ ଯାଇ ବିରୋଧୀ ଆସନରେ ବସିବା ପରେ ସବୁ ଅନୀତି ନୀତିକୁ ରୂପାନ୍ତରିତ ହୋଇଯାନ୍ତି। କିଛିଦିନ ତଳେ କଂଗ୍ରେସ ଓ ତା' ସହଯୋଗୀ ଦଳଙ୍କ ଡାକରାରେ ଭାରତ ବନ୍ଦ ପାଳିତ ହୋଇଥିଲା। ଏହା ଯଦିଚ ତୈଳଦର ବୃଦ୍ଧି ପ୍ରତିବାଦ ପାଇଁ ଉଦ୍ଦିଷ୍ଟ ଥିଲା, ବାସ୍ତବରେ ଏହାର ଅନ୍ତର୍ନିହିତ କାରଣ ଭିନ୍ନ ଥିଲା। ୨୦୧୪ ନିର୍ବାଚନରେ ଜନମତ ଦ୍ୱାରା ପ୍ରତ୍ୟାଖ୍ୟାତ କଂଗ୍ରେସ ନିଜକୁ କ୍ରିୟାଶୀଳ ଓ ଜନହିତକାରୀ ବୋଲି ପ୍ରତିପାଦିତ କରିବାର ଏହା ଥିଲା ଅନନ୍ୟ ଅବସର। ବନ୍ଦ ସମର୍ଥକଙ୍କ ମତରେ ଏହା ଅଭୂତପୂର୍ବ ସଫଳତା ଲାଭ କରିଛି। ତୈଳଦର ବୃଦ୍ଧି ପ୍ରକାରାନ୍ତରେ ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ଘଟାଇଛି। ପରିବହନ ଓ ଯାତ୍ରୀଭଡ଼ା ବୃଦ୍ଧିର ଏହା ପ୍ରମୁଖ ଉତ୍ସ। ତେବେ ବର୍ତ୍ତମାନ ତୈଳଦର ହ୍ରାସ ପାଇଥିବାରୁ ବସ୍ ଭଡ଼ା କିଛି ପରିମାଣରେ ହ୍ରାସ ପାଇଛି, ଯଦିଚ ଅନ୍ୟାନ୍ୟ ଭଡ଼ା ଓ ଦର ପୂର୍ବବତ୍ ରହିଛି।

ଅନ୍ୟାୟର ପ୍ରତିବାଦ ଗଣତନ୍ତ୍ର ପାଇଁ ଶୁଭଙ୍କର। ସମ୍ବିଧାନର ୧୯ ଧାରା ଅନୁଯାୟୀ ଜନସାଧାରଣଙ୍କ ଅନ୍ୟତମ ମୌଳିକ ଅଧିକାର ହେଉଛି ସରକାରଙ୍କର ଜନବିରୋଧୀ ନୀତିକୁ ଶାନ୍ତିପୂର୍ଣ୍ଣ ଓ ସମ୍ମିଳିତ ବିରୋଧ କରିବା। ଏଥିରେ କୌଣସି ଅସ୍ତ୍ରଶସ୍ତ୍ରର ବ୍ୟବହାରକୁ ନିଷିଦ୍ଧ କରାଯାଇଛି। ଆନ୍ଦୋଳନ, ଧର୍ମଘଟ ଇତ୍ୟାଦି ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ଆଦୌ ଅସମୀଚୀନ ନୁହେଁ। ତୈଳଦର ଓ ରନ୍ଧନ ଗ୍ୟାସ ଦରବୃଦ୍ଧି ଅଗଣିତ ଆର୍ଥିକ ଅନଗ୍ରସରଙ୍କ ପାଇଁ ନିଶ୍ଚିତଭାବେ ଏକ ଦଣ୍ଡସ୍ୱରୂପ। ଏହା ଉଭୟ ଗୃହସ୍ଥ ଓ ଗୃହିଣୀଙ୍କ ଉପରେ ଏକ ଶକ୍ତ ପ୍ରହାର। ସାଧାରଣ ଲୋକଟିଏ ବୁଝେନାହିଁ ଅର୍ଥନୀତିର ଜଟିଳ ସମୀକରଣକୁ। ସେ କେବଳ ଏତିକି ଚାହେଁ ତା' ତେଲଲୁଣ ସଂସାରର ଚକ୍ର ଉଠାଣି ଗଡ଼ାଣି ଦେଇ ଗଡ଼ିଚାଲୁ। ଏଥିରେ ସାମାନ୍ୟ ପ୍ରତିବନ୍ଧକ ତା'ପାଇଁ ଦୁର୍ବିଷହ।

୨୦୧୪ରେ ଏନ୍‌ଡିଏ ସରକାର କ୍ଷମତାକୁ ଆସିବା ପରେ ବିଶ୍ୱବଜାରରେ ଅଶୋଧିତ ତୈଳଦର ଦ୍ରୁତ ହ୍ରାସ ପାଇଥିଲା। କିନ୍ତୁ ଏହି ଦରହ୍ରାସର ମୁନାଫା ପ୍ରାପ୍ତିରୁ ସାଧାରଣଙ୍କୁ ବଞ୍ଚିତ କରାଗଲା। ଉପା ସରକାର ଶେଷବର୍ଷ ଆନ୍ତର୍ଜାତିକ ବଜାରରେ ତୈଳଦର ସର୍ବୋଚ୍ଚ ୧୧୩ ଡଲାର ସ୍ପର୍ଶ କରିଥିଲେ ମଧ୍ୟ ଭାରତରେ ପେଟ୍ରୋଲ ଲିଟର ସର୍ବାଧିକ ୭୦ ଟଙ୍କାକୁ ବୃଦ୍ଧି ପାଇଥିଲା। ୨୦୧୦ ଜୁଲାଇ ୫ ତାରିଖରେ ଏନ୍‌ଡିଏ ପକ୍ଷରୁ ତୈଳଦର ବୃଦ୍ଧି ପ୍ରତିବାଦରେ 'ଭାରତ ବନ୍ଦ' ଡାକରା ଦିଆଯାଇଥିଲା। ୨୦୧୨ ମେ' ୩୧ରେ ମଧ୍ୟ ଏନ୍‌ଡିଏ ପକ୍ଷରୁ ଅନୁରୂପ ବନ୍ଦ ଡାକରା ଦିଆଯାଇଥିଲା। ପୁନଶ୍ଚ ସେହିବର୍ଷ ସେପ୍ଟେମ୍ବର ୨୦ ତାରିଖରେ ଏନ୍‌ଡିଏ ଉପା ସରକାର ବିରୋଧରେ ଅନ୍ୟ ଏକ ବନ୍ଦ ପାଳନ କରିଥିଲା। ସେତେବେଳେ ଏନ୍‌ଡିଏ ପକ୍ଷରୁ କୁହାଯାଇଥିଲା ଯେ ଏନ୍‌ଡିଏ କ୍ଷମତାକୁ ଆସିଲେ ତୈଳ ଓ ରନ୍ଧନ ଗ୍ୟାସ ଦରବୃଦ୍ଧିକୁ ନିୟନ୍ତ୍ରଣ କରାଯିବ। ଡଲାରର ମୂଲ୍ୟ ୪୫ ଟଙ୍କାରେ ସୀମିତ ରହିବ। କୌଣସି ପରିସ୍ଥିତିରେ ଦରବୃଦ୍ଧିକୁ ପ୍ରୋତ୍ସାହିତ କରାଯିବ ନାହିଁ।

ଉପା ସରକାର ସମୟରେ ବିଶ୍ୱବଜାରରେ ଅଶୋଧିତ ତୈଳ ବ୍ୟାରେଲ ପିଛା ୧୧୩ ଡଲାର ଥାଇ ଭାରତରେ ପେଟ୍ରୋଲ ଦର ସର୍ବାଧିକ ୭୦ ଟଙ୍କାକୁ ବୃଦ୍ଧି ପାଇଥିଲା, ଯେଉଁଥିପାଇଁ ଏନ୍‌ଡିଏ ତିନିଥର ବନ୍ଦ ଆହ୍ୱାନ ଦେଇଛି। କିନ୍ତୁ ଏନ୍‌ଡିଏ କ୍ଷମତାକୁ ଆସିଲା ପରେ ପେଟ୍ରୋଲର ଆନ୍ତର୍ଜାତିକ ଦର ବ୍ୟାରେଲ ପିଛା ୮୫ ଡଲାର ଥିବା ବେଳେ ଭାରତରେ ପେଟ୍ରୋଲ ଦର ୮୦ଟଙ୍କାକୁ ବୃଦ୍ଧି ହେବା ନିଶ୍ଚିତ ଭାବେ ଅପ୍ରାସଙ୍ଗିକ। ତୈଳଦର ବୃଦ୍ଧି କରି ଏନ୍‌ଡିଏ ସରକାର ୨୦୧୪-୧୫ ବର୍ଷରେ ସଂଗ୍ରହ କରିଥିଲେ ୧ ଲକ୍ଷ ୩୦ ହଜାର କୋଟି ଟଙ୍କା। ୨୦୧୭-୧୮ ବର୍ଷରେ ପେଟ୍ରୋଲ ଓ ଡିଜେଲ ବାବଦରେ ସଂଗୃହୀତ ଅର୍ଥ ୨ ଲକ୍ଷ ୭୦ ହଜାର କୋଟି ଟଙ୍କାରେ ପହଞ୍ଚିଛି। ଇତ୍ୟବସରରେ ରାଜ୍ୟ ସରକାରମାନେ ଭାଟ୍ ବାବଦରେ ସଂଗ୍ରହ କରିଛନ୍ତି ୨୦୧୪-୧୫ରେ ୧ ଲକ୍ଷ ୬୦ ହଜାର କୋଟି ଟଙ୍କା, ଯାହା ୨୦୧୭-୧୮ରେ ୧ ଲକ୍ଷ ୯୦ ହଜାର କୋଟିରେ ପହଞ୍ଚିଛି। କେନ୍ଦ୍ର ସରକାରଙ୍କର ଯୁକ୍ତି ହେଲା ତୈଳଦର ବୃଦ୍ଧିରୁ ପ୍ରାପ୍ତ ବଳକା ଅର୍ଥ ଶିକ୍ଷା, ସ୍ୱାସ୍ଥ୍ୟ ଭଳି ସାମାଜିକ କ୍ଷେତ୍ରରେ ବ୍ୟୟ କରାଯାଉଛି। ଉପା ସରକାର ମଧ୍ୟ ସାମାଜିକ କ୍ଷେତ୍ରରେ ବ୍ୟୟ କରୁଥିଲେ। ଭାରତର ପଡୋଶୀ ରାଷ୍ଟ୍ରଗୁଡ଼ିକରେ ତୈଳଦର ଭାରତ ତୁଳନାରେ ବୃଦ୍ଧି ନ ପାଇ ମଧ୍ୟ ସେମାନେ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅଧିକ ବ୍ୟୟ କରୁଛନ୍ତି କିପରି?

ବିରୋଧୀଙ୍କ ପାଇଁ ବନ୍ଦ ଡାକରା ଆଇନସମ୍ମତ ହୋଇଥିବା ବେଳେ ଶାସକ ଦଳ ପାଇଁ ଏହା ବେଆଇନ। ଅବଶ୍ୟ ସୁସ୍ଥ ଗଣତନ୍ତ୍ର ପାଇଁ ପ୍ରତିବାଦର ଆବଶ୍ୟକତା ଅଛି। କିନ୍ତୁ ପ୍ରତିବାଦ ଆଳରେ ବନ୍ଦ ପାଳନ ସାଧାରଣଙ୍କ ନିମିତ୍ତ କ୍ଷତିକାରକ। ଭାରତରେ ବନ୍ଦ ପାଳନକୁ ବିଚାରାଳୟ ନିଷିଦ୍ଧ ଘୋଷଣା କରିଛନ୍ତି। ୧୯୯୮ରେ କେରଳ ହାଇକୋର୍ଟଙ୍କ ଏକ ରାୟକୁ ସୁପ୍ରିମକୋର୍ଟ ସମର୍ଥନ କରି କହିଥିଲେ ଯେ କୌଣସି ପରିସ୍ଥିତିରେ ବନ୍ଦକୁ ପ୍ରୋତ୍ସାହିତ କରାଯିବ ନାହିଁ। ବନ୍ଦ ଯୋଗୁ ସାମୂହିକ ଭାବେ ଦେଶର ଓ ବ୍ୟକ୍ତିଗତ ଭାବେ ଜନସାଧାରଣଙ୍କର ପ୍ରଭୂତ କ୍ଷତି ଘଟିଥାଏ। ୨୦୦୩ ଜୁଲାଇ ୩୦ର ବନ୍ଦପାଳନ ଅବସରରେ କ୍ଷତିକୁ ଲକ୍ଷ୍ୟକରି ମୁମ୍ବାଇ ହାଇକୋର୍ଟ ମହାରାଷ୍ଟ୍ରର ଭାଜପା ଓ ଶିବସେନା ଦଳକୁ ୨୦୦୪ରେ ୨୦ ଲକ୍ଷ ଲେଖାଏଁ ଟଙ୍କା ଅର୍ଥଦଣ୍ଡ ବିଧାନ କରିଥିଲେ। ଏହି ଅର୍ଥରେ ବନ୍ଦ ସମୟର କ୍ଷୟକ୍ଷତି ଭରଣା କରାଯାଇପାରିବ।

ବିଚାରାଳୟଙ୍କ ଏତାଦୃଶ ଆଦେଶ ବନ୍ଦ ପାଳନକାରୀ ରାଜନେତାଙ୍କୁ ପ୍ରଭାବିତ କରିଥିବା ପରି ମନେହୁଏ ନାହିଁ। ଜନସାଧାରଣଙ୍କ ହିତ ଦୃଷ୍ଟିରୁ ବନ୍ଦ ପାଳନକୁ ନିରୁତ୍ସାହିତ କରାଯିବା ଆବଶ୍ୟକ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ୨୦୧୨ରେ ଦିଆଯାଇଥିବା ବନ୍ଦ ଡାକରା ଯୋଗୁ ଭାରତ ଶିଳ୍ପ ମହାସଂଘର ଆକଳିତ କ୍ଷତି ଥିଲା ୧୨,୫୦୦ କୋଟି ଟଙ୍କା, ତାହା କେବଳ ଘଟିଥିଲା ଉତ୍ପାଦନ ଓ ବାଣିଜ୍ୟ ହ୍ରାସ ଯୋଗୁ। ୧୯୨୨ ଫେବୃୟାରୀ ୫ ତାରିଖରେ ଗାନ୍ଧିଜୀଙ୍କ ଅସହଯୋଗ ଆନ୍ଦୋଳନ ଚାଲିଥିବା ବେଳେ ପୋଲିସ ଆକ୍ରମଣ ପ୍ରତିବାଦରେ ଚୌରୀଚୌରା ପୋଲିସ ଷ୍ଟେଶନରେ ଅଗ୍ନିସଂଯୋଗ କରାଯିବାରୁ ୨୩ଜଣ ପୋଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିଥିଲା। ଗାନ୍ଧିଜୀ ଅବଶ୍ୟ ଏଥିପାଇଁ ଦୁଃଖ ପ୍ରକାଶ କରିଥିଲେ। ନେତାମାନେ ସିନା ବନ୍ଦ ଡାକରା ଦିଅନ୍ତି, ହେଲେ ବିଶୃଙ୍ଖଳିତ ଯୁବ କର୍ମୀଙ୍କ ଉପରେ ସେମାନଙ୍କର ନିୟନ୍ତ୍ରଣ ନ ଥାଏ। ଅହିଂସା ଆନ୍ଦୋଳନ ଛାଏଁ ଛାଏଁ ହିଂସାର ରୂପ ନେଇଯାଏ। ହିଂସାକାଣ୍ଡ ପାଇଁ ନେତାମାନେ ଦୁଃଖପ୍ରକାଶ କରିବା ବ୍ୟତୀତ ଘଟଣା ପ୍ରବାହ ଉପରେ ତାଙ୍କର କର୍ତ୍ତୃତ୍ୱ ନ ଥାଏ।

ତେଣୁ ଅହିଂସା ମାର୍ଗରେ ପ୍ରତିବାଦ ସର୍ବାଦୌ ଗ୍ରହଣୀୟ। କୌଣସି ଗାଡ଼ିମୋଟର ଚଳାଚଳକୁ ବନ୍ଦ ନ କରି ରାସ୍ତା ପାର୍ଶ୍ୱରେ ପ୍ରଭାତରୁ ସନ୍ଧ୍ୟା ପର୍ଯ୍ୟନ୍ତ ମୁହଁରେ କଳାପଟି ବାନ୍ଧି ବସିରହିଲେ ପଥଚାରୀଙ୍କର ଦୃଷ୍ଟି ଆକର୍ଷିତ ହେବ ଓ ପ୍ରଭୂତ ଜନସମର୍ଥନ ମିଳିବ। ଏହାର ପ୍ରଭାବ ସରକାରଙ୍କ ଉପରେ ପଡ଼ିବ। ସ୍ୱାଧୀନତା ଆନ୍ଦୋଳନର ନେତୃମଣ୍ଡଳୀ ନିଜେ କଷ୍ଟ ସହି ଅନ୍ୟକୁ ସୁଖ ବାଣ୍ଟୁଥିଲେ। ମାତ୍ର ସମ୍ପ୍ରତି ଲୋକଙ୍କୁ ଦୁଃଖ ଦେଇ ଯେଉଁ ଆନ୍ଦୋଳନ କରାଯାଉଛି, ତାହା ମହତ୍ତ୍ୱହୀନ ସାବ୍ୟସ୍ତ ହେଉଛି। ନିକଟରେ ଅଗ୍ନିଶମ ବିଭାଗର କାର୍ଯ୍ୟ ବନ୍ଦ ଯୋଗୁ ଦଶପଲ୍ଲା ଶ୍ରୀରାମପୁରର ଅଗ୍ନିକାଣ୍ଡ ୧୦ଟି ପରିବାରକୁ ସର୍ବସ୍ୱାନ୍ତ କରିଦେଲା ପଛେ ଅଗ୍ନିଶମ କର୍ମଚାରୀ ସେଠାକୁ ଗଲେନାହିଁ। ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକର ଡାକୋଇ ଗ୍ରାମରେ ତିନିବର୍ଷର ବାଳକ ପ୍ରତୀକ ଗଭୀର କୂପ ମଧ୍ୟରେ ପଡ଼ିଥିବା ଖବର ପାଇ ମଧ୍ୟ ଅଗ୍ନିଶମ କର୍ମଚାରୀଙ୍କର ଉପସ୍ଥିତି ନ ରହିବା ଉଦ୍‌ବେଗଜନକ। ତେଣୁ ଆନ୍ଦୋଳନଗୁଡ଼ିକ ପ୍ରତୀକାତ୍ମକ ହେଉ। ସରକାର ମଧ୍ୟ ନ୍ୟାଯ୍ୟ ଦାବି ପ୍ରତି ସହାନୁଭୂତି ପ୍ରଦର୍ଶନ କରିବା ଉଚିତ।

ସିଦ୍ଧଳ, ଜଗତ୍‌ସିଂହପୁର,
ମୋ-୯୯୩୭୪୫୦୫୪୦

# ଦଣ୍ଡମୁକ୍ତ ବିଦ୍ୟାଳୟ



ସୋନାମିକା ରାୟ

ପରିବର୍ତ୍ତିତ ସାମାଜିକ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଶିକ୍ଷା ବ୍ୟବସ୍ଥାରେ ମଧ୍ୟ ବହୁ ଉନ୍ନତିମୂଳକ ପରିବର୍ତ୍ତନ ଅଣାଯାଇଛି। ପାଠ୍ୟପୁସ୍ତକଗୁଡ଼ିକୁ ଯୁଗୋପଯୋଗୀ କରିବା ସଙ୍ଗେ ସଙ୍ଗେ ପିଲାମାନଙ୍କ ଅଧିକାରକୁ ଦୃଷ୍ଟିରେ ରଖି ବହୁ ବିଦ୍ୟାଳୟସ୍ତରୀୟ ଯୋଜନା କରାଯାଇଛି। ପାଠ୍ୟପୁସ୍ତକ ବଣ୍ଟନ, ବିଭିନ୍ନ ଜାତି ତଥା ଉପଜାତିର ଛାତ୍ରୀଛାତ୍ରଙ୍କ ନିମନ୍ତେ ବୃତ୍ତିର ବ୍ୟବସ୍ଥା ଆଦି ସେମାନଙ୍କ ଶୈକ୍ଷିକ ଉନ୍ନତି ନିମନ୍ତେ ଉଦ୍ଦିଷ୍ଟ ଏବଂ ମଧ୍ୟାହ୍ନଭୋଜନ, ପୋଷାକ ବଣ୍ଟନ, ସାଇକେଲ ବଣ୍ଟନ, ଟୋଲ୍ ଫ୍ରି ନମ୍ବର ଏବଂ ସର୍ବୋପରି 'ଦଣ୍ଡମୁକ୍ତ ଅଞ୍ଚଳ' ଘୋଷଣା ସେମାନଙ୍କ ମାନବାଧିକାରକୁ ଅଗ୍ରାଧିକାର ଦେବା ତଥା ବିଦ୍ୟାଳୟକୁ ଏକ ସରସ ସୁନ୍ଦର, ଶାନ୍ତ ପରିବେଶର ରୂପ ଦେବା ନିମନ୍ତେ ଉଦ୍ଦିଷ୍ଟ।

ନିଜ ଅନୁଭବରୁ ମୁଁ କହିପାରେ ଯେ, ଅନେକ ଯୋଜନା ଛାତ୍ରୀଛାତ୍ରଙ୍କ ଉପରେ ସକାରାତ୍ମକ ପ୍ରଭାବ ପକାଉଛି। ମାତ୍ର ବେଳେବେଳେ 'ଦଣ୍ଡମୁକ୍ତ ଅଞ୍ଚଳ'ର କାର୍ଯ୍ୟକାରିତାରେ କିଛି ବ୍ୟତିକ୍ରମ ହେଲାଭଳି ମନେହୁଏ। ଅନେକ ସମୟରେ ଏହାର ନକାରାତ୍ମକ ପ୍ରଭାବର ମଧ୍ୟ ନଜିର ରହିଛି। ଏଭଳି ଏକ ପରିକଳ୍ପନା ଯୋଗୁ ପ୍ରଭାବିତ ହେଉଥିବା ବ୍ୟକ୍ତିବିଶେଷ ହେଲେ ଛାତ୍ର, ଅଭିଭାବକ ଏବଂ ଶିକ୍ଷକ। ପ୍ରତ୍ୟେକ ବ୍ୟକ୍ତି ଏହି ଯୋଜନାଟିକୁ ନିଜର ସୁଖସୁବିଧା ଅନୁସାରେ ବିଶ୍ଳେଷଣ କରନ୍ତି ଓ ମତାମତ ପୋଷଣ କରନ୍ତି।

ପ୍ରଥମେ ଛାତ୍ରୀଛାତ୍ରଙ୍କ କଥା ବିଚାରକୁ ନିଆଯାଉ। ମାନସିକ ଦୁର୍ବଳ ଓ ସଚେତନଧର୍ମୀ ଛାତ୍ରୀଛାତ୍ରଙ୍କ ପାଇଁ ଏହା ଅତ୍ୟନ୍ତ ଉପଯୋଗୀ। କାରଣ ଶିକ୍ଷକଙ୍କ ପ୍ରତି ଭୟ ନ ରହିବା ଦ୍ୱାରା ସେମାନେ ଖୋଲାଖୋଲି ଭାବେ ଶିକ୍ଷକଙ୍କ ସହିତ ଆଳାପଆଲୋଚନା କରି ସନ୍ଦେହମୁକ୍ତ ହୋଇଥାନ୍ତି। ମାତ୍ର କେତେକଙ୍କ ପାଇଁ ଏଭଳି ଏକ ଯୋଜନା କଙ୍କେ ପୁଅ ବାର ପରି। କିଛି ଲଗାମଛଡ଼ା ଛାତ୍ରୀଛାତ୍ରଙ୍କ ଅନୁସାରେ ବିଦ୍ୟାଳୟରେ ସେମାନେ କ୍ୱାଇଁ ପୁଅ ପରି। ବିଦ୍ୟାଳୟର ସାଧାରଣ ନିୟମ ଏବଂ ଅନୁଶାସନ ମଧ୍ୟରେ ରହିବା ସେମାନଙ୍କ ସ୍ୱଭାବସୁଲଭ ଶିଶୁ ଅଧିକାରକୁ କ୍ଷୁଣ୍ଣ କରିବା ସଙ୍ଗେ ସମାନ। ନିଜର ସ୍ୱେଚ୍ଛାଚାରୀ ସ୍ୱାଧୀନତା ଉପରେ ଆଞ୍ଚ ଆସିଲେ ଶିକ୍ଷକମାନଙ୍କ ବିରୋଧରେ ଟୋଲ ଫ୍ରି ପରି ଅମୋଘ ଅସ୍ତ୍ରର ସହାୟତା ନେବା ପାଇଁ ସେମାନେ ତିଳେମାତ୍ର କୁଣ୍ଠାବୋଧ କରନ୍ତି ନାହିଁ।

ବର୍ତ୍ତମାନ ଅଭିଭାବକଙ୍କ ମନୋଭାବ ସମ୍ବନ୍ଧରେ ଆଲୋଚନା କରିବା। ମୋର ଅନୁଭୂତିରୁ ମୁଁ ପ୍ରାୟତଃ ସେମାନଙ୍କ ମନୋଭାବକୁ ଦୁଇଭାଗରେ ବିଭକ୍ତ କରିପାରିବି। କିଛି ଅଭିଭାବକ ଏହି ଯୋଜନାକୁ ପ୍ରବଳ ବିରୋଧ କରନ୍ତି ଏବଂ ଶିକ୍ଷକମାନଙ୍କୁ ଛାତ୍ରୀଛାତ୍ରଙ୍କୁ ଅନୁଶାସିତ କରିବା ପାଇଁ ଓ ସାମୟିକ ଦଣ୍ଡ ଦେବା ଲାଗି ପୂର୍ଣ୍ଣ ଅଧିକାର ପ୍ରଦାନ କରନ୍ତି। ସେମାନେ ସେମାନଙ୍କ ଗୁରୁଜୀଙ୍କ ବେତପାହାର ଯୋଗୁ ଆଜି ମଣିଷ ହୋଇପାରିଛନ୍ତି ଏବଂ ଶିକ୍ଷକଙ୍କ ଅନୁଶାସନ ଛାତ୍ରୀଛାତ୍ରଙ୍କ ପ୍ରତି ସେମାନଙ୍କ ଶ୍ରଦ୍ଧାର ପରିପ୍ରକାଶ ମାତ୍ର ବୋଲି ସେମାନେ ହୃଦୟଙ୍ଗମ କରନ୍ତି।

ଆଉ କିଛି ମାତ୍ରାଧିକ ସନ୍ତାନପ୍ରେମୀ ଅଭିଭାବକ ଏହି ଯୋଜନାଟିକୁ ନିଜ ପିଲାର ସୁରକ୍ଷାକବଚ ବୋଲି ବିଚାରନ୍ତି। ସେମାନେ ଭାବନ୍ତି ନିଜ ପିଲାର ଅଭଦ୍ରୋଚିତ ଆଚରଣ ତା'ର ପିଲାଳିଆ ବ୍ୟବହାରର ପରିପ୍ରକାଶ ମାତ୍ର। ସେମାନଙ୍କ ମତରେ ଏଭଳି ଆଚରଣ ଦେଖିଲେ ଶିକ୍ଷକ କେବଳ ପିଲାଟିକୁ ବାରମ୍ବାର ବୁଝାଇ ଶୁଝାଇ ତା'ର ବ୍ୟବହାରରେ ପରିବର୍ତ୍ତନ ଆଣିବା ଆବଶ୍ୟକ। କୌଣସି ଶାରୀରିକ ଦଣ୍ଡ ଶିକ୍ଷକମାନଙ୍କ ଅଧିକାର ବହିର୍ଭୂତ।

ଶେଷରେ ଆଲୋଚନା କରିବା ଶିକ୍ଷକଙ୍କ ମନୋଭାବ ସମ୍ବନ୍ଧରେ। ଏଥିରେ ମଧ୍ୟ ଦୁଇପ୍ରକାର ବିଶ୍ଳେଷଣର ଆବଶ୍ୟକତା ରହିଛି। କିଛି ଶିକ୍ଷକ ଏଭଳି ଏକ ଯୋଜନାକୁ ଭରପୂର ଉପଭୋଗ କରନ୍ତି। ଆଖିଆଗରେ ପିଲାମାନଙ୍କର ବିଭିନ୍ନ ଦୁଷ୍ଟାମି ଦେଖିଲେ ମଧ୍ୟ ଏହି ବିଚିତ୍ର ନିୟମଟି ଯୋଗୁ ସେମାନେ ଏହାକୁ ରୋକିବାରେ ଏକବାରେ ଅକ୍ଷମ ବୋଲି ସ୍ୱଗତୋକ୍ତି କରନ୍ତି। କାଦୁଅକୁ ଯାଇ ଗୋଡ଼ ଧୋଇବା ଅପେକ୍ଷା ନିଜକୁ ଅପେକ୍ଷାକୃତ ଦୂରତାରେ ରଖି କେବଳ ଚିରାଚରିତ କର୍ମଟିକୁ ସାରିଦେବା ନିଶ୍ଚିତ ଭାବେ ଶ୍ରେୟସ୍କର, ଏଣୁ ପରପିଲାଟିକୁ ସଜାଡିବାକୁ ଯାଇ ନିଜେ ଅସୁବିଧାରେ ପଡ଼ିବା କୌଣସି ବି ପରିସ୍ଥିତିରେ ଯୁକ୍ତିଯୁକ୍ତ ନୁହେଁ ବୋଲି ସେମାନେ ମତପୋଷଣ କରନ୍ତି।

ଅନ୍ୟ କେତେକ ଶିକ୍ଷକ ଏସବୁ କଟକଣାକୁ ଆଦୌ ଭ୍ରୂକ୍ଷେପ ନ କରି ଛାତ୍ରୀଛାତ୍ରଙ୍କୁ ଅନୁଶାସିତ କରିବା ପାଇଁ ପ୍ରୟାସ ଜାରି ରଖନ୍ତି। କଥାରେ ହେଉ ବା ଦରକାର ସମୟରେ ସାମୟିକ ଦଣ୍ଡ ଦେଇ ଛାତ୍ରୀଛାତ୍ରଙ୍କୁ ଉଚିତ ଆଚରଣର ଅଭ୍ୟାସ କରିବା ପାଇଁ ପ୍ରବର୍ତ୍ତାଇ ଥାଆନ୍ତି। ବୋଧହୁଏ ଏଭଳି ଦାୟିତ୍ୱପୂର୍ଣ୍ଣ ଶିକ୍ଷକମାନଙ୍କ ଯୋଗୁ ହିଁ ସରକାରୀ ବିଦ୍ୟାଳୟରେ ଏଯାବତ୍ ଶୃଙ୍ଖଳା ରହିଛି।

ଆମକୁ ବୁଝିବାକୁ ହେବ ଯେ, ପ୍ରତ୍ୟେକ ଯୋଜନା ଏକ ମହତ୍ ଉଦ୍ଦେଶ୍ୟ ସାଧନ ପାଇଁ ଉଦ୍ଦିଷ୍ଟ। ଦଣ୍ଡମୁକ୍ତ ଅଞ୍ଚଳର ପରିକଳ୍ପନା ଶିଶୁ ଅଧିକାରର ପ୍ରସାର, ବିଦ୍ୟାର୍ଥୀଙ୍କ ପୂର୍ଣ୍ଣ ବ୍ୟକ୍ତିତ୍ୱ ବିକାଶ ତଥା ବିଦ୍ୟାଳୟକୁ ଏକ ଛାତ୍ରପ୍ରିୟ ପରିବେଶରେ ପରିଣତ କରିବା ନିମନ୍ତେ ସୃଷ୍ଟି ହୋଇଛି। ପିଲାମାନଙ୍କ ମନରୁ ଅକାରଣ ଭୟ ଦୂର କରିବା ସହ ବିଦ୍ୟାଳୟ ତଥା ଶିକ୍ଷକଙ୍କ ପ୍ରତି ଶ୍ରଦ୍ଧା ଓ ସମ୍ମାନବୋଧର ଭାବନା ଉଦ୍ରେକ କରିବା ନିମନ୍ତେ ଏ ଯୋଜନାର ପରିକଳ୍ପନା। କୌଣସି ବି ପରିସ୍ଥିତିରେ ପିଲାଟି ପ୍ରତି ଅତ୍ୟଧିକ ଶାରୀରିକ ଦଣ୍ଡ ଯେପରି ଗ୍ରହଣୀୟ ନୁହେଁ, ବିଦ୍ୟାର୍ଥୀଙ୍କ ବିଦ୍ୟାଳୟରେ ଅନୁଚିତ ଆଚରଣ ମଧ୍ୟ ସେପରି ସ୍ପୃହଣୀୟ ନୁହେଁ। ମୋ ମତରେ କେବଳ ଶାରୀରିକ ଦଣ୍ଡ ଉପରେ ଗୁରୁତ୍ୱ ନ ଦେଇ ବିଦ୍ୟାର୍ଥୀଙ୍କର ଆନ୍ତରିକ ଓ ବ୍ୟାବହାରିକ ପରିବର୍ତ୍ତନ ନିମନ୍ତେ ଚେଷ୍ଟା ହେବା ଆବଶ୍ୟକ। ଯେପରିକି କୌଣସି ଅନୁଚିତ ବ୍ୟବହାରରେ ପରିବର୍ତ୍ତନ ଆଣିବା ପାଇଁ ସେମାନଙ୍କୁ ଦଣ୍ଡସ୍ୱରୂପ ବୃକ୍ଷରୋପଣ, ବିଦ୍ୟାଳୟ ପରିସର ସଫେଇ ଆଦି ମହତ୍ତର କାର୍ଯ୍ୟରେ ଲଗାଯାଇପାରିବ। ଅଭିଭାବକ, ଛାତ୍ରୀଛାତ୍ର ତଥା ଶିକ୍ଷକ ପ୍ରତ୍ୟେକେ ନିଜର କର୍ତ୍ତବ୍ୟ ତଥା ଦାୟିତ୍ୱବୋଧ ସମ୍ବନ୍ଧରେ ସଚେତନ ହେବା ସଙ୍ଗେ ସଙ୍ଗେ ଏହି ଯୋଜନାର ପ୍ରକୃତ ଉଦ୍ଦେଶ୍ୟ ବୁଝିବା ପାଇଁ ପ୍ରୟାସ କଲେ ବିଦ୍ୟାଳୟରେ ପୁନର୍ବାର ସେହି ପ୍ରାଚୀନ ଗୁରୁକୁଳର ବାତାବରଣ ସୃଷ୍ଟି କରାଯାଇପାରିବ।

ପ୍ରଧାନ ଶିକ୍ଷୟିତ୍ରୀ, କ୍ୟାପିଟାଲ ହାଇସ୍କୁଲ, ୟୁନିଟ୍-୩,
ଭୁବନେଶ୍ୱର, ମୋ: ୭୯୭୮୫୮୯୦୪୭

## ଏଇ ଭାରତରେ

ନିର୍ବାଚନ ଜିତିବା ଆଶାରେ ଭାରତର ବିଭିନ୍ନ ସ୍ଥାନରେ ଅନେକ ଅଜବ ପନ୍ଥା ଗ୍ରହଣ କରାଯାଉଥିବା ନଜିର ରହିଛି। ସେହିଭଳି ଏକ ଘଟଣା ଆସନ୍ତା ୭ ତାରିଖରେ ହେବାକୁ ଥିବା ତେଲେଙ୍ଗାନା ବିଧାନସଭା ନିର୍ବାଚନକୁ ନେଇ ଘଟିଛି, ଯାହା ଯେତିକି ଆଶ୍ଚର୍ଯ୍ୟକର ସେତିକି ଚିନ୍ତାଜନକ। କାରଣ ବିରୋଧୀଙ୍କ 'ଗୁଡ୍ ଲକ୍'କୁ 'ବ୍ୟାଡ୍ ଲକ୍'ରେ ପରିଣତ କରିବା ପାଇଁ ପେଚାଙ୍କୁ ବ୍ୟବହାର କରାଯାଉଛି। ଏଥିପାଇଁ ପଡ଼ୋଶୀ କର୍ଣ୍ଣାଟକରୁ ଗାଏବ ହେବାରେ ଲାଗିଛନ୍ତି ଏହି ନିରୀହ ପକ୍ଷୀ। ତେଲେଙ୍ଗାନା ସୀମା ନିକଟ ସେଦାମ୍ ସହରରୁ କଲାବୁରାଗୀ(ପୁରୁଣା ନାଁ ଗୁଲବର୍ଗ) ଜିଲା ପୋଲିସ ୬ଜଣଙ୍କୁ ୨ଟି ପେଚା ଚାଲାଣ କରିବାବେଳେ ଗିରଫ କରିଥିଲା। ସେମାନଙ୍କୁ ପଚରାଉଚରା ବେଳେ ଉପରୋକ୍ତ ତଥ୍ୟ ପାଇ ପୋଲିସ ଚକିତ ହୋଇଯାଇଥିଲା। ଇଂଲଣ୍ଡ ଓ ଅନ୍ୟ ପାଶ୍ଚାତ୍ୟ ଦେଶରେ ରାତି ଉଜାଗର ରହୁଥିବା ପେଚାକୁ ଜ୍ଞାନର ପ୍ରତୀକ ଭାବେ ବିବେଚନା କରାଯାଉଥିବାବେଳେ ଭାରତରେ ଏହା ଦୁର୍ଭାଗ୍ୟ ଆଣୁଥିବା ନେଇ ଅନ୍ଧବିଶ୍ୱାସ ରହିଛି। ସାଧାରଣତଃ ତନ୍ତ୍ରବିଦ୍ୟା, ମଣିଷକୁ ବଶ କରିବା ଓ କଳା ଯାଦୁ ପାଇଁ ଏହି ରାତ୍ରିଚର ପକ୍ଷୀଙ୍କୁ ବ୍ୟବହାର କରାଯାଉଛି। ବିଶେଷକରି ପେଚାର ବଡ଼ ଓ ଅପଲକ ଆଖି ଥିବାରୁ ଏହା ମାଧ୍ୟମରେ ଲୋକଙ୍କୁ ସମ୍ମୋହନ ବା ବଶ କରିହେଉଥିବା ଅନ୍ଧବିଶ୍ୱାସ ରହିଛି। ଏପରି କି କୌଣସି ଲୋକଙ୍କ ଘରେ ପେଚା ପଶିଗଲେ ପରିବାର ପାଇଁ ନାନା ଅନର୍ଥ ସୃଷ୍ଟି ହେବ ବୋଲି ଭ୍ରାନ୍ତଧାରଣା ରହିଛି। ତେଲେଙ୍ଗାନା ନିର୍ବାଚନରେ ବିରୋଧୀ ନେତାଙ୍କୁ ହରାଇବା ପାଇଁ କେତେଜଣ ପେଚାଙ୍କୁ ବ୍ୟବହାର କରୁଛନ୍ତି। ଏଥିପାଇଁ ଗୋଟିଏ ପେଚାକୁ ୩/୪ ଲକ୍ଷ ଟଙ୍କାରେ ବିକ୍ରି କରାଯାଉଥିବା ବନ୍ୟଜନ୍ତୁ ଚାଲାଣକାରୀଙ୍କଠାରୁ ପୋଲିସ ଜାଣିବାକୁ ପାଇଛି।

## ଚିରନ୍ତନୀ

ଦେହର ଅଭିଳାଷ     ଗୀତରେ ପରକାଶ
କହିଲି ତାକୁ ପ୍ରେମ ପୀରତି
ଭାଷାର ଆବରଣ     ଫିଟାଇ ଦେଲେ ସେ ଯେ
ହୋଇବ ଖାଲି ପାପ ଅନୀତି!
ନୂପୁର ଯେଉଁ ପଦେ     ବଜାଉଥିଲା ମୋଦେ
ପରାଣ-ବିହଗର ବେହାଗ
ଅଳକ-ଦାମେ ଯାର     ଅଳକା କଲି ଛାର
ପୁରୁଣା ହୋଇଛି ସେ ସୋହାଗ।
(ବ୍ୟାଖ୍ୟା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ପରିବେଶ ବନ୍ଧୁ ଇ-ରିକ୍ସା

ମହାଶୟ,

ପାରମ୍ପରିକ ପେଟ୍ରୋଲ ଓ ଡିଜେଲ ଚାଳିତ ଗାଡ଼ି ବାୟୁ ପ୍ରଦୂଷଣ ସୃଷ୍ଟି କରୁଥିବା ବେଳେ ଏବେ ସିଏନ୍‌ଜି ପରେ ଇ-ରିକ୍ସା ବା ବ୍ୟାଟେରି ଚାଳିତ ଅଟୋରିକ୍ସା ପ୍ରଦୂଷଣ ହ୍ରାସ ଦିଗରେ ସମର୍ଥ ହୋଇପାରିଛି। ଏବେ ଆମ ଦେଶର ସହରଗୁଡ଼ିକରେ ୧.୫ ନିୟୁତ ଇ-ରିକ୍ସା ଚଳପ୍ରଚଳ କରୁଛି। ଦିନକୁ ଦିନ ପାରମ୍ପରିକ ଯାନସବୁ ସ୍ଥାନାନ୍ତର କରାଯାଇ ଏପରି ସବୁଜ ଯାନ ବ୍ୟବହାର ହେବା ପରିବେଶ ପାଇଁ ମଙ୍ଗଳକର। ଆମ ଓଡ଼ିଶାରେ ମଧ୍ୟ ଉକ୍ତ ବ୍ୟାଟେରି-ଚାଳିତ ଅଟୋରିକ୍ସାକୁ ପ୍ରୋତ୍ସାହନ ଦିଆଯାଉ।

ମନୋରଞ୍ଜନ ସ୍ୱାଇଁ, ତାପସ ସ୍ୱାଇଁ, ତମାଣ୍ଡୋ, ଭୁବନେଶ୍ୱର

### ଦାଗୀ ବ୍ୟକ୍ତିଙ୍କୁ ସୁଯୋଗ ଦିଆ ନ ଯାଉ

ଆପରାଧିକ ମାମଲାରେ ସମ୍ପୃକ୍ତ ଥିବା କିଛି ବ୍ୟକ୍ତି, ରାଜନୀତି କ୍ଷେତ୍ରକୁ ପ୍ରବେଶ କରି ନିର୍ବାଚନ ଲଢୁଛନ୍ତି। ଅର୍ଥ ଓ ବାହୁ ବଳରେ ଭୋଟରଙ୍କୁ ପ୍ରଭାବିତ କରି ଅନୈତିକ ଉପାୟରେ ନିର୍ବାଚନରେ ବିଜୟ ହାସଲ କରୁଛନ୍ତି। ପରବର୍ତ୍ତୀ ସମୟରେ ରାଜନୈତିକ କ୍ଷମତାର ଅଧିକାରୀ ହେଉଛନ୍ତି। ଏହିମାନଙ୍କ ଯୋଗୁ ନିର୍ବାଚନରେ ମତଦାନ ମୁକ୍ତ ଓ ଅବାଧ ହୋଇପାରେ ନାହିଁ। ନାଗରିକର ମୌଳିକ ଅଧିକାର କ୍ଷୁଣ୍ଣ ହୁଏ। ବର୍ତ୍ତମାନ ସମୟରେ ନିର୍ବାଚନଗୁଡିକରେ ଅପରାଧୀଙ୍କ ଦୌରାତ୍ମ୍ୟ ବୃଦ୍ଧିକୁ ରୋକିବା ଜରୁରୀ ହୋଇପଡ଼ିଛି। ରାଜ୍ୟ ତଥା ଦେଶର ଶାସନ ବ୍ୟବସ୍ଥାକୁ ସ୍ୱଚ୍ଛ, ନିର୍ମଳ, ଶୃଙ୍ଖଳିତ କରିବାକୁ ହେଲେ ରାଜନୈତିକ ଦଳଗୁଡିକ ଆଗାମୀ ନିର୍ବାଚନ ସମୟରେ ଆପରାଧିକ ପୃଷ୍ଠଭୂମି ଥିବା ଦାଗୀ ବ୍ୟକ୍ତିମାନଙ୍କୁ ଲଢିବାକୁ ସୁଯୋଗ ଦେବା ଅନୁଚିତ।

ବସନ୍ତ କୁମାର ସୁନ୍ଦରାୟ, ମାଳିସାହି ଛକ, ଗୁରୁଜଙ୍ଗ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୪ ଡିସେମ୍ବର, ୨୦୧୮



# ଡଟ୍ ଫେଷ୍ଟ

## ସୋନାଙ୍କ ବୋଲ୍ଡ ମ୍ୟୁଜିକ୍



ଭୁବନେଶ୍ୱର,୩।୧୨(ବ୍ୟୁରୋ)

ଜିୟା ଲାଗେନା..., ମେରେ ରସ୍‌କେ କମର୍... ଭଳି ସୁପରହିଟ୍ ହିନ୍ଦୀ ଗୀତ ସହ ଲୋକପ୍ରିୟ ସମ୍ବଲପୁରୀ ଗୀତ 'ରଙ୍ଗବତୀ' ଓ ଓଡ଼ିଆ ଭଜନ 'ତୁ ମୋ ନୀଳମଣି'। ହିନ୍ଦୀ, ଓଡ଼ିଆ ଓ ସମ୍ବଲପୁରୀ ଗୀତର ଏଭଳି ଫେଣ୍ଟାଫେଣ୍ଟି ମିଶ୍ରଣକୁ ନେଇ ଶ୍ରୋତାଙ୍କ ସାମ୍ନାକୁ ଆସିଥିଲେ ଦେଶର ଅନ୍ୟତମ ଚର୍ଚ୍ଚିତ ତଥା ବୋଲ୍ଡ ସିଙ୍ଗର୍ ସୋନା ମହାପାତ୍ର। ଓଡ଼ିଶା ଜନ୍ମିତ ବଲିଉଡ୍‌ର ଏହି ପ୍ଲେବ୍ୟାକ୍ କଣ୍ଠଶିଳ୍ପୀ ନିଜ ହୋମ୍‌ଗ୍ରାଉଣ୍ଡରେ ରାଜ୍ୟବାସୀଙ୍କୁ ଉପହାର ଦେଇଥିଲେ ଗୋଟିଏ ପରେ ଗୋଟିଏ ଲୋକପ୍ରିୟ ହିଟ୍। ହକି ବିଶ୍ୱକପ୍ ପାଇଁ ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ଭୁବନେଶ୍ୱର ସିଟି ଫେଷ୍ଟିଭାଲ୍ 'ଡଟ୍ ଫେଷ୍ଟ'ରେ ସୋମବାର ସୋନାଙ୍କ ଲାଇଭ୍ ଇନ୍ କନସର୍ଟ ଶ୍ରୋତାଙ୍କୁ ଯୋଗାଇଥିଲା ଭରପୂର ମନୋରଞ୍ଜନର ଖୋରାକ୍।

ଓଡ଼ିଶା ପର୍ଯ୍ୟଟନ ଏବଂ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ମିଳିତ ଭାବେ ଆୟୋଜିତ 'ଡଟ୍ ଫେଷ୍ଟ'ର ୩ୟ ସନ୍ଧ୍ୟାର ଆକର୍ଷଣ ରହିଥିଲା ସୋନାଙ୍କ 'ଲାଲ୍ ପରୀ ମସ୍ତାନୀ'। 'ଜିୟା ଲାଗେନା...' ଗୀତରୁ କନସର୍ଟ ଆରମ୍ଭ ହେବା ପରେ ହିନ୍ଦୀ ଗୀତ 'ଆଜା ବେ ଆଜା ବେ...', 'ନୈନା ଲାଗେରେ...', 'ରଙ୍ଗ୍ ଦେ ଚୁନରିୟାଁ...', 'ପିୟାରେ ପିୟାରେ...' ଭଳି ବହୁ ହିଟ୍ ଗୀତକୁ ସେ ଶୁଣାଇଥିଲେ। ସବୁଠାରୁ ଆଦୃତ ଗୀତ ଥିଲା ସୋନାଙ୍କ କଣ୍ଠରେ ପଶ୍ଚିମ ଓଡ଼ିଶାର ଲୋକପ୍ରିୟ 'ରଙ୍ଗବତୀ' ଗୀତ। କେବଳ ସେତିକି ନୁହେଁ, ଓଡ଼ିଆ ଭଜନ 'ତୁ ମୋ ନୀଳମଣି'କୁ ସମ୍ପୂର୍ଣ୍ଣ ନୂଆ ଅବତାରରେ ସେ ରିମିକ୍ସ ଭର୍ସନରେ ଗାଇଥିଲେ। ଏହାସହ ସମ୍ବଲପୁରୀ ଗୀତ 'ରସରକେଲି' ଗାଇ ଓଡ଼ିଆ ଶ୍ରୋତାଙ୍କ ମନ ଜିଣିଥିଲେ ଏହି ବଲିଉଡ୍ କଣ୍ଠଶିଳ୍ପୀ। ଅନ୍ତର୍ଜାତୀୟ ସ୍ତରରେ ରିଲିଜ୍ ହେବା ପୂର୍ବରୁ ରସରକେଲିକୁ ପ୍ରଥମ ଥର ପାଇଁ ଭୁବନେଶ୍ୱରରେ ଗାଇଥିଲେ ସୋନା ମହାପାତ୍ର। କଣ୍ଟେମ୍ପୋରାରୀ ସହ ଫୋକ୍‌ର ଫ୍ୟୁଜନ୍ ଏହି କଣ୍ଠଶିଳ୍ପୀଙ୍କ ପ୍ରତ୍ୟେକ ଗୀତକୁ ଏକ ଭିନ୍ନ ରୂପ ଦେଇଥିଲା।

### ସାମିଲ ହେଲା ଏକାମ୍ର ହାଟ

ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ଭୁବନେଶ୍ୱର ସିଟି ଫେଷ୍ଟିଭାଲ୍ 'ଡଟ୍ ଫେଷ୍ଟ'ରେ ସାମିଲ ହୋଇଛି ଏକାମ୍ର ହାଟ। ଏକାମ୍ର ହାଟ ପରିସରରେ ଥିବା ଫୁଡ୍‌ଷ୍ଟଲ୍ ଏବଂ ହସ୍ତତନ୍ତ ବିକ୍ରେତା ଓ ବ୍ୟବସାୟୀମାନଙ୍କୁ ଡଟ୍ ଫେଷ୍ଟ ସହ ଯୋଡ଼ାଯାଇଛି। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ)ଙ୍କ ଏନ୍‌ଫୋର୍ସମେଣ୍ଟ ମେମ୍ବର ଭବାନୀ ଶଙ୍କର ଚୟନୀ ଏକାମ୍ର ହାଟ ଶିଳ୍ପୀ ମହାସଂଘ କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରିବା ପରେ ଏ ନେଇ ନିଷ୍ପତ୍ତି ହୋଇଛି। ଫଳରେ ସୋମବାରଠାରୁ ଏକାମ୍ର ହାଟକୁ ଏହି ଫେଷ୍ଟିଭାଲ ସହ ସଂଯୋଗ କରାଯାଇଛି। ଡଟ୍ ଫେଷ୍ଟର ବ୍ରାଣ୍ଡିଂ କରାଯିବା ସହିତ ହାଟ ପରିସରକୁ କାର୍‌ପେଟ୍ ଓ ଉଜ୍ଜ୍ୱଳ ଆଲୋକରେ ସଜାଯାଇଛି। ଏକାମ୍ର ହାଟ ଶିଳ୍ପୀ ମହାସଂଘ ସଭାପତି ଦିଲୀପ ହାଲି ଏ ସମ୍ପର୍କରେ କହିଛନ୍ତି, ସୋମବାରଠାରୁ ଡଟ୍ ଫେଷ୍ଟ ସହ ଏକାମ୍ର ହାଟର ୫୨ଜଣ ବ୍ୟବସାୟୀ ସାମିଲ ହୋଇ ନିଜ ନିଜର ସାମଗ୍ରୀ ବିକ୍ରି କରିବାର ସୁଯୋଗ ପାଇଛନ୍ତି। ଏହାଦ୍ୱାରା ଫେଷ୍ଟକୁ ଆସୁଥିବା ଲୋକ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିବା ସାଙ୍ଗକୁ ଫୁଡ୍ ଫେଷ୍ଟିଭାଲରେ ଖାଦ୍ୟର ମଜା ନେଇପାରିବେ ଏବଂ ଏକାମ୍ର ହାଟରୁ ପାରମ୍ପରିକ ହସ୍ତତନ୍ତ ସାମଗ୍ରୀ କିଣିପାରିବେ।



ସୋନା ମହାପାତ୍ରଙ୍କ ସଙ୍ଗୀତ ପରିବେଷଣ ବେଳେ ଉତ୍ସାହିତ ଶ୍ରୋତା।

### ଆଜିର ଆକର୍ଷଣ ଫୋକ୍ ଫେଷ୍ଟ

ଡଟ୍ ଫେଷ୍ଟର ଚତୁର୍ଥ ସନ୍ଧ୍ୟାର ଆକର୍ଷଣ ରହିବ 'ଫୋକ୍‌ସ୍କେପ୍ ଡଟ୍ ଫେଷ୍ଟ'। ୩ଦିନ ଧରି ରକ୍ ଓ ବ୍ୟାଣ୍ଡ୍ ମ୍ୟୁଜିକ୍‌ର ଧମାକା ପରେ ଚତୁର୍ଥ ସନ୍ଧ୍ୟାରେ ପ୍ରଥମ ଥର ପାଇଁ ଫେଷ୍ଟ ମଞ୍ଚରେ ଓଡ଼ିଶା ଏବଂ ଓଡ଼ିଶା ବାହାରର ଲୋକଗୀତ ଓ ଲୋକନୃତ୍ୟ ପରିବେଷଣ କରାଯିବ। ଓଡ଼ିଶାର ଛଉ ଓ ସମ୍ବଲପୁରୀ ନୃତ୍ୟ ସହ ଆସାମର ବିହୁ ଏବଂ ପଞ୍ଜାବର ଭାଙ୍ଗଡା ପ୍ରମୁଖ ଆକର୍ଷଣ ସାଜିବ। ଏହାସହ ମାର୍ଶାଲ ଆର୍ଟ ମଧ୍ୟ ପରିବେଷଣ କରାଯିବ, ଯେଉଁଥିରେ ଓଡ଼ିଶାର ଗୋଟିପୁଅ ସହ ମଣିପୁରର ଏକ ମାର୍ଶାଲ ଆର୍ଟ ରହିବ। ସେହିଭଳି ଆଦିବାସୀ କଳା ବିଭାଗରେ ଘୁମୁରା ନୃତ୍ୟ ପରିବେଷଣ କରାଯିବ। ଜମ୍ମୁ ଓ କଶ୍ମୀରର ଏକ ପାରମ୍ପରିକ ନୃତ୍ୟକଳାକୁ ମଧ୍ୟ ଦର୍ଶକ ଏଠାରେ ଦେଖିବାକୁ ପାଇବେ। ଏଥିପାଇଁ ୪ ରାଜ୍ୟର ୮୦ରୁ ଊର୍ଦ୍ଧ୍ୱ କଳାକାର ଫେଷ୍ଟରେ ଯୋଗଦେବେ।

## ଜମ୍ପ୍ ଫର୍ ଭୁବନେଶ୍ୱର







ଭୁବନେଶ୍ୱର, ୩।୧୨ (ବ୍ୟୁରୋ) ସ୍ମାର୍ଟ ସିଟି ଭୁବନେଶ୍ୱର ପକ୍ଷରୁ ଆରମ୍ଭ ହୋଇଥିବା 'ଜମ୍ପ୍ ଫର୍ ଭୁବନେଶ୍ୱର' ଚ୍ୟାଲେଞ୍ଜ ଦିନକୁ ଦିନ ହିଟ୍ ହେବାରେ ଲାଗିଛି। ହକି ବିଶ୍ୱକପ୍ ପାଇଁ ନୂଆ ରୂପ ନେଇଥିବା ରାଜଧାନୀ ଭୁବନେଶ୍ୱର ଏବେ ସମସ୍ତଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିବା ବେଳେ ଏହାକୁ ଆଉପାଦେ ଆଗକୁ ନେଇଛି ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଏହି ନୂଆ ଚ୍ୟାଲେଞ୍ଜ। ଓଲିଉଡ୍ ଅଭିନେତା ବାବୁସାନ୍, ପ୍ରକୃତି ମିଶ୍ର, ଶିବାନୀ, ହରିହର ଦାଶ, ଧାବିକା ଦ୍ୟୁତୀଚାନ୍ଦଙ୍କ ପରେ ସୋମବାର ଏଥିରେ ସାମିଲ ହୋଇଛନ୍ତି ର'ଷ୍ଟାର୍ ଋତୁରାଜ ମହାନ୍ତି ଓ ଜଣାଶୁଣା ଉପସ୍ଥାପିକା ସୁଲଗ୍ନା ରାଉତରାୟ। କେବଳ ଏମାନେ ନୁହନ୍ତି, ବିଜେଡିର ବହୁ ନାରୀନେତ୍ରୀଙ୍କ ସହ ୫୦ରୁ ଅଧିକ ବିଜେଡି କର୍ମୀ ମଧ୍ୟ ଏହି ଚ୍ୟାଲେଞ୍ଜ ପାଇଁ ଡେଇଁଥିବା ଦେଖିବାକୁ ମିଳିଛି। ଏହାବ୍ୟତୀତ ଆଇଟି ଇଣ୍ଡଷ୍ଟ୍ରିର ପ୍ରାୟ ୩୦୦ ଯୁବପିଢ଼ି ସୋମବାର ଏହି ଚ୍ୟାଲେଞ୍ଜକୁ ଗ୍ରହଣ କରିଛନ୍ତି। ଏହାସହ ସହରର ବହୁ ଯୁବତୀ, ଯୁବକ ଏକାମ୍ର ପ୍ଲାଜା, ଶିଶୁ ଭବନ ଛକର 'ଏକାମ୍ରକ୍ଷେତ୍ର', ସହରର ବିଭିନ୍ନ ସ୍ଥାନରେ ହୋଇଥିବା ୱାଲ୍‌ଆର୍ଟ, ଥ୍ରୀଡି ଆର୍ଟ, ହକି ବିଶ୍ୱକପ୍ ପାଇଁ ନିର୍ମିତ ସ୍ଥାପତ୍ୟ, ବିନ୍ଦୁସାଗର ଲାଇଟ୍ ଆଣ୍ଡ ସାଉଣ୍ଡ୍ ଶୋ ଭଳି ସ୍ଥାନର ବ୍ୟାକ୍‌ଗ୍ରାଉଣ୍ଡରେ ଡିଆଁ ମାରି ସୋସିଆଲ ମିଡ଼ିଆରେ #JumpForBhubaneswar-Challenge ସହ ପୋଷ୍ଟ କରୁଥିବା ଦେଖିବାକୁ ମିଳିଛି।



## ବକୁଳବନରେ ପଣ୍ଡିତ ଗୋଦାବରୀଶ, ଆଚାର୍ଯ୍ୟ ହରିହରଙ୍କ ପ୍ରତିମୂର୍ତ୍ତି ସ୍ଥାପନ



ଗୋଦାବରୀଶ ମିଶ୍ର

ସାକ୍ଷୀଗୋପାଳ, ୩।୧୨(ଡି.ଏନ୍.ଏ.)

ପୁରୀଜିଲା ସତ୍ୟବାଦୀ ବ୍ଲକ ବକୁଳବନରେ ପଣ୍ଡିତ ଗୋଦାବରୀଶ ମିଶ୍ର ଓ ଆଚାର୍ଯ୍ୟ ହରିହର ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାପିତ ହୋଇଛି। ୨୦୧୭ ଜାନୁୟାରୀ ମାସରେ ବକୁଳବନରୁ ଦୁର୍ବୃତ୍ତମାନେ ପଣ୍ଡିତ ଗୋଦାବରୀଶଙ୍କ ମୂର୍ତ୍ତି ଚୋରୀ କରି ନେଇଯିବା ସହିତ ଆଚାର୍ଯ୍ୟ ହରିହରଙ୍କ ପ୍ରତିମୂର୍ତ୍ତିର ମୁଖ ମଣ୍ଡଳକୁ ଭାଙ୍ଗି ଦେଇଥିଲେ। ପରେ ସ୍ଥାନୀୟ ଲୋକେ ଏବଂ ସଂସ୍କୃତି ପ୍ରେମୀ ମୂର୍ତ୍ତିକୁ ପୁନଃସ୍ଥାପିତ କରିବା ପାଇଁ ଦାବି କରିଥିଲେ। ଭାଙ୍ଗି ପଡିଥିବା ପ୍ରାଚୀର ନିର୍ମାଣ ଓ ପ୍ରତିମୂର୍ତ୍ତି ସ୍ଥାପନ ନିମନ୍ତେ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ୫୦ଲକ୍ଷ ଟଙ୍କାର ଅନୁଦାନ ମଞ୍ଜୁର କରାଯାଇଥିଲା। ମାତ୍ର ଏଥିରେ ବିଳମ୍ବ ହେବାରୁ ବକୁଳବନ ସୁରକ୍ଷା ପରିଷଦ ପକ୍ଷରୁ ଦୁଇ ପୂଣ୍ୟାତ୍ମାଙ୍କର ସିମେଣ୍ଟ ନିର୍ମିତ ମୂର୍ତ୍ତି ବସାଯାଇଥିଲା। ଏବେ ସେହି ଦୁଇଟି ମୂର୍ତ୍ତି ଅପସାରଣ କରାଯାଇ ସାକ୍ଷୀଗୋପାଳ ମନ୍ଦିର କାର୍ଯ୍ୟାଳୟରେ ରଖାଯାଇଛି। ମଣ୍ଡପ ମରାମତି ସହିତ ପ୍ରତିମୂର୍ତ୍ତି ସ୍ଥାପନ କରାଯାଉଥିବା ବେଳେ ପ୍ରାଚୀର ଏବେବି ମୁକୁଳା ପଡିଛି।

ଧରିତ୍ରୀ ର ୪୫ ତମ ଜନ୍ମବାର୍ଷିକ ଉପଲକ୍ଷେ
ଶୁଭେଚ୍ଛା ଓ ଶୁଭକାମନା
ଆପଣଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି ସହିତ
ସତ୍ୟବାଦୀର ସାମଗ୍ରୀକ ବିକାଶରେ ସହଯୋଗ କାମନା କରୁଛି
ପ୍ରହଲ୍ଲାଦ ଘଟୁଆରୀ
ଜିଲ୍ଲା ପରିଷଦ ସଭ୍ୟ, ସତ୍ୟବାଦୀ, ପୁରୀ

ଧରିତ୍ରୀ ର ୪୫ ତମ ଜନ୍ମବାର୍ଷିକ ଉପଲକ୍ଷେ
ସମସ୍ତ କୃଷୀ ଭାଇ ଓ ଭଉଣୀ ମାନଙ୍କୁ
ଶୁଭେଚ୍ଛା ଓ ଶୁଭକାମନା
ଜାତୀୟ କୃଷି ବଜାର
ମାନ୍ୟତା ପ୍ରାପ୍ତ
ସାକ୍ଷୀଗୋପାଳ ନିୟନ୍ତ୍ରୀତ ବଜାର କମିଟି
ସାକ୍ଷୀଗୋପାଳ, ପୁରୀ
କମଳ କୁମାର ଆଗ୍ରୁର୍ଯ୍ୟ, ସଂପାଦକ
ଭବତାରଣ ସାହୁ, ଓପ୍ରସେ, ଅଧ୍ୟକ୍ଷ

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ପାଠକ, ପାଠିକା, ବିତରକ, ପ୍ରତିନିଧିମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି।
ବିଷ୍ଣୁ ଚରଣ ଦାସ
ଉପାଧ୍ୟକ୍ଷ
ରାଜ୍ୟ ଯୋଜନା ବୋର୍ଡ, ଓଡ଼ିଶା

ଧରିତ୍ରୀ ର ୪୫ ତମ ଜନ୍ମବାର୍ଷିକ ଉପଲକ୍ଷେ
ଶୁଭେଚ୍ଛା ଓ ଶୁଭକାମନା
ଗୋପିନାଥ ହସପିଟାଲ
ବ୍ଲକ ଛକ, ସାକ୍ଷୀଗୋପାଳ
ସମସ୍ତ ଆର୍ୟୁବେଦ ଓ ଡାକ୍ତରୀ ଚିକିତ୍ସାର
ନିର୍ଭରଯୋଗ୍ୟ ପ୍ରତିଷ୍ଠାନ।

ଧରିତ୍ରୀର ୪୫ ତମ ସ୍ୱନକ୍ଷତ୍ର ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛୁ
ଉମାକାନ୍ତ ସାମନ୍ତରାୟ, ବିଧାୟକ, ସତ୍ୟବାଦୀ
ସସ୍ମିତା ପ୍ରଧାନ, ଅଧ୍ୟକ୍ଷା
ସତ୍ୟବାଦୀ ପଞ୍ଚାୟତ ସମିତି
ସମୃଦ୍ଧ ସତ୍ୟବାଦୀ ଗଠନରେ
ଆପଣଙ୍କର ସହଯୋଗ କାମନା କରୁଛୁ।
ନବବର୍ଷ ଆପଣଙ୍କ ସୁଖ ଶାନ୍ତି ଓ ସମୃଦ୍ଧିର ବର୍ଷ ହେଉ।
ସୌଜନ୍ୟ- ଶଙ୍କର ପ୍ରଧାନ, ପୁର୍ବତନ ସମିତିସଭ୍ୟ

WITH BEST COMPLIMENTS FROM
Confinity
CAREER OPPORTUNITIES
Services Providing:
1. Recruitment Services
2. Outsourcing
3. HR Solutions
4. Staffing
ABOUT US:
"Confinity Solutions Private Limited" is a brand in HR service provider. We are a young company, started in 2018 and growing rapidly by learning from our business patron. Since then, we have grown into highly mature and professional services company. We provide services in "Recruitment", "Outsourcing", "HR Solutions" and "Staffing" to world class companies across the globe.
We have currently requirements for IT / Software, Manufacturing & Other industries. Send your Resume / CV for finding better opportunities:
career@confinity.in, www.confinity.in | Phone: +91-6371899901
Office Address: Plot No.-631, Arena Animation Building, Saheed Nagar, Bhubaneswar, Odisha 751007
Opportunities that Drives your Business Needs





"ନୀତିହୀନ ରାଜନୀତି, ଚରିତ୍ରହୀନ ଶିକ୍ଷା, ମାନବିକତାହୀନ ବାଣିଜ୍ୟ ବ୍ୟବସାୟ କେବଳ ଅନୁପଯୋଗୀ ନୁହେଁ, ଏହା ନିଶ୍ଚିତ ପକ୍ଷେ ବିପଜ୍ଜନକ।

- ସତ୍ୟସାଇ ବାବା

## ସଂକ୍ଷେପରେ

### ପୋଲିସ-ଓକିଲ ବିବାଦ ଉଚ୍ଚସ୍ତରୀୟ କମିଟି ପାଇଁ ପ୍ରକ୍ରିୟା ଆରମ୍ଭ

୩ ବରିଷ୍ଠ ଆଇନଜୀବୀଙ୍କ ନାମ ଗୃହ ବିଭାଗକୁ ପଠାଗଲା

**କଟକ ଅଫିସ, ୩।୧୨:** କଟକରେ ପୋଲିସ-ଓକିଲଙ୍କ ମଧ୍ୟରେ ଯେଉଁ ବିବାଦ ଉପୁଜିଥିଲା ସେଭଳି ଘଟଣାକୁ ଭବିଷ୍ୟତରେ ରୋକିବା ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହି କମିଟିରେ ଜଣେ ଅବସରପ୍ରାପ୍ତ ବିଚାରପତି ଅଧ୍ୟକ୍ଷ ରହିବେ। ଉକ୍ତ କମିଟିରେ ଗୃହ ବିଭାଗର ଅତିରିକ୍ତ ସଚିବ, ଆଇନ ବିଭାଗ ସଚିବ, ପୋଲିସ ମହାନିର୍ଦ୍ଦେଶକ ପ୍ରମୁଖ ସଦସ୍ୟ ରହିବେ। ସେହିପରି ହାଇକୋର୍ଟର ୩ ଜଣ ବରିଷ୍ଠ ଆଇନଜୀବୀଙ୍କୁ ଏହି କମିଟିରେ ରଖାଯିବ। ହାଇକୋର୍ଟ ବାର୍ ଆସୋସିଏଶନ କାର୍ଯ୍ୟନିର୍ବାହୀ ପରିଷଦ ଏହି ୩ ଜଣ ଆଇନଜୀବୀଙ୍କୁ ଚୟନ କରିବ। ତଦନୁଯାୟୀ ୩ ଜଣ ବରିଷ୍ଠ ଆଇନଜୀବୀଙ୍କ ନାମ ତାଲିକା ଗୃହ ବିଭାଗକୁ ପଠାଯାଇଛି। ସେମାନେ ହେଲେ ଆଡଭୋକେଟ ସୂର୍ଯ୍ୟକାନ୍ତ ପାଢ଼ୀ, ଦେବୀପ୍ରସାଦ ଧଳ ଓ ନିର୍ମଳ ଚନ୍ଦ୍ର ପାଣିଗ୍ରାହୀ।

### ଝୁମ୍କା ରାସ୍ତାରେ ବୁଲିଲା ଦନ୍ତାହାତୀ

**ବାରଙ୍ଗ,୩।୧୨(ଡି.ଏନ୍.ଏ.):** ଚନ୍ଦକା-ଡମପଡ଼ା ଅଭୟାରଣ୍ୟର ଝୁମକା ଜଳପ୍ରପାତ ଓ ବଣଭୋଜିସ୍ଥଳୀ ରାସ୍ତାରେ ସୋମବାର ହାତୀଙ୍କ ଉପଦ୍ରବ ଦେଖାଦେଇଛି। ସକାଳେ ଦୁଇଟି ଦନ୍ତାହାତୀ ଏହି ରାସ୍ତାରେ ଦୀର୍ଘସମୟଧରି ବୁଲୁଥିବା ଗ୍ରାମବାସୀ ଦେଖିବା ପରେ ଲୋକେ ଆତଙ୍କିତ ହୋଇପଡିଥିଲେ। ଯୁବକମାନେ ସଙ୍ଗବଦ୍ଧ ହୋଇ ଘଉଡ଼ାଇବାକୁ ଚେଷ୍ଟା କରିବାରୁ ହାତୀଦ୍ୱୟ ସେମାନଙ୍କୁ ଗୋଡାଇଥିଲା। ପରେ ରାସ୍ତାପାର୍ଶ୍ୱରେ ଥିବା ଏକ ଫାର୍ମରେ ହାତୀଦ୍ୱୟ ପଶି ବହୁ ଗଛ ଭାଙ୍ଗିଦେଇଥିଲେ। ଗ୍ରାମବାସୀ ପାଟିକରିବା ସହ ବାଣଫୁଟାଇବାରୁ ହାତୀଦ୍ୱୟ ଜଙ୍ଗଲକୁ ପଳାଇଥିଲେ। ଝୁମୁକାକୁ ପ୍ରତ୍ୟହ ପର୍ଯ୍ୟଟକ ଯିବାଆସିବା ରହିଥିବାବେଳେ ହାତୀଙ୍କ ଏଭଳି ଉତ୍ପାତ ଚିନ୍ତା ସୃଷ୍ଟି କରୁଛି।

# ଶ୍ରୀମନ୍ଦିର ସରକାରଙ୍କ ଅଧୀନକୁ ଆସିବା ବେଳେ ମିଳି ନ ଥିଲା ଚାବି

**ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗ**

- ୧୯୬୪ ପରଠାରୁ ଟ୍ରେଜେରିରେ ନ ଥିଲା

**ପୁରୀ ଅଫିସ,୩।୧୨**

ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ଘଟଣାର ତଦନ୍ତ କମିଶନଙ୍କ ରିପୋର୍ଟ ରାଜ୍ୟ ସରକାରଙ୍କ ହସ୍ତଗତ ହୋଇଛି। ଜଷ୍ଟିସ ରଘୁବୀର ଦାସ କମିଶନଙ୍କ ପକ୍ଷରୁ ଗତ ଶୁକ୍ରବାର ୩୨୪ ପୃଷ୍ଠା ସମ୍ବଳିତ ପୂର୍ଣ୍ଣାଙ୍ଗ ରିପୋର୍ଟ ଗୃହ ବିଭାଗର ଉପସଚିବଙ୍କ ନିକଟରେ ଦାଖଲ କରାଯାଇଛି। ରିପୋର୍ଟରେ କ'ଣ ରହିଛି ତାହା ଉପରେ ଏବେ ନଜର ରହିଥିବାବେଳେ ସୋମବାର ବିଦାୟୀ ନୀତି ପ୍ରଶାସକ ପ୍ରଦୀପ ଦାଶ ରତ୍ନଭଣ୍ଡାର ଚାବି ସମ୍ପର୍କରେ ରୋଚକ ତଥ୍ୟ ଗଣମାଧ୍ୟମ ସମ୍ମୁଖରେ ରଖିଛନ୍ତି। ନୂଆ ନୀତି ପ୍ରଶାସକଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବା ସମୟରେ ଦାଶ କହିଛନ୍ତି ଯେ, ଯେତେବେଳେ ଶ୍ରୀମନ୍ଦିର ସରକାରଙ୍କ ଅଧୀନକୁ ଆସିଥିଲା ସେତେବେଳେ ରତ୍ନଭଣ୍ଡାର ଚାବି ଆସି ନ ଥିଲା। ସେହିପରି ଟ୍ରେଜେରିରେ କେବେହେଲେ ଚାବି ରହିନାହିଁ ବୋଲି ସେ କହିଛନ୍ତି।

ବିଦାୟୀ ନୀତିପ୍ରଶାସକ ଏ ସମ୍ପର୍କରେ କହିଛନ୍ତି ଯେ, ରତ୍ନଭଣ୍ଡାର ପ୍ରସଙ୍ଗରେ କିଛି ରହସ୍ୟ ନାହିଁ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତଦନ୍ତ କମିଶନଙ୍କ ପାଖରେ ଯାହା ତଥ୍ୟ ଦାଖଲ କରାଯାଇଛି ବା ବିଭିନ୍ନ ସମୟରେ ଯାହା କୁହାଯାଇଛି ତାହାକୁ ବୁଝିବା ଲାଗି ଚେଷ୍ଟା କରାଯାଉ ନାହିଁ। ଶ୍ରୀମନ୍ଦିର ସରକାରଙ୍କ ଅଧୀନକୁ ଆସିବା ସମୟରେ ରତ୍ନଭଣ୍ଡାର ଚାବି ମିଳି ନ ଥିଲା। ସେତେବେଳେ ଡୁପ୍ଲିକେଟ ଚାବି କିମ୍ବା ଅନ୍ୟ ବିକଳ୍ପ ବ୍ୟବସ୍ଥା କରାଯାଇଥିଲା। ଜିଲାପାଳ ଥିଲେ ତା'ର ତତ୍ତ୍ୱାବଧାରକ। ୨୦୦୫ ପୂର୍ବରୁ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ମୁଖ୍ୟ ପ୍ରଶାସକ ପଦବୀ ନ ଥିଲା। ଏଡିଏମ୍ ପାହ୍ୟାର ଜଣେ ଅଫିସର ପ୍ରଶାସକ ପଦବୀରେ ରହୁଥିଲେ। ଜିଲାପାଳ ଥିଲେ ସର୍ବେସର୍ବା। ସେହି ଦୃଷ୍ଟିରୁ ଚାବିକାଠି ଜିଲାପାଳଙ୍କ ତତ୍ତ୍ୱାବଧାନରେ ପରମ୍ପରା ଅନୁସାରେ ରହିଆସୁଥିବା କୁହାଯାଇଥିଲା। ନିୟମ ଅନୁଯାୟୀ ଟ୍ରେଜେରିରେ ଚାବିକାଠି ରହିବା କଥା। କିନ୍ତୁ ଅନୁଧ୍ୟାନରୁ ଜଣାପଡିଛି ଟ୍ରେଜେରିରେ କୌଣସି ସମୟରେ ଚାବିକାଠି ରହିନାହିଁ। ୧୯୬୪ ମସିହା ରେଜିଷ୍ଟରକୁ ଅନୁଧ୍ୟାନ କଲା ପରେ ଏହା ଜଣାପଡିଛି। ଏହା ଅର୍ଥ ନିଶ୍ଚିତ ଭାବେ ଚାବି ଜିଲାପାଳଙ୍କ ପାଖରେ ହିଁ ରହୁଥିଲା। ୧୯୭୮ ମସିହାରେ ରତ୍ନଭଣ୍ଡାର ଅଳଙ୍କାରର ଆକଳନ କରାଯାଇଥିଲା। ୭୦ ଦିନ ଧରି ଏହି ଆକଳନ କରାଯାଇଥିବା ଯାହା ବିଭିନ୍ନ ରେକର୍ଡପତ୍ର ରହିଛି। ଏହାପରେ ୧୯୮୩ ଓ ୧୯୮୫ ମସିହାରେ ରତ୍ନଭଣ୍ଡାର ଖୋଲାଯାଇଛି। ବର୍ତ୍ତମାନ ମିଳିଥିବା ଡୁପ୍ଲିକେଟ ଚାବିରେ ସେତେବେଳେ ରତ୍ନଭଣ୍ଡାର ଖୋଲାଯାଇଥିବା ମୁଁ ଭାବୁଛି ବୋଲି ବିଦାୟୀ ନୀତି ପ୍ରଶାସକ କହିଛନ୍ତି।

# ବିଭ୍ରାଟ ନୁହେଁ, ବିଭ୍ରାନ୍ତି

**ନବକଳେବର ପ୍ରସଙ୍ଗ**

- ଦାରୁ ଏବେ ବ୍ରହ୍ମମୟ, ମତ ଦେବାକୁ ଆମେ କିଏ
- ୯୫ ପ୍ରତିଶତ ସେବକ ଭଲ

**ପୁରୀ ଅଫିସ,୩।୧୨**

୨୦୧୫ ନବକଳେବରରେ କିଛି ବିଭ୍ରାଟ ନାହିଁ, ଏହା ବିଭ୍ରାନ୍ତି। ସତ କଥାକୁ ବିଭିନ୍ନ ଢଙ୍ଗରେ ଉପସ୍ଥାପନ କରି ଏହାକୁ ଜଟିଳ କରିଦିଆଯାଇଛି ବୋଲି କହିଛନ୍ତି ଶ୍ରୀମନ୍ଦିରର ବିଦାୟୀ ନୀତି ପ୍ରଶାସକ ପ୍ରଦୀପ ଦାଶ। ସୋମବାର ଦାୟିତ୍ୱ ହସ୍ତାନ୍ତର କରିବା ଅବସରରେ ସେ ଗଣମାଧ୍ୟମକୁ କହିଛନ୍ତି ଯେ, ନବକଳେବରରେ ବିଳମ୍ବ ହୋଇଛି ବୋଲି ମନ୍ଦିର ପ୍ରଶାସନ ସବୁବେଳେ କହିଆସିଛି। ପ୍ରାଚୀନ ପୋଥି କିମ୍ବା ନବକଳେବର ନଥିକୁ ଘାଣ୍ଟିଲେ ପୂର୍ବରୁ ୩/୪ଟି ନବକଳେବରରେ ଏହିଭଳି ସମସ୍ୟା ହୋଇଥିବା ଜଣାପଡିବ। କିନ୍ତୁ ୨୦୧୫ ନବକଳେବରରେ ବିଳମ୍ବ ଅଧିକ ହୋଇଛି। ଏହା ସତ୍ୟ ସେବକଙ୍କ ମଧ୍ୟରେ ବାଦ ବିବାଦ ଅଧିକ ବଢିଛି। ବିଳମ୍ବ ପାଇଁ କେଉଁମାନେ ଦାୟୀ ତାହା ଦେଖିବା ପାଇଁ ମନ୍ଦିର ପ୍ରଶାସନ ମଧ୍ୟ ଚେଷ୍ଟା କରିଛି। ଅନ୍ୟପକ୍ଷରେ ମହାପ୍ରଭୁଙ୍କ ଦାରୁର ମାନ ଏବଂ ଫିକ୍ସିଂ ନେଇ ଉଠୁଥିବା ଅଭିଯୋଗ ସଂକ୍ରାନ୍ତରେ ସେ କହିଥିଲେ ଯେ, ଫିକ୍ସିଂ ହେଉ ଅବା ଦାରୁ ପୋଲା ସେ ଯାହା ବି ହେଉ ସେହି ଦାରୁ ଗତ ୩ ବର୍ଷ ହେଲା ବ୍ରହ୍ମମୟ ହୋଇଗଲେଣି। ସେହି ବ୍ରହ୍ମଙ୍କୁ କେବଳ ଓଡ଼ିଶାବାସୀ ନୁହେଁ, ବିଶ୍ୱବାସୀ ଗ୍ରହଣ କରିସାରିଲେଣି। ପ୍ରତିଦିନ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଶ୍ରୀମନ୍ଦିର ଆସି ମହାପ୍ରଭୁଙ୍କୁ ଆରାଧନା କରୁଛନ୍ତି। ଏହାପରେ କିଛି ଖୋଳତାଡ଼ କରିବା କିମ୍ବା ମତ ଦେବା ପାଇଁ ଆମେ କିଏ ? ବିଶେଷକରି ଜଣେ ସେବକ ଏ ବିଷୟରେ କିଛି କହିବା ଉଚିତ ନୁହେଁ।

୫ ବର୍ଷ ଧରି ଶ୍ରୀମନ୍ଦିର ନୀତି ପ୍ରଶାସକ ରହିବା ଅନୁଭୂତି ସମ୍ପର୍କରେ ସେ କହିଥିଲେ, ସମସ୍ତଙ୍କୁ ସାଥିରେ ନେଇ କାମ କରିବାକୁ ସବୁବେଳେ ଚେଷ୍ଟା କରିଆସିଛି। ଶ୍ରୀମନ୍ଦିର ୯୦ରୁ ୯୫ ପ୍ରତିଶତ ସେବକ ବହୁତ ଭଲ। ସେମାନଙ୍କର ତ୍ୟାଗ, ଉତ୍ସର୍ଗୀକୃତ ମନୋଭାବ ରହିଛି। ତେଣୁ ନୀତି ନିର୍ବାହ କରିବାରେ କୌଣସି ପ୍ରକାର ଅସୁବିଧା ହେଉନାହିଁ। ୫ ପ୍ରତିଶତ ସେବକ ଅଛନ୍ତି ଯେଉଁମାନେ ବିଭିନ୍ନ କଥାକୁ ଅଲଗା ଢଙ୍ଗରେ ନିଅନ୍ତି ବୋଲି ପ୍ରଦୀପ ଦାଶ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ହାତୀ ଚାଲିଚାଲି ଯେଉଁଠି**
**ଘୋଡ଼ା ଦଉଡ଼ି ଦଉଡ଼ି ସେଇଠି ।**

ଲକ୍ଷ୍ୟହୀନ ବ୍ୟକ୍ତି କୌଣସି କାର୍ଯ୍ୟରେ ସଫଳ ହୋଇପାରି ନ ଥାନ୍ତି। ପରନ୍ତୁ ବୁଦ୍ଧି ବା ଲକ୍ଷ୍ୟ ଠିକ୍ ଥିଲେ ଜଣେ ଧୀର ହେଲେ ମଧ୍ୟ କର୍ମକ୍ଷେତ୍ରରେ ବେଶ୍ ଅଗ୍ରଗତି କରିପାରନ୍ତି। ଧୀରେ ସୁସ୍ଥେ ଏକନିଷ୍ଠ ହୋଇ କାର୍ଯ୍ୟକଲେ ସଫଳତା ହାସଲ କରିବା ସ୍ଥିର ନିଶ୍ଚିତ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ହାକିମ ଉଠିଗଲେ ବି**
**ହୁକୁମ ଉଠେ ନାହିଁ ।**

ପଦବୀଧାରୀ ପରିବର୍ତ୍ତିତ ହୁଏ। କିନ୍ତୁ ପଦାସନ ସେମିତି ପଡ଼ିରହିଥାଏ। ପଦ ଓ ଆସନ ଖାଲି ପଡ଼ି ନ ଥାଏ। ପଦାଧିକାରୀ ଆସନ ଖାଲି କରି ଚାଲିଯାଆନ୍ତି, ପୁଣି ନୂଆ ବ୍ୟକ୍ତି ଆସି ସେଇ ପଦ ଅଳଂକୃତ କରିଥାନ୍ତି। ହୁକୁମ ବା ନିୟମର ସ୍ଥାୟିତ୍ୱ ବେଶି ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.



ଦିଲ୍ଲୀଠାରେ ଅନୁଷ୍ଠିତ ଜାତୀୟ ଶିଶୁ ମହୋତ୍ସବ 'ହୋସ୍‌ଲା-୨୦୧୮'ରେ ଚାମ୍ପିୟନ ହୋଇଥିବା ଓଡ଼ିଶାର ପ୍ରତିଯୋଗୀମାନଙ୍କୁ ସୋମବାର ସଚିବାଳୟଠାରେ ସମ୍ବର୍ଦ୍ଧନା ଦିଆଯିବା ଅବସରରେ ଉପସ୍ଥିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟମାନେ।

### ହୋସ୍‌ଲା ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ

# ପୁରସ୍କାର ଘୋଷଣା, ହକି ବିଶ୍ୱ କପ୍‌କୁ ଆମନ୍ତ୍ରଣ

**ଭୁବନେଶ୍ୱର, ୩।୧୨(ବ୍ୟୁରୋ)**

ଦିଲ୍ଲୀଠାରେ ଅନୁଷ୍ଠିତ ଜାତୀୟ ଶିଶୁ ମହୋତ୍ସବ 'ହୋସ୍‌ଲା-୨୦୧୮'ରେ ଭାଗ ନେଇ ଫେରିଥିବା ଓଡ଼ିଶାର ପ୍ରତିଯୋଗୀଙ୍କୁ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସଚିବାଳୟଠାରେ ସମ୍ବର୍ଦ୍ଧିତ କରିଛନ୍ତି। ଏହି ମହୋତ୍ସବରେ ଶ୍ରେଷ୍ଠ ପ୍ରଦର୍ଶନ କରି ଓଡ଼ିଶା ପାଇଁ ଗୌରବ ଆଣିଥିବାରୁ ଏହି ଅବସରରେ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଉଚ୍ଚ ପ୍ରଶଂସା କରିବା ସହ କଳିଙ୍ଗ ଷ୍ଟାଡିୟମଠାରେ ଚାଲିଥିବା ହକି ବିଶ୍ୱକପ୍ ଖେଳ ଦେଖିବାକୁ ଆମନ୍ତ୍ରଣ କରିଛନ୍ତି। ଏଥିସହ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତି ପିଲାଙ୍କୁ ୫୦ହଜାର ଟଙ୍କା, ଦ୍ୱିତୀୟ ହୋଇଥିବା ପିଲାଙ୍କୁ ୩୦ହଜାର ଓ ତୃତୀୟ ସ୍ଥାନରେ ଥିବା ପିଲାଙ୍କୁ ୨୦ହଜାର ଟଙ୍କା ପୁରସ୍କାର ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ। କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଶିଶୁ ଯତ୍ନ ଅନୁଷ୍ଠାନଗୁଡିକର ପିଲାମାନଙ୍କୁ ନେଇ ନଭେମ୍ବର ୨୬ରୁ ୨୯ତାରିଖ ପର୍ଯ୍ୟନ୍ତ ଏହି ଜାତୀୟ ଶିଶୁ ମହୋତ୍ସବ ଚାଲିଥିଲା। ଏଥିରେ ୧୮ ବର୍ଷରୁ କମ୍ ବୟସର ପିଲାମାନେ ଯୋଗଦେଇ ଫୁଟବଲ, ଚେସ୍, ଆଥ୍‌ଲେଟିକ୍ସ, ଚିତ୍ରାଙ୍କନ, ତର୍କ ଓ ମଡେଲ ନିର୍ମାଣ ଆଦି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଓଡ଼ିଶାରୁ ୩୭ଜଣ ପିଲା ଭାଗ ନେଇ ୧୪ଟି ସ୍ୱର୍ଣ୍ଣ, ୪ଟି ରୌପ୍ୟ ସହ ୨ଟି ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଏଥିରେ ଭାଗ ନେଇଥିବା ୧୮ଟି ପ୍ରତିଯୋଗୀ ରାଜ୍ୟଗୁଡ଼ିକ ମଧ୍ୟରେ ଓଡ଼ିଶା ସର୍ବଶ୍ରେଷ୍ଠ ପ୍ରଦର୍ଶନ କରି ଚାମ୍ପିୟନ ଟାଇଟଲ ଅର୍ଜନ କରିଥିଲା।

### ନାବାଳିକାଙ୍କୁ ଅସଦାଚରଣ କରି ଜେଲ୍ ଗଲେ ବାବା

**ପିପିଲି, ୩।୧୨(ଡି.ଏନ୍.ଏ.):** ପିପିଲି ଥାନା ଅଞ୍ଚଳର ଜଣେ ବାବା ଜଣେ ନାବାଳିକାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ପୋଲିସ ବାବାଙ୍କୁ ଗିରଫ କରିଥିଲା। ପରେ ବାବାଙ୍କୁ ପୁରୀ ସ୍ପେଶାଲ କୋର୍ଟରେ ହାଜର କରାଯାଇଥିବାବେଳେ କୋର୍ଟ ତାଙ୍କୁ ୧୪ଦିନ ପାଇଁ ବିଚାରବିଭାଗୀୟ ହାଜତକୁ ପଠାଇଦେଇଛନ୍ତି। ପ୍ରକାଶ ଯେ, ବାବା ଜଗନ୍ନାଥ ଦାଶ (୬୩)ଏକ ମଠରେ ପୂଜକ ଭାବେ କାର୍ଯ୍ୟ କରନ୍ତି। ଗତ ୧ତାରିଖରେ ନାବାଳିକା ଜଣଙ୍କ ଖେଳୁଥିବାବେଳେ ବାବା ତାଙ୍କୁ ଅସଦାଚରଣ କରିଥିଲେ। ଏସମ୍ପର୍କରେ ନାବାଳିକାର ବାପାଙ୍କ ଅଭିଯୋଗକୁ ଭିତ୍ତିକରି ପିପିଲି ପୋଲିସ ଏକ ମାମଲା ରୁଜୁ କରିଥିଲା। ପିପିଲି ଥାନା ଆଇଆଇସି ଶରତ କୁମାର ସାହୁ ମଠରେ ଚଢ଼ାଉ କରି ବାବାଙ୍କୁ ଗିରଫ କରିଥିଲେ।


+PILES CLINIC+
Near Budheswari Temple, ମଦ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎0674 - 2581337, 9437301790

# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

BALADEV FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Personal, Business, Home, Certificate, Property, କୃଷି ଓ ଶିକ୍ଷା ପାଇଁ ସମସ୍ତ ପ୍ରକାର loan Baladev Finance ଦ୍ୱାରା ଯୋଗାଇ ଦିଆଯାଉଛି।
ସୁଧ ୨%
M: 7750923286 7750921101

ସରକାରୀ ଜନଧନ ଯୋଜନା ଅଧୀନରେ
DHANLAXMI FINANCE PVT. LTD.
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ , ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ ।
2% ସୁଧ 50% ରିହାତି
Helpline Number 9499218982
Goudunipokhari, Pharsibandha, Bhadrak, Odisha - 756132

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

FINANCE
Mahalaxmi Credit Services
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ପାଆନ୍ତୁ
25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ
website- mahalaxmicreditservices.com
Lane No - 5, MG Road, Bangalore
9105689469
8395030162

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ୍ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ୍ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ୍ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ୍ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ୍ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। ପୁରୀ: ୬ ଓ ୨୦, ହୋଟେଲ୍ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ୍ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ୍ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ୍ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ୍ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ୍ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ୍ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ୍ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ୍ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ୍ ଲେକଭ୍ୟୁ, ରାମ ଲିଙ୍ଗ ଟ୍ୟାଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ୍ ଓରିଏଣ୍ଟାଲ, କେନାଲ୍ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

Shri Ram Finance
ସେବା ସମିତି ଋଣ ଅଫର୍
ପିଏମ୍ ଋଣ ଯୋଜନା ଅଧୀନରେ 5 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ । ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ବିପିଏଲ୍ କାର୍ଡ । ବେରୋଜଗାର, ମହିଳା ଗ୍ରୁପ୍ ଋଣ ପାଆନ୍ତୁ 2% ସୁଧ 40% ସରକାରୀ ସବ୍‌ସିଡି।
Helpline Numbers
9996568749
7497026992
Kutasingha, Tentuligaon, Bolangir, Orissa 767068

ମୁଦ୍ରା ପ୍ରୋତ୍ସାହନ ଯୋଜନା ଅଧୀନରେ !!!
ଋଣ ଉପରେ ଋଣ !!! ମାର୍କଶିଟ୍, ପର୍ସନାଲ, କୃଷି, ଲଘୁ ଉଦ୍ୟୋଗ ଋଣ !!! ମହିଳା ଗ୍ରୁପ୍, ବିକଳାଙ୍ଗଙ୍କ ପାଇଁ ବିଶେଷ ରିହାତି !!!
ପ୍ରକ୍ରିୟାକରଣ ୨ କାଗଜ ଉପରେ !!!
୨% ସୁଧ, ୪୦% ସବ୍‌ସିଡି !!!
ଗ୍ରୁପ୍ ଫାଇଲ୍ ଉପରେ ୨% କମିଶନ।
8376930370
7840058835
H.No.-258, VPO Duhai, Ghaziabad, (U.P.) 201203

BUSINESS
ଖାଲିଥିବା ଜମି ଓ ଛାତ ଉପରେ ଗ୍ୟାଲେକ୍ସୀ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8697980580

କୁବେର ଫାଇନାନ୍ସ
ମୁଖ୍ୟମନ୍ତ୍ରୀ ଯୋଜନା ଦ୍ୱାରା ସବୁ ଋଣ ଘରେ ବସି 24 ଘଣ୍ଟାରେ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବିପିଏଲ୍, ମହିଳା ଗ୍ରୁପ୍ ଋଣ 0% ସୁଧ, 35% ସବ୍‌ସିଡି।
Helpline
18002126755
08802683947
Dist: Khargaon, Madhyapradesh

T.C.F. FINANCE
(Govt. Registered)
ଋଣ ମାତ୍ର 6 ଘଣ୍ଟାରେ । ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍ ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି।
(ଠକମାନଙ୍କ ପ୍ରତି ସାବଧାନ)
08859668407
୩୯, ପଟେଲ ନଗର, ଆଶିକ ସାହାରନପୁର ରୋଡ୍, ଡେରାଡୁନ୍ - ୨୪୫୦୦୧

ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
MUDRA FINANCE
ଆଗେ କାମ - ପରେ ଦାମ
ପର୍ସନାଲ, ପ୍ରପର୍ଟି ମାର୍କଶିଟ୍, ବ୍ୟବସାୟ ଯାନବାହନ, ଆଧାରକାର୍ଡ ରାଶନ କାର୍ଡ ସମସ୍ତ ଋଣ
2% ସୁଧ - 40% ରିହାତି
ଘରେ ବସି ଉପଲବ୍ଧ
7078300380
Ram Nagar, Narnel, Haryana

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

ନୂଆବର୍ଷର ଶୁଭ ଅବସରରେ
GANAPATI FINANCE
ଦ୍ୱାରା ଆଧାରକାର୍ଡ, ମାର୍କଶିଟ୍, ଗୃହ, ପର୍ସନାଲ, ବ୍ୟବସାୟ
ସମସ୍ତ ଋଣ ମାତ୍ର 4 ଘଣ୍ଟାରେ
1% ସୁଧ - 50% ରିହାତି
ମହିଳା / ସରକାରୀ କର୍ମଚାରୀଙ୍କ ପାଇଁ ରିହାତି
ଦ୍ରଷ୍ଟବ୍ୟ: ଆମର ଅନ୍ୟ କୌଣସି ଶାଖା ନାହିଁ
ଯୋଗାଯୋଗ: ସୁନିତା
8860416623, 8860412564
168, Sector 30, Jagatpura, Jaipur (Rajasthan)

ଭାରତର ନଂ.1 କମ୍ପାନୀ
HI-TECH TOWER
(GOVT. REGD.)
ଡିଜିଟାଲ ଉପକରଣ ଜମି, ଛାତ, ପ୍ଲଟ୍ କ୍ଷେତରେ ଲଗାନ୍ତୁ
ପାଆନ୍ତୁ 60 ଲକ୍ଷ ଅଗ୍ରିମ + ଭଡ଼ା 40 ହଜାର + 20,000/-ର ପ୍ରୋତ୍ସାହନ + ବାଇକ୍ + ଜୀବନ ବୀମା
(ଠକମାନଙ୍କ ପ୍ରତି ସାବଧାନ)
08818956614
09753490869
#908, Dhiman Line, Yamuna Nagar, Haryana.


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


**TARIFF — MORE SPACE • SAME PRICE** (*GST 5% Extra)

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୪ ଡିସେମ୍ବର, ୨୦୧୮



ନ୍ୟାୟ ଯଦି ବିଳମ୍ବରେ ମିଳିଲା, ତାହା ନ ମିଳିବା ସଙ୍ଗେ ସମାନ।

- ୱିଲିୟମ ଗ୍ଲାଡ୍‌ଷ୍ଟୋନ



■ ଲୋକନାଥ ମନ୍ଦିରରେ ହୋଇପାରିଲାନି ଶମ୍ଭୁ ଏକାଦଶୀ

# ହରିହରଙ୍କ ଦର୍ଶନରୁ ଭକ୍ତ ବଞ୍ଚିତ

**ପୁରୀ ଅଫିସ,୩।୧୨**

ହରିଶୟନଠାରୁ ହରି ଉତ୍ଥାପନ ଏକାଦଶୀ ଏହି ୪ ମାସକୁ ବାଦ୍ ଦେଲେ ଯେଉଁ ସୋମବାର ଏକାଦଶୀ ପଡ଼େ ତାହାକୁ ଶମ୍ଭୁ ଏକାଦଶୀ କୁହାଯାଏ। ଲୋକନାଥ ମନ୍ଦିରରେ ଶମ୍ଭୁ ଏକାଦଶୀ ପାଳନ ହେବାର ବିଧି ରହିଛି। ସୋମବାର ଏକାଦଶୀ ପଡିଥିଲେ ମଧ୍ୟ ଲୋକନାଥ ମନ୍ଦିରରେ ଏହା ଅନୁଷ୍ଠିତ ହୋଇପାରି ନାହିଁ। ଫଳରେ ଏହି ପବିତ୍ର ଦିନରେ ହରିହରଙ୍କୁ ଏକତ୍ର ଦର୍ଶନ କରିବାରୁ ଭକ୍ତ ବଞ୍ଚିତ ହୋଇଛନ୍ତି। ଏହାକୁ ନେଇ ଭକ୍ତଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ଲୋକନାଥ ମନ୍ଦିର ସେବାୟତ ନିଯୋଗ ସମ୍ପାଦକ ସନ୍ତୋଷ ପଣ୍ଡା କହିଛନ୍ତି, ପ୍ରଶାସନିକ ଇଚ୍ଛାଶକ୍ତି ଅଭାବରୁ ଶମ୍ଭୁ ଏକାଦଶୀ ପାଳନ କରାଯାଇ ନାହିଁ। ୧୯୮୨ ମସିହା ପରଠାରୁ ଏହି ନୀତି ବନ୍ଦ ରହିଛି। ଏହା ହେଉଛି ଏକ ବିରଳ ନୀତି। ଶମ୍ଭୁ ଏକାଦଶୀରେ ହରି (ଶ୍ରୀଜଗନ୍ନାଥଙ୍କ ଚଳନ୍ତି ପ୍ରତିମା)ହର (ଲୋକନାଥଙ୍କ ଚଳନ୍ତି ପ୍ରତିମା) ଭେଟ ହୋଇଥାନ୍ତି। ଏହି ନୀତିରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନମୋହନ (ହରି) ଶ୍ରୀଲୋକନାଥ ମନ୍ଦିରକୁ ହର (ଲୋକନାଥ)ଙ୍କ ସହିତ ଭେଟ ପାଇଁ ଆସିଥାନ୍ତି। ଶ୍ରୀମନ୍ଦିରରେ ବଲ୍ଲଭ ସରିବା ପରେ ପ୍ରଥମେ ଲୋକନାଥଙ୍କ ଚଳନ୍ତି ପ୍ରତିମା ପାଲିଙ୍କିରେ ଲୋକନାଥ ମନ୍ଦିରକୁ ଆସନ୍ତି। ଶ୍ରୀମନ୍ଦିରରେ ଦ୍ୱିପ୍ରହର ଧୂପ ପରେ ଶ୍ରୀଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ମଦନମୋହନ ଆସନ୍ତି। ଲୋକନାଥ ମନ୍ଦିର ବୈକୁଣ୍ଠ କୂପ ସମ୍ମୁଖରେ ଲୋକନାଥଙ୍କ ଚଳନ୍ତି ପ୍ରତିମା ମଦନମୋହନଙ୍କୁ ଅତିଥି ସତ୍କାର ସ୍ୱରୂପ ଆଳତି ବନ୍ଦାପନା କରି ସିଂହଦ୍ୱାର ରାସ୍ତା ଦେଇ ମନ୍ଦିରକୁ ପ୍ରବେଶ କରାନ୍ତି। ଏହାପରେ ଦୁଇଜଣ ଗୋଟିଏ ପାଲିଙ୍କିରେ ବସନ୍ତି ଏବଂ ଗୋଟିଏ ଭୋଗ ଲାଗି ହୁଏ। ଶ୍ରୀମନ୍ଦିର ସେବାୟତ ଲୋକନାଥ ମନ୍ଦିରକୁ ଆସି ଏହି ନୀତି ସମ୍ପନ୍ନ କରିଥାନ୍ତି। ଏହାପରେ ଦୁଇଠାକୁର ଗୋଟିଏ ପାଲିଙ୍କିରେ ବସି ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରନ୍ତି ବୋଲି ନିଯୋଗ ସମ୍ପାଦକ ପଣ୍ଡା କହିଛନ୍ତି।

ଏ ସମ୍ପର୍କରେ ଶ୍ରୀଲୋକନାଥ ଦେବ ଟ୍ରଷ୍ଟ ବୋର୍ଡର ମ୍ୟାନେଜର ଅପର୍ଣ୍ଣ ପରିଡାଙ୍କୁ ପଚାରିବାରୁ ଏହି ନୀତିକୁ ପୁନଃ ପ୍ରଚଳନ କରିବା ପାଇଁ କିଛି ବର୍ଷ ପୂର୍ବେ ଶ୍ରୀମନ୍ଦିର ପ୍ରଶାସନ ସହିତ ଆଲୋଚନା କରାଯାଇଥିଲା। କିନ୍ତୁ ଶ୍ରୀମନ୍ଦିରର କିଛି ସେବକଙ୍କ ସହଯୋଗ ନ ମିଳିବାରୁ ଏହି ଆଲୋଚନା ଫଳପ୍ରଦ ହେଲା ନାହିଁ। ତଥାପି ବହୁ ଭକ୍ତ ଏହି ନୀତି ସମ୍ପାଦନ ଲାଗି ଦାବି କରୁଛନ୍ତି। ଖୁବ୍‌ଶୀଘ୍ର ଟ୍ରଷ୍ଟ ବୋର୍ଡ ଆଲୋଚନା କରି ଶମ୍ଭୁ ଏକାଦଶୀକୁ ଚାଲୁ କରିବା ଲାଗି ଉଦ୍ୟମ କରିବ ବୋଲି ସେ କହିଛନ୍ତି।







ଚନ୍ଦ୍ରଭାଗା ବେଳାଭୂମିରେ ଚାଲିଥିବା ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବରେ ଗଛ ଓ ସମୁଦ୍ରର ସୁରକ୍ଷା ପାଇଁ ଶିଳ୍ପୀଙ୍କ ଦ୍ୱାରା ତିଆରି କଳାକୃତି।

■ କୋଣାର୍କ ମହୋତ୍ସବର ତୃତୀୟ ସନ୍ଧ୍ୟା

# ଓଡ଼ିଶୀ ନୃତ୍ୟରେ ରାଧାକୃଷ୍ଣଙ୍କ ମିଳନପ୍ରଣୟ

**କୋଣାର୍କ, ୩।୧୨(ଡି.ଏନ୍.ଏ.)**



ମୁକ୍ତାକାଶ ରଙ୍ଗମଞ୍ଚରେ କଳାକାରଙ୍କ ନୃତ୍ୟ ପରିବେଷଣ।

କୋଣାର୍କ ମୁକ୍ତାକାଶ ରଙ୍ଗମଞ୍ଚରେ ଅନୁଷ୍ଠିତ କୋଣାର୍କ ମହୋତ୍ସବର ସୋମବାର ଥିଲା ତୃତୀୟ ସନ୍ଧ୍ୟା। ତୃତୀୟ ସନ୍ଧ୍ୟାର ପ୍ରଥମ ପ୍ରସ୍ତୁତି ଥିଲା କବିସୂର୍ଯ୍ୟ ବଳଦେବ ରଥଙ୍କ ଅନବଦ୍ୟ କୃତି କିଶୋର ଚନ୍ଦ୍ରାନନ୍ଦ ଚମ୍ପୁ ଆଧାରିତ ପଦ୍ୟାବଳୀକୁ ନେଇ ରାଧାକୃଷ୍ଣଙ୍କ ମିଳନ ଓ ପ୍ରଣୟ ପ୍ରସଙ୍ଗ। ଏହାକୁ ମଞ୍ଚରେ ଉପସ୍ଥାପନ କରିଥିଲେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ଶିଳ୍ପୀଗଣ। ଡ.ସଙ୍ଗୀତା ଗୋସାଇଁଙ୍କ ପରିକଳ୍ପନା ଓ ପ୍ରଫେସର ନବକିଶୋର ମିଶ୍ରଙ୍କ ପ୍ରସ୍ତୁତି ଆଲେଖ୍ୟରେ ସଙ୍ଗୀତ ସଂଯୋଜନା କରିଥିଲେ ଗୁରୁ ସ୍ୱପ୍ନେଶ୍ୱର ଚକ୍ରବର୍ତ୍ତୀ। ନୃତ୍ୟଶିଳ୍ପୀମାନଙ୍କର ନିଖୁଣ କଳାନୈପୁଣ୍ୟ ପ୍ରଦର୍ଶନରେ ଦର୍ଶକମାନେ ମତୁଆଲା ହୋଇଥିଲେ।

ଦ୍ୱିତୀୟ ଚରଣରେ ଖ୍ୟାତନାମା କୁଚିପୁଡ଼ି ନୃତ୍ୟଶିଳ୍ପୀ ଲକ୍ଷ୍ମୀ ଗୋବର୍ଦ୍ଧନନ୍ ଓ ସାଥୀ ଶିଳ୍ପୀ ପ୍ରସ୍ତୁତ କରିଥିଲେ ବିଶିଷ୍ଟ ସଙ୍ଗୀତ ଏମ୍.ବାଲମୁରଲୀକ୍ରିଷ୍ଣନଙ୍କ ଗଣେଷ, ହନୁମାନ ଓ କୃଷ୍ଣ ସ୍ତୁତି ଆଧାରିତ ଆବାହନୀ ନୃତ୍ୟ। ପରେ ପ୍ରସ୍ତୁତ ହୋଇଥିଲା ରାମାୟଣର ଚରିତ୍ର ଉପରେ ସୂର୍ପଣଖାର ଦୁଃଖ ଓ ଅସହାୟତାର କାହାଣୀ। ଦଶାନନଙ୍କ ନିଧନ ପରେ ସୂର୍ପଣଖା ନିଜକୁ ଅସହାୟ ମନେକରି ରାମ ଓ ଲକ୍ଷ୍ମଣଙ୍କ ଦ୍ୱାରା ପୂର୍ବ ନିର୍ଯାତନାର ସ୍ମୃତିକୁ ମନେପକାଇ ବିଶାଦଗ୍ରସ୍ତ ହେବାର ଅନୁଭବକୁ ଶିଳ୍ପୀଗଣ ଚମତ୍କାର ଭାବେ ଉପସ୍ଥାପନ କରିଥିଲେ। ତୃତୀୟ ସନ୍ଧ୍ୟାକୁ ଗଜପତି ମହାରାଜା ଦିବ୍ୟସିଂହଦେବ, ପ୍ରଧାନ ମହାଲେଖାକାର ଓଡ଼ିଶା ମଧୁମିତା ବସୁ ଓ ବିଶିଷ୍ଟ ହକି ଖେଳାଳି ଦିଲୀପ ତିର୍କୀ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ପର୍ଯ୍ୟଟନ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ଉତ୍ପଳ କୁମାର ପତି, ସଙ୍ଗୀତ ନାଟକ ଏକାଡେମୀର ସଚିବ ଡ. ବିଜୟ ଜେନା, ଭବାନୀ ଚରଣ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ଚନ୍ଦ୍ରଭାଗା ବେଳାଭୂମିରେ ଚାଲିଥିବା ଅର୍ନ୍ତଜାତୀୟ ବାଲୁକା କଳା ଉତ୍ସବକୁ ବହୁ ବିଦେଶୀ ପର୍ଯ୍ୟଟକ ଦେଖିଥିଲେ।

## ମା' ହେବେ ସାରା, ରେଣୁକା

**ବାରଙ୍ଗ,୩।୧୨(ଡି.ଏନ୍.ଏ.):** ନନ୍ଦନକାନନକୁ ଆସିବେ ନୂଆ ଅତିଥି। ବାଘୁଣୀ ସାରା ଓ ରେଣୁକା ମା' ହେବାକୁ ଯାଉଥିବା ରକ୍ତ ପରୀକ୍ଷାରୁ ଜଣାପଡିଛି। ଏହା ପର୍ଯ୍ୟଟକଙ୍କ ପାଇଁ ନୂଆବର୍ଷର ଭେଟି ବୋଲି କୁହାଯାଉଛି। ଡିସେମ୍ବରର ୨ଟି ପର୍ଯ୍ୟାୟ (୩୦ବିରେ ରେଣୁକା ଓ ୩୦ସିରେ ସାରା)ରେ ଏହି ଦୁଇ ବାଘୁଣୀ ଛୁଆ ଦେବାର ପୂର୍ବାନୁମାନ କରାଯାଇଛି। ଏଥିପାଇଁ ସିସିଟିଭି ଦ୍ୱାରା ଏମାନଙ୍କୁ ନଜରରେ ରଖାଯାଇଛି। କର୍ମଚାରୀମାନେ ମଧ୍ୟ ଆବଶ୍ୟକ ଯତ୍ନ ନେଉଛନ୍ତି। ସାଧାରଣଲୋକଙ୍କ ଯାତାୟାତକୁ ବାରଣ କରାଯାଇଛି। ରେଣୁକା ପୂର୍ବରୁ ଏକ କଳାଲୋମଯୁକ୍ତ ମଲାବାଘଛୁଆ ଜନ୍ମ ଦେଇଥିଲା। ତେଣୁ ରେଣୁକା ପୁଣିଥରେ କଳାଲୋମଯୁକ୍ତ ବାଘଛୁଆର ଉଭାବକ ସାଜିବ ବୋଲି ଆଶା ରହିଛି। ଏବେ ନନ୍ଦନକାନନରେ ଧଳାବାଘ ୯, ସାଧାରଣ ବାଘ ୧୫, କଳାଲୋମଯୁକ୍ତ ୨ବାଘ ଅଛନ୍ତି।

■ ମହାପ୍ରସାଦ ଦର ନିର୍ଦ୍ଧାରଣ ପ୍ରସଙ୍ଗ

# ଆଜି କୋଠ ରୋଷରେ ରୋଷେଇ

**ପୁରୀ ଅଫିସ,୩।୧୨**



**ସାମଗ୍ରୀ ଯୋଗାଇବ ମନ୍ଦିର ପ୍ରଶାସନ**

ଶ୍ରୀମନ୍ଦିରରେ ମହାପ୍ରସାଦ ଦର ନିର୍ଦ୍ଧାରଣ ନେଇ ମଙ୍ଗଳବାର ରୋଷେଇ କରାଯିବ। କୋଠ ରୋଷରେ ହେବାକୁ ଥିବା ଏହି ରୋଷେଇ ପାଇଁ ଶ୍ରୀମନ୍ଦିର ପ୍ରଶାସନ ଚାଉଳ, ଡାଲି, କୁଦୁଆ ଇତ୍ୟାଦି ଆବଶ୍ୟକ ସାମଗ୍ରୀ ଯୋଗାଇଦେବ। ସାମଗ୍ରୀ କିଣାରେ କେତେ ଟଙ୍କା ଖର୍ଚ୍ଚ ହେଉଛି, ସୁଆର ସେବକ କେତେ ଲାଭ ପାଇବେ ତାହାକୁ ଦେଖି ଦର ନିର୍ଦ୍ଧାରଣ ହେବ। ଏହାପରେ ଭକ୍ତଙ୍କ ଉଦ୍ଦେଶ୍ୟରେ ମହାପ୍ରସାଦ ଦର ତାଲିକା (କୁଡୁଆ ଚିତ୍ର ଥାଇ) ଆନନ୍ଦ ବଜାର ଓ ଶ୍ରୀମନ୍ଦିରର ବିଭିନ୍ନ ଦୃଷ୍ଟି ଆକର୍ଷଣ କରୁଥିବା ସ୍ଥାନରେ ଲଗାଯିବ। ପୂର୍ବ ନିଷ୍ପତ୍ତି ମୁତାବକ ଏହି ରୋଷେଇ ସମୟରେ ଶ୍ରୀମନ୍ଦିରର ଦେଉଳକରଣ ଏବଂ ସୁପରଭାଇଜର ଉପସ୍ଥିତ ରହି ନିରୀକ୍ଷଣ କରିବେ। ସୋମବାର ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ଜ୍ୟୋତିପ୍ରକାଶ ଦାସଙ୍କ ଆବାସିକ କାର୍ଯ୍ୟାଳୟରେ ସୁଆର ମହାସୁଆର ନିଯୋଗ ସହ ଆଲୋଚନା ପରେ ଏହି ନିଷ୍ପତ୍ତି ହୋଇଛି। ଆଲୋଚନା ବେଳେ ପରିଚାଳନା କମିଟି ସଦସ୍ୟ ଅନନ୍ତ ତିଆଡ଼ି, ସୁଆର ମହାସୁଆର ନିଯୋଗର ସମ୍ପାଦକ କୃଷ୍ଣଚନ୍ଦ୍ର ସାମନ୍ତରା ପ୍ରମୁଖ ଉପସ୍ଥିତ ଥିଲେ।





ଭୁବନେଶ୍ୱରସ୍ଥିତ ସ୍ୱାଧୀନତା ସଂଗ୍ରାମୀ ପଡ଼ିଆରେ ସୋମବାର ଅନୁଷ୍ଠିତ ପୂର୍ବତନ ଏମ୍‌ପି ବୈଷ୍ଣବ ପରିଡ଼ାଙ୍କ ଏକାଦଶାହ କାର୍ଯ୍ୟକ୍ରମରେ ଶ୍ରଦ୍ଧାଞ୍ଜଳି ଅର୍ପଣ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଏମ୍‌ପି ପ୍ରସନ୍ନ ପାଟଶାଣୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ।






→ ରୁଦ୍ରାଣି



→ ସିଦ୍ଧାର୍ଥ



→ ସାଇସ୍ମାତ



→ ରାମଚନ୍ଦ୍ର



→ ଶୁଭମ୍



→ ଲିପୁନ୍



→ ଗୁଡ଼ି



→ ପିଟର



ନୀଚ ଲୋକଠାରେ ଯଦି ଉଚ୍ଚ ବିଦ୍ୟା ଥାଏ, ତେବେ ଜାତି ଧର୍ମ ନ ବିଚାରି ତାହା ଗ୍ରହଣ କରିବା ଉଚିତ, ଯେପରି ଶାମୁକା ଭିତରୁ ମୁକ୍ତା ସଂଗ୍ରହ ହୁଏ।
- ବ୍ୟାସଦେବ



## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଭୁବନେଶ୍ୱର ସିଟି ଫେଷ୍ଟିଭାଲ୍ 'ଡଟ୍ ଫେଷ୍ଟ' ଅବସରରେ ନନ୍ଦନକାନନ ନେଚର୍ ୱାକ୍, ନନ୍ଦନକାନନ ପ୍ରାଣୀ ଉଦ୍ୟାନ ମୁଖ୍ୟ ଗେଟ୍, ସକାଳ ୭ଟା ୩୦। ଭୁବନେଶ୍ୱର ଆର୍ଟ ଟ୍ରେଲ୍, ଗୁଆଝର, କେଦାରଗୌରୀ କମ୍ପ୍ଲେକ୍ସ, ସକାଳ ୮ଟା ୩୦ ଓ ଅପରାହ୍ଣ ୫ଟା। 'ଫୋକ୍ସ୍କେପ୍ ଡଟ୍ ଫେଷ୍ଟ', ଉତ୍କୋ ପ୍ରଦର୍ଶନୀ ପଡ଼ିଆ, ରାତି ୭ଟା ୩୦।
- ୧୮ତମ ଅଲ୍ ଇଣ୍ଡିଆ ବିଏସ୍ଏନ୍ଏଲ୍ କ୍ରିକେଟ୍ ଟୁର୍ନାମେଣ୍ଟ, ଇଷ୍ଟ୍ କୋଷ୍ଟ୍ ରେଲୱେ ଷ୍ଟାଡିୟମ୍, ସକାଳ ୯ଟା।
- ଏକକ ଚିତ୍ରକଳା ପ୍ରଦର୍ଶନୀ 'ସୁବର୍ଣ୍ଣରେଖା'ର ଚତୁର୍ଥ ଦିବସ, ଓଡ଼ିଶା ମଡର୍ନ ଆର୍ଟ ଗ୍ୟାଲେରି, ଫରେଷ୍ଟ ପାର୍କ, ପୂର୍ବାହ୍ଣ ୧୦ଟାରୁ ରାତି ୭ଟା ୩୦।
- ଲାଇଫ୍ ଇନ୍ସ୍ୟୁରାନ୍ସ ଏଜେଣ୍ଟ୍ସ ଫେଡେରେଶନ ଅଫ୍ ଇଣ୍ଡିଆ ୧୯୬୪ର ୧୬ତମ ସର୍ବଭାରତୀୟ ସାଧାରଣ ପରିଷଦ ବୈଠକ, ଇଷ୍ଟ୍ କୋଷ୍ଟ୍ ରେଲୱେ ଅଡିଟୋରିୟମ୍, ଚନ୍ଦ୍ରଶେଖରପୁର, ପୂର୍ବାହ୍ଣ ୧୦ଟା ୩୦।
- ରାୟଗଡ଼ା ଜିଲା ଅଙ୍ଗନୱାଡ଼ି କର୍ମଚାରୀଙ୍କ ଗଣଧାରଣା, ବିଧାନସଭା ସମ୍ମୁଖ, ପୂର୍ବାହ୍ଣ ୧୧ଟା।

### ଚକେଇସିଆଣି କେନାଲ ବନ୍ଧରେ ନିଶା ବେପାର

# ହୋଟେଲରେ ଖୁଲମ୍‌ଖୁଲା ଚାଲିଛି ଓପନ ବାର୍

**■ଚଢ଼ାଉ ପୂର୍ବରୁ ପୋଲିସ ଦେଉଛି ଆଗୁଆ ସୂଚନା**

**■ହୋଟେଲ ମାଲିକ, ଅସାମାଜିକ ଦେଉଛନ୍ତି ମାସିକିଆ ବଟି**

ଭୁବନେଶ୍ୱର,୩।୧୨ (ବ୍ୟୁରୋ)

ରାଜଧାନୀରେ ବଢ଼ିଚାଲିଛି ନିଶା କାରବାର। ସହରର ତଳିଆ ତଥା ପାର୍ଶ୍ୱବର୍ତ୍ତୀ ଇଲାକା ନିଶା କାରବାରର ପେଣ୍ଠସ୍ଥଳ ପାଲଟିଛି। ନିଛାଟିଆ ଅଞ୍ଚଳ, କେନାଲ ଓ ନଦୀବନ୍ଧରେ ହୋଟେଲ ଖୋଲି ବେଧଡ଼କ ଭାବେ ନିଶା ବେପାର ଚାଲୁଛି। ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଚକେଇସିଆଣି ରାଧାକୃଷ୍ଣ ମନ୍ଦିରଠାରୁ ପଳାଶୁଣୀ ପର୍ଯ୍ୟନ୍ତ କେନାଲ ବନ୍ଧ ରାସ୍ତା ପାର୍ଶ୍ୱରେ ରହିଥିବା କେତେକ ହୋଟେଲରେ ଏହି ବେଆଇନ କାରବାର ଚାଲୁଥିବାବେଳେ ଅସାମାଜିକ ତଥା ଅପରାଧୀଙ୍କ ଆଡ୍ଡା ଜମୁଛି। ବିଳମ୍ବିତ ରାତି ପର୍ଯ୍ୟନ୍ତ ଖୋଲୁଛି ଓପନ ବାର୍। ଜମୁଛି ଗଞ୍ଜେଇ, ଭାଙ୍ଗଠାରୁ ଆରମ୍ଭ କରି ବ୍ରାଉନସୁଗାର ଆସର। ଏଇଠୁ ହେଉଛି ଲୁଟ୍, ଚୋରି, ଡକାୟତି ଆଦି ବିଭିନ୍ନ ଅପରାଧର ବ୍ଲୁ ପ୍ରିଣ୍ଟ। ନିର୍ଦ୍ଦିଷ୍ଟ କେତେକ ଚାଳିଆ ଓ ଆଜ୍‌ବେଷ୍ଟସ୍ ହୋଟେଲରେ ଦିନରେ ବି ଖୁଲମ୍‌ଖୁଲା ନିଶା କାରବାର ହେଉଛି। ଉକ୍ତ ବାଟଦେଇ ଯାଉଥିବା ଲୋକେ ବିଶେଷକରି ମହିଳା ଓ ଯୁବତୀମାନଙ୍କୁ ଅସାମାଜିକମାନେ ଅଶ୍ଳୀଳ ଇଙ୍ଗିତ କରିବା ସହ ଲୁଟ୍‌ପାଟ ଓ ମାର୍‌ପିଟ କରୁଛନ୍ତି। ପୋଲିସ ମାସିକିଆ ବଟିନେଇ ପରୋକ୍ଷରେ ଏହାକୁ ପ୍ରୋତ୍ସାହିତ କରୁଥିବା ଅଭିଯୋଗ ହେଉଛି। ଥାନାରେ ଅଭିଯୋଗ ହେଲେ ମଧ୍ୟ ପୋଲିସ ତଦନ୍ତ ବାହାନାରେ ଘଟଣାକୁ ଚାପି ଦେବା ସହ ଅପରାଧୀଙ୍କୁ ସୁରକ୍ଷା ଯୋଗାଇ ଦେଉଛି। ଆଗୁଆ ସୂଚନା ଦେଇ ଚଢ଼ାଉ କରୁଛି। ଫଳରେ ଅନେକ ଘଟଣାରେ ଲୋକେ ଥାନାରେ ଅଭିଯୋଗ କରୁ ନ ଥିବା ନଜିର ରହିଛି।

ଏ ନେଇ ଚକେଇସିଆଣି ଅଞ୍ଚଳର ଜଣେ ବରିଷ୍ଠ ନାଗରିକ ନାମ ଗୋପନ ରଖି କହିଛନ୍ତି ଯେ, ଏକ ହୋଟେଲରୁ ମଦ୍ୟପାନ କରି କେତେଜଣ ବ୍ୟକ୍ତି ଆତଙ୍କ ଖେଳାଇଥିଲେ। ଏ ବିଷୟରେ ପୋଲିସକୁ ଜଣାଇଥିଲୁ। କିନ୍ତୁ ପୋଲିସ ଆସିବା ପୂର୍ବରୁ କଲ୍ ଯାଇଥିବା ମୋବାଇଲ୍‌ଧାରୀଙ୍କୁ ସମ୍ପୃକ୍ତ ଅସାମାଜିକ ବ୍ୟକ୍ତି ଓ ବେଆଇନ ଓପନ ବାର୍ ଚଳାଉଥିବା ହୋଟେଲ ମାଲିକ ନାନା ଧମକ ଦେବା ଆରମ୍ଭ କରିଥିଲେ। ଏପରି କି ବିଳମ୍ବିତ ରାତି ପର୍ଯ୍ୟନ୍ତ ମା'ଭଉଣୀଙ୍କୁ ନେଇ ଗାଳି ସହ ଧମକ ଦିଆଯାଇଥିଲା। ତେଣୁ ଆମେ ନୀରବ ରହିବାକୁ ବାଧ୍ୟ ହେଲୁ। ନିଶା କାରବାର ଓ ଅସାମାଜିକଙ୍କ ସହ ପୋଲିସର ସମ୍ପର୍କ ଥିବା ସେ କହିଛନ୍ତି।

ସେହିପରି ଜଣେ ମହିଳା କହିଛନ୍ତି ଯେଉଁଠି ଚୋରା ମଦ ବେପାର ହେଉଛି ସେଠାକୁ ସବୁବେଳେ ପିସିଆର୍ ଭ୍ୟାନ୍ ଆସୁଛି। ହେଲେ ପୋଲିସ କିଛି ବି ପଦକ୍ଷେପ ନେଉନି। ଗତ କିଛିଦିନ ତଳେ ଜଣେ ମହିଳା ଲୁଟ୍‌ର ଶିକାର ହୋଇଥିଲେ। ମାତ୍ର ପୋଲିସ ପହଞ୍ଚିବାରେ ବିଫଳ ହେବାରୁ ଲୁଟେରା ଜଣକ ଖସି ପଳାଇଥିଲା। କିନ୍ତୁ ପୋଲିସ ତା'ଙ୍କର ସ୍କୁଟିକୁ ଜବତ କରି ଥାନାକୁ ନେଇ ଦାୟିତ୍ୱ ଶେଷ କରିଥିଲା। ସେହିଭଳି ଅନ୍ୟ ଏକ ଘଟଣାରେ ଲୁଟେରାଙ୍କୁ ସ୍ଥାନୀୟ ଲୋକେ ଜାଣିଥିବା ଓ ସେ ଅନ୍ୟମାନଙ୍କ ସହ ଏକ ନିର୍ଦ୍ଦିଷ୍ଟ ହୋଟେଲରେ ଆଡ୍ଡା ଜମାଉଥିଲେ ମଧ୍ୟ ପୋଲିସ ସେମାନଙ୍କୁ ଫେରାର ଥିବା ଦର୍ଶାଇ ସମୟ ଗଡ଼ାଉଛି।

ଏ ସମ୍ପର୍କରେ ମଞ୍ଚେଶ୍ୱର ଥାନା ଅଧିକାରୀ କେ.ପି. ମିଶ୍ର କୁହନ୍ତି, ଅଭିଯୋଗ ଆସିବାମାତ୍ରେ ଘଟଣାସ୍ଥଳକୁ ପିସିଆର ପଠାଯାଉଛି। ଯଦି କୌଣସି ପିସିଆର କର୍ମଚାରୀ ହୋଟେଲ ମାଲିକ କିମ୍ବା ଅସାମାଜିକଙ୍କ ସହ ସମ୍ପର୍କ ରଖିଥିବା ଅଭିଯୋଗ ଆସେ ତେବେ ତଦନ୍ତ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ।




ବାଲିଅନ୍ତାରେ ଅନୁଷ୍ଠିତ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥି।

## ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ

ବାଲିଅନ୍ତା/ ପୁରୁଣା ଭୁବନେଶ୍ୱର/ ବାଲିପାଟଣା,୩।୧୨(ଡି.ଏନ୍.ଏ.)

ବାଲିଅନ୍ତା ବ୍ଲକ ଅଧୀନ ଭିଙ୍ଗାରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସୋମବାର ସର୍ବଶିକ୍ଷା ଅଭିଯାନ ପକ୍ଷରୁ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୯୭ଜଣ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବେଲୁନ୍ ଓ ଚକୋଲେଟ ରେସ୍, ମ୍ୟୁଜିକ ଚେୟାର ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବ୍ଲକ ଶିକ୍ଷାଧିକାରୀ ସିପ୍ରା ମିଶ୍ରଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣ ଉତ୍ସବରେ ଭିଙ୍ଗାରପୁର ସରପଞ୍ଚ ଜୟଶ୍ରୀ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁରେନ୍ଦ୍ରନାଥ ସାହୁ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ପ୍ରିୟଦର୍ଶୀ ମହାପାତ୍ର, ସିଆର୍‌ସିସି ସତ୍ୟ ନାରାୟଣ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କୁ ଇଭିଏମ ମାଧ୍ୟମରେ ଭୋଟର ପ୍ରଶିକ୍ଷଣ ଦିଆଯାଇଥିଲା। ଏଥିରେ ଜିପିଇଓ ସ୍ମୃତିଶ୍ରୀ ଶତପଥୀ ଓ କଳ୍ପନା ସାସମଲ ସହଯୋଗ କରିଥିଲେ। ସେହିପରି ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସରେ ସଚେତନତା ସହ ସହରର ବିଭିନ୍ନ ଅଞ୍ଚଳରେ ଏହି ଦିବସକୁ ପାଳନ କରିଛି ନୂଆଦିଲ୍ଲୀର ଅଗ୍ରଣୀ ସାମାଜିକ ସଙ୍ଗଠନ 'ଆଶ୍ରା'। ଏହି ଅବସରରେ ଭିନ୍ନକ୍ଷମଙ୍କୁ ଟି-ସାର୍ଟ ଦେବା ସହିତ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସର ବାର୍ତ୍ତା ପ୍ରଦାନ କରିଛନ୍ତି। ସତର୍କ ଓ ସୁରକ୍ଷିତ ଜୀବନଯାତ୍ରା ସହିତ ବିକାଶ ସାଥୀରେ ପାଦ ମିଳାଇ ଚାଲିବା ପାଇଁ ସେମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ସୁଶାନ୍ତ ସାହୁ, ପ୍ରିୟବ୍ରତ ପଣ୍ଡା, ଜାତୀୟ ଦୃଷ୍ଟିବାଧିତ ଅନୁଷ୍ଠାନ ଓଡ଼ିଶା ଶାଖାର ପରିଭ୍ରାମୀ ଶିକ୍ଷକ ତ୍ରିଲୋଚନ ବେଉରା ପ୍ରମୁଖ ଯୋଗଦାନ କରି ଦେଶରେ ମୋଟ୍ ଜନସଂଖ୍ୟାର ୨୨ ପ୍ରତିଶତ ଭିନ୍ନକ୍ଷମଙ୍କ ସହିତ ବିକାଶ ଯାତ୍ରାକୁ ଆଗେଇ ନେବାର ସଂକଳ୍ପ ଦୋହରାଇଥିଲେ। ସେହିପରି ବାଲିପାଟଣାସ୍ଥିତ ବୁଦ୍ଧନାଥ ଉଚ୍ଚ ବିଦ୍ୟାଳୟଠାରେ ସୋମବାର ବ୍ଲକସ୍ତରୀୟ ଦିବ୍ୟାଙ୍ଗ ପ୍ରତିଭା ପୁରସ୍କାର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ଶିକ୍ଷା ଅଧିକାରୀ ମହେଶ୍ୱର ସାହୁଙ୍କ ସଭାପତିତ୍ୱରେ ବିଡିଓ ରଶ୍ମିରେଖା ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ମିଶ୍ର, ଉମେଶ ଷଡ଼ଙ୍ଗୀ, ସତ୍ୟଭାମା ଦାଶ, ଆଲୋକ ରଞ୍ଜନ ସାହୁ, ରଶ୍ମିରଞ୍ଜନ ପଣ୍ଡା, ପ୍ରତାପ କୁମାର ପ୍ରଧାନ ସମ୍ମାନିତ ଅତିଥିଭାବେ ଯୋଗଦେଇ ଦିବ୍ୟାଙ୍ଗମାନଙ୍କ ସ୍ୱାବଲମ୍ବୀ ମାନସିକତା ଓ ସଫଳତା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ୮୦ଜଣ ଦିବ୍ୟାଙ୍ଗଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ରମାରଞ୍ଜନ ଦାସ ଧନ୍ୟବାଦ ଦେଇଥିଲେ।

## ୩ ଚୋରା ବାଇକ୍ ଜବତ, ଜଣେ ଗିରଫ

**ପାତ୍ରପଡା,୩।୧୨(ଡି.ଏନ୍.ଏ.):** ତମାଣ୍ଡୋ ଥାନା ପୋଲିସ ବାଇକ୍ ଚୋରି ଘଟଣାରେ ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ ଗଞ୍ଜାମ ଜିଲା ଗାନ୍ଧୀନଗରର ସୀତାନାଥ ବସ୍ତି ଅଞ୍ଚଳର ରାଜେଶ ମହାନ୍ତି(୨୭)। ସେ ତମାଣ୍ଡୋ କାଶୀପୁର ଅଞ୍ଚଳରେ ରହୁଥିଲେ। ପୋଲିସ ତାଙ୍କଠାରୁ ୩ ଗୋଟି ଚୋରା ବାଇକ୍ ଜବତ କରିଛି। ନଭେମ୍ବର ୨୬ ରାତି ପ୍ରାୟ ୯ଟାରେ ସିଜିପୁଟ ଅଞ୍ଚଳରେ ରହୁଥିବା କୁମାର ଜନ୍ମେଜୟ ଜାତୀୟ ରାଜପଥ କଡରେ ଥିବା ଏକ ଫାଷ୍ଟଫୁଡ ଦୋକାନ ସମ୍ମୁଖରେ (ନଂ.ଓଡି ୦୨ ଏନ୍୦୨୩୨) ବାଇକ୍ ରଖି ଖାଉଥଲେ। ଏହି ସମୟରେ ରାଜେଶ ଏକ ନକଲି ଚାବିରେ ବାଇକ୍ ଲକ ଖୋଲି ସେଠାରୁ ପଳାଇଥିଲେ। ଏ ନେଇ ଜନ୍ମେଜୟ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ବିଶ୍ୱସ୍ତ ସୂତ୍ରରୁ ଖବରପାଇ ରାଜେଶ ରହୁଥିବା କାଶୀପୁରସ୍ଥିତ ଘରେ ପୋଲିସ ଚଢାଇ କରି ଅନ୍ୟ ୨ଟି ବାଇକ୍ ସହ ଚୋରି ବାଇକ୍‌କୁ ଜବତ କରିଥିଲା। ପୋଲିସ ସେଠାରୁ ସମସ୍ତ ଗାଡିର ଚାବି ସହ ୨ ଗୋଟି ଏଟିଏମ୍ କାର୍ଡ ମଧ୍ୟ ଜବତ କରିଥିଲା। ପରେ ରାଜେଶଙ୍କୁ ଥାନାକୁ ଆଣି ପଚରାଉଚରା କରିବାରେ ୩ ଗୋଟି ବାଇକ୍ ସେ ଲୁଟ୍ କରି ରଖିଥିଲେ ବୋଲି ପୋଲିସ ଜାଣିବାକୁ ପାଇଥିଲା। ଏ ସଂକ୍ରାନ୍ତରେ ଥାନାରେ ନଂ. ୧୦୧/୧୮ରେ ମାମଲା ରୁଜୁ ହୋଇଛି।

## ଶତାୟୁ ଜ୍ୟୋତିର୍ବିଦଙ୍କ ପରଲୋକ

**ବାଲିଅନ୍ତା,୩।୧୨(ଡି.ଏନ୍.ଏ.):** ବାଲିଅନ୍ତା ଅଞ୍ଚଳରେ ଜଣାଶୁଣା ଜ୍ୟୋତିର୍ବିଦ ଦ୍ୱିଜବର ନାୟକଙ୍କ ସୋମବାର ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୧୦୨ ବର୍ଷ ହୋଇଥିଲା। ସେ ଦୀର୍ଘଦିନ ହେଲା ଅସୁସ୍ଥ ହୋଇ ଶଯ୍ୟାଶାୟୀ ଥିଲେ। ତାଳପତ୍ରରେ ନିର୍ଭୁଲ ଜାତକ ତିଆରି କରିବାରେ ସିଦ୍ଧହସ୍ତ ଥିବାରୁ ତାଙ୍କର ବିଶେଷ ନାଁ ଥିଲା। ତାଙ୍କ ମୃତ୍ୟୁଖବର ଶୁଣି ବହୁବ୍ୟକ୍ତି ଶେଷଦର୍ଶନ ପାଇଁ ଆସିଥିଲେ।



ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ ସମାରୋହରେ ମୁଖ୍ୟଅତିଥି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

# 'ମୁଁ' କୁ 'ଆମେ'ରେ ପରିଣତ କରିବା ଶିକ୍ଷାର ଉଦ୍ଦେଶ୍ୟ ହେବା ଉଚିତ: ରାଜ୍ୟପାଳ

**ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଚତୁର୍ଥ ପ୍ରତିଷ୍ଠା ଦିବସ**

ଭୁବନେଶ୍ୱର, ୩।୧୨(ବ୍ୟୁରୋ)

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଚତୁର୍ଥ ପ୍ରତିଷ୍ଠା ଦିବସ ସୋମବାର ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ନାରୀଶକ୍ତି ଉପରେ ଗୁରୁତ୍ୱାରୋପ କରିଥିଲେ। ନାରୀ ବ୍ରହ୍ମାଣ୍ଡର ସୃଜନକର୍ତ୍ତୀ। ମା' ହିଁ ମଣିଷର ସର୍ବଶ୍ରେଷ୍ଠ ବନ୍ଧୁ। ବ୍ରହ୍ମଙ୍କୁ ସଂଜ୍ଞାୟିତ କରିହେବ କିନ୍ତୁ ମା'ଙ୍କୁ ସମ୍ଭବ ନୁହେଁ ବୋଲି ରାଜ୍ୟପାଳ କହିଥିଲେ। ରାଜ୍ୟପାଳ ଆହୁରି ମଧ୍ୟ କହିଥିଲେ ଯେ, ବିଶ୍ୱ ଓ ବିଶ୍ୱବିଦ୍ୟାଳୟ ପରସ୍ପର ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଦର୍ଶନ ଏବଂ ନୀତି ବିନା କାରିଗରି ବିଦ୍ୟା ଓ ବିଜ୍ଞାନ ଅର୍ଥହୀନ। ଏହି ଅବସରରେ ରାଜ୍ୟପାଳ ବିଶ୍ୱବିଦ୍ୟାଳୟର ଲୋଗୋକୁ ଉନ୍ମୋଚନ କରିଥିଲେ। 'ମୁଁ' କୁ 'ଆମେ'ରେ ପରିଣତ କରିବା ଆମ ଶିକ୍ଷାର ଉଦ୍ଦେଶ୍ୟ ହେବା ଉଚିତ ବୋଲି ରାଜ୍ୟପାଳ କହିଥିଲେ।

ଓଡ଼ିଶା ବିଜ୍ଞାନ ଏକାଡେମୀର ସଭାପତି ପ୍ରଫେସର ସଂଘମିତ୍ରା ମହାନ୍ତି ମହିଳା ସଶକ୍ତୀକରଣ, ସମାନତା ଓ ବିଜ୍ଞାନର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ କୁଳପତି ପ୍ରଫେସର ପଦ୍ମଜା ମିଶ୍ର କହିଥିଲେ ଯେ, ବିଶ୍ୱବିଦ୍ୟାଳୟର ସମସ୍ତ ଛାତ୍ରୀଙ୍କୁ କମ୍ପ୍ୟୁଟର ଶିକ୍ଷା ଯୋଗାଇ ଦେବାର ସୁବ୍ୟବସ୍ଥା ଏବଂ ଶିକ୍ଷା କ୍ଷେତ୍ରରେ ଆଧୁନିକୀକରଣ ଆମର ଲକ୍ଷ୍ୟ। କେବଳ ପାଠ ନୁହେଁ, ଅନ୍ୟାନ୍ୟ ସମସ୍ତ କ୍ଷେତ୍ରରେ ଛାତ୍ରୀମାନଙ୍କୁ ପାରଙ୍ଗମ କରିବା ରମାଦେବୀ ବିଶ୍ୱବିଦ୍ୟାଳୟର ଲକ୍ଷ୍ୟ ବୋଲି ସେ କହିଥିଲେ। ଏହି ଅବସରରେ କର୍ଣ୍ଣେଲ ଜଳେଶ୍ୱର କହଁର ରାଜ୍ୟପାଳଙ୍କ ମାଧ୍ୟମରେ ଡାକ ବିଭାଗ ତରଫରୁ ରମାଦେବୀ ବିଶ୍ୱବିଦ୍ୟାଳୟର 'ବିଶେଷ ପୃଷ୍ଠା' ଉନ୍ମୋଚନ କରିଥିଲେ। କୁଳସଚିବ ଇତିଶ୍ରୀ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସ୍ନାତକୋତ୍ତର ଅଧ୍ୟକ୍ଷ ଡ. ଦୁର୍ଗା କିଶୋର ଷଡ଼ଙ୍ଗୀ ବିଶ୍ୱବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଉତ୍ସବର ସାଙ୍ଗଠନିକ ସମ୍ପାଦିକା ଡ. ସରିତା ସୂପକାର ସଭା ସଂଯୋଜନା କରିଥିଲେ। ରାଜ୍ୟପାଳ ତାଙ୍କ ଦ୍ୱାରା ପ୍ରକାଶିତ 'ଅର୍ଥନୀତିରେ ଅର୍ଦ୍ଧ ଶତାବ୍ଦୀର ନୋବେଲ ପୁରସ୍କାର' ପୁସ୍ତକକୁ ଉନ୍ମୋଚନ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଦୁର୍ଘଟଣାକୁ କେନ୍ଦ୍ରକରି ବସ୍ ଭଙ୍ଗାରୁଜା, ଉତ୍ତେଜନା

କଟକ ରୋଡ,୩।୧୨(ଡି.ଏନ୍.ଏ.)

ବଡ଼ଗଡ଼ ଥାନା ଅଧୀନ ରବି ଟକିଜ ନିକଟରେ ସୋମବାର ଏକ ସଡ଼କ ଦୁର୍ଘଟଣାରେ ଜଣେ ଗୁରୁତର ହୋଇଛନ୍ତି। ସେ ହେଲେ ମୟୂରଭଞ୍ଜ ଜିଲା କରଞ୍ଜିଆ ଅଞ୍ଚଳର ରବି ଚୌଧୁରୀ। ଦୁର୍ଘଟଣାକୁ କେନ୍ଦ୍ରକରି ଉତ୍ୟକ୍ତ ଲୋକେ ଏକ ବସ ଭଙ୍ଗାରୁଜା କରିଥିଲେ। ସୂଚନା ଅନୁଯାୟୀ, ଅପରାହ୍ଣ ପ୍ରାୟ ସାଢେ ୩ଟାରେ କଟକରୁ ଯାତ୍ରୀଙ୍କୁ ନେଇ ପୁରୀ ଯାଉଥିବା ବସ(ଓଆର ୦୨ ୟୁ ୯୯୫୪)ରବି ଟକିଜ ଛକରେ ଏକ କାର(ଓଡି ୩୩ ୟୁ ୪୩୧୭ )କୁ ପଛରୁ ଧକ୍କା ଦେଇଥିଲା। ଫଳରେ କାରଟି କ୍ଷତିଗ୍ରସ୍ତ ହୋଇଥିବା ବେଳେ ପଛରେ ବସିଥିବା କରଞ୍ଜିଆ ଅଞ୍ଚଳର ରବି ଚୌଧୁରୀ ଗୁରୁତର ହୋଇଥିଲେ। ଏହାକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ବସ୍ ଡ୍ରାଇଭରଙ୍କ ଦ୍ରୁତ ଗତି ଯୋଗୁ ଦୁର୍ଘଟଣା ଘଟିଥିବା ଲୋକେ ଅଭିଯୋଗ କରି ବସ୍ ଭଙ୍ଗାରୁଜା କରିଥିଲେ। ଫଳରେ ଦୀର୍ଘ ସମୟ ଧରି ରାସ୍ତା ଜାମ ରହିଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତରଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିବା ସହ ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଏହା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଏଥି ସହିତ ପୋଲିସ ଦୁର୍ଘଟଣାଗ୍ରସ୍ତ ବସ୍ ଓ କାରକୁ ଜବତ କରିଛି। କାର ମାଲିକ ବିଶ୍ୱଜିତ ପାଢୀଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଚଳାଇଛି।

### ■ ହାଇ ସିକ୍ୟୁରିଟି ଜୋନରେ ପୋଲିସକୁ ଅପରାଧୀଙ୍କ ଚ୍ୟାଲେଞ୍ଜ

# ହେଲମେଟରେ ବାଡ଼େଇ ଯୁବକଙ୍କ ମୁଣ୍ଡ ଫଟାଇଲେ

ଭୁବନେଶ୍ୱର, ୩।୧୨ (ବ୍ୟୁରୋ)

ହାଇ ସିକ୍ୟୁରିଟି ଜୋନ କୁହାଯାଉଥିବା ନବୀନ ନିବାସ ସମ୍ମୁଖରେ ଅପରାଧୀମାନେ ପୋଲିସକୁ ଚ୍ୟାଲେଞ୍ଜ ଦେଇଛନ୍ତି। ବାଇକ୍‌ରେ ଯାଉଥିବା ଦୁଇ ଯୁବକଙ୍କୁ ଅଟକାଇ ଅପରାଧୀମାନେ ହେଲମେଟରେ ପିଟିଛନ୍ତି। ଜଣକ ମୁଣ୍ଡ ଫାଟିଥିବା ବେଳେ ଅନ୍ୟଜଣେ ସାମାନ୍ୟ ଆହତ ହୋଇଛନ୍ତି। ପିସିଆର ଭ୍ୟାନ ଆହତଙ୍କୁ ଉଦ୍ଧାର କରି ଗୁରୁତର ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଛି। ଗୁରୁତର ଜଣକ ହେଲେ ପୁରୁଣା ଷ୍ଟେଶନ ବଜାରରେ ରହୁଥିବା ଲଳିତ୍ ଇପିଲ୍ସ। ଏନେଇ ସେ ନ୍ୟୁ ଏୟାରପୋର୍ଟ ଥାନାରେ ଅଭିଯୋଗ କରିଥିବା ଜଣାପଡିଛି। ପୋଲିସ ତାଙ୍କ ଅଭିଯୋଗ ଆଧାରରେ ଘଟଣାର ଖୋଳତାଡ କରୁଛି। ଅଭିଯୁକ୍ତମାନେ ଲଳିତଙ୍କ ବାଇକ୍ ଚାବି ଓ ଅନ୍ୟ କିଛି ସାମଗ୍ରୀ ନେଇ ଯାଇଥିବା ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି।

ସୂଚନା ଅନୁଯାୟୀ, ଲଳିତ ଓ ତାଙ୍କ ସାଙ୍ଗ ଇଦର ଶିବ ଶଙ୍କର ପୁରୁଣା ବସଷ୍ଟାଣ୍ଡରେ ଘର ଭଡା ନେଇ ରହିବା ସହ ଲିଫ୍ଟ କାମ କରନ୍ତି। ସେମାନେ କାମ ସାରି ପଳାସପଲ୍ଲୀରୁ ନବୀନ ନିବାସ ଦେଇ ଏୟାରପୋର୍ଟ ଛକ ଅଭିମୁଖେ ଯାଉଥିଲେ। ନବୀନ ନିବାସ ନିକଟରେ ଦୁଇ ଯୁବକ ଏକ ସ୍କୁଟିରେ ଆସି ଲଳିତଙ୍କୁ ଅଟକାଇଥିଲେ। ସେ ଅଟକିବା ପରେ ସେମାନେ ତାଙ୍କ ଗାଡି ଚାବି ଛଡାଇ ନେଇଥିଲେ। ଲଳିତ ଓ ତାଙ୍କ ସାଙ୍ଗ ବିରୋଧ କରିବାରୁ ସେମାନେ ହେଲମେଟରେ ଲଳିତଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ସେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତଳେ ପଡି ଯାଇଥିଲେ। ଏହାପରେ ଦୁଇ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ଏହାଦେଖି ସେହି ରାସ୍ତାରେ ଯାଉଥିବା ଜଣେ ମହିଳା ୧୦୦କୁ ଫୋନ୍ କରିଥିଲେ।

## ପ୍ରାଇଭେଟ ସ୍କୁଲ୍‌ସ ଆଣ୍ଡ ଚିଲ୍‌ଡ୍ରେନ ୱେଲଫେୟାର ଆସୋସିଏଶନର ଜାତୀୟ ସମ୍ମିଳନୀ




ଭୁବନେଶ୍ୱର,୩।୧୨

ପ୍ରାଇଭେଟ ସ୍କୁଲ୍‌ସ ଆଣ୍ଡ ଚିଲ୍‌ଡ୍ରେନ୍ ୱେଲଫେୟାର ଆସୋସିଏଶନ ପକ୍ଷରୁ ୩ ଦିନିଆ ନ୍ୟାଶନାଲ କାଉନସିଲ ସମ୍ମିଳନୀ ଲକ୍ଷ୍ନୌଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଏମ୍‌ପି ଅସଲାମ ସେର ଖାନ୍, ଉତ୍ତର ପ୍ରଦେଶ ମହିଳା ଏବଂ ଶିଶୁ କଲ୍ୟାଣ ମନ୍ତ୍ରୀ ରୀତା ବହୁଗୁଣା ଯୋଶୀ, ପ୍ରଫେସର ରୀତା ଗାନ୍ଧୀ, ଜାତୀୟ ସଭାପତି ପସାବା ସେଦ୍ ସମାଇଲ୍ ଅହମ୍ମଦ ଉପସ୍ଥିତ ଥିଲେ। ଏଥିରେ ବିଭିନ୍ନ ରାଜ୍ୟରୁ ୧୮୭ ସ୍କୁଲକୁ ପ୍ରତିନିଧିତ୍ୱ କରୁଥିବା ସଭାପତି ଏବଂ ସମ୍ପାଦକମାନେ ଯୋଗ ଦେଇଥିଲେ। ଘରୋଇ ସ୍କୁଲଗୁଡ଼ିକ ସାମ୍ନା କରୁଥିବା ବିଭିନ୍ନ ଚ୍ୟାଲେଞ୍ଜ ଉପରେ ଏଠାରେ ଆଲୋଚନା ହୋଇଥିଲା। ଓଡ଼ିଶା ସଭାପତି ଜୟଶ୍ରୀ ମହାନ୍ତି, ସାଧାରଣ ସମ୍ପାଦିକା ଚିଦାତ୍ମିକା ଖଟୁଆ, ଖୋର୍ଦ୍ଧା ସମ୍ପାଦିକା ଜ୍ୟୋତ୍ସ୍ନା ଦାସ ଓଡ଼ିଶାକୁ ପ୍ରତିନିଧିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ଚିଦାତ୍ମିକା ଖଟୁଆ ପସାବା ପ୍ରାଇଭେଟ ସ୍କୁଲରେ ଗୁଣାତ୍ମକ ଶିକ୍ଷା, ଶିକ୍ଷକ ଓ ଛାତ୍ରୀଛାତ୍ର ଏକ୍ସଚେଞ୍ଜ ପ୍ରୋଗ୍ରାମ ଉପରେ ଗୁରୁତ୍ୱାରୋପ କରିଥିଲେ। ଆଦିରାନୀ ଏବଂ ବିଟିଆ ପ୍ରୋଜେକ୍ଟକୁ ନ୍ୟାଶନାଲ ପ୍ରକଳ୍ପ ଭାବେ ଗ୍ରହଣ କରିବାକୁ ସେ ପ୍ରସ୍ତାବ ଦେଇଥିଲେ।

## ସାମାଜିକ କର୍ମୀଙ୍କ ସ୍ମୃତିସଭା

ପୁରୁଣା ଭୁବନେଶ୍ୱର,୩।୧୨(ଡି.ଏନ୍.ଏ.)

ସାମାଜିକ କର୍ମୀ ସ୍ୱର୍ଗତ ବିପିନ ବିହାରୀ ମହାନ୍ତିଙ୍କ ସ୍ମୃତିସଭା ସ୍ଥାନୀୟ ଡାକରା ବିଭୀଷଣ ମନ୍ଦିର ପ୍ରାଙ୍ଗଣରେ ସୋମବାର ସଂଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ 'ସ୍ମୃତିରେ ବିପିନ' ନାମକ ଏକ ପୁସ୍ତକ ଉନ୍ମୋଚନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୋଲିସ କମିଶନର ସତ୍ୟଜିତ ମହାନ୍ତି, ଇଂ. ବିଶ୍ୱଜିତ ମହାନ୍ତି, ବିଜେଡି ନେତା କୈଳାଶ ମିଶ୍ର, କଂଗ୍ରେସ ନେତା ଶିବାନନ୍ଦ ରାୟ, ଲିଙ୍ଗରାଜ ଥାନା ଆଇଆଇସି ଜନାର୍ଦ୍ଦନ ପାଢୀ, ପ୍ରତାପ ଲେଙ୍କାଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ରହି ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତିଚାରଣ କରିଥିଲେ।



ଅତିଥିମାନେ 'ସ୍ମୃତିରେ ବିପିନ' ପୁସ୍ତକକୁ ଉନ୍ମୋଚନ କରୁଛନ୍ତି।

# ଗଲ୍ଫ ଖେଳିଲେ ନେଦରଲାଣ୍ଡ ଖେଳାଳି



ଭୁବନେଶ୍ୱର,୩।୧୨(ବ୍ୟୁରୋ)

ଆର୍ଜେଣ୍ଟିନା ଟିମ୍ ପରେ ଗଲ୍ଫ ଖେଳିବାକୁ ଭୁବନେଶ୍ୱର ଗଲ୍ଫ କ୍ଲବ ଯାଇଥିଲେ ନେଦରଲାଣ୍ଡର ହକି ଖେଳାଳି। ସୋମବାର ସକାଳୁ କ୍ଲବ୍ ପରିସରରେ ନେଦରଲାଣ୍ଡ ଟିମ୍ ସହ ତାଙ୍କ କୋଚ୍‌ଙ୍କୁ ଦେଖିବାକୁ ମିଳିଥିଲା। ଗଲ୍ଫ ଖେଳିବା ସହ ଖେଳାଳି ଓ କୋଚ କ୍ଲବ୍ ପରିସରରେ କିଛି ସମୟ ବିତାଇଥିଲେ। ହକି ବିଶ୍ୱକପ୍ ପ୍ରତିଯୋଗିତା ମଧ୍ୟରୁ କିଛି ସମୟ ମନ ହାଲ୍‌କା କରିବାକୁ ସୋମବାର ଭୁବନେଶ୍ୱର ଗଲ୍ଫ କ୍ଲବ୍‌ରେ ପହଞ୍ଚିଥିଲେ ନେଦରଲାଣ୍ଡ ଟିମ୍। ଖେଳାଳିମାନଙ୍କୁ କଡ଼ା ସୁରକ୍ଷା ମଧ୍ୟରେ ସେଠାକୁ ନିଆଯିବା ପରେ କିଛିସମୟ ପାଇଁ ସେମାନେ ଅଭ୍ୟାସ କରିଥିଲେ। ଅନ୍ୟପକ୍ଷରେ ଖେଳାଳିମାନଙ୍କୁ ଦେଖିବାକୁ କ୍ଲବ୍‌ରେ ଥିବା ସାଧାରଣ ଲୋକଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିଲା। ପୂର୍ବରୁ ଆର୍ଜେଣ୍ଟିନା ଟିମ୍ ମଧ୍ୟ ଏଠାକୁ ଆସି ଗଲ୍ଫ ଅଭ୍ୟାସ କରିଥିଲେ।

## ଫୁର୍‌ସତରେ ଶପିଂ



ଭୁବନେଶ୍ୱର ଓ ଏହାର ମାହୋଲକୁ ଭଲପାଉଛନ୍ତି ବିଦେଶରୁ ଆସିଥିବା ଖେଳାଳି ଓ ଅନ୍ୟ ଅତିଥି। କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ବିଶ୍ୱକପ୍ ହକିରେ ଅଂଶଗ୍ରହଣ କରିଥିବା ସମସ୍ତ ୧୬ଟି ଦେଶର କ୍ରୀଡ଼ାବିତ୍‌ମାନଙ୍କୁ ବିଭିନ୍ନ ସମୟରେ ଭୁବନେଶ୍ୱର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳୁଛି। ବିଶେଷକରି ଫୁରସତ୍ ସମୟରେ ଶପିଂ କରିବା ସହ ସହରର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ବୁଲିବାକୁ ସେମାନେ ପସନ୍ଦ କରୁଛନ୍ତି। ରବିବାର ପାକିସ୍ତାନ ଟିମ୍‌ର କ୍ରୀଡ଼ାବିତ୍ ଓ ଅଫିସିଆଲମାନେ ଏକ ମଲ୍ ବୁଲିବା ସହ ମନପସନ୍ଦର ସାମଗ୍ରୀ କିଣାକିଣି କରିଥିଲେ। ଏହାସହ ସୋମବାର ଏକ୍ସପ୍ଲାନେଡ୍ ମଲ୍ ଆସି ଶପିଂ କରିଥିବା ମଧ୍ୟ ଦେଖିବାକୁ ମିଳିଥିଲା। ସେହିଭଳି ପୂର୍ବରୁ ଦକ୍ଷିଣ ଆଫ୍ରିକା ଟିମ୍ ମଧ୍ୟ ରସୁଲଗଡ଼ସ୍ଥିତ ଏହି ମଲ୍‌ରୁ ଶପିଂ କରିଥିଲେ। ଏହାବ୍ୟତୀତ ଓଡ଼ିଶାର ପାରମ୍ପରିକ ସାମଗ୍ରୀ କିଣିବାକୁ ଅନେକ କ୍ରୀଡ଼ାବିତ୍ ଆଗ୍ରହ ଦେଖାଉଛନ୍ତି। ପାକିସ୍ତାନ୍ ଦଳର ଖେଳାଳିମାନେ ସମ୍ବଲପୁରୀ ଶାଢି କିଣିଥିବା ବେଳେ ବ୍ରିଟିଶ ଫିଲ୍ଡ ହକି ଖେଳାଳି ତଥା ଅଲିମ୍ପିକ୍ ଗୋଲ୍ଡ ମେଡାଲିଷ୍ଟ ସାମନ୍ଥା କ୍ୱେକ୍ ମଧ୍ୟ ସମ୍ବଲପୁରୀ ଶାଢି କିଣିଛନ୍ତି। ହାତରେ ପ୍ରସ୍ତୁତ ଏହି ଶାଢି ତିଆରି କରିବାକୁ ଏକମାସରୁ ଅଧିକ ସମୟ ଲାଗିଥିବା ବେଳେ ଓଡ଼ିଶାର ଏହି ହସ୍ତତନ୍ତ ଖୁବ୍ ସୁନ୍ଦର ବୋଲି ସେ ନିଜ ଟୁଇଟର ଆକାଉଣ୍ଟରେ ପୋଷ୍ଟ କରିଛନ୍ତି। ସେହିଭଳି ଫାଙ୍କା ସମୟରେ ପୁରୀ ବିଚ୍ ସହ ବିଚ୍ ରିସର୍ଟ ଯିବାକୁ ମଧ୍ୟ କିଛି ଦଳ ଯୋଜନା କରିଛନ୍ତି।



ଜମ୍ମୁ-କଶ୍ମୀରର ଶୋପିଆନ୍ ଜିଲାରେ ସୋମବାର ସୁରକ୍ଷାବଳ- ଆତଙ୍କବାଦୀ ମୁହାଁମୁହିଁ ହୋଇଛନ୍ତି। ସ୍ଥାନୀୟ ସନ୍‌ଗ୍ରାନ୍ ଅଞ୍ଚଳରେ କିଛି ଆତଙ୍କବାଦୀ ଲୁଚିଥିବା ଖବର ପାଇ ସୁରକ୍ଷାବଳ ଆରମ୍ଭ କରିଥିଲେ ଘେରାବନ୍ଦୀ। ଆତଙ୍କବାଦୀଙ୍କୁ ଆତ୍ମସମର୍ପଣ ପାଇଁ ସତର୍କ ସୂଚନା ଦିଆଯାଇଥିଲା। ତେବେ ସେମାନେ ସୁରକ୍ଷାବଳଙ୍କ ଉପରକୁ ପ୍ରଥମେ ଗୁଳି ଚଳାଇଥିଲେ। ଜବାବରେ ସୁରକ୍ଷାବଳଙ୍କ ପକ୍ଷରୁ ପାଲଟା ଆକ୍ରମଣ କରାଯାଇଥିଲା।



# ଜେଲରୁ ମୁକ୍ତି ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଆୟରଙ୍କ ଚିଠି

**ଭୁବନେଶ୍ୱର,୩।୧୨ (ବ୍ୟୁରୋ):** ଶ୍ରୀମନ୍ଦିର, ସୂର୍ଯ୍ୟ ମନ୍ଦିର ସମେତ ଓଡ଼ିଶାର କଳା ସଂସ୍କୃତିକୁ ନେଇ ଅରୁଚିକର ମନ୍ତବ୍ୟ ଦେଇଥିବା ଅଭିଜିତ ଆୟର ମିତ୍ର ଝାରପଡ଼ା ଜେଲ୍‌ରେ ଅଛନ୍ତି। ବିଧାନସଭା ଗୃହ କମିଟି କ୍ଷମା ପ୍ରଦାନ କରିଥିଲେ ମଧ୍ୟ ତାଙ୍କୁ ଏପର୍ଯ୍ୟନ୍ତ ଜାମିନ ମିଳିନାହିଁ। ଏପରିସ୍ଥଳେ ସେ ଲେଖିଥିବା ଏକ ଚିଠି ପଦାକୁ ଆସିଛି। ତାଙ୍କୁ କ୍ଷମା କରିବା ସହ ମାମଲା ପ୍ରତ୍ୟାହାର ପାଇଁ ଅଭିଜିତ ଗତ ୨୦ ତାରିଖରେ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କୁ ଏକ ଚିଠି ଲେଖିଥିଲେ। ହେଲେ ଜେଲ ବିଭାଗ ଉକ୍ତ ଚିଠିକୁ ୧୩ ଦିନ ଧରି ନିଜ ପାଖରେ ରଖିଥିଲେ। ଦୁଇ ଦିନ ହେବ ଅଭିଜିତ୍‌ଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବିଗିଡିବାରେ ଲାଗିଛି। ସେ କିଛି ଖାଉ ନ ଥିବାବେଳେ ପେଟରେ ଭୀଷଣ ଯନ୍ତ୍ରଣା ହେଉଛି। ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯିବା ପରେ ସର୍ଜରି ବିଭାଗରେ ଚିକିତ୍ସା କରାଯାଉଛି। ଏପରିସ୍ଥଳେ ଜେଲ୍ ବିଭାଗ ଡିଆଇଜି ସୋମବାର ଉକ୍ତ ଚିଠିକୁ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କୁ ପ୍ରଦାନ କରିଥିବା ସୂଚନା ମିଳିଛି। ଏଠାରେ ପ୍ରଶ୍ନ ଉଠୁଛି ଅଭିଯୁକ୍ତଙ୍କ ଚିଠିକୁ ୧୩ ଦିନ କ'ଣ ପାଇଁ ଜେଲ ବିଭାଗ ଚାପି ରଖିଥିଲା ତାହାକୁ ନେଇ ଭିନ୍ନ ଚର୍ଚ୍ଚା ଆରମ୍ଭ ହୋଇଛି। ଅଭିଜିତ୍‌ଙ୍କୁ ନ ମୁକୁଳାଇବାକୁ ଏପରି ଯୋଜନା ହୋଇଥିବା କୁହାଯାଉଛି। ତେବେ ଏ ସଂକ୍ରାନ୍ତରେ ଜେଲ ବିଭାଗର ଆଇଜିଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରିନି।

## ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି

# ୨୪ ଘଣ୍ଟିଆ ମହାବନ୍ଦ ପାଳନ

**ବଲାଙ୍ଗୀର ଅଫିସ,୩।୧୨**

- ୪ ଟ୍ରେନ୍ ବାତିଲ, ୪ ଟ୍ରେନ୍‌ର ରୁଟ୍ ପରିବର୍ତ୍ତିତ
- ସମ୍ମିଳିତ ହେଲେ କଂଗ୍ରେସ, ବିଜେଡି, ଭାଜପା ନେତା

ବଲାଙ୍ଗୀରଠାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ମିଳିତ କ୍ରିୟାନୁଷ୍ଠାନ କମିଟି ଏବଂ ଜିଲା ଓକିଲ ସଂଘ ପକ୍ଷରୁ ସୋମବାର ୨୪ଘଣ୍ଟିଆ ବଲାଙ୍ଗୀର ଜିଲା ମହାବନ୍ଦକୁ ବିପୁଳ ସମର୍ଥନ ମିଳିଛି। ମହାବନ୍ଦ ଯୋଗୁ ବଲାଙ୍ଗୀର, ଟିଟିଲାଗଡ଼, ପାଟଣାଗଡ଼, କଣ୍ଟାବାଞ୍ଜି, ତୁଷରା ସହରାଞ୍ଚଳ ସମେତ ସମସ୍ତ ବ୍ଲକ ତଥା ଗ୍ରାମାଞ୍ଚଳରେ ଜୀବନଯାତ୍ରା ଠପ୍ ହୋଇଯାଇଥିଲା। ମହାବନ୍ଦ ପାଇଁ ୪ଟି ଟ୍ରେନ୍ ବାତିଲ କରାଯାଇଥିବାବେଳେ ୪ଟିର ରୁଟ୍ ପରିବର୍ତ୍ତନ କରାଯାଇଥିଲା। ସେହିପରି ଭୁବନେଶ୍ୱର-ବଲାଙ୍ଗୀର ଇଣ୍ଟରସିଟି ଏକ୍ସପ୍ରେସ୍ ବଲାଙ୍ଗୀର ଆସି ନ ପାରି ସମ୍ବଲପୁରଠାରେ ଅଟକିଥିବାବେଳେ ବିଶାଖାପାଟଣା-ରାୟପୁର ପାସେଞ୍ଜର ଟ୍ରେନ୍ ରାୟଗଡ଼ାରୁ ଫେରିଯାଇଥିଲା। ୪ଚକିଆ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ସ୍କୁଲ, କଲେଜ, ବ୍ୟାଙ୍କ, ଡାକସେବା, ସିଭିଲ କୋର୍ଟ, ବୀମା ପ୍ରତିଷ୍ଠାନ ବନ୍ଦ ରହିଥିଲା।

ସୋମବାର ସକାଳ ୬ଟାରୁ ମିଳିତ କ୍ରିୟାନୁଷ୍ଠାନ କମିଟି, ଜିଲା ଓକିଲ ସଂଘ, ଅଟୋରିକ୍ସା ସଂଘ, ମାଲଗୋଦାମପଡ଼ାବାସୀ, ରାଜନୈତିକ ଦଳ କଂଗ୍ରେସ, ନାଗରିକ କମିଟି ସଦସ୍ୟମାନେ ବଲାଙ୍ଗୀର ରେଲୱେ ଷ୍ଟେଶନରେ ଏକ ମାଲଗାଡ଼ି ଅଟକାଇଥିଲେ। ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କ୍ରିୟାନୁଷ୍ଠାନ କମିଟି ସଭାପତି ଲଳିତ ନାୟକଙ୍କ ଅଧ୍ୟକ୍ଷତାରେ ବିରାଟ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବଲାଙ୍ଗୀର ବିଧାୟକ ତଥା ବିରୋଧୀ ଦଳ ନେତା ନରସିଂହ ମିଶ୍ର, ଶିକ୍ଷାବିତ୍ ପ୍ରଫେସର ମଧୁସୂଦନ ପତି, ଡା. ଜ୍ୟୋତ୍ସ୍ନାମୟୀ ମହାପାତ୍ର, ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ମହାନନ୍ଦ, ବିଜେଡି ଯୁବନେତା ଅର୍କେଶ ନାରାୟଣ ସିଂଦେଓ, ଜିଲା ଯୁବ ବିଜେଡି ସଭାପତି ଲୋଟସ ଷଡ଼ଙ୍ଗୀ, ଭାଜପାର ଡା. ବାସୁଦେବ ପତି ପ୍ରମୁଖ ବକ୍ତବ୍ୟ ରଖି ଯଶବନ୍ତ ସିଂ କମିଶନ ରିପୋର୍ଟ ଆଧାରରେ ଓଡ଼ିଶା ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ବଲାଙ୍ଗୀର ହିଁ ପ୍ରକୃଷ୍ଟ ସ୍ଥାନ ବୋଲି ଦାବି କରିଥିଲେ। ପାଲ କମିଶନ ରିପୋର୍ଟକୁ ତୁରନ୍ତ ବିଧାନସଭାରେ ଉପସ୍ଥାପନ କରିବାକୁ ଦାବି କରାଯାଇଥିଲା। ମଙ୍ଗଳବାର ସକାଳ ୬ଟା ପର୍ଯ୍ୟନ୍ତ ବନ୍ଦ ପାଳନ ଜାରି ରହିବ ବୋଲି ସ୍ପଷ୍ଟ କରାଯାଇଛି।

# ଆତ୍ମସମର୍ପଣ କଲେ ମହିଳା ମାଓବାଦୀ ଜିଓ୍ୱାନି

**ମାଲକାନଗିରି, ୩।୧୨(ଡି.ଏନ.ଏ.):** କ୍ୟାଡର ମହିଳା ମାଓବାଦୀ ଇଦେ ମାଢ଼ି ଓରଫ ଜିଓ୍ୱାନି(୨୩) ସୋମବାର ମାଲକାନଗିରି ଜିଲା ଏସ୍‌ପିଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ମାଓବାଦୀ ସଙ୍ଗଠନର କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହୋଇ ସଙ୍ଗଠନ ଛାଡ଼ିଥିବା ଇଦେ କହିଛନ୍ତି। ଜିଓ୍ୱାନିଙ୍କୁ ଧରାଇଦେବା ପାଇଁ ପୂର୍ବରୁ ଓଡ଼ିଶା ପୋଲିସ ପକ୍ଷରୁ ୧ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ବେଆଇନ ଘୋଷିତ ସିପିଆଇ ମାଓବାଦୀ ସଙ୍ଗଠନର ଆନ୍ଧ୍ର-ଓଡ଼ିଶା ବର୍ଡର ସ୍ପେଶାଲ ଜୋନାଲ କମିଟି ଅଧୀନ ମାଲକାନଗିରି ଡିଭିଜନର କାଲିମେଳା ଏରିଆ କମିଟିରେ ଜିଓ୍ୱାନି ୨୦୧୪ରୁ ଜଣେ ସକ୍ରିୟ ସଦସ୍ୟ ଭାବେ କାର୍ଯ୍ୟ କରି ଆସୁଥିଲେ। ମାଲକାନଗିରି ଜିଲା ପଡ଼ିଆ ଥାନା ଅଧୀନ ସିଲାକୋଟା ଗ୍ରାମର ଇଦେ ତାଣ୍ଡିକି, ସୁଧାକଣ୍ଡା ନିକଟ ମାଛଘାଟି, ସ୍ୱାଭିମାନ ଅଞ୍ଚଳର ଟିକରପଡା, କୁରୁବ ହିଂସାକାଣ୍ଡ ଏବଂ ଆଇଇଡି ବିସ୍ଫୋରଣ ଆଦି ବିଭିନ୍ନ ଘଟଣାରେ ସେ ସମ୍ପୃକ୍ତ ଥିବା ଏସ୍‌ପି ଜଗମୋହନ ମୀନା ସୂଚନା ଦେଇଛନ୍ତି। ସେହିପରି ୨୭।୪।୨୦୧୭ରେ ସୁଧାକୋଣ୍ଡାର ବିଶ୍ଵୁ କିର୍ସାନୀ ଓ ୨୦।୬।୨୦୧୮ରେ ଗଙ୍ଗା ମାଡକାମୀଙ୍କୁ ହତ୍ୟା, ୬।୧୦।୨୦୧୭ରେ କୁରୁବ ଗ୍ରାମର ଡମ୍ବରୁ ନାୟକଙ୍କୁ ହତ୍ୟା, ୮।୮।୨୦୧୮ରେ ପପୁଲୁର ଗ୍ରାମର ନାରାୟଣ ପାଲାସୀଙ୍କୁ ହତ୍ୟା ଘଟଣାରେ ଜିଓ୍ୱାନି ସମ୍ପୃକ୍ତ ଥିବା ଏସ୍‌ପି ମୀନା କହିଛନ୍ତି।


OFFICE OF THE

## MUNICIPAL COUNCIL, SUNABEDA

No.10633 Dt.30.11.18

**QUOTATION CALL NOTICE**

Sealed quotations are invited from the intending Firms / Agency for Catching & relocating of Stray Dog from Sunabeda Municipality area to uninhabited location at least 40kms away. The rate should be quoted inclusive of all Taxes and transportation charges for each dog. The quotations will be received up to **07.12.2018 at 1.00 P.M** and the same will be opened on the same day at **4.00 P.M.** The quotationer or his authorized agent may remain present at the time of opening of quotations. The Quotation received after due date and time will not be entertained . If any allegation came to the notice of the undersigned about death of dog, this office is not held responsible and the legal action will be taken as per wild life rule. The undersigned shall not be responsible, if any kind of inconvenience happens during the period of exercise for catching the stray dogs. The quotations call for a period of 2years w.e.f issue of work order in the approved rate. The undersigned reserves the right to cancel / reject any or all the quotations without assigning any reason thereof.

**Sd./- Executive Officer**
**Sunabeda Municipality**

## ZILLA SWASTHYA SAMITI, SUNDARGARH

**DISTRICT PROGRAMME MANAGEMENT UNIT, NHM**
**O/o CDM & PHO, SUNDARGARH, DIST.- SUNDARGARH**

Advertisement No. 5412 Date: 01.12.2018

**NOTICE**

**No. 616-E:-** Applications are invited from the contractual employees of NHM working in the same post under OSH & FW Society in other districts, desiring to be posted in SUNDARGARH District against the category of posts mentioned below:-

| Sl. No. | Name of the Post | No. of Vacancy |
|---|---|---|
| 1. | Block Programme Manager | 01 |
| 2. | Block Accounts Manager/Accountant | 04 |

Interested in-house candidates of NHM only are requested to apply in the prescribed format with NOC and experience certificate issued by concerned CDM & PHO. Selection shall be made on the highest length of incumbency in the same post under OSH&FW Society. The application format & other details can be obtained from the district website www.sundergarh.nic.in and the application should reach to the Office of the Chief District Medical & Public Health Officer, Sundargarh, PIN-770001 by dt.13th December 2018 upto (5.00PM) through REGISTERED / SPEED POST only. Envelopes containing applications must be superscribed in bold letter for the post applied for. Applications received after due date will be rejected and the undersigned is not responsible for any postal delay. Vacancies shown above are provisional and subject to change during the time of posting. Incomplete application in any form is liable for rejection. The undersigned reserves the right to accept / reject any application and modify / cancel the advertisement without assigning any reason thereof. Status of the selection process will be web hoisted in the District website and no personal query will be entertained.

*Sd./-*
*Chief District Medical & Public Health Officer*
*-cum-District Mission Director, Sundargarh*

10100/11/0068/1819

GANGADHAR MEHER UNIVERSITY, SAMBALPUR

No. 5918/GMU 1A-06/2019 Date: 03.12.18

**CORRIGENDUM**

In partial modification to this advertisement No.5854/ GMU dated28.11.2018, the Entrance Test for admission into M. Phil Program of the GMU scheduled to be held on 18.12.2018 is hereby postponed to date 24.12.2018 in view of the UGC NET Examination from 18.12.2018 to 22.12.2018. M.Phil is also opened in Physics with 04 seats.

**Sd./- Registrar**

OFFICE OF THE

## DISTRICT MEDICAL & PUBLIC HEALTH OFFICER, SUBARNAPUR

**No.4733** **Dt.: 03.12.18**

**NOTICE**

With reference to the advertisment No.-4460 / dated 13.11.2018 published in the daily Odiya News Papers i.e. "The Samaj & The Dharitri" and in the District website **www.subarnapur.nic.in** for filling up contractual **STAFF NURSE (DP/NBSU/SNCU/KMC) & ANM (DP/ NRC/MHT) under HHM through open advertisement is here by cancelled.**

**Sd./- CDM & PHO-cum-District**
**Mission Director, Subarnapur**

**OFFICE OF THE SUPERINTENDENT,**

## SAHEED LAXMAN NAYAK MEDICAL COLLEGE AND HOSPITAL, KORAPUT

Letter No. 1663 Dt. 01.12.2018

**NOTICE**

Sub- Provisional list of Paramedical Staff.

Candidate who have applied for the post of Laboratory Technician & Radiographer vide this office Advt. No. 1330, Dt.30.10.2018 are hereby requested to visit the Koraput Dist. Website www.koraput.nic.in to invite objections on the provisional list. They are requested to submit their objections on provisional list if any in the given prescribed format before 08.12.2018 by 5.00PM. No objections will be entertained beyond the stipulated time period. Final Merit list will be published in the website for appointment later.

***Sd./- Superintendent***
***SLNMCH, Koraput***

10121/11/0028/1819 **620-E**

**TENDER CALL NOTICE**

## DISTRICT HEADQUARTER HOSPITAL, DHENKANAL

**Letter No. 3747** **Dt.01.12.18**

Tender is invited from the interested firms & suppliers for supply of Drugs & Medical consumables for the year 2018-19 for Dhenkanal District Health Institution. The detail terms & condition mention in the tender document. The last date for depositing the tender document to the office of the undersigned on or before **19.12.18 upto 12.00 PM** and will be opened on **21.12.18 at 11.00 AM.** The members of the purchase committee will evaluate the bid and finalize suitable firms / suppliers for supply of Drugs & Medical consumables in the office chamber of the undersigned. The detail tender & condition can be downloaded from the NIC website of Dhenkanal.

**Sd./- Chief District Medical & Public Health Officer**
**District- Dhenkanal**

## ZILLA SWASTHYA SAMITI, KHORDHA

**DISTRICT PROGRAMME MANAGEMENT UNIT**
**NATIONAL HEALTH MISSION**

Advt. No. 14039/NHM/2018 Date: 03.12.2018

**NOTICE INVITING BID**

**FOR EQUIPMENT, AIDS & DRUGS FOR DEIC (RBSK) O/O CDM&PHO, KHORDHA**

**No. 623-E:-** Bids are invited from eligible firms / company / agency / suppliers /distributors to supply the Equipments, Aids & Drugs to DEIC, RBSK Khordha. The bid document with all information relating to the bidding process including the cost of bid document, EMD, Eligibility criteria and terms & conditions are available in the district website: www.khordha.nic.in. The last date of submission of bid is on or before 26.12.2018 by 4PM to the O/o-CDM&PHO, Khordha through Speed Post / Regd. Post / Courier only. The undersigned reserves the right to cancel any or all the bids without assigning any reason thereof.

***Sd./- Chief District Medical &***
***Public Health Officer, Khordha***

10029/11/0034/1819

**Government of Odisha "e" Procurement Notice**

**Bid Identification No.RWSS 33/2018-19**

e-mail: eerwss22keonjhar@gmail.com

| | | |
|---|---|---|
| 1. No. of works | :- | Construction of pum house, Compound wall, OHR, UGR and Laying of pipe line etc. for different rural piped water supply schemes under RWS&S Division, Keonjhar |
| 2. No. of works for which tender invited | :- | 18 (Eighteen) |
| 3. Estimated cost | :- | Rs.53.01 lakhs to Rs.99.96 lakhs |
| 4. Cost of tender paper | :- | Rs.10000.00 |
| 5. Period of completion | :- | As mentioned in DTCN |
| 6. Date and time of availability of bid document in the portal | :- | From 10.00 hr. 06.12.2018 to 17.00 hr. of 26.12.2018 |
| 7. Last date / time for receipt of bids in the portal | :- | 17.00 hr. of 26.12.2018 |
| 8. Date of opening of bid from portal | :- | 11.00 hr. of 29.12.2018 |
| 9. Name and address of the officer inviting bid | :- | Executive Engineer, RWS&S Division, Keonjhar |

Further details can be seen from the e-procurement portal **"http://tendersorissa.gov.in**.

No.1096-O

**Sd./- Executive Engineer**
**RWS&S Division, Keonjhar**

25023/11/0018/1819

## OFFICE OF THE EXECUTIVE ENGINEER RWS&S DIVISION, PURI – 752002

Phone (06752) 251276, Fax :- (06752) 251276, E-mail:-eerwss_puri@nic.in

**NATIONAL COMPETITIVE BIDDING THROUGH E-PROCUREMENT**

**Bid Identification No. RWSS PURI 66 /2018-19**

No.1094-O: The Executive Engineer, RWS&S Division, Puri on behalf of Governor of Odisha invites lump sum price bids through e-procurement in double cover system according to the norms of e-procurement system, in on-line mode from eligible contractors.

| Sl. No. | Nature of work: | Piped Water Supply Scheme |
|---|---|---|
| 1. | No. of works: | 6(SIX) |
| 2. | Time for completion: | Six months |
| 3. | Cost of bidding document: | Rs.10000/- |
| 4. | Class of Contractors eligible: | B & A |
| 5. | Availability of bids on-line: | From 17 hour of 06.12.2018 to 17.00 hours of 20.12.2018 |
| 6. | Last date and time for seeking clarification: | 17.00 hours of 15.12.2018 |
| 7. | Date & time of opening of technical bids: | On dt. 21.12.2018 at 12.00 Hours in the office of the Executive Engineer, RWS&S Division, Puri (All documents should be submitted in online only. No original documents should be dropped in dropping box before opening of technical bid in Division Office). |
| 8. | Date and time of opening of financial bids: | To be decided. |

Further details can be seen from the website https://www.tendersorissa.gov.in.

**Sd./- Executive Engineer,**
**RWS&S Division, Puri**

25017/11/0083/1819

**OFFICE OF THE EXECUTIVE ENGINEER**
**BALANGIR (R&B) DIVISION, BALANGIR**

Email : eepwd.bgr@rediffmail.com, eepwd.bgr@gmail.com, Ph.No. 06652-232374

**CANCELLATION OF WORK**

**Bid Identification No. BGR R&B / 14/ 2018-19**
**Letter No. 4408/ Dtd. 13.11.2018**
**Tender ID No. 2018_EICCL_50941_2**
**No. 4683/ Date. 30.11.2018**

The works in Sl. No. 02 "Construction of approach road to Reserve Police Colony at Balangir District head quarters." In Bid Identification No. BGR R&B /14/ 2018-19 is hereby cancelled on technical ground.

**Sd./- Executive Engineer,**
**Balangir (R&B) Division, Balangir**

34028/11/0044/1819 No. 969-B

## CUTTACK MUNICIPAL CORPORATION

**Short Tender Call Notice No.5485 (PW)**
**Date: 03.12.2018**

| | | |
|---|---|---|
| Name & No. of works | : | Electrical works, 26 Nos. |
| Bid value | : | Rs.0.52 lakh to Rs.1.96 lakh |
| Period of completion | : | One month |

Date and time schedule

| Start | End | Opening |
|---|---|---|
| 11.00 AM on dt.03.12.2018 | 5.00 PM on dt.10.12.2018 | 11.00 AM on dt.11.12.2018 |

Tender details can be seen from the procurement portal : **www.cmccuttack.gov.in**.

**Sd./- Executive Engineer-I**

**The Odisha Small Industries Corporation Ltd.**
**( A Government of Odisha Undertaking) )**
***(An ISO:9001:2008 certified Govt.Company)***
**Industrial Estate, Madhupatna, CUTTACK – 753 010. Odisha.**
**Tel No. : 0671-2343084 Fax : 0671-2341875/ 2342561**
e-mail: osicltd@gmail.com , osicltd@rediffmail.com website: osicltd.in

**QUOTATION CALL NOTICE**

Ref: 5439/OSIC Date:03.12.2018

Sealed quotations are invited from interested suppliers/ dealers with valid GST Registration and IT PAN for supply of the following materials:

1. Executive Diary, 2019 (Special quality) -100 nos.
   (Single date Executive size 70 GSM Maplitho paper)
2. Executive Diary, 2019 -1300 nos.
   (Single date Executive size 70 GSM Maplitho paper)
3. Turkish Towels (Size 30" x 60") -220 nos.
4. Drinking Glasses (Reputed brand) -250 nos.
5. Pen latest Ballpoint Pen with Reynolds make-250 nos.

The bidders should be prepared to deliver the materials to this office complete in all respect by 26th December, 2018 positively. About 15 pages of printed information including some colour photos on OSIC shall be inserted in the diary. The interested bidders may submit their sealed quotations superscribing **"QUOTATION FOR SUPPLY OF DIARIES & OTHER ITEMS"** on the envelope by **1.30 P.M. on or before 07.12.2018** alongwith the samples for minimum 5 varieties of each item at OSIC. The quotation shall be opened **at 3.00P.M. on 10.12.2018** in presence of the bidder or their authorized representatives. The authority reserves the right to accept/ reject any or all quotations without assigning any reason thereof

**MANAGING DIRECTOR**

**ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ**
**ଶିକ୍ଷା ଅଧିକାର, ସର୍ବ ଶିକ୍ଷା ଅଭିଯାନ**
**ଶିକ୍ଷା ସଦନ, କୋରାପୁଟ- ୭୬୪୦୨୦**

ଫୋନ: (୦୬୮୫୨)-୨୫୨୪୨୧(କାର୍ଯ୍ୟାଳୟ), ୨୫୨୮୫୭(ଏମଆଇଏସ),
ଇମେଲ: **dpckoraputssa.opepa@nic.in, grievancessakpt@gmail.com**

**ବିଜ୍ଞାପନ**

**ବିଜ୍ଞାପନ ସଂଖ୍ୟା: ୪୩୬୭/ ୨୦୧୮ V. Estt. 109/18 ତା: ୦୧।୧୨।୨୦୧୮**

**No.63-n:-** ଏହି କାର୍ଯ୍ୟାଳୟ ବିଜ୍ଞାପନ ସଂଖ୍ୟା ୪୩୪୯ ତା: ୩୦।୧୧।୨୦୧୮ ରିଖ ପ୍ରତି ଦୃଷ୍ଟି ଆକର୍ଷଣ ପୂର୍ବକ, ସର୍ବସାଧାରଣ ଓ ବର୍ତ୍ତମାନ ଚିଠାଯୋଗ୍ୟ ତାଲିକାରେ ନାମ ରହିଥିବା ସମସ୍ତ ପ୍ରାର୍ଥୀ ଓ ପ୍ରାର୍ଥିନୀ +2 CT (Science & Arts) ଓ +3 B.Ed (Science & Arts)ଙ୍କ ଅବଗତ ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିଯୁକ୍ତି ସ୍ଥାନ ଚୟନ ପ୍ରକ୍ରିୟା (Counseling) ଆସନ୍ତା ତା: ୦୭।୧୨।୨୦୧୮ ରିଖ ପୂର୍ବାହ୍ନ ୧୦.୦୦ ଘଟିକା ସମୟରୁ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସର୍ବ ଶିକ୍ଷା ଅଭିଯାନ, କୋରାପୁଟ ଠାରେ ଅନୁଷ୍ଠିତ ହେବ। ପ୍ରସ୍ତାବିତ ନିଯୁକ୍ତି ସ୍ଥାନ ଚୟନ ପ୍ରକ୍ରିୟା (Counseling) ଦିନ ଓ ସମୟରେ ସମସ୍ତ ପ୍ରାର୍ଥୀ ଓ ପ୍ରାର୍ଥିନୀ ଉପସ୍ଥିତ ରହି ସ୍ଥାନ ଚୟନ ସହ ନିମ୍ନଲିଖିତ ପ୍ରମାଣପତ୍ର (Photocopies of Certificates) ଗୁଡ଼ିକର ନକଲ ଓ ଦୁଇଟି Passport size Photo ପ୍ରାଧିକୃତ ଅଧିକାରୀଙ୍କ ନିକଟରେ ଦାଖଲ କରିବେ ଓ ମୂଳ ଯୋଗ୍ୟତା ପ୍ରମାଣପତ୍ର (Original Certificates) ସହ ଯାଞ୍ଚ କରାଇନେବେ। ଏଥିରେ କୌଣସି ବ୍ୟତିକ୍ରମ ଯେପରି ନ ହୁଏ ସେଥିପ୍ରତି ସଜାଗ ରହିବେ।

**ସ୍ୱା./- ଜିଲ୍ଲା ପ୍ରକଳ୍ପ ସଂଯୋଜକ**
**ଶିକ୍ଷା ଅଧିକାର-ସର୍ବ ଶିକ୍ଷା ଅଭିଯାନ, କୋରାପୁଟ**

**DOCUMENTS REQUIRED TO BE SUBMITTED IN CRONOLOGICAL ORDER FOR VERIFICATION WITH ORIGINAL CERTIFICATES (For +2 CT Science & Arts Candidates) on 07.12.2018**

1. Application form (downloaded at the time of application), 2. HSC Certificate, 3. HSC Mark Sheet, 4. +2 Certificate, 5. +2 Mark Sheet (All semester), 6. Training Qualification Certificate, 7. Trainign qualification Mark Sheet, 8. +3 Certificate, 9. +3 Mark Sheets (if passed), 10. OTET pass certificate, 11. Recent Caste Certificate issued by competent authority, 12. Recent Residence Certificate issued by competent authority. 13. Valid Employment Exchange Registration Certificate, 14. 02 Nos. of recent color Passport size photograph, 15. Proof of identification (Aadhaar/ DL/Voter ID/PAN), 16. Equivalency certificate in case of certificates from Boards / Universities other than Odisha Board / Universities, 17. RCI registration certificate in case of special education Training.

**27035/11/0023/1819**

## KALINGA NAGAR DEVELOPMENT AUTHORITY

**AT- CHORDA, P.O- F.C.PROJECT, JAJPUR ROAD, DIST.- JAJPUR, PIN-755020**
**Phone: 06726-223652 (Fax), Mail Id: kndajprd@gmail.com**

**No. 909/KNDA** **Date: 10.10.2018**

**NOTIFICATION**

Whereas the draft Zonal Development Plan for Kalinganagar National Industrial & Manufacturing Zone (KNIMZ) area comprising of following 43 villages under the Development Plan Area of KNDA is published herewith as required under Section 12(1) of Odisha Development Authorities Act, 1982 and Rule 12(1) of Odisha Development Authorities Rule, 1983 for inviting objection & suggestion from the public on said Zonal Development Plan within ninety (90) days from the date of publication of this notice. The said draft Zonal Development Plan is available for inspection in the office of the Kalinga Nagar Development Authority located at Stadium Road, Chorda, Jajpur Road on all working days. The same will also be available in KNDA website i.e. kndajprd.nic.in. This is mandatory to mention the full name & detail address along with the objection & suggestion.

| Sl. No. | Mouza | G.P. Name | Tahasil | P.S. No. |
|---|---|---|---|---|
| 1 | Barasulidihi | Pankapal | Danagadi | 188 |
| 2 | Baghuapal | Salijanga | Danagadi | 90 |
| 3 | Baliapal | Salijanga | Danagadi | 88 |
| 4 | Balungabandi | Jakhapura | Danagadi | 236 |
| 5 | Barakhai | Ranagundi | Danagadi | 216 |
| 6 | Bargadia | Bargadia | Sukinda | 236 |
| 7 | Chandia | Chandia | Danagadi | 195 |
| 8 | Dasamania | Mantira | Danagadi | 193 |
| 9 | Dhanjayapur | Nadiabhang | Danagadi | 81 |
| 10 | Dhapanki | Dhuligarh | Danagadi | 221 |
| 11 | Dhuligarh | Dhuligarh | Danagadi | 230 |
| 12 | Duburi | Duburi | Sukinda | 86 |
| 13 | Garapur | Sarangapur | Sukinda | 196 |
| 14 | Gobaraghati | Gobaraghati | Sukinda | 141 |
| 15 | Gorigottha | Olala | Danagadi | 238 |
| 16 | Golagan | Chandia | Danagadi | 174 |
| 17 | Hatimunda | Gobaraghati | Sukinda | 153 |
| 18 | Jakhapura | Jakhapura | Danagadi | 197 |
| 19 | Jamupasi | Ampolaba | Danagadi | 82 |
| 20 | Kacherigan | Chandia | Danagadi | 194 |
| 21 | Kantipur | Olala | Danagadi | 223 |
| 22 | Khairadihi | Trijanga | Danagadi | 233 |

| Sl. No. | Mouza | G.P. Name | Tahasil | P.S. |
|---|---|---|---|---|
| 23 | Khuranti | Sarangapur | Sukinda | 234 |
| 24 | Managovindpur | Dhuligar | Danagadi | 233 |
| 25 | Mantira | Mantira | Danagadi | 191 |
| 26 | Mandapada | Ranagundi | Dharmasala | 76 |
| 27 | Manoharpur | Pankapal | Dharmasala | 189 |
| 28 | Mirigichara | Gobaraghati | Sukinda | 372 |
| 29 | Nadiabhanga | Nadiabhanga | Danagadi | 84 |
| 30 | Nimapalli | Pingala | Sukinda | 188 |
| 31 | Nuagan | Bargadia | Danagadi | 232 |
| 32 | Olala | Olala | Jajapur Road | 394 |
| 33 | Panchabatia | Pankapal | Dharmasala | 187 |
| 34 | Rabana | Mantira | Dharmasala | 192 |
| 35 | Rampilo | Olala | Jajapur Road | 217 |
| 36 | Ranagundi | Ranagundi | Dharmasala | 79 |
| 37 | Saraangapur | Sarangapur | Sukinda | 237 |
| 38 | Sarans | Duburi | Sukinda | 85 |
| 39 | Satabainsia | Trijanga | Jajpur Road | 234 |
| 40 | Sulia | Ranagundi | Dharmasala | 80 |
| 41 | Trijanga | Trijanga | Danagadi | 231 |
| 42 | Mangalapur | Trijanga | Danagadi | 221 |
| 43 | Nuagan | Trijanga | Sukinda | 235 |

**Sd./- Secretary, Kalinga Nagar Development Authority**

# ଉପକାରୀ ବେବି ଅଏଲ୍



ପିଲାଙ୍କ ତ୍ୱଚାର ସୁରକ୍ଷା ସହ ହାଡ଼କୁ ମଜଭୁତ କରିବା ଲାଗି ବ୍ୟବହାର କରାଯାଉଥିବା ବେବି ଅଏଲ୍ ବଡ଼ମାନଙ୍କ ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ମଧ୍ୟ ବେଶ୍ ଉପକାରୀ। ଜାଣି ରଖନ୍ତୁ ଏ ସମ୍ପର୍କରେ...

ସୌନ୍ଦର୍ଯ୍ୟ

❖ବର୍ତ୍ତମାନ ଶୀତଦିନ ଚାଲିଥିବାରୁ ତ୍ୱଚା ରୁକ୍ଷ ହେବା ଏବଂ ଫାଟିବା ଆଦି ସମସ୍ୟା ଦୂର କରିବା ଲାଗି ଅଧିକାଂଶ ବଡିଲୋଶନର ସାହାଯ୍ୟ ନେଉଥିବାର ଦେଖିବାକୁ ମିଳୁଛି। ହେଲେ ଏହା ବଦଳରେ ଆପଣ ଚାହିଁଲେ ବେବି ଅଏଲ୍ ବ୍ୟବହାର କରିପାରିବେ। କାରଣ ଏହା ତ୍ୱଚାକୁ ମଶ୍ଚରାଇଜ୍ କରିବା ସହ ପିଲାଙ୍କ ଭଳି ସଫ୍ଟ ଏବଂ ସ୍ମୁଥ୍ କରିଥାଏ।

❖ଆଖି ଏବଂ ଓଠର ମେକ୍‌ଅପ୍ ରିମୁଭ୍ କରିବା ଲାଗି କୌଣସି କ୍ଲିଞ୍ଜର ବଦଳରେ ବେବି ଅଏଲ୍ ବ୍ୟବହାର କରିପାରିବେ।

❖ବେଳେବେଳେ ଅଧିକ ରୁକ୍ଷ ହୋଇ କିମ୍ବା ଅନ୍ୟ କୌଣସି କାରଣରୁ ତ୍ୱଚାରୁ କାତି ଛାଡିବା ଭଳି ଲାଗିଥାଏ। ବିଶେଷକରି ହାତ, କହୁଣି, ଆଣ୍ଠୁ ଆଦି ସ୍ଥାନରେ ଏପରି ହୋଇଥାଏ। ଏହାକୁ ଦୂର କରିବା ଲାଗି ପ୍ରତିଦିନ ବେବି ଅଏଲ୍ ମସାଜ୍ କରିବା ଲାଭଦାୟକ।

❖ଶିଶୁ ଜନ୍ମ ପରେ ଅଧିକାଂଶ ମହିଳାଙ୍କ ପେଟରେ ଷ୍ଟ୍ରେଚ୍‌ମାର୍କ ରହିଥିବା ଦେଖିବାକୁ ମିଳେ। ପ୍ରତିଦିନ ରାତିରେ ଶୋଇବା ପୂର୍ବରୁ ବେବି ଅଏଲ୍ ମସାଜ କଲେ ଏହି ସମସ୍ୟା ଦୂର ହୋଇଥାଏ।

❖କେଶର ସୌନ୍ଦର୍ଯ୍ୟ ବୃଦ୍ଧି ଲାଗି ମଧ୍ୟ ଏହା ଖୁବ୍ ଭଲ। ଯଦି କେଶକୁ ସ୍ମୁଥ୍ ଏବଂ ସାଇନିଂ କରିବାକୁ ଚାହୁଁଛନ୍ତି, ତେବେ ଭଲ ଭାବେ ବେବି ଅଏଲ୍ ମସାଜ କରି ଏକ ଟାୱାଲ୍‌କୁ ଗରମ ପାଣିରେ ବୁଡାଇ ଚିପୁଡି କେଶରେ ଷ୍ଟିମ୍ ଦିଅନ୍ତୁ। ୧୫ ମିନିଟ୍ ପରେ ଶ୍ୟାମ୍ପ କରିଦିଅନ୍ତୁ।

❖ଘନ କଳା ଆଇବ୍ରୋ ମଧ୍ୟ ସୁନ୍ଦରତାର ଏକ ବରଦାନ। ତେଣୁ ଯେଉଁମାନଙ୍କ ଆଇବ୍ରୋ ପତଳା, ସେମାନେ ଏହାର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ବିଭିନ୍ନ ଉପାୟ ଆପଣେଇଥାନ୍ତି। ହେଲେ ଆପଣ ଜାଣନ୍ତି କି ପ୍ରତିଦିନ ଶୋଇବା ପୂର୍ବରୁ ଆଇବ୍ରୋରେ ବେବି ଅଏଲ୍ ମସାଜ କରିବା ଦ୍ୱାରା ଏହା ଧୀରେ ଧୀରେ ଘନ ହୋଇଥାଏ।



# ମଡର୍ନ ନିଶା



ବର୍ତ୍ତମାନ ଅଧିକାଂଶ ମହିଳାଙ୍କୁ ବି ଘାରିଛି ମଡର୍ନ ଦୁନିଆ ସହ ଅପ୍‌ଡେଟ୍ ରହିବାର ନିଶା। ଯେଉଁଥିପାଇଁ ସେମାନେ ନିଜ ବେଶପୋଷାକ, ଖାଦ୍ୟରୁଚିଠୁ ଆରମ୍ଭ କରି ଜୀବନଶୈଳୀରେ ପରିବର୍ତ୍ତନ ଆଣିବାକୁ ପଛାଉ ନାହାନ୍ତି। ତେବେ ଏହି ପରିବର୍ତ୍ତନ ନିଶ୍ଚିତ ସ୍ୱାଗତଯୋଗ୍ୟ। ଅପରପକ୍ଷେ ଏହା ଯେପରି କୌଣସି ବିପଦର କାରଣ ନ ସାଜେ ସେଥିପ୍ରତି ସଜାଗ ରହିବା ଆବଶ୍ୟକ...



## ସୌନ୍ଦର୍ଯ୍ୟକୁ ନେଇ ପ୍ରତିଯୋଗିତା

ବର୍ତ୍ତମାନ ବ୍ୟୁଟିପାର୍ଲରର, ସ୍ପା ଯିବା, ବ୍ୟୁଟି ଟ୍ରିଟ୍‌ମେଣ୍ଟ କରିବାଠାରୁ ଆରମ୍ଭ କରି ବିଭିନ୍ନ କମ୍ପାନୀର ଫେଆର୍‌ନେସ୍ କ୍ରିମ୍, ବ୍ଲିଚ୍ ଆଦି ବ୍ୟବହାର କରି ନିଜକୁ ସୁନ୍ଦର ଏବଂ ଆକର୍ଷଣୀୟ ଲୁକ୍ ଦେବାକୁ ନେଇ ଯେପରି ପ୍ରତିଯୋଗିତା ଚାଲିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏମିତିକି ଗୋରା ହେବା ନିଶାରେ ଅନେକେ ଇନ୍‌ଷ୍ଟାଣ୍ଟ ଫେଆର୍‌ନେସ୍ କ୍ରିମ୍ ବ୍ୟବହାର କରିବାକୁ ବି ପଛାଉ ନାହାନ୍ତି। ହେଲେ ଜାଣନ୍ତି କି, ଏଥିରେ ଥିବା ମର୍କ୍ୟୁରି, ହାଇଡ୍ରୋକୁଇନନ୍ ଭଳି ବିଭିନ୍ନ ରାସାୟନିକ ପଦାର୍ଥ ସାଙ୍ଗକୁ ମାତ୍ରାଧିକ ଷ୍ଟିରଏଡ୍ ତ୍ୱଚାରୁ ମେଲାନିନ୍ ମାତ୍ରା ହ୍ରାସ କରିଥାଏ ସତ, ଅପରପକ୍ଷେ ଏଭଳି କ୍ରିମ୍ ଅନେକଙ୍କଠାରେ ବ୍ରଣ, ଲାଲ୍ ଦାଗ, କଳା ଦାଗ, ଷ୍ଟ୍ରେଚ୍‌ମାର୍କ ଭଳି ସମସ୍ୟା ସୃଷ୍ଟି କରିଥାଏ। ଏହାଛଡା କେଶର ସୌନ୍ଦର୍ଯ୍ୟ ବୃଦ୍ଧି ଲାଗି ହେୟାର ଷ୍ଟ୍ରେଟ୍‌ନିଂ, କଲରିଂ କରିବାଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ଶାମ୍ପୁ, କଣ୍ଡିଶନର, ସେରମ୍, ଜେଲ୍, ୱାକ୍ସ ଆଦି ଅନେକଙ୍କଠାରେ କେଶ ପାଚିବା, କେଶ ଝଡିବା ଏବଂ ଚନ୍ଦାପଣ ଭଳି ସମସ୍ୟା ସୃଷ୍ଟି କରୁଛି। ଏମିତିକି ଏଥିରେ ଥିବା ହାନିକାରକ ରାସାୟନିକ ଉପାଦାନ ଚକ୍ଷୁ, ଚର୍ମ ଓ ଫୁସ୍‌ଫୁସ୍‌କୁ ମଧ୍ୟ ପ୍ରଭାବିତ କରୁଛି। କିଛିଦିନ ଚିକ୍କଣ ଏବଂ ସୁନ୍ଦର ଦେଖାଯିବା ଲାଗି ବ୍ୟବହାର କରୁଥିବା ହେୟାର ରିମୁଭାଲ କ୍ରିମ୍ ଚର୍ମ ଉପରେ ଦୀର୍ଘସ୍ଥାୟୀ ନକାରାତ୍ମକ ପ୍ରଭାବ ପକାଇଥାଏ। ତେବେ କସ୍‌ମେଟିକ୍ ପ୍ରଡକ୍ଟ ମଧ୍ୟରେ ଲିପ୍‌କଲର ବା ଲିପ୍‌ଷ୍ଟିକ୍ ମହିଳାମାନଙ୍କର ସବୁଠୁ ପସନ୍ଦ। ହେଲେ ଏଥିରେ ମିଶୁଥିବା କେମିକାଲ୍ ଯଥା ସିସା ଓଠର ନମନୀୟତା ହ୍ରାସ କରିବା ସହ ପାଟିବାଟେ ଯାଇ ମସ୍ତିଷ୍କକୁ ପ୍ରଭାବିତ କରି ସ୍ମରଣଶକ୍ତି ହ୍ରାସ କରିଥାଏ। ସେହିପରି ଡିଓ ବା ପର୍‌ଫ୍ୟୁମ୍ ଅଧିକ ବ୍ୟବହାର କରିବା ଦ୍ୱାରା ଏଥିରେ ମିଶୁଥିବା ଆଲୁମିନିୟମ୍, ପ୍ରୋପିଲିନ୍ ଗ୍ଲାଇକଲ, ଥାଲେଟ୍‌ସ ଓ ଟ୍ରାଇକ୍ଲୋସାନ୍ ଭଳି ମାରାତ୍ମକ କେମିକାଲ ଚର୍ମ ସହିତ କିଡ୍‌ନୀ ଓ ହୃତ୍‌ପିଣ୍ଡ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ।





## ବଢୁଛି ଫ୍ୟାଶନ ମାନିଆ

ଫ୍ୟାଶନ ଦୁନିଆ ସହ ଅପ୍‌ଡେଟ୍ ରହିବା ନିଶାରେ ଏବେ ମହିଳାମାନେ ମଧ୍ୟ ଆଉ କେବଳ ସେହି ପାରମ୍ପରିକ ବେଶପୋଷାକ ଭିତରେ ନିଜକୁ ସୀମିତ ନ ରଖି ଭଳିକି ଭଳି ମଡର୍ନ ଆଉଟ୍‌ଫିଟ୍ ସାଙ୍ଗକୁ ପରଫେକ୍ଟ ମ୍ୟାଚ୍ କରୁଥିବା ଆସେସରିଜ୍ ବ୍ୟବହାର କରୁଛନ୍ତି। ହେଲେ ଅପରପକ୍ଷେ ଏହା କେବେ କେବେ ସେମାନଙ୍କ ଲାଗି ବିପଦର କାରଣ ସାଜୁଛି। ସ୍ଲିମ୍‌ଫିଟ୍ ଲାଗିବା ପାଇଁ ସବୁବେଳେ ଅଧିକ ଟାଇଟ୍ ପୋଷାକ ପିନ୍ଧିବା ଦ୍ୱାରା ଶରୀରରେ ରକ୍ତ ସଞ୍ଚାଳନ ବାଧାପ୍ରାପ୍ତ ହେବା ସହ ଟାଇଟ୍ ଜିନ୍ସ, ଲେଗିଙ୍ଗ୍‌ସ ପିନ୍ଧିବା ଯୋଗୁ ଅଣ୍ଟାଠାରୁ ପାଦ ପର୍ଯ୍ୟନ୍ତ ସ୍ଥାନରେ ମାଂସପେଶୀ ସଙ୍କୁଚିତ ହୋଇ ସ୍ନାୟୁ ଦୁର୍ବଳ ହେଉଛି। ଫଳରେ ଗୋଡ଼ର କାର୍ଯ୍ୟକ୍ଷମତା ହ୍ରାସ ପାଇ ଅନେକଙ୍କଠାରେ ଆଣ୍ଠୁ, ଅଣ୍ଟା, ପାଦ ଏବଂ ପିଠିରେ ଯନ୍ତ୍ରଣା ଅନୁଭବ ହେଉଛି। ଲୋ ୱେଷ୍ଟ ଟାଇଟ୍ ଜିନ୍ସ ଯୋଗୁ ପେଟର ତଳଭାଗରେ ଅଧିକ ଚାପ ପଡି ହଜମ କ୍ରିୟା ବାଧାପ୍ରାପ୍ତ ହେଉଛି। କେବେ କେବେ ଏହି ଟାଇଟ୍ ପୋଷାକ ଯୋଗୁ ରକ୍ତ ସଞ୍ଚାଳନ ବାଧାପ୍ରାପ୍ତ ହୋଇ ସ୍ଥାନେ ସ୍ଥାନେ ରକ୍ତ ଜମାଟ ବାନ୍ଧିବା ବା ଡିପ୍ ଭେନ୍ ଥ୍ରୋମ୍ବୋସିସ୍ ଭଳି ଅତ୍ୟନ୍ତ ଯନ୍ତ୍ରଣାଦାୟକ ସମସ୍ୟାର କାରଣ ସାଜୁଛି। ସେହିପରି ବର୍ତ୍ତମାନ ଅଧିକାଂଶ ମହିଳା ବିଭିନ୍ନ ସିନ୍ଥେଟିକ୍ ପୋଷାକ ପ୍ରତି ଆଗ୍ରହୀ ହେଉଥିବା ଦେଖିବାକୁ ମିଳୁଛି। ହେଲେ ସବୁବେଳେ ଏହାକୁ ପିନ୍ଧିବା ଦ୍ୱାରା ଝାଳ ଲାଗି କୁଣ୍ଡାଇହୋଇ ଫଳିଯିବା ବା ଫଲିକ୍ୟୁଲିଟିସ୍, ଅନ୍ୟ ଫଙ୍ଗାଲ ଇନ୍‌ଫେକ୍ସନ୍ ସହ ଏଭଳି କପଡାରେ ପ୍ରସ୍ତୁତ ଟାଇଟ୍ ପୋଷାକ କ୍ୟାଣ୍ଡିଡା ଇଷ୍ଟ ଇନ୍‌ଫେକ୍ସନ ଏବଂ ୟୁରିନାରି ଟ୍ରାକ୍ ଇନ୍‌ଫେକଶନ୍ ଭଳି ବିଭିନ୍ନ ସମସ୍ୟା ବି ସୃଷ୍ଟି କରୁଛି। ପୋଷାକ ବ୍ୟତୀତ ଫ୍ୟାଶନେବଲ୍ ଲୁକ୍ ପାଇବା ଆଳରେ ବ୍ୟବହାର କରୁଥିବା ଟାଇଟ୍ କିମ୍ବା ହାଇହିଲ୍ ଜୋତା ମଧ୍ୟ ଅଧିକାଂଶ ମହିଳାଙ୍କ ଠାରେ ଆଣ୍ଠୁଗଣ୍ଠି ବ୍ୟଥା ବା ଆର୍ଥ୍ରାଇଟିସ୍ ଭଳି ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ଅନ୍ୟତମ କାରଣ ସାଜୁଛି।

## ଖାଦ୍ୟାଭ୍ୟାସରେ ପରିବର୍ତ୍ତନ

ପିଲାଙ୍କ ବରାଦରେ ହେଉ ଅବା ପାରମ୍ପରିକ ଖାଦ୍ୟ ବଦଳରେ ନୂଆ ଖାଦ୍ୟ ପଦାର୍ଥକୁ ନେଇ ଏକ୍ସପେରିମେଣ୍ଟ କରିବା ଉଦ୍ଦେଶ୍ୟରେ ବର୍ତ୍ତମାନ ଅନେକ ମହିଳା ତେଲ ମସଲାଯୁକ୍ତ ଖାଦ୍ୟ, ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ପ୍ରତି ଅଧିକ ଆଗ୍ରହୀ ହେଉଥିବା ଦେଖିବାକୁ ମିଳୁଛି। ହେଲେ ଏଥିରେ ହିତକର ଫାଇଟୋକ୍ଷିଟିକାଲ୍ ଡାଏଟିକ୍ ଫାଇବର୍ ଓ ଆଣ୍ଟିଅକ୍ସିଡାଣ୍ଟର ପରିମାଣ ନଗଣ୍ୟ ଥିବା ବେଳେ ଏଥିରେ ପ୍ରଚୁର ପରିମାଣରେ ଥିବା ତେଲ, ମସଲା, ଲହୁଣି, ଘିଅ, ମିଠା, ଲୁଣ, ରଙ୍ଗ, ମହକ(ଏସେନ୍ସ/ଫ୍ଲେଭର୍) ଆଦି ମେଦ ବହୁଳତା, ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ, ଡାଇବେଟିସ୍, କ୍ୟାନ୍‌ସର, ଆଣ୍ଠୁଗଣ୍ଠି ବାତ ବା ଆର୍ଥ୍ରାଇଟିସ୍ ଇତ୍ୟାଦି ରୋଗର କାରଣ ସାଜୁଛି, ଯାହା ମହିଳାଙ୍କ ସହ ପରିବାରର ଅନ୍ୟ ସଦସ୍ୟଙ୍କ ଲାଗି ମଧ୍ୟ ବିପଦ ଡାକିଆଣୁଛି।



## ଅନ୍‌ଲାଇନ୍ ଅପ୍‌ଡେଟ୍ କ୍ରେଜ୍

ବର୍ତ୍ତମାନ ନିଜକୁ ଫେସ୍‌ବୁକ୍, ହ୍ୱାଟ୍ସଆପ୍ ଭଳି ସୋସିଆଲ ମିଡିଆରେ ଆକ୍ଟିଭ୍ ରଖିବା ମଡର୍ନ ଦୁନିଆରେ ଅପ୍‌ଡେଟ୍ ରହିବାର ଏକ ଅଭିନ୍ନ ଅଂଶ ବୋଲି ଅନେକେ ଭାବିନେଲେଣି। ଯେଉଁଥିପାଇଁ ଅଧିକାଂଶ ମହିଳାଙ୍କ ଠାରେ ବି ଏହି କ୍ରେଜ୍ ଯେ କେତେ ଅଧିକ ତା' କହିବା ବାହୁଲ୍ୟ। ଯେଉଁଥିପାଇଁ ସେମାନେ କାର୍ଯ୍ୟରୁ ଅବସର ମିଳିବା ମାତ୍ରେ ଘଣ୍ଟା ଘଣ୍ଟା ଧରି ମୋବାଇଲ୍ କିମ୍ବା କମ୍ପ୍ୟୁଟର ବ୍ୟବହାର କରିବାକୁ ପଛାଉ ନାହାନ୍ତି। ଯାହାଦ୍ୱାରା ଶାରୀରିକ ପରିଶ୍ରମ ହ୍ରାସ ପାଉଛି ଏବଂ ଅଳସୁଆ ଲାଗିବା, କାର୍ଯ୍ୟ କୁଶଳତା ହ୍ରାସ, ଗ୍ୟାସ୍, ବଦହଜମୀ, ହୃଦ୍ ସମସ୍ୟା, ଆଖିତଳ କଳା ପଡ଼ିବା, ତ୍ୱଚାରେ କୁଞ୍ଚନ, ମଧୁମେହ, ମେଦ ବହୁଳତା, ସ୍ମରଣଶକ୍ତି, ଦୃଷ୍ଟିଶକ୍ତି, ଶ୍ରବଣଶକ୍ତି ହ୍ରାସ ହେବା ଭଳି ବିଭିନ୍ନ ସମସ୍ୟା ସହିତ କେତେକ ଅସାଧ ରୋଗ ସୃଷ୍ଟି ହେବାର ଆଶଙ୍କା ମଧ୍ୟ ବୃଦ୍ଧି ପାଉଛି। ତା'ଛଡ଼ା କେତେକଙ୍କ ଠାରେ ଇଣ୍ଟରନେଟ୍ ଆଡିକ୍ସନ ସିଣ୍ଡ୍ରୋମ ମଧ୍ୟ ଦେଖାଦେଉଛି। ଏହାବ୍ୟତୀତ ଅପ୍‌ଡେଟ୍ ରହିବା ଲାଗି ସବୁବେଳେ ନିଜର ଦୈନନ୍ଦିନ କାର୍ଯ୍ୟ ତଥା ଫଟୋ ଅପ୍‌ଲୋଡ୍ କରିବା ନିଶାରେ ଅନେକେ ସେମାନଙ୍କ ପର୍ସନାଲ କଥା ସାର୍ବଜନୀନ ହେଉଥିବାକୁ ଭୁଲିଯାଉଛନ୍ତି। ଏହାଦ୍ୱାରା ପରବର୍ତ୍ତୀ ସମୟରେ ଅନେକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେବଳ ଏତିକି ନୁହେଁ, ଏହା ଦ୍ୱାରା କେବେ କେବେ ପିଲାମାନେ ଅବହେଳିତ ହେଉଥିବା ବେଳେ ଆଉ କେବେ କିଚେନ୍‌ରେ ରୋଷେଇ କରିବା ସମୟରେ ଫୋନ୍‌ରେ ଗପିବା ଦ୍ୱାରା ଅଗ୍ନିକାଣ୍ଡ ଘଟିବା ଭଳି ଘଟଣାର ବି ନଜିର ରହିଛି।

### କ'ଣ କହନ୍ତି ଏମାନେ...



**ପ୍ରଭାବତୀ ଦେବୀ**(କର୍ମଜୀବୀ, ସେଣ୍ଟ୍ରାଲ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେଶନ୍, କଟକ)- ମୋ ମତରେ ମଡର୍ନ ଦୁନିଆ ସହ ତାଳ ଦେଇ ନିଜକୁ ଅପ୍‌ଡେଟ୍ ରଖିବା ପ୍ରତ୍ୟେକଙ୍କ ଲାଗି ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ହେଲେ ଏହାର ଅର୍ଥ ନୁହେଁ ଯେ, ମଡର୍ନ ହେବା ନିଶାରେ ଏଭଳି କୌଣସି ଉପାୟ ଆପଣାଇବା, ଯାହାକି ପରବର୍ତ୍ତୀ ସମୟରେ ନିଜ କିମ୍ବା ଅନ୍ୟ କାହା ଉପରେ ନକରାତ୍ମକ ପ୍ରଭାବ ପକାଉଥିବ। ତେଣୁ ସମୟର ଡିମାଣ୍ଡ ଅନୁଯାୟୀ କିଛିବି ନୂଆ ଜୀବନଶୈଳୀ ଗ୍ରହଣ କରିବା ସମୟରେ ସୁରକ୍ଷା ପ୍ରତି ଗୁରୁତ୍ୱ ଦେବାକୁ ଆଦୌ ଭୁଲି ନ ଥାଏ।



**ଅର୍ଚ୍ଚନା ପ୍ରଧାନ**(କର୍ମଜୀବୀ, ଯାଜପୁର)- ଏମିତିରେ ମୁଁ ଫ୍ୟାଶନ୍ ପ୍ରିୟ। ତେଣୁ ମାର୍କେଟ୍‌କୁ ଆସୁଥିବା ଲାଟେଷ୍ଟ ଟ୍ରେଣ୍ଡ ଫଲୋ କରିବାକୁ ଭଲ ପାଏ। ହେଲେ ପୋଷାକ, ଆସେସରିଜ୍ ହେଉ କିମ୍ବା କୌଣସି ବ୍ୟୁଟି ପ୍ରଡକ୍ଟ ବ୍ୟବହାର କରିବା ବେଳେ ଉଭୟ ସ୍ୱାସ୍ଥ୍ୟ ଏବଂ ସୁରକ୍ଷାକୁ ଧ୍ୟାନ ଦେଇଥାଏ। ସେହିପରି ନୂଆ ନୂଆ ଆଇଟମ୍ ପ୍ରସ୍ତୁତ କରି ଖାଇବା ଏବଂ ପରିବାର ସଦସ୍ୟଙ୍କୁ ଖୁଆଇବା ମୋର ସଉକ ହୋଇଥିବାରୁ କେଉଁ ଖାଦ୍ୟ ସ୍ୱାସ୍ଥ୍ୟୋପକାରୀ ପ୍ରଥମେ ଗୁରୁତ୍ୱ ଦେଇଥାଏ।

# ପିଲା ଅନ୍‌ଲାଇନ୍ ଗେମ୍ ଖେଳୁଥିଲେ...

ପିଲାମାନେ ଅଧିକ ସମୟ ଧରି ଅନ୍‌ଲାଇନ୍ ଗେମ୍ ଖେଳୁଥିଲେ ସେମାନଙ୍କ ସ୍ୱାସ୍ଥ୍ୟ ତଥା ଆତ୍ମସୁରକ୍ଷା ଲାଗି ଅଭିଭାବକମାନଙ୍କୁ କେତୋଟି ଦିଗ ପ୍ରତି ସଚେତନ ହେବା ଆବଶ୍ୟକ...

■ସର୍ବପ୍ରଥମେ ପିଲାମାନେ ଇଣ୍ଟରନେଟ୍‌ର କିଭଳି ବ୍ୟବହାର କରୁଛନ୍ତି ତଦାରଖ କରନ୍ତୁ। ଅନ୍‌ଲାଇନ୍‌ରେ କେଉଁ ଗେମ୍ କେତେ ସମୟ ପର୍ଯ୍ୟନ୍ତ ଖେଳୁଛନ୍ତି ତାହା ଦେଖନ୍ତୁ। ଗେମ୍‌ର ରୁଲ୍ ଆଣ୍ଡ ରେଗୁଲେଶନ ପଢିନିଅନ୍ତୁ। ଅଧିକାଂଶ ପିଲା ସ୍କୋର ବୋର୍ଡ ବଢାଇବା ଲାଗି ଅନ୍‌ଲାଇନ୍‌ରେ ହିଁ ପ୍ରତିଦ୍ୱନ୍ଦ୍ୱୀଙ୍କ ସହ କମ୍ପିଟିଶନ କରିଥାନ୍ତି। ଯଦି ଆପଣଙ୍କ ପିଲା ଏପରି କରୁଥାନ୍ତି, ତେବେ ପ୍ରତିଦ୍ୱନ୍ଦ୍ୱୀଙ୍କ ସମ୍ପର୍କରେ ଜାଣିବାକୁ ଚେଷ୍ଟା କରନ୍ତୁ। ଯଦି କୌଣସି ପ୍ରକାର ସନ୍ଦେହ ଉପୁଜୁଛି, ତେବେ ପିଲାଙ୍କୁ ଯଥାଶୀଘ୍ର ସେଥିରୁ ମୁକୁଳାନ୍ତୁ। ପିଲାଙ୍କ ଆଗ୍ରହ ନ ଭାଙ୍ଗିବା ଲାଗି ଆପଣ ଚାହିଁଲେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଭାବେ ମଧ୍ୟ ଖେଳିପାରିବେ।

■ପିଲାମାନେ ମୋବାଇଲ ହେଉ ଅବା ଲାପ୍‌ଟପ୍, କମ୍ପ୍ୟୁଟର ଇତ୍ୟାଦିରେ ଯେଉଁ ଗେମ୍ ଖେଳୁଛନ୍ତି ତାହା ସେମାନଙ୍କ ସୋସିଆଲ୍ ସାଇଟ୍ ସହିତ ଲିଙ୍କ୍ ଅଛିକି ନାହିଁ ଦେଖନ୍ତୁ। କାରଣ ବର୍ତ୍ତମାନ ସୋସିଆଲ ସାଇଟ୍‌ରେ ଗେମ୍ ଖେଳି ପିଲାଙ୍କ ଆକାଉଣ୍ଟ ହ୍ୟାକ୍ କରି ବିଭିନ୍ନ ଅସାମାଜିକ କାର୍ଯ୍ୟ କରିବା କିମ୍ବା ପିଲାଙ୍କୁ ଅସୁବିଧାରେ ପକାଇବା ଭଳି ଘଟଣା ମଧ୍ୟ ଦେଖିବାକୁ ମିଳୁଛି।

■ପ୍ୟାରେଣ୍ଟିଂ କଣ୍ଟ୍ରୋଲ ଜରିଆରେ ମଧ୍ୟ ଆପଣ ପିଲାଙ୍କ ଅନ୍‌ଲାଇନ୍ ଗେମ୍ ଖେଳିବାର ସମୟସୀମା କମାଇପାରିବେ। ଏହାର ଅର୍ଥ ଆପଣ ପିଲା ଖେଳୁଥିବା ସିଷ୍ଟମ୍‌ରେ ଏକ ଆକାଉଣ୍ଟ ଖୋଲି ଗେମ୍‌ର ଟାଇମ୍ ଲିମିଟ୍ ସେଟ୍ କରନ୍ତୁ। ଏହାଦ୍ୱାରା ପିଲା ଖେଳିବା ସମୟରେ ନିର୍ଦ୍ଧାରିତ ସମୟ ପୂରା ହେବା ପୂର୍ବରୁ ଏକ ୱାର୍ନିଂ ଆସିଥାଏ ଏବଂ କିଛି ସମୟ ମଧ୍ୟରେ ସିଷ୍ଟମ ବନ୍ଦ ହୋଇଯାଇଥାଏ, ଯାହାକି ଆପଣ ଆକାଉଣ୍ଟର ପାସ୍‌ୱାର୍ଡ ନ ଦେବା ଯାଏ ଖୋଲି ନ ଥାଏ।



ଖାଦ୍ୟ ରୁଚି

# ଏଗ୍‌ଲେସ୍ କୋକୋନଟ୍ କୁକିଜ୍

**ଆବଶ୍ୟକ ସାମଗ୍ରୀ:** ଏକ କପ୍ ମଇଦା, ୧/୨ଟି ସ୍ପୁନ୍ ବେକିଂ ପାଉଡର, ୧/୨ କପ୍ ଚିନି ଗୁଣ୍ଡ, ୧/୨ କପ୍ ବଟର, ୨-୩ ବୁନ୍ଦା ଭାନିଲା ଏସେନ୍ସ, ୩/୪ କପ୍ ଦରଶୁଖିଲା ନଡ଼ିଆ ପାଉଡର, ୧ ଟେବଲ୍ ସ୍ପୁନ୍ କ୍ଷୀର।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଓଭନ୍‌କୁ ୩୫୦ ଡିଗ୍ରୀ ଫାରେନ୍‌ହାଇଟ୍‌ରେ ୧୦-୧୨ ମିନିଟ୍ ପର୍ଯ୍ୟନ୍ତ ଗରମ କରିଦିଅନ୍ତୁ। ଏକ ପାତ୍ରରେ ମଇଦା ଏବଂ ବେକିଂ ପାଉଡର ଏକାଠି ଗୋଳାଇ ଦିଅନ୍ତୁ। ଏକ ବଡ଼ ଛଣା ସାହାଯ୍ୟରେ ଏହାକୁ ଚଲାଇ ଦିଅନ୍ତୁ, ଯେପରି କୌଣସି ଖଦଡ଼ା ନ ରହେ। ଅନ୍ୟ ଏକ ପାତ୍ରରେ ବଟର ଏବଂ ଗୁଣ୍ଡ ଚିନିକୁ ଭଲ ଭାବେ ମିଶାଇ ଦିଅନ୍ତୁ। ବଟର ଯଦି ବିନା ଲୁଣ ହୋଇଥାଏ ତେବେ ସାମାନ୍ୟ ଲୁଣ ପକାନ୍ତୁ। ଏହି ମିଶ୍ରଣରେ ଭାନିଲା ଏସେନ୍ସ ଏବଂ ନଡିଆଗୁଣ୍ଡ ପକାଇ ମିଶାନ୍ତୁ। ବର୍ତ୍ତମାନ ମଇଦା ଏବଂ ବେକିଂ ପାଉଡର ମିଶ୍ରଣକୁ ପକାଇ ଗୋଳାନ୍ତୁ। ଶେଷରେ ସେଥିରେ ଆବଶ୍ୟକ ଅନୁଯାୟୀ ଅଳ୍ପ ଅଳ୍ପ କ୍ଷୀର ମିଶାଇ ଚକଟନ୍ତୁ, ଯେପରି ମିଶ୍ରଣକୁ ହାତରେ ଗୋଲ କରିହେବ। ବେକିଂ ଟ୍ରେ ଉପରେ ତେଲ କିମ୍ବା ଆଲୁମିନିୟମ୍ ଫଏଲ୍ ଲଗାଇ ଗୋଲ କରିଥିବା ମିଶ୍ରଣକୁ ଚାପି ପେଡା ଭଳି କରି ଏହା ଉପରେ ରଖନ୍ତୁ। ପୂର୍ବରୁ ଗରମ କରିଥିବା ଓଭନ୍‌ରେ ଟ୍ରେକୁ ରଖି ସେହି ତାପମାତ୍ରାରେ ୧୮-୨୦ ମିନିଟ୍ ରଖନ୍ତୁ। ଏହା ଅଳ୍ପ ଫୁଲିବା ସହ ରଙ୍ଗ ସାମାନ୍ୟ ହଳଦିଆ ଦେଖାଯିବ। ବର୍ତ୍ତମାନ ଟ୍ରେକୁ ବାହାରକୁ କାଢି ସାଧାରଣ ତାପମାତ୍ରାରେ ଥଣ୍ଡା ହେବା ପାଇଁ ଛାଡିଦିଅନ୍ତୁ। କିଛି ସମୟ ପରେ କୁକିଜ୍ ପ୍ରସ୍ତୁତ ହୋଇ ମୁଡ୍‌ମୁଡ୍ ହୋଇଯିବ। ଏହାକୁ ଏୟାର୍ ଟାଇଟ୍ ଡବାରେ ରଖି ଯେବେ ଇଚ୍ଛା ଖାଇପାରିବେ।



## ସଂକ୍ଷେପରେ

### କ୍ରୁଡ୍ ବଢ଼ିଲା, ଟଙ୍କା ଖସିଲା



ନୂଆଦିଲ୍ଲୀ,୩-୧୨: ସୋମବାର ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ(କ୍ରୁଡ୍) ଦର ଅଚାନକ ୫% ବୃଦ୍ଧି ପାଇଛି। ଏହାର ପ୍ରଭାବ ଘରୋଇ ମୁଦ୍ରା ବଜାରରେ ମଧ ଦେଖିବାକୁ ମିଳିଛି। ସୋମବାର ଡଲାର ତୁଳନାରେ ଟଙ୍କାର ମୂଲ୍ୟ ୮୮ ପଇସା ହ୍ରାସ ପାଇଛି। ରୁଷ ଓ ସୌଦି ଆରବ ମଧରେ ଉତ୍ପାଦନ ସୀମିତ କରିବା ଚୁକ୍ତିକୁ ନବୀକରଣ କରିବା ନେଇ ସହମତି ପ୍ରକାଶ ପାଇବା, ଆମେରିକା ଓ ଚାଇନା ମଧରେ ବାଣିଜ୍ୟ ଯୁଦ୍ଧକୁ ୯୦ ଦିନ ପାଇଁ ସ୍ଥଗିତ ରଖିବା ନେଇ ସହମତି ପ୍ରକାଶ ପାଇବାର ପ୍ରଭାବ କ୍ରୁଡ୍ ଉପରେ ପଡିଥିବା ଦେଖିବାକୁ ମିଳିଥିଲା। ତେବେ କେତେ ପରିମାଣରେ ଉତ୍ପାଦନ ହ୍ରାସ ପାଇବ ସେ ସମ୍ପର୍କରେ କିଛି ସ୍ପଷ୍ଟ କରାଯାଇନାହିଁ। ଅନ୍ୟପକ୍ଷରେ ସୋମବାର ବ୍ରେଣ୍ଟ କ୍ରୁଡ୍ ମୂଲ୍ୟ ୫.୩% ଅର୍ଥାତ ୩.୧୪ ଡଲାର ବୃଦ୍ଧି ପାଇ ୬୧.୭୫ ଡଲାର ପ୍ରତି ବ୍ୟାରେଲ ହୋଇଥିବା ବେଳେ ୟୁଏସ ଲାଇଟ କ୍ରୁଡ ଦର ୨.୯୨ ଡଲାର ବଢ଼ି ୫୩ ଡଲାର ହୋଇଛି। କ୍ରୁଡ୍ ଦରବୃଦ୍ଧିର ପ୍ରଭାବରେ ସୋମବାର ଟଙ୍କାର ମୂଲ୍ୟ ୩ ମାସର ସର୍ବାଧିକ ସ୍ତରରେ ହ୍ରାସ ପାଇ ୭୦.୪୬ ସ୍ତରରେ ପହଞ୍ଚିଛି।

### ଏୟାର ଇଣ୍ଡିଆର ୯ ହଜାର କୋଟିର ସମ୍ପତ୍ତି ବିକିବ କେନ୍ଦ୍ର



ନୂଆଦିଲ୍ଲୀ,୩-୧୨: କେନ୍ଦ୍ର ସରକାର ଋଣରେ ବୁଡ଼ି ରହିଥିବା ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀ ଏୟାର ଇଣ୍ଡିଆର ଜମି ଓ ରିଏଲ ଇଷ୍ଟେଟ ସମ୍ପତ୍ତି ବିକ୍ରି କରିବାକୁ ଯାଉଛନ୍ତି। ଏହି ବିକ୍ରିରୁ ପ୍ରାୟ ୯ ହଜାର କୋଟି ଟଙ୍କା ମିଳିବ ବୋଲି କୁହାଯାଉଛି। ସୋମବାର ଜଣେ ଅଧିକାରୀ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଏୟାର ଇଣ୍ଡିଆ ଉପରେ ଏବେ ୫୫ ହଜାର କୋଟି ଟଙ୍କାର ଋଣବୋଝ ରହିଛି। ଜମି ଆଦିକୁ ବିକି ସରକାର ଏହି ବୋଝକୁ କମାଇବାକୁ ଚାହୁଁଛନ୍ତି। ଏହାଦ୍ୱାରା ରାଷ୍ଟ୍ରାୟତ୍ତ କମ୍ପାନୀ ବିକ୍ରିଯୋଗ୍ୟ ହୋଇପାରିବ।

### ଅସୁସ୍ଥ ହେଲେ ଜେଟ୍ ଏୟାରୱେଜ୍ର ସମସ୍ତ ପାଇଲଟ

୧୪ ଉଡ଼ାଣ ରଦ୍ଦ

ନୂଆଦିଲ୍ଲୀ,୩-୧୨: ଜେଟ୍ ଏୟାରୱେଜରେ ଦେଖାଦେଇଥିବା ଦରମା ବିବାଦ ଏବେ ଏହାର ବିମାନ ଉଡ଼ାଣ ଉପରେ ପଡୁଥିବା ଦେଖାଯାଇଛି। କମ୍ପାନୀର ଅଧିକାଂଶ ପାଇଲଟ ହଠାତ୍ ଅସୁସ୍ଥ ହେବା କାରଣରୁ ଛୁଟି ନେଇଛନ୍ତି। ଫଳରେ କମ୍ପାନୀକୁ ୧୪ ଉଡ଼ାଣ ରଦ୍ଦ କରିବାକୁ ପଡିଛି। ତେବେ ଦରମା ପ୍ରସଙ୍ଗକୁ ଅସ୍ୱୀକାର କରି ଜେଟ୍ କହିଛି ଯେ, ପରିଚାଳନାଗତ ତ୍ରୁଟି ଯୋଗୁ ଉଡ଼ାଣକୁ ରଦ୍ଦ କରାଯାଇଛି। ଉଲ୍ଲେଖଥାଉ କି, ଦରମା ପାଉ ନ ଥିବାରୁ ଜେଟ୍ ଏୟାରୱେଜର୍ ପାଇଲଟମାନେ ଏବେ କମ୍ପାନୀ ସହ ଅସହଯୋଗ ଆରମ୍ଭ କରିଛନ୍ତି। କମ୍ପାନୀର ମ୍ୟାନେଜମେଣ୍ଟ ସମ୍ମୁଖରେ ବକେୟା ଓ ବର୍ତ୍ତମାନର ଦରମା ପ୍ରସଙ୍ଗକୁ ଉଠାଇବା ନେଇ ନ୍ୟାଶନାଲ ଏଭିଏଟର୍ସ ଗିଲ୍ଡ ଉଦାସୀନତା ପ୍ରଦର୍ଶନ କରୁଥିବାରୁ ପାଇଲଟମାନେ ଅସନ୍ତୁଷ୍ଟ ଥିବା ଜଣାପଡିଛି। ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ଜେଟ୍ ଏହାର ପାଇଲଟ ଓ ଅନ୍ୟ କର୍ମଚାରୀମାନଙ୍କୁ ଠିକ୍ ସମୟରେ ଦରମା ଦେଇପାରୁନି।

---



“ମାଇକ୍ରୋଫାଇନାନ୍ସ କ୍ୱାଲିଟି ପୋର୍ଟଫୋଲିଓରେ ଉନ୍ନତି ହେଉଥିବା ବେଳେ ଏହା ସମଗ୍ର ଶିଳ୍ପ ଲାଗି ଶୁଭ ସଙ୍କେତ।

– ହର୍ଷ ଶ୍ରୀବାସ୍ତବ, ସିଇଓ, ମାଇକ୍ରୋଫାଇନାନ୍ସ ଇନଷ୍ଟିଚ୍ୟୁଶନ ନେଟୱର୍କ



“ଆଗାମୀ ଦିନଗୁଡିକରେ ମଧ ଅଭିବୃଦ୍ଧି ଧାରାକୁ ଜାରି ରଖିବାକୁ ଆଶାବାଦୀ ରହିଛୁ।

– ଦିପିନ୍ଦର ଗୋଏଲ, ସହ ପ୍ରତିଷ୍ଠାତା ତଥା ସିଇଓ, ଜୋମାଟୋ

## ଏଫ୍ଏମ୍ସିଜି କ୍ଷେତ୍ରରେ ସର୍ବବୃହତ୍ ଡିଲ୍

# ବିକ୍ରି ହେଲା ୧୦୦ ବର୍ଷର ହର୍ଲିକ୍ସ

ନୂଆଦିଲ୍ଲୀ,୩-୧୨

ଶହେ ବର୍ଷରୁ ଅଧିକ ସମୟ ଧରି ଏନର୍ଜି ସପ୍ଲିମେଣ୍ଟ ଭାବେ ବ୍ୟବହାର ହୋଇ ଆସୁଥିବା ହର୍ଲିକ୍ସକୁ ଦେଶର ସର୍ବବୃହତ୍ କଞ୍ଜ୍ୟୁମର ଗୁଡ୍ସ କମ୍ପାନୀ ହିନ୍ଦୁସ୍ତାନ ୟୁନିଲିଭର ଲିମିଟେଡ (ଏଚ୍ୟୁଏଲ୍) କିଣି ନେଇଛି। ଏହାକୁ ତିଆରି କରୁଥିବା ଗ୍ଲାକ୍ସୋସ୍ମିଥକ୍ଲାଇନ (ଜିଏସ୍କେ) କଞ୍ଜ୍ୟୁମରକୁ ଏଚ୍ୟୁଏଲ୍ରେ ମିଶାଇ ଦିଆଯିବ। ଏହି ମିଶ୍ରଣ ପାଇଁ ଏଚ୍ୟୁଏଲ୍କୁ ୩୧ ହଜାର ୭୦୦ କୋଟି ଟଙ୍କା ବ୍ୟୟ କରିବାକୁ ହେବ। ଏହା ଦେଶର କଞ୍ଜ୍ୟୁମର ଗୁଡ୍ସ ମାର୍କେଟରେ ସର୍ବବୃହତ ଡିଲ୍ କୁହାଯାଉଛି।

ଏହି ବିକ୍ରି ଯୋଗୁ ଜିଏସ୍କେ କଞ୍ଜ୍ୟୁମର ଇଣ୍ଡିଆର ପ୍ରତ୍ୟେକ ଶେୟାର ବାବଦରେ ଅଂଶଧନକାରୀଙ୍କୁ ଏଚ୍ୟୁଏଲ୍ର ୪.୩୯ ଶେୟାର ଦିଆଯିବ। ଏବେ ଜିଏସ୍କେର ନ୍ୟୁଟ୍ରିଶନ ବ୍ୟବସାୟ ସହିତ ସେନ୍ସୋଡାଇନ ଭଳି ଓରାଲ କେୟାର, ଇନୋ, କ୍ରୋସିନ ସମେତ ସମସ୍ତ ପ୍ରକାର ଓଭର ଦି କାଉଣ୍ଟର(ଓଟିସି)ର ଡିଷ୍ଟ୍ରିବ୍ୟୁଶନ କଣ୍ଟ୍ରୋଲ୍ ଓ ଅପରେଶନ ଏଚ୍ୟୁଏଲ୍ ଅଧୀନକୁ ଆସିଯାଇଛି। କମ୍ପାନୀର ଅଧକ୍ଷ ସଞ୍ଜୀବ ମେହେଟ୍ଟା କହିଥିଲେ ଯେ, ଜିଏସ୍କେ ସିଏଚ୍ ଇଣ୍ଡିଆ ସହିତ ପ୍ରସ୍ତାବିତ ମିଶ୍ରଣ ଦ୍ୱାରା ଏଚ୍ୟୁଏଲ୍ ନିଜର ପୋର୍ଟଫୋଲିଓରେ ନୂଆ କ୍ୟାଟେଗୋରିର ବଡ଼ ବ୍ରାଣ୍ଡ ବୃଦ୍ଧି କରିବ। ଏହାଦ୍ୱାରା ଗ୍ରାହକଙ୍କୁ ପୁଷ୍ଟିକର ଖାଦ୍ୟ ପରିବେଷଣ ସମ୍ଭବ ହୋଇପାରିବ। ଫଳରେ ଏଚ୍ୟୁଏଲ୍ର ଫୁଡ୍ ଏବଂ ରିଫ୍ରେଶମେଣ୍ଟ ବ୍ୟବସାୟ ବୃଦ୍ଧି ପାଇ ୧୦ ହଜାର କୋଟି ଟଙ୍କାରେ ପହଞ୍ଚିଯିବ ଏବଂ ଆମେ ଦେଶରେ ଏହି କ୍ଷେତ୍ରରେ ସର୍ବବୃହତ କମ୍ପାନୀଗୁଡ଼ିକ ମଧ୍ୟରେ ପରିଗଣିତ ହେବୁ। ସୂଚନାଥାଉ କି, ହର୍ଲିକ୍ସ ପ୍ରଥମ ବିଶ୍ୱଯୁଦ୍ଧ(୧୯୧୪-୧୯) ଶେଷ ପରେ ବ୍ରିଟିଶ ସେନା ସହ ଭାରତରେ ପ୍ରବେଶ କରିଥିଲା। ବ୍ରିଟିଶ ସେନା ବାହିନୀରେ ଥିବା ଭାରତୀୟଙ୍କୁ ଏହା ବ୍ୟବହାର କରିବାକୁ ଅନୁମତି ଦିଆଯାଇଥିଲା। ଦେଶ ସ୍ୱାଧୀନ ପରେ କମ୍ପାନୀ ଏହାକୁ ମଧ୍ୟବିତ୍ତ ପରିବାରରେ ପହଞ୍ଚାଇବା ଲାଗି ନୂଆ ରଣକୌଶଳ ଆପଣାଇଲା। ପିଲାଙ୍କ ମଧରେ ଏହାର ଆଦର ବୃଦ୍ଧି ପାଇଁ ଏହାକୁ ଶାରୀରିକ ଅଭିବୃଦ୍ଧି ସହ ଯୋଡି ଦିଆଗଲା। ତେବେ ଇଂଲଣ୍ଡରେ ହର୍ଲିକ୍ସ ବ୍ରାଣ୍ଡ ୧୪୦ ବର୍ଷ ପୁରୁଣା ଥିଲା। ଏଚ୍ୟୁଏଲ୍ ସହ ହୋଇଥିବା ଡିଲ୍ ଯୋଗୁ କମ୍ପାନୀର ଇଂଲଣ୍ଡ କାରବାର ପ୍ରଭାବିତ ହେବ ନାହିଁ। ଇଂଲଣ୍ଡରେ ଏହାର ମାଲିକାନା ଗ୍ଲାକ୍ସୋସ୍ମିଥକ୍ଲାଇନ ହାତରେ ରହିବ।

- ଜିଏସ୍କେକୁ ୩୧,୭୦୦ କୋଟି ଟଙ୍କାରେ କିଣିଲା ୟୁନିଲିଭର
- ୧୦୦ ବର୍ଷ ପୂର୍ବେ ଇଂଲଣ୍ଡରୁ ଭାରତ ଆସିଥିଲା
- ୩୧,୭୦୦ କୋଟିରେ ଏଚ୍ୟୁଏଲ୍ର ଡିଲ୍
- ଜିଏସ୍କେର ୧ଶେୟାର ବଦଳରେ ଏଚ୍ୟୁଏଲ୍ର ୪.୩୯ ଶେୟାର




## ଏନ୍ଆଇଏନ୍ଏଲ୍ର ଉତ୍ପାଦନ ରେକର୍ଡ



ଭୁବନେଶ୍ୱର,୩-୧୨

କଳିଙ୍ଗନଗରସ୍ଥିତ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ(ଏନ୍ଆଇଏନ୍ଏଲ୍) ନଭେମ୍ବର ମାସରେ ୬୯,୫୫୦ ଟନ୍ ହଟ୍ ମେଟାଲ ଏବଂ ୬୩,୭୪୮ ଟନ୍ ପିଗ୍ ଆଇରନ ଉତ୍ପାଦନର ରେକର୍ଡ ହାସଲ କରିଛି। ୨୦୦୨ ନଭେମ୍ବର ୨ ପରଠାରୁ ଏହା ସର୍ବୋଚ୍ଚ ଉତ୍ପାଦନ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ୨୦୦୯ ନଭେମ୍ବରରେ କମ୍ପାନୀ ୬୭,୭୭୦ ଟନ୍ ହଟ୍ ମେଟାଲ ଏବଂ ୬୧,୯୭୦ ପିଗ୍ ଆଇରନ ଉତ୍ପାଦନ କରିବାକୁ ସକ୍ଷମ ହୋଇଥିଲା। କମ୍ପାନୀର ଉପାଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶଶି ଶେଖର ମହାନ୍ତି ଏହି ଅବସରରେ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। କମ୍ପାନୀକୁ ପ୍ରମୁଖ ସ୍ଥାନକୁ ନେବାକୁ ସେ ଆହ୍ୱାନ ଜଣାଇଛନ୍ତି। ଚଳିତ ମାସରୁ କମ୍ପାନୀ ଏହାର ଷ୍ଟିଲ ମେଲ୍ଟିଂ ଶପ୍କୁ ପୁନଃ କାର୍ଯ୍ୟକ୍ଷମ କରାଇ ବିଲେଟ୍ ଉତ୍ପାଦନ କରିବାକୁ ଯୋଜନା ରଖିଛି। ଏହା କମ୍ପାନୀ ଲାଗି ଦ୍ୱିତୀୟ ମାଇଲ ଖୁଣ୍ଟ ହେବ। ଚଳିତ ବର୍ଷ ମେ ମାସରେ ବ୍ଲାଷ୍ଟ ଫର୍ନେସ ରିପେୟାର କାର୍ଯ୍ୟ ଶେଷ କରି ଟର୍ନ ଆରାଉଣ୍ଡ ଯୋଜନାର ପ୍ରଥମ ମାଇଲ ଖୁଣ୍ଟ ଅତିକ୍ରମ କରିଥିବା କମ୍ପାନୀ ପକ୍ଷରୁ ପ୍ରକାଶ।

## ଆନ୍ଧ୍ର ବ୍ୟାଙ୍କର ପ୍ରତିଷ୍ଠା ଦିବସ



ଭୁବନେଶ୍ୱର,୩-୧୨

ଆନ୍ଧ୍ର ବ୍ୟାଙ୍କ ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ପ୍ରତିଷ୍ଠା ଦିବସ ପାଳିତ ହୋଇ ଯାଇଛି। ଆଞ୍ଚଳିକ ପ୍ରବନ୍ଧକ ଦ୍ୱାରିକାନାଥ ନନ୍ଦ ଏହି କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। ଉତ୍ସର୍ଗୀକୃତ ସେବା ପ୍ରଦାନ ପାଇଁ ନନ୍ଦ କର୍ମଚାରୀଙ୍କୁ ଆହ୍ୱାନ ଜଣାଇଥିଲେ। ବ୍ୟାଙ୍କର ମୁଖ୍ୟ ପ୍ରବନ୍ଧକ ଏଲ୍. ଏଲିଜାବେଥ୍ ରାଣୀ ଏବଂ ରାମଚନ୍ଦ୍ର ବେହେରା ଦଳେଇଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଏଥିରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା।

## ଜାନୁୟାରୀରେ ଓପେକ୍ରୁ ଓହରିବ କାତାର



ଦୋହା,୩-୧୨

ଅଶୋଧିତ ତୈଳ ଉତ୍ପାଦକ ଦେଶ ସମୂହକୁ ନେଇ ଗଠନ କରାଯାଇଥିବା ସଂଗଠନ ଅର୍ଗାନାଇଜେଶନ ଅଫ୍ ଦ ପେଟ୍ରୋଲିୟମ ଏକ୍ସପୋର୍ଟିଂ କଣ୍ଟ୍ରିଜ (ଓପେକ୍)କୁ ବଡ଼ ଝଟ୍କା ଲାଗିଛି। ଦୀର୍ଘ ୫୭ ବର୍ଷ ପରେ କାତାର ଆସନ୍ତାବର୍ଷ ଜାନୁୟାରୀରୁ ଓପେକ୍ରୁ ଅଲଗା ହୋଇଯିବାକୁ ଘୋଷଣା କରିଛି। ଦେଶର ଶକ୍ତି ମନ୍ତ୍ରୀ ସାଦ୍ ଅଲ୍-କାବି ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ତାଙ୍କ ଦେଶ ଏବେ ପ୍ରାକୃତିକ ବାଷ୍ପ ଉତ୍ପାଦନ ଉପରେ ଅଧିକ ଧ୍ୟାନ ଦେବ। ତେବେ କାତାର ତୈଳ ଉତ୍ପାଦନ ଜାରି ରଖିବ। ଏଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଯୋଗ ଦେଇ ସେ କହିଛନ୍ତି ଯେ, ଆସନ୍ତାବର୍ଷ ଜାନୁୟାରୀରେ ତାଙ୍କ ଦେଶ ତୈଳ ଉତ୍ପାଦନକାରୀ ଦେଶ ସମୂହରୁ ଓହରି ଆସିବ। ଉଲ୍ଲେଖଥାଉ କି, ବିଶ୍ୱର ସର୍ବାଧିକ ପ୍ରାକୃତିକ ବାଷ୍ପ କାତାର ରପ୍ତାନି କରିଥାଏ। ବିଶ୍ୱର ପ୍ରାୟ ୩୦ ପ୍ରତିଶତ ଏଲ୍ଏନ୍ଜି କାତାରରୁ ଉତ୍ପାଦନ ହୋଇଥାଏ। ଆସନ୍ତା ୬ରେ ଓପେକ୍ର ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବାକୁ ଯାଉଥିବା ବେଳେ କାତାରର ନିଷ୍ପତ୍ତି ଗୁରୁତ୍ୱ ବହନ କରୁଛି। ୧୯୬୧ରୁ କାତାର ଓପେକ୍ର ସଦସ୍ୟ ଥିଲା। ସୂଚନାଥାଉ କି, ପଡୋଶୀ ଦେଶ ସୌଦି ଆରବ, ୟୁଏଇ, ବାହାରିନ୍ ଓ ମିଶର ସହ ଏହାର କୂଟନୈତିକ ସମ୍ପର୍କ ବିଗିଡିବାରେ ଲାଗିଛି। ଆତଙ୍କବାଦକୁ ସମର୍ଥନ ଦେବା ଅଭିଯୋଗରେ ଉକ୍ତ ଦେଶଗୁଡ଼ିକ କାତାର ସହ ସମସ୍ତ ପ୍ରକାର ବାଣିଜ୍ୟିକ ଓ ଯାତାୟାତ ସମ୍ପର୍କ ଛିନ୍ନ କରିଛନ୍ତି।

## ଏଚ୍ଡିଏଫ୍ସିର ନେକ୍ସଟ ଜେନେରେଶନ ଆପ୍

ଭୁବନେଶ୍ୱର,୩-୧୨

ଏଚ୍ଡିଏଫସି ବ୍ୟାଙ୍କ ପକ୍ଷରୁ ନେକ୍ସଟ ଜେନେରେଶନ ମୋବାଇଲ ବ୍ୟାଙ୍କିଙ୍ଗ ଆପ୍ଲିକେଶନକୁ ଉନ୍ମୋଚନ କରାଯାଇଛି। ବ୍ୟାଙ୍କ ଆକାଉଣ୍ଟକୁ ସୁଗମ ଭାବେ ପରିଚାଳନା କରିବାକୁ ଏହା ସୁବିଧା ପ୍ରଦାନ କରିବ। ନୂଆଦିଲ୍ଲୀରେ ଅନୁଷ୍ଠିତ ବ୍ୟାଙ୍କର ବାର୍ଷିକ ଡିଜିଟାଲ ଇନୋଭେଶନ ସମିଟ ୨୦୧୮ ଅବସରରେ ଏହାର ଶୁଭାରମ୍ଭ ହୋଇଛି। ବର୍ତ୍ତମାନର ବ୍ୟାଙ୍କିଙ୍ଗ ଆବଶ୍ୟକତାକୁ ନଜରରେ ରଖି ସମସ୍ତ ପ୍ରକାରର ସୁବିଧା ଏଥିରେ ପ୍ରଦାନ କରାଯାଇଛି ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି। ଏହାର ପ୍ରମୁଖ ବୈଶିଷ୍ଟ୍ୟ ମଧରେ ରହିଛି ବାୟୋମେଟ୍ରିକ ଲଗ୍ ଇନ୍, ପରିବର୍ଦ୍ଧିତ ନିରାପତ୍ତା ଏବଂ ଆକ୍ସେସ ସୁବିଧା। ପେ, ସେଭ ଏବଂ ଇନଭେଷ୍ଟ ଭଳି ପ୍ରମୁଖ ଦିଗକୁ ଧ୍ୟାନରେ ରଖି ଏହାକୁ ପ୍ରସ୍ତୁତ କରାଯାଇଛି। ଏହା ବ୍ୟାଙ୍କ ସମ୍ବର୍ଦ୍ଧିତ ୩୬୦ ଡିଗ୍ରୀ ଫାଇନାନ୍ସିଆଲ୍ ସ୍ନାପଶଟ ଭାବେ କାର୍ଯ୍ୟ କରିବ ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି।

## ୟାଟ୍ସରେ ୬୩ ହଜାର ଛାତ୍ରୀଛାତ୍ରଙ୍କ ଆବେଦନ

ଭୁବନେଶ୍ୱର,୩-୧୨

ଟାଟା ଷ୍ଟିଲ ପକ୍ଷରୁ ଆୟୋଜିତ ଚଳିତ ବର୍ଷର ‘ଟାଟା ଷ୍ଟିଲ ଯୁବ ଜ୍ୟୋତିର୍ବିଦ୍ ମେଧା ଚୟନ’ (ୟାଟ୍ସ)ରେ ୩୦ ଜିଲାର ୩୦୦ ବିଦ୍ୟାଳୟରୁ ପ୍ରାୟ ୬୩ ହଜାର ଛାତ୍ରୀଛାତ୍ର ଆବେଦନ ଆସିଥିଲା। ମୂଲ୍ୟାୟନ ପରେ ପ୍ରତି ଜିଲାରୁ ୨ ଜଣ ଲେଖାଏ ଯୁବ ଜ୍ୟୋତିର୍ବିଦଙ୍କୁ ମନୋନୀତ କରାଯାଇ ପରବର୍ତ୍ତୀ ପର୍ଯ୍ୟାୟ ଲାଗି ଆମନ୍ତ୍ରଣ କରାଯାଇଛି। ଭୁବନେଶ୍ୱରର ପଠାଣି ସାମନ୍ତ ପ୍ଲାନେଟାରିୟମରେ ଚଳିତ ମାସ ୧୨ ଏବଂ ୧୩ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏମାନେ ଯୋଗଦେବେ। ଚୂଡ଼ାନ୍ତ ପର୍ଯ୍ୟାୟରେ ୨୦ ଜଣଙ୍କୁ ମନୋନୀତ କରାଯାଇ ସମ୍ବର୍ଦ୍ଧିତ କରାଯିବ। ଆସନ୍ତା ମେ ମାସରେ ଏହି ପ୍ରତିଯୋଗୀଙ୍କୁ ଭାରତୀୟ ମହାକାଶ ଗବେଷଣା ସଂସ୍ଥା ପରିଦର୍ଶନରେ ନିଆଯିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।

## ବ୍ୟାଙ୍କ ଆକାଉଣ୍ଟ ଲାଗି ବ୍ୟବହାର ହୋଇପାରେ ଆଧାର କ୍ୟୁଆର୍ କୋଡ୍

ନୂଆଦିଲ୍ଲୀ,୩-୧୨

### କେନ୍ଦ୍ର-ଆର୍ବିଆଇ ଆଲୋଚନା




ବ୍ୟାଙ୍କ ଆକାଉଣ୍ଟ ଓ ନୂଆ ସିମ୍ ଲାଗି ଆଧାର ବାଧ୍ୟତାମୂଳକ ନୁହେଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏହାକୁ ଦୃଷ୍ଟିରେ ରଖି ଅଫଲାଇନରେ ଆଧାର କ୍ୟୁଆର୍ କୋଡ୍ ବ୍ୟବହାର କରି ବ୍ୟାଙ୍କ ଆକାଉଣ୍ଟ ଖୋଲିବା ସମ୍ଭାବନା ନେଇ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍ବିଆଇ) ଓ କେନ୍ଦ୍ର ସରକାରଙ୍କ ମଧରେ ଆଲୋଚନା ଚାଲିଛି। ଏ ସଂକ୍ରାନ୍ତରେ ନିଷ୍ପତ୍ତି ନିଆଗଲେ ବ୍ୟାଙ୍କ ଆକାଉଣ୍ଟ ଖୋଲିବା, ପେମେଣ୍ଟ ୱାଲେଟ ଅପରେଟ୍ କରିବା ଏବଂ ବୀମା କିଣିବା ଲାଗି ବାୟୋମେଟ୍ରିକ ଇକେୱାଇସି ସ୍ଥାନରେ ଅଫ୍ଲାଇନରେ ଆଧାର କ୍ୟୁଆର୍ କୋଡ ବ୍ୟବହାର କରାଯାଇପାରିବ। ସୂଚନାଥାଉ କି, ସୁପ୍ରିମକୋର୍ଟ ତାଙ୍କ ଆଦେଶରେ କହିଥିଲେ ଯେ, ବ୍ୟାଙ୍କ ଆକାଉଣ୍ଟ ଖୋଲିବା ଲାଗି ଆଧାର କାର୍ଡ ଅନିବାର୍ଯ୍ୟ ନୁହେଁ। ଏହାପରେ ଅଫ୍ଲାଇନ ଆଧାର ବ୍ୟବହାର କରିବା ନେଇ ବେଶ୍ ଚର୍ଚ୍ଚା ହେଉଛି। ତେବେ ଏଥିପାଇଁ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଏକ ସର୍କୁଲାର ଅଣାଯିବାର ଆବଶ୍ୟକତା ରହିଛି। ସେହିପରି ଆଧାର ଜାରି କରୁଥିବା ସଂସ୍ଥା ୟୁଆଇଡିଏଆଇ ପକ୍ଷରୁ କୁହାଯାଇଛି ଯେ, ସରକାର ମୂଳ କେୱାଇସି ମାଷ୍ଟର ସର୍କୁଲାରରେ ସଂଶୋଧନ କରିବା ଆବଶ୍ୟକ। ଏହାଦ୍ୱାରା ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଯଥାଯଥ ପାଳନ ହୋଇପାରିବ। କ୍ୟୁଆର୍ରେ ୟୁଆଇଡିଏଆଇ ମୁଖ୍ୟଙ୍କ ସ୍ୱାକ୍ଷର ରହିଥିବାରୁ ଏହା ରାଶନ କାର୍ଡ, ଡ୍ରାଇଭିଂ ଲାଇସେନ୍ସ ଓ ଭୋଟର ଆଇଡିଠାରୁ ଅଧିକ ବିଶ୍ୱାସଯୋଗ୍ୟ ମନେ କରାଯାଉଛି।

## ହୋଣ୍ଡା ଭିଏଫ୍ଏକ୍ସ ୨.୦ ସହଭାଗିତା

ଭୁବନେଶ୍ୱର,୩-୧୨

ହୋଣ୍ଡା ଟୁହ୍ୱିଲର୍ସ ଇଣ୍ଡିଆ ବହୁ ପ୍ରତୀକ୍ଷିତ ଭିଏଫ୍ଏକ୍ସ ୨.୦ ସହ ବ୍ରାଣ୍ଡ ସହଭାଗିତାରେ ସାମିଲ ହୋଇଛନ୍ତି। ଏହି ଚଳଚ୍ଚିତ୍ରରେ ହୋଣ୍ଡାର ବ୍ରାଣ୍ଡ ଆମ୍ବାସାଡର ଅକ୍ଷୟ କୁମାର ମଧ ନଜରରେ ଆସୁଛନ୍ତି। ଏହି ସହଭାଗିତା ଦ୍ୱାରା କମ୍ପାନୀର ଟଚ୍ ପଏଣ୍ଟଗୁଡ଼ିକରେ ଅକ୍ଷୟ କୁମାରଙ୍କ ଅଟୋଗ୍ରାଫ କରାଯାଇଥିବା ଏକ୍ସବ୍ଲେଡ ମଡେଲ ଉପଲବ୍ଧ ରହିଛି। ଏହି ଚଳଚ୍ଚିତ୍ରଟି ଟେକ୍ନୋଲୋଜିକୁ ଆଧାର କରି ନିର୍ମାଣ ହୋଇଥିବା ବେଳେ ହୋଣ୍ଡା ମଧ ଟେକ୍ନୋଲୋଜି ଉପରେ ବିଶ୍ୱାସ ରଖିଥିବା କମ୍ପାନୀର ବରିଷ୍ଠ ଉପସଭାପତି ଯଦବିନ୍ଦର ସିଂ ଗୁଲେରିଆ ସୂଚନା ଦେଇଛନ୍ତି।




## ଓଡ଼ିଶାକୁ ଏଡିବିର ୮୫ ନିୟୁତ ଡଲାର ଋଣ ସହାୟତା

ଭୁବନେଶ୍ୱର,୩-୧୨

### ଦକ୍ଷତା ବିକାଶ




ରାଜ୍ୟରେ ଦକ୍ଷତା ବିକାଶ ଇକୋସିଷ୍ଟମରେ ଉନ୍ନତି ଏବଂ ଭୁବନେଶ୍ୱରରେ ଏକ ଅତ୍ୟାଧୁନିକ କୌଶଳ ତାଲିମ କେନ୍ଦ୍ର ସ୍ଥାପନ ଲାଗି ଏସିଆନ ଡେଭଲପମେଣ୍ଟ ବ୍ୟାଙ୍କ(ଏଡିବି) ସହଯୋଗର ହାତ ବଢ଼ାଇବ। ଏଥି ଲାଗି ଏଡିବି ଓଡ଼ିଶାକୁ ୮୫ ନିୟୁତ ଡଲାର ଋଣ ସହାୟତା ପ୍ରଦାନ କରିବ ବୋଲି ଜଣାପଡିଛି। ଏହି ପ୍ରକଳ୍ପ ଦ୍ୱାରା ଅଗ୍ରାଧିକାର କ୍ଷେତ୍ର ଲାଗି ୧.୫ ଲକ୍ଷ ଲୋକ ଦକ୍ଷତା ତାଲିମ ଲାଭ କରିପାରିବେ। ଏହା ମଧରେ ମାନୁଫାକଚରିଂ, କନଷ୍ଟ୍ରକଶନ ଭଳି କ୍ଷେତ୍ର ରହିଥିବା ଏଡିବି ପକ୍ଷରୁ ସୂଚନା ରହିଛି। ଭୁବନେଶ୍ୱରରେ ସ୍ଥାପନ ହେବାକୁ ଥିବା ୱାର୍ଲ୍ଡ ସ୍କିଲ ସେଣ୍ଟର (ଡବ୍ଲ୍ୟୁଏସ୍ସି) ୧୩,୦୦୦ ଫୁଲ ଟାଇମ୍ ଛାତ୍ରୀଛାତ୍ର, ୫ ହଜାର ଶିକ୍ଷକ, ୧,୦୦୦ ଆସେସରଙ୍କୁ ତାଲିମ ପ୍ରଦାନ କରିବ। ଏଠାରେ ୮ ବିଭାଗରେ ତାଲିମ ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି।

ସମନ୍ୱିତ ସେବା ସହ ଔଦ୍ୟୋଗିକ ଇନକୁବେଶନ ସେଣ୍ଟର, କ୍ୟାରିୟର କାଉନ୍ସେଲିଂ, ପ୍ଲେସମେଣ୍ଟ ସେଣ୍ଟର, ପାଠ୍ୟକ୍ରମ ଡିଜାଇନ, ଡେଭଲପମେଣ୍ଟ ସେଣ୍ଟର, ଏଜୁକେଶନ ଟେକ୍ନୋଲୋଜି ଡିପ୍ଲଏମେଣ୍ଟ ସେଣ୍ଟର ଭଳି ବିଭିନ୍ନ ପଦକ୍ଷେପ ନିଆଯିବ ବୋଲି ଏଡ଼ିବି ପ୍ରକାଶ କରିଛି। ସେହିଭଳି ଡବ୍ଲ୍ୟୁଏସ୍ସି ସରକାରୀ ଆଇଟିଆଇ ନେଟୱର୍କକୁ ସହଯୋଗ କରିବ। ଏଗୁଡିକର ଦକ୍ଷତା ଏବଂ ପଲିଟେକନିକଗୁଡିକର କ୍ଷମତା ବୃଦ୍ଧି ସହ ଅନ୍ୟାନ୍ୟ ଦକ୍ଷତା କେନ୍ଦ୍ରଗୁଡିକର ଉନ୍ନତୀକରଣ ଉପରେ ବିଭିନ୍ନ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ। ସେହିଭଳି ଦାରିଦ୍ର୍ୟ ଦୂରୀକରଣ କ୍ଷେତ୍ରରେ ଟେକ୍ନିକାଲ ସହାୟତା ଲାଗି ୨ ନିୟୁତ ଡଲାର ପ୍ରଦାନ ଦିଗରେ ବ୍ୟାଙ୍କ କାର୍ଯ୍ୟ କରୁଛି।

## ବିମୁଦ୍ରୀକରଣ ପରେ ବଢ଼ିଛି ଆୟକର: ସିବିଡିଟି

ନୂଆଦିଲ୍ଲୀ,୩-୧୨

- ଗତ ୭ ବର୍ଷରେ ସର୍ବାଧିକ ଦ୍ରୁତ ବୃଦ୍ଧି
- ଧାର୍ଯ୍ୟ ଲକ୍ଷ୍ୟରୁ ଅଧାରୁ ଅଧିକ ଟିକସ ସଂଗ୍ରହ
- ନଭେମ୍ବର ୧୫ ସୁଦ୍ଧା ୬.୬୩ ଲକ୍ଷ କୋଟି ଟଙ୍କା ପ୍ରତ୍ୟକ୍ଷ ଟିକସ




ପ୍ରତ୍ୟକ୍ଷ ଟିକସ ଆଦାୟରେ ଗତ ୭ ବର୍ଷରେ ସର୍ବାଧିକ ଦ୍ରୁତ ବୃଦ୍ଧି ଦେଖାଯାଇଛି। ବିମୁଦ୍ରୀକରଣକୁ ଏହାର କାରଣ ବୋଲି ମନେ କରାଯାଇପାରେ। ଏହି କାରଣରୁ ଆୟକର ବିଭାଗ ଚଳିତ ଆର୍ଥିକ ବର୍ଷ ଲାଗି ଧାର୍ଯ୍ୟ ପ୍ରତ୍ୟକ୍ଷ ଟିକସ ଲକ୍ଷ୍ୟର ଅଧାରୁ ଅଧିକ ରାଜସ୍ୱ ପୂର୍ବରୁ ପାଇସାରିଛି। କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ(ସିବିଡିଟି)ର ସଦ୍ୟତମ ରିପୋର୍ଟରୁ ଏହା ଜଣାପଡିଛି। ଆୟକର ବିଭାଗ ଲାଗି ନୀତି ନିର୍ଦ୍ଧାରଣକାରୀ ସଂସ୍ଥା କୁହାଯାଉଥିବା ସିବିଡିଟି ପକ୍ଷରୁ ପ୍ରସ୍ତୁତ ‘ବିମୁଦ୍ରୀକରଣର ପ୍ରଭାବ’ ରିପୋର୍ଟରେ କୁହାଯାଇଛି ଯେ, ୨୦୧୬ ନଭେମ୍ବର ୮ରେ ଉଚ୍ଚ ମୂଲ୍ୟର ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍କୁ ଅଚଳ କରିଦିଆଗଲା।

ପରିଣାମସ୍ୱରୂପ ବଡ଼ ମାତ୍ରାରେ ଗୁରୁତ୍ୱପୂର୍ଣ୍ଣ ସୂଚନା ଓ ପରିସଂଖ୍ୟାନ ମିଳିଲା। ଏହା ଆଧାରରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଓ ଆୟକର ବିଭାଗ ପକ୍ଷରୁ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଦ୍ୱାରା ଅନେକ ଟିକସ ଫାଙ୍କିକୁ ଧରାଯାଇପାରିଛି। ରିପୋର୍ଟରେ କୁହାଯାଇଛି ଯେ, ନଭେମ୍ବର ୧୫ ସୁଦ୍ଧା ପ୍ରତ୍ୟକ୍ଷ ଟିକସ ବାବଦରେ ୬.୬୩ ଲକ୍ଷ କୋଟି ଟଙ୍କା ମିଳିଛି। ବର୍ଷକ ପୂର୍ବେ ଏହା ୧୬.୪% ଥିଲା। ଚଳିତ ଆର୍ଥିକ ବର୍ଷ ଲାଗି ୧୧.୫ ଲକ୍ଷ କୋଟି ଟଙ୍କା ଟିକସ ଆଦାୟ ଲକ୍ଷ୍ୟ ରଖାଯାଇଛି। ଲକ୍ଷ୍ୟ ହାସଲ ଲାଗି ଆୟକର ବିଭାଗ ନିକଟରେ ଆହୁରି ୪ ମାସ ସମୟ ରହିଛି। ଏଥିରେ ଆହୁରି କୁହାଯାଇଛି ଯେ, ଏହି ସମୟରେ ଆୟକର ରିଟର୍ନ ଦାଖଲ ସଂଖ୍ୟା ୮୧ ପ୍ରତିଶତ ବୃଦ୍ଧି ପାଇ ୬.୮୭ କୋଟିରେ ପହଞ୍ଚିଯାଇଛି।



ଅଗଷ୍ଟିନ ମାଜିଲି

# ଆର୍ଜେଣ୍ଟିନା ୩-୦ ଗୋଲରେ ବିଜୟୀ

ଭୁବନେଶ୍ୱର, ୩।୧୨(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପର ସୋମବାର ଅନୁଷ୍ଠିତ ପୁଲ୍ 'ଏ'ର ଏକ ମ୍ୟାଚରେ ଆର୍ଜେଣ୍ଟିନା ୩-୦ ଗୋଲରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ଏଥିସହ ଏହି ଅଲିମ୍ପିକ୍ସ ଚାମ୍ପିୟନ ଦଳ କ୍ରମାଗତ ଦ୍ୱିତୀୟ ବିଜୟ ସହ କ୍ୱାର୍ଟର ଫାଇନାଲର ନିକଟତର ହୋଇଛି। ପୂର୍ବ ମ୍ୟାଚରେ ୪-୩ ଗୋଲରେ ସ୍ପେନକୁ ହରାଇଥିବା ଆର୍ଜେଣ୍ଟିନାର ପଏଣ୍ଟ ସଂଖ୍ୟା ୨ ମ୍ୟାଚରୁ ୬ରେ ପହଞ୍ଚିଛି। ଏହି ଦଳର ଲୁକାସ ଭିଲ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ଏହି ଗ୍ରୁପରେ ନ୍ୟୁଜିଲାଣ୍ଡ ୨ ମ୍ୟାଚରୁ ୩ ପଏଣ୍ଟରେ ସ୍ଥିର ରହିଥିବାବେଳେ ସ୍ପେନ ଓ ଫ୍ରାନ୍ସ ଗୋଟିଏ ଲେଖାଏ ପଏଣ୍ଟ ପାଇଛନ୍ତି। ପାରା ଆଥଲେଟ୍ ଜୟନ୍ତୀ ବେହେରା ଖେଳାଳିଙ୍କ ସହ ପରିଚିତ ହୋଇ ମ୍ୟାଚର ଶୁଭାରମ୍ଭ କରିଥିଲେ।

ବିଶ୍ୱର ୨ ନମ୍ବର ର୍‍ୟାଙ୍କିଂପ୍ରାପ୍ତ ଆର୍ଜେଣ୍ଟିନା ଆରମ୍ଭରୁ ଆକ୍ରମଣାତ୍ମକ ଖେଳି ୯ ର୍‍ୟାଙ୍କ୍ ଦଳ ନ୍ୟୁଜିଲାଣ୍ଡ ଉପରେ ଚାପ ପ୍ରୟୋଗ କରିବାରେ ସକ୍ଷମ ହୋଇଥିଲା। ପ୍ରଥମ କ୍ୱାର୍ଟରରେ ନ୍ୟୁଜିଲାଣ୍ଡ ଲଢ଼ିଥିଲେ ହେଁ ଖେଳ ଆଗକୁ ବଢ଼ିବା ସହ ଆର୍ଜେଣ୍ଟିନାର ଆଧିପତ୍ୟ ମଧ୍ୟ ବଢ଼ିଥିଲା। ୨୩ତମ ମିନିଟରେ ଅଗଷ୍ଟିନ ମାଜିଲି ଏକ ଫିଲ୍ଡ ଗୋଲ ଦେଇ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଦଳକୁ ୧-୦ରେ ଅଗ୍ରଣୀ କରାଇଥିଲେ। ଦ୍ୱିତୀୟାର୍ଦ୍ଧର ପ୍ରଥମ ପର୍ଯ୍ୟାୟରୁ ଅର୍ଥାତ୍ ତୃତୀୟ କ୍ୱାର୍ଟରରେ ଲୁକାସ ଭିଲା ଆଉ ଏକ ଫିଲ୍ଡ ଗୋଲ ଦେଇ ଆର୍ଜେଣ୍ଟିନାର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିଲେ। ୪୧ତମ ମିନିଟରେ ସେ ଏହି ଗୋଲଟି ଦେଇଥିଲେ। ଅନ୍ତିମ କ୍ୱାର୍ଟରରେ ନ୍ୟୁଜିଲାଣ୍ଡ ଉତ୍ସାହୀ ପ୍ରଦର୍ଶନ କରିଥିଲେ ହେଁ ଆର୍ଜେଣ୍ଟିନା ଶକ୍ତିଶାଳୀ ସାବ୍ୟସ୍ତ ହୋଇଥିଲା। ୫୫ତମ ମିନିଟରେ ଦଳକୁ ଏକ ପେନାଲ୍ଟି କର୍ଣ୍ଣର ମିଳିଥିଲା। ଏହା ସିଧାସଳଖ ଗୋଲରେ ପରିଣତ ହୋଇପାରି ନ ଥିଲେ ହେଁ ଗୋଲ ପୋଷ୍ଟ ନିକଟରେ ସଂଘର୍ଷ ମଧ୍ୟରେ ୨୩ ନମ୍ବର ଖେଳାଳି ଲୁକାସ ମାର୍ଟିନେଜ ଗୋଲ ଦେବାରେ ସକ୍ଷମ ହୋଇଥିଲେ। ଫଳରେ ଆର୍ଜେଣ୍ଟିନା ୩-୦ ଗୋଲରେ ବିଜୟୀ ହୋଇଥିଲା। ଡିସେମ୍ବର ୬ରେ ଆର୍ଜେଣ୍ଟିନା ଏହାର ଶେଷ ପୁଲ୍ ମ୍ୟାଚରେ ଫ୍ରାନ୍ସକୁ ଭେଟିବ। ସେହିଦିନ ନ୍ୟୁଜିଲାଣ୍ଡ ଓ ସ୍ପେନ ମଧ୍ୟରେ ମୁକାବିଲା ହେବ। ଏହାପରେ କେଉଁ ଦଳ ସିଧାସଳଖ କ୍ୱାର୍ଟର ଫାଇନାଲ ଖେଳିବ ଏବଂ କେଉଁ ୨ ଦଳ କ୍ରସ୍ ଓଭର ଖେଳିବେ ତାହା ସ୍ଥିର ହେବ।

### ଗୋଲ ସ୍କୋରର

**ଆର୍ଜେଣ୍ଟିନା-୩**

- ଅଗଷ୍ଟିନ ମାଜିଲି: ୨୩ତମ ମିନିଟ
- ଲୁକାସ ଭିଲା: ୪୧ତମ ମିନିଟ
- ଲୁକାସ ମାର୍ଟିନେଜ: ୫୫ତମ ମିନିଟ

**ନ୍ୟୁଜିଲାଣ୍ଡ-୦**



ଆର୍ଜେଣ୍ଟିନା ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ଏକ ପେନାଲ୍ଟି କର୍ଣ୍ଣରର ଦୃଶ୍ୟ।

## ପଏଣ୍ଟ ଟେବୁଲ୍

| ଦେଶ | ଖେ | ଜି | ଡ୍ର | ହା | ଗୋ.ସ | ଗୋ.ବି | ଗୋ.ବ୍ୟ | ପ |
|---|---|---|---|---|---|---|---|---|
| **ପୁଲ୍-ଏ** | | | | | | | | |
| ଆର୍ଜେଣ୍ଟିନା | ୨ | ୨ | ୦ | ୦ | ୭ | ୩ | +୪ | ୬ |
| ନ୍ୟୁଜିଲାଣ୍ଡ | ୨ | ୧ | ୦ | ୧ | ୨ | ୪ | -୨ | ୩ |
| ସ୍ପେନ୍ | ୨ | ୦ | ୧ | ୧ | ୪ | ୫ | -୧ | ୧ |
| ଫ୍ରାନ୍ସ | ୨ | ୦ | ୧ | ୧ | ୨ | ୩ | -୧ | ୧ |
| **ପୁଲ୍-ବି** | | | | | | | | |
| ଅଷ୍ଟ୍ରେଲିଆ | ୧ | ୧ | ୦ | ୦ | ୨ | ୧ | +୧ | ୩ |
| ଇଂଲଣ୍ଡ | ୧ | ୦ | ୧ | ୦ | ୨ | ୨ | ୦ | ୧ |
| ଚାଇନା | ୧ | ୦ | ୧ | ୦ | ୨ | ୨ | ୦ | ୧ |
| ଆୟର୍ଲାଣ୍ଡ | ୧ | ୦ | ୦ | ୧ | ୧ | ୨ | -୧ | ୦ |
| **ପୁଲ୍-ସି** | | | | | | | | |
| **ଭାରତ** | **୨** | **୧** | **୧** | **୦** | **୭** | **୨** | **+୫** | **୪** |
| ବେଲଜିୟମ | ୨ | ୧ | ୧ | ୦ | ୪ | ୩ | +୧ | ୪ |
| କାନାଡା | ୨ | ୦ | ୧ | ୧ | ୨ | ୩ | -୧ | ୧ |
| ଦ.ଆଫ୍ରିକା | ୨ | ୦ | ୧ | ୧ | ୧ | ୬ | -୫ | ୧ |
| **ପୁଲ୍-ଡି** | | | | | | | | |
| ନେଦରଲାଣ୍ଡ୍ସ | ୧ | ୧ | ୦ | ୦ | ୭ | ୦ | +୭ | ୩ |
| ଜର୍ମାନୀ | ୧ | ୧ | ୦ | ୦ | ୧ | ୦ | +୧ | ୩ |
| ପାକିସ୍ତାନ | ୧ | ୦ | ୦ | ୧ | ୦ | ୧ | -୧ | ୦ |
| ମାଲେସିଆ | ୧ | ୦ | ୦ | ୧ | ୦ | ୭ | -୭ | ୦ |

(ବି.ଦ୍ର: ଖେ-ଖେଳିଛି, ଜି- ଜିତିଛି, ହା-ହାରିଛି, ଗୋ.ସ-ଗୋଲ ସପକ୍ଷରେ, ଗୋ.ବି-ଗୋଲ୍ ବିପକ୍ଷରେ, ଗୋ.ବ୍ୟ-ଗୋଲ ବ୍ୟବଧାନ, ପ.-ପଏଣ୍ଟ ।)

## ୨୦୦ତମ ମ୍ୟାଚ ଖେଳିଲେ ସାଲେସ

**ଭୁବନେଶ୍ୱର, ୩।୧୨(କ୍ରୀଡ଼ା ପ୍ରତିନିଧି):** ହକି ବିଶ୍ୱକପର ସୋମବାର ଅନୁଷ୍ଠିତ ଫ୍ରାନ୍ସ ବିପକ୍ଷ ମ୍ୟାଚରେ କ୍ୟାରିୟରର ୨୦୦ତମ ଅନ୍ତର୍ଜାତୀୟ ମ୍ୟାଚ ଖେଳିଛନ୍ତି ସ୍ପେନର ମାର୍କ ସାଲେସ। ୧୯୮୭ ମେ ୬ରେ ଜନ୍ମିତ ସାଲେସ ଟେରାସାଠାରେ ଜନ୍ମିତ ସାଲେସ ସ୍ପେନ ଦଳର ଜଣେ ଦକ୍ଷ ମିଡ୍‌ଫିଲ୍ଡରଭାବେ ପରିଚିତ। ସେ ୨୦୧୨ ଅଲିମ୍ପିକ୍ସରେ ମଧ୍ୟ ଦେଶ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ।

## ଫ୍ୟାନ୍ ଭିଲେଜ ବୁଲିଲେ ନାଭାଲ ଟାଟା ହକି ଏକାଡେମୀ ଛାତ୍ର

ଭୁବନେଶ୍ୱର, ୩।୧୨(କ୍ରୀଡ଼ା ପ୍ରତିନିଧି)

ଜାମସେଦପୁରସ୍ଥିତ ନାଭାଲ ଟାଟା ହକି ଏକାଡେମୀର ଛାତ୍ରମାନେ ସୋମବାର କଳିଙ୍ଗ ଷ୍ଟାଡିୟମର ଫ୍ୟାନ୍ ଭିଲେଜ ବୁଲିବା ସହ ୨ଟି ଯାକ ହକି ମ୍ୟାଚ ଦେଖିଛନ୍ତି। ସେମାନେ ଫ୍ୟାନ୍ ଭିଲେଜରେ ଅନୁଷ୍ଠିତ କାର୍ଯ୍ୟକ୍ରମର ମଜା ନେବା ସହ ସ୍ପେନ-ଫ୍ରାନ୍ସ ଏବଂ ଆର୍ଜେଣ୍ଟିନା-ନ୍ୟୁଜିଲାଣ୍ଡ ମ୍ୟାଚ ଦେଖି ଜ୍ଞାନ ଆହରଣ କରିଛନ୍ତି। ସେମାନେ ହକି ବିଶ୍ୱକପର ମାସ୍କଟ ଓଲି ସହ ମଧ୍ୟ କିଛି ସମୟ କାଟିଥିଲେ।



## ମ୍ୟାଚ ଉପଭୋଗକଲେ ଅନୁରାଧା, ଅଂଶିକା

ଭୁବନେଶ୍ୱର, ୩।୧୨(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପର ସୋମବାର ଅନୁଷ୍ଠିତ ମ୍ୟାଚକୁ ଉପଭୋଗ କରିଥିଲେ ଅଲିମ୍ପିଆନ ହର୍ଡଲ୍ସ କୁଇନ୍ ଅନୁରାଧା ବିଶ୍ୱାଳ ଏବଂ ତାଙ୍କ କନ୍ୟା ତଥା ରାଜ୍ୟର ଉଦୀୟମାନ ଶଟ୍‌ପୁଟ୍ ପ୍ରତିଭା ଅଂଶିକା ରାଉତରାୟ। ଓଡ଼ିଶାରେ ବିଶ୍ୱକପ୍ ଆୟୋଜନ ଆମମାନଙ୍କୁ ଗର୍ବ ଆଣି ଦେଇଛି। ଏଥିପାଇଁ ଅନୁରାଧା ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇବା ସହ ତାରକା ଖେଳାଳିଙ୍କ ଆଚରଣରୁ ଅଂଶିକା ଅନେକ କିଛି ଶିଖି ପାରିବ ବୋଲି ପ୍ରକାଶ କରିଛନ୍ତି।

# ସ୍ପେନ-ଫ୍ରାନ୍ସ ମ୍ୟାଚ ଡ୍ର

ଭୁବନେଶ୍ୱର, ୩।୧୨(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପ୍‌ର ସୋମବାର ଅନୁଷ୍ଠିତ ସ୍ପେନ-ଫ୍ରାନ୍ସ ପୁଲ୍'ଏ' ମ୍ୟାଚ ୧-୧ ଗୋଲରେ ଡ୍ର ରହିଛି। ମ୍ୟାଚର ୬ଷ୍ଠ ମିନିଟରେ ଫ୍ରାନ୍ସର କ୍ଲିମେଣ୍ଟ ଟିମୋଥି ଏବଂ ୪୮ତମ ମିନିଟରେ ସ୍ପେନର ଇଗ୍ଲେସିଆସ ଆଲଭାରୋ ଗୋଟିଏ ଲେଖାଏ ଫିଲ୍ଡ ଗୋଲ ଦେଇଥିଲେ। ଫଳରେ ଉଭୟ ଦଳ ଗୋଟିଏ ଲେଖାଏ ପଏଣ୍ଟ ଭାଗ କରିଛନ୍ତି। ଏଥିସହ ଉଭୟ ଦଳ ପଏଣ୍ଟ ଖାତା ମଧ୍ୟ ଖୋଲିଛନ୍ତି। କାରଣ ପ୍ରଥମ ମ୍ୟାଚରେ ସ୍ପେନ ୩-୪ ଗୋଲରେ ଆର୍ଜେଣ୍ଟିନାଠାରୁ ଏବଂ ଫ୍ରାନ୍ସ ୧-୨ ଗୋଲରେ ନ୍ୟୁଜିଲାଣ୍ଡଠାରୁ ପରାସ୍ତ ହୋଇଥିଲା। ତେଣୁ ଅନ୍ତିମ ପୁଲ୍ ମ୍ୟାଚ ଦୁଇଟି ଯାକ ଦଳପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇ ପଡ଼ିଛି। କାରଣ ନିୟମ ଅନୁସାରେ ପୁଲ୍‌ର ଶୀର୍ଷ ଦଳ ସିଧାସଳଖ କ୍ୱାର୍ଟର ଫାଇନାଲରେ ଯୋଗ୍ୟତା ପାଇବାକୁ ଥିବାବେଳେ ଦ୍ୱିତୀୟ ଓ ତୃତୀୟ ସ୍ଥାନୀୟ ଦଳ କ୍ରସ୍ ଓଭର ମ୍ୟାଚ ଖେଳିବେ। ପ୍ରତି ଗ୍ରୁପ ପଏଣ୍ଟ ଟେବୁଲର ଅନ୍ତିମ ସ୍ଥାନୀୟ ଦଳ ବାଧହୋଇ ପୁଲ୍ ପର୍ଯ୍ୟାୟରୁ ବିଦାୟ ନେବ। କ୍ରୀଡ଼ା ମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ଅତିଥିଭାବେ ଯୋଗଦେଇ ସ୍ପେନ ଗୋଲକିପର କୋର୍ଟେଜ କ୍ୱିକୋଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ।

ଚଳିତ ବିଶ୍ୱକପରେ ଖେଳୁଥିବା ଦଳଗୁଡ଼ିକ ମଧ୍ୟରୁ ଫ୍ରାନ୍ସ ସବୁଠାରୁ ନିମ୍ନ ୨୦ତମ ର୍‍ୟାଙ୍କିଂପ୍ରାପ୍ତ ଦଳ ହୋଇଥିଲେ ମଧ୍ୟ ଏହି ମ୍ୟାଚରେ ଆରମ୍ଭରୁ ଉତ୍ସାହୀ ପ୍ରଦର୍ଶନ କରିଥିଲା। ମ୍ୟାଚର ୬ଷ୍ଠ ମିନିଟରେ ୨୮ ନମ୍ବର ଖେଳାଳି କ୍ଲିମେଣ୍ଟ ଟିମୋଥି ଏକ ଫିଲ୍ଡ ଗୋଲ କରି ଫ୍ରାନ୍ସକୁ ଅଗ୍ରଣୀ କରାଇଥିଲେ। ଦ୍ୱିତୀୟ ଓ ତୃତୀୟ କ୍ୱାର୍ଟର ଶେଷସୁଦ୍ଧା ଫ୍ରାନ୍ସର ଅଗ୍ରଣୀ ବଳବତ୍ତର ରହିଥିଲା। ୪ର୍ଥ ତଥା ଅନ୍ତିମ କ୍ୱାର୍ଟର ଘଟଣା ବହୁଳ ରହିଥିଲା। ଗୋଲ ପରିଶୋଧ ପାଇଁ ସ୍ପେନ ଆକ୍ରମଣକୁ ଜୋରଦାର କରିଥିଲେ ହେଁ କଡ଼ା ଟକ୍କର ଦେଇଥିଲା ଫ୍ରାନ୍ସ। ୪୮ତମ ମିନିଟରେ ସ୍ପେନର ୯ ନମ୍ବର ଖେଳାଳି ଇଗ୍ଲେସିଆସ ଆଲଭାରୋ ଗୋଲଟିକୁ ପରିଶୋଧ କରି ଦେବାରୁ ମ୍ୟାଚ ୧-୧ ସ୍ଥିତିକୁ ଚାଲି ଆସିଥିଲା। ୫୧ତମ ମିନିଟରେ ଫ୍ରାନ୍ସ ପାଇଁ ଅଗ୍ରଣୀ ନେବାର ସୁବର୍ଣ୍ଣ ସୁଯୋଗ ଆସିଥିଲା। ମିଳିଥିବା ପେନାଲ୍ଟି କର୍ଣ୍ଣର ଗୋଲରେ ପରିଣତ ହୋଇପାରି ନ ଥିଲେ ବୌମଗାର୍ଟେନ ଗାସ୍ପାର୍ଡ ଷ୍ଟିକ୍ ଅବଷ୍ଟ୍ରକ୍ସନ ଅଭିଯୋଗ କରିଥିଲେ। ଭିଡିଓ ରେଫରାଲରେ ଏହା ଜଣା ପଡ଼ିବାରୁ ସ୍ପେନକୁ ଦଣ୍ଡ ସ୍ୱରୂପ ଫ୍ରାନ୍ସକୁ ପେନାଲ୍ଟି ଷ୍ଟ୍ରୋକ୍ ସୁଯୋଗ ମିଳିଥିଲା ମାତ୍ର ଜେନେଷ୍ଟେଟ୍ ହ୍ୟୁଗୋ ଦୁର୍ଭାଗ୍ୟଜନକଭାବେ ତାହାକୁ ଗୋଲରେ ପରିଣତ କରିପାରି ନ ଥିଲେ। ଏହାପରେ ସ୍ପେନ କେତେକ ସୁଯୋଗ ପାଇଥିଲେ ହେଁ ତାହାର ସଦୁପଯୋଗ କରିପାରି ନ ଥିଲା। ଫଳରେ ମ୍ୟାଚ ୧-୧ରେ ଶେଷ ହୋଇଥିଲା। ମ୍ୟାଚରେ ସ୍ପେନ ମୋଟ ୭ଟି ଏବଂ ଫ୍ରାନ୍ସ ଗୋଟିଏ ପେନାଲ୍ଟି କର୍ଣ୍ଣର ପାଇଥିଲା। ମାତ୍ର କୌଣସିଟି ହେଲେ ଗୋଲ୍‌ରେ ପରିଣତ ହୋଇ ନ ଥିଲା। ଏହା ପୂର୍ବରୁ ସ୍ପେନ ଓ ଫ୍ରାନ୍ସ ମଧ୍ୟରେ ମୋଟ ୯ ଥର ମୁକାବିଲା ହୋଇଥିଲା। ଏଥିରୁ ସ୍ପେନ ୬ଟି ଏବଂ ଫ୍ରାନ୍ସ ଗୋଟିଏ ଜିତିଥିବାବେଳେ ଅବଶିଷ୍ଟ ୨ଟି ମ୍ୟାଚ ଡ୍ର ରହିଥିଲା। ଡିସେମ୍ବର ୬ରେ ସ୍ପେନ ଏହାର ପରବର୍ତ୍ତୀ ମ୍ୟାଚରେ ନ୍ୟୁଜିଲାଣ୍ଡକୁ ଭେଟିବ। ସେହିଦିନ ଫ୍ରାନ୍ସ ଓ ଆର୍ଜେଣ୍ଟିନା ମଧ୍ୟରେ ମୁକାବିଲା ହେବ।



ସୋମବାର ସନ୍ଧ୍ୟାରେ ଫ୍ରାନ୍ସ ଓ ସ୍ପେନ୍ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍।

### ଗୋଲ ସ୍କୋରର

**ଫ୍ରାନ୍ସ-୧**

- କ୍ଲିମେଣ୍ଟ ଟିମୋଥ: ୬ଷ୍ଠ ମିନିଟ

ସ୍ପେନ-୧

**ସ୍ପେନ-୧**

- ଇଗ୍ଲେସିଆସ ଆଲଭାରୋ: ୪୮ତମ ମିନିଟ

## ଫ୍ୟାନ୍ କର୍ଣ୍ଣର








# ଇଂଲଣ୍ଡ-ଅଷ୍ଟ୍ରେଲିଆ ମୁକାବିଲା ଆଜି

ଭୁବନେଶ୍ୱର,୩।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

ଚଳିତ ହକି ବିଶ୍ୱକପ୍‌ରେ ମଙ୍ଗଳବାର ପୁଲ୍ ବି'ରେ ଦୁଇଟି ମ୍ୟାଚ୍ ଖେଳାଯିବ। ପ୍ରଥମ ମ୍ୟାଚ୍‌ରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ପରସ୍ପରକୁ ଭେଟିବେ। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ଆୟର୍ଲାଣ୍ଡ ଓ ବିଶ୍ୱକପ୍‌ରେ ଡେବ୍ୟୁ କରିଥିବା ଚାଇନା ମୁହାଁମୁହିଁ ହେବେ। ଅଷ୍ଟ୍ରେଲିଆ ଅପେକ୍ଷା ଇଂଲଣ୍ଡ ପାଇଁ ଏହି ମ୍ୟାଚ୍ ବେଶି ଗୁରୁତ୍ୱ ବହନ କରୁଛି। କାରଣ ଗତ ଦୁଇଥର ଟାଇଟଲ ହାସଲ କରିଥିବା ଅଷ୍ଟ୍ରେଲିଆ ତା'ର ପ୍ରଥମ ମ୍ୟାଚ୍‌ରେ ୨-୧ ଗୋଲରେ ଆୟର୍ଲାଣ୍ଡକୁ ହରାଇ ବିଜୟ ଅଭିଯାନ ଆରମ୍ଭ କରିଥିଲା। ଅନ୍ୟପଟେ ଇଂଲଣ୍ଡ ତା'ର ପ୍ରଥମ ମ୍ୟାଚ୍‌ରେ ଅପେକ୍ଷାକୃତ ଦୁର୍ବଳ ତଥା ନବାଗତ ଚାଇନାକୁ ଭେଟିଥିଲା। ଅନାକର୍ଷଣୀୟ ପ୍ରଦର୍ଶନ କରି ଇଂଲଣ୍ଡ ଏହି ମ୍ୟାଚ୍‌କୁ ୨-୨ ଗୋଲରେ ଅମୀମାଂସିତ ରଖିଥିଲା। ଅଷ୍ଟ୍ରେଲିଆ ୩ ପଏଣ୍ଟ ପାଇଁ ପୁଲ୍ ବି'ର ଶୀର୍ଷରେ ରହିଛି। ଅନ୍ୟପଟେ ଇଂଲଣ୍ଡ ଗୋଟିଏ ପଏଣ୍ଟ ପାଇ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି।

ଅଷ୍ଟ୍ରେଲିଆ ବିପକ୍ଷରେ ଇଂଲଣ୍ଡକୁ ବିଜୟୀ ହେବା ନିହାତି ଜରୁରୀ ହୋଇପଡିଛି। କିନ୍ତୁ ଅଷ୍ଟ୍ରେଲିଆ କେବଳ ପୁଲ୍ ବି' ନୁହଁ ବିଶ୍ୱକପ୍‌ର ହଟ୍ ଫେଭରାଇଟ ବିବେଚିତ ହୋଇଛି। ବିଶ୍ୱର ୧ ନମ୍ବର ଦଳ ଅଷ୍ଟ୍ରେଲିଆ ୨୦୧୦ ଓ ୨୦୧୪ ବିଶ୍ୱକପ୍‌ରେ ଚାମ୍ପିୟନ ହୋଇଥିଲା। ଏଥର ସଫଳତା ହେଲେ ଅଷ୍ଟ୍ରେଲିଆ ଟାଇଟଲ ହାସଲରେ ହ୍ୟାଟ୍ରିକ ଅର୍ଜନ କରିବ। ତେବେ ଗତ ୨୦୧୬ ରିଓ ଅଲିମ୍ପିକ୍ସରେ ଅଷ୍ଟ୍ରେଲିଆ ସପ୍ତମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା ଓ ଏହା ଗତ କେତେବର୍ଷ ମଧ୍ୟରେ ଅଷ୍ଟ୍ରେଲିଆ ପାଇଁ ଖରାପ ପ୍ରଦର୍ଶନ ସାବ୍ୟସ୍ତ ହୋଇଛି। ଅଷ୍ଟ୍ରେଲିଆ ୧୫ଥର ପାଇଁ ଚାମ୍ପିୟନ୍ସ ଟ୍ରଫି ଟାଇଟଲ ହାସଲ କରି ଜବରଦସ୍ତ ଫର୍ମର ନମୁନା ପ୍ରଦର୍ଶନ କରିଛି। ଗତ ୧୩ଟି ବିଶ୍ୱକପ୍‌ରେ ଅଂଶଗ୍ରହଣ କରି ଅଷ୍ଟ୍ରେଲିଆ ମୋଟ ଉପରେ ୯ଟି ପଦକ ହାସଲ କରି ବିଶ୍ୱର ଅନ୍ୟତମ ସଫଳ ଦଳ ଭବେ ବିବେଚିତ ହୋଇଛି। ମୋଟ ଉପରେ ୩ଥର ବିଶ୍ୱକପ୍ ଟାଇଟଲ ହାସଲ କରିଥିବା ଅଷ୍ଟ୍ରେଲିଆ ଦଳରେ କେତେଜଣ ଅଭିଜ୍ଞ ଖେଳାଳି ଅବସର ନେଇଛନ୍ତି ଓ ୧୦ଜଣ ଖେଳାଳି ବିଶ୍ୱକପ୍ ପଦାର୍ପଣ କରିଛନ୍ତି। ଭୁବନେଶ୍ୱରରେ ଅଷ୍ଟ୍ରେଲିଆର ଜବରଦସ୍ତ ରେକର୍ଡ ରହିଛି। ୨୦୧୭ରେ ଅଷ୍ଟ୍ରେଲିଆ ଏଠାରେ ଖେଳାଯାଇଥିବା ହକି ୱାର୍ଲ୍ଡ ଲିଗ୍ ଫାଇନାଲରେ ଟାଇଟଲ ଜିତିଥିଲା। କିନ୍ତୁ ପ୍ରଥମ ମ୍ୟାଚରେ ଅନାକର୍ଷଣୀୟ ପ୍ରଦର୍ଶନ କରି ଆୟର୍ଲାଣ୍ଡକୁ ୨-୧ ଗୋଲରେ ପରାସ୍ତ କରିଥିଲା। ଫଳରେ ଅଷ୍ଟ୍ରେଲିଆ ଟିମ୍ ମ୍ୟାନେଜମେଣ୍ଟ ନିଶ୍ଚିତ ଭାବେ ଚିନ୍ତିତ ଥିବ। କୋଚ୍ କଲିନ୍ ବ୍ୟାଚ୍‌ଙ୍କ ତତ୍ତ୍ୱାବଧାନରେ ଓ ଅଧିନାୟକ ତଥା ଅଭିଜ୍ଞ ଆଟାକିଙ୍ଗ୍ ମିଡଫିଲ୍ଡର ଏଡ୍ଡି ଓକେନଡେନଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ଗୋଟିଏ ପରେ ଗୋଟିଏ ମ୍ୟାଚ୍ ଜିତି ଟାଇଟଲର ନିକଟବର୍ତ୍ତୀ ହେବା ଲକ୍ଷ୍ୟରେ ରହିଛି। ଡିଫେଣ୍ଡର ଆରାନ ଜେଲେୱ୍ସ୍କିଙ୍କ ଉପରେ ମଧ୍ୟ ସମସ୍ତଙ୍କ ନଜର ରହିବ। କଣ୍ଟିନେଟାଲ ଚାମ୍ପିୟନ ଅଫ୍ ଓସେନିଆ ବିବେଚିତ ହୋଇ ଅଷ୍ଟ୍ରେଲିଆ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ହାସଲ କରିଥିଲା। ଏଡ୍ଡି ଓକେନଡେନ ୩୩୦ଟି ମ୍ୟାଚ୍ ଖେଳି ସବୁଠାରୁ ଅଭିଜ୍ଞ ଖେଳାଳି ବିବେଚିତ ହୋଇଛନ୍ତି। ଗତ ଦୁଇଟି ବିଶ୍ୱକପ୍‌ରେ ଦଳର ସଫଳତାରେ ଓକେନଡେନ ସବୁଠାରୁ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପ୍ରଥମ ମ୍ୟାଚ୍‌ରେ ମାମୁଲି ପ୍ରଦର୍ଶନ କରିଥିବାରୁ ଇଂଲଣ୍ଡକୁ ଅଷ୍ଟ୍ରେଲିଆ ଆଦୌ ହାଲକା ଭାବେ ନେବ ନାହିଁ।

ଅନ୍ୟପଟେ ଇଂଲଣ୍ଡ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ୭ ନମ୍ବର ସ୍ଥାନରେ ରହିଛି। ୨୦୧୯ ଓ ୨୦୧୪ ବିଶ୍ୱକପ୍‌ରେ ଇଂଲଣ୍ଡ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲେ ମଧ୍ୟ ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ୧୯୮୬ ବିଶ୍ୱକପ୍‌ରେ ଘରୋଇ ପରିବେଶ ଇଂଲଣ୍ଡ ରୌପ୍ୟ ପଦକ ହାସଲ କରି ଶ୍ରେଷ୍ଠ ପ୍ରଦର୍ଶନ କରିଥିଲା। କୋଚ୍ କେରୀ ଡ୍ୟାନୀଙ୍କ ତତ୍ତ୍ୱାବଧାନରେ ଓ ଅଧିନାୟକ ଫିଲ ରୋପେରଙ୍କ ନେତୃତ୍ୱରେ ଗତ ଦୁଇଟି ସଂସ୍କରଣଠାରୁ ଆଗକୁ ବଢିବା ଲକ୍ଷ୍ୟରେ ରହିଛନ୍ତି। ୪୦୦ରୁ ଊର୍ଦ୍ଧ୍ୱ ମ୍ୟାଚ୍ ଖେଳିଥିବା ତଥା ୪ଟି ବିଶ୍ୱକପରେ ପ୍ରତିନିଧିତ୍ୱ କରିବାକୁ ଯାଉଥିବା ବେରୀ ମିଡଲଟନ ଓ ତୃତୀୟ ବିଶ୍ୱକପ୍ ଖେଳିବାକୁ ଯାଉଥିବା ଆଡମା ଡିକ୍ସନଙ୍କ ଉପରେ ସମସ୍ତଙ୍କ ନଜର ରହିଛି। ଏହି ମ୍ୟାଚ୍‌ରେ ବିଜୟୀ ହେଲେ ଅଷ୍ଟ୍ରେଲିଆ ସିଧାସଳଖ କ୍ୱାର୍ଟର ଫାଇନାଲକୁ ଉଠିବ। ଅନ୍ୟପଟେ ଇଂଲଣ୍ଡ ଅଷ୍ଟ୍ରେଲିଆକୁ ମାତ୍ ଦେଇ କ୍ୱାର୍ଟର ଫାଇନାଲର ନିକଟବର୍ତ୍ତୀ ହେବା ଲକ୍ଷ୍ୟରେ ରହିଛି।



ପ୍ରାକ୍ଟିସ୍ ସେସନ ଅବସରରେ ଇଂଲଣ୍ଡ ଦଳର ଖେଳାଳି।

**ଇଂଲଣ୍ଡ ଦଳ:** ଫିଲ ରୋପେର (ଅଧିନାୟକ), ଜର୍ଜ ପିନେର, ହାରୀ ଗିବ୍‌ସନ, ଆଡାମ ଡିକ୍ସନ, ଲିଆମ ସାନଫୋର୍ଡ, ମାର୍କ ଗ୍ଲେଗହର୍ନ, ଜ୍ୟାକ ୱାଲେର, ମାଇକେଲ ହୋଆର, ଲୁକ୍ ଟେଲର, ହାରୀ ମାର୍ଟିନ, ଡେଭିଡ ଆମ୍ସ, ଇଆନ ସ୍ଲୋଆନ, ବେରୀ ମିଡଲଟନ, ଜ୍ୟାକ ୱାଲାସ, ଜେମ୍ସ ଗଲ, ଡେଭିଡ କଣ୍ଡନ, ୱିଲ କଲନାନ ଓ ଲଆମ ଅନ୍‌ସେଲ।

**ଅଷ୍ଟ୍ରେଲିଆ ଦଳ:** ଏଡ୍ଡି ଓକେନଡେନ (ଅଧିନାୟକ), ଡାନିଏଲ ବିଏଲ, ଟିମୋଥି ବ୍ରାଣ୍ଡ, ଟମ୍ କ୍ରେଗ୍, ମାଥ୍ୟୁ ଡସନ, ବ୍ଲେକ ଗୋଭର୍ସ, ଜ୍ୟାକ ହାର୍ଭି, ଜେରେମି ହେୱାର୍ଡ, ଟିମ ହୋୱାର୍ଡ, ଟିଲେର ଲୋଭେଲ, ଟ୍ରେଣ୍ଟ ମିଟନ, ଫ୍ଲିନ୍ ଓଗିଲଭି, ମାଥ୍ୟୁଜ ସ୍ୱାନ, କୋରି ୱେୟେର, ଜ୍ୟାକ ହ୍ୱେଟନ, ଡିଲାନ ଉଥରସ୍ପୁନ ଓ ଆରାନ ଜାଲେୱ୍ସ୍କି।

**ଆଜିର ମ୍ୟାଚ୍**



ଇଂଲଣ୍ଡ ବନାମ ଅଷ୍ଟ୍ରେଲିଆ
ପୁଲ୍-ବି
ସମୟ ଅପରାହ୍ନ- ୫ଟା

ଆୟର୍ଲାଣ୍ଡ ବନାମ ଚାଇନା
ପୁଲ୍- ବି
ସମୟ- ରାତି ୭ଟା

ସ୍ଥାନ-କଳିଙ୍ଗ ଷ୍ଟାଡିୟମ
**ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ**

# ଚାଇନା ବିପକ୍ଷରେ ଆୟର୍ଲାଣ୍ଡ ଫେଭରାଇଟ

ଭୁବନେଶ୍ୱର, ୩।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

ମଙ୍ଗଳବାର ପୁଲ୍ ବି'ର ଦ୍ୱିତୀୟ ମ୍ୟାଚ୍‌ରେ ଆୟର୍ଲାଣ୍ଡ ଓ ଚାଇନା ମୁହାଁମୁହିଁ ହେବେ। ଚାଇନା ଅପେକ୍ଷା ଆୟର୍ଲାଣ୍ଡ ପାଇଁ ଏହି ମ୍ୟାଚ ବେଶ୍ ଗୁରୁତ୍ୱପୂର୍ଣ୍ଣ। କାରଣ ଇଂଲଣ୍ଡ ବିପକ୍ଷ ପ୍ରଥମ ମ୍ୟାଚ୍‌କୁ ଚାଇନା ୨-୨ ଗୋଲରେ ଡ୍ର ରଖିଥିଲା। କିନ୍ତୁ ଆୟର୍ଲାଣ୍ଡ ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ମ୍ୟାଚ୍‌କୁ ଡ୍ର ରଖିଥିଲା। ଚାଇନା ୧ ପଏଣ୍ଟ ପାଇ ପୁଲ୍ ବି'ର ତୃତୀୟ ସ୍ଥାନରେ ଥିବା ବେଳେ ଆୟର୍ଲାଣ୍ଡ କୌଣସି ପଏଣ୍ଟ ନ ପାଇ ନିମ୍ନରେ ରହିଛି। ଆୟର୍ଲାଣ୍ଡ ବିଶ୍ୱ ର୍‍ୟାଙ୍କିଙ୍ଗର ଦଶମ ସ୍ଥାନରେ ରହିଛି। ଜୋହାନ୍ସବର୍ଗରେ ଖେଳାଯାଇଥିବା ହକି ୱାର୍ଲ୍ଡ ଲିଗ୍ ସେମିଫାଇନାଲରେ ଆୟର୍ଲାଣ୍ଡ ପଞ୍ଚମସ୍ଥାନ ଅଧିକାର କରି ବିଶ୍ୱକପ୍ ଯୋଗ୍ୟତା ହାସଲ କରିଥିଲା। ୨୦୧୫ ହକି ୱାର୍ଲ୍ଡ ଲିଗ୍ ସେମିଫାଇନାଲରେ ଆୟର୍ଲାଣ୍ଡ ପଞ୍ଚମ ସ୍ଥାନ ଅଧିକାର କରିଥିଲା। ପୁଣି ୨୦୧୫ ୟୁରୋପିଆନ ଚାମ୍ପିୟନଶିପ୍‌ରେ ଏହି ଦଳ ବ୍ରୋଞ୍ଜ ପଦକ ହାସଲ କରି ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲା। ୨୦୧୬ ରିଓ ଅଲିମ୍ପିକ୍ସରେ ଆୟର୍ଲାଣ୍ଡ ଦଶମସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। କିନ୍ତୁ ୨୦୧୪ ବିଶ୍ୱକପ୍ ଖେଳିବାକୁ ଆୟର୍ଲାଣ୍ଡ ଯୋଗ୍ୟତା ହାସଲ କରିପାରି ନ ଥିଲା। ଆୟର୍ଲାଣ୍ଡ ଗୋଲ୍‌କିପର ଡେଭିଡ ହାର୍ଟଙ୍କ ଉପରେ ସମସ୍ତଙ୍କ ନଜର ରହିଛି। ସବୁଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଆୟର୍ଲାଣ୍ଡ ଚାଇନାଠାରୁ ଦୁଇପାଦ ଆଗରେ ରହିଛି। ତେଣୁ ଏହି ମ୍ୟାଚ୍‌ରେ ଆୟର୍ଲାଣ୍ଡ ଫେଭରାଇଟ ମନେହୁଏ।

ଅପରପକ୍ଷରେ ବିଶ୍ୱକପ୍ ପଦାର୍ପଣ କରିଥିବା ଚାଇନା ବିଶ୍ୱ ର୍‍ୟାଙ୍କିଙ୍ଗର ୧୭ତମ ସ୍ଥାନରେ ରହିଛି। ଲଣ୍ଡନରେ ଅନୁଷ୍ଠିତ ହକି ୱାର୍ଲ୍ଡ ଲିଗ୍ ସେମିଫାଇନାଲରେ ଅଷ୍ଟମସ୍ଥାନ ଅଧିକାର କରି ଚାଇନା ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ହାସଲ କରିଥିଲା। ଆନ୍ତର୍ଜାତିକ ସ୍ତରରେ ଚାଇନା ସେତେଟା ସଫଳତା ହାସଲ କରିପାରି ନାହିଁ। କିନ୍ତୁ ଇଂଲଣ୍ଡ ବିପକ୍ଷ ପ୍ରଥମ ମ୍ୟାଚ୍‌କୁ ଡ୍ର ରଖି ଚାଇନା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ଫଳରେ ଏହି ମ୍ୟାଚରେ ଚାଇନା ଆୟର୍ଲାଣ୍ଡକୁ ଟକ୍କର ଦେବ ବୋଲି ଆଶା କରାଯାଉଛି। ୨୦୦୮ ବେଜିଂ ଅଲିମ୍ପିକ୍ସରେ ଚାଇନା ଅଷ୍ଟମସ୍ଥାନ ଅଧିକାର କରି ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲା। ତେବେ ଚାଇନା ୨୦୧୬ ଓ ୨୦୧୪ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିପାରି ନ ଥିଲା।

**ଚାଇନା ଦଳ:** ଡୁ ଚେନ୍ (ଅଧିନାୟକ), ଗୁଓ ଜିଓପିଙ୍ଗ୍, ଆଓ ଝିୱେଇ, ଗୁଆନ କ୍ୱାଙ୍ଗ୍, ଆଓ ସୁଓଝୁ, ଇ ୱେନହୁଇ, ଅଓ ୟାଙ୍ଗ୍, ମେଙ୍ଗ ଡିହାଓ, ସୁ ଜୁନ, ମେଙ୍ଗ ନାନ୍, ସୁ ୱେନ ଲିନ୍, ସୁ ଲିଜିଂ, ଡୁ ତଲାକେ, ଗୁଓ ଜିକ୍ସଆଙ୍ଗ, ଇ ୱେନଲଙ୍ଗ, ୱାଙ୍ଗ୍ କାଇୟୁ, ଆଓ ୱେଇବାଓ ଓ ଗୁ ଜିନ୍। କୋଚ୍- କିମ୍ ସାଙ୍ଗ ରିଉଲ।

**ଆୟର୍ଲାଣ୍ଡ ଦଳ:** ଡେଭିଡ ହାର୍ଟେ (ଗୋଲକିପର, ଅଧିନାୟକ), ଡେଭିଡ ଫିଜରାଲ୍ଡ ଜୋନାଥନ ବେଲ, ପଲ ଗ୍ଲେଗହର୍ନ, ଲୁକ୍ ମେଡେଲି, କନର ହାର୍ଟେ, ଷ୍ଟୁଆର୍ଟ ଲଓଗ୍ରେ, ମାଥ୍ୟୁଜ ବେଲ, ଲି କୋଲ, ଶେନ ଓ' ଡୋନୋଘୁଏ, ମାଇକେଲ ରୋବସନ, କିର୍କ ଶିମିନ୍ସ, ସିନ ମୁରେ, କ୍ରିସ୍ କାର୍ଗୋ, ଡରାଘ ୱାଲ୍‌ସା, ମାଥ୍ୟୁ ନେଲସନ, ମିଚ୍ ଡାର୍ଲିଂ, ୟୁଗେନି ମାଗି, ଆଲାନ ସଦର୍ନ ଓ ଜେରେମି ଡନକାନ୍।



ସୋମବାର ମୁକ୍ତେଶ୍ୱର ମନ୍ଦିର ଭ୍ରମଣ ଅବସରରେ ସ୍କୁଲ ଛାତ୍ରୀଛାତ୍ରଙ୍କ ଗହଣରେ ବେଲ୍‌ଜିୟମ୍ ଦଳର ଖେଳାଳିମାନେ।

# 'ହକି ଲାଗି ଛୋଟ ଫର୍ମାଟର ଆବଶ୍ୟକତା ନାହିଁ'

ଭୁବନେଶ୍ୱର, ୩।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

କ୍ରିକେଟକୁ ଲୋକପ୍ରିୟ କରିବା ପାଇଁ ଛୋଟ ଫର୍ମାଟର ଆବଶ୍ୟକତା ରହିଛି। କିନ୍ତୁ ହକି ପାଇଁ ଛୋଟ ଫର୍ମାଟର ଆବଶ୍ୟକତା ନାହିଁ ବୋଲି ବରିଷ୍ଠ କୋଚ୍‌ମାନେ ମତବ୍ୟକ୍ତ କରିଛନ୍ତି। ଗତ ୟୁଥ୍ ଅଲିମ୍ପିକ୍ସରେ ୫-ଏ-ସାଇଡ ହକି ବେଶ୍ ଲୋକପ୍ରିୟ ହୋଇଥିଲା ଓ ସଫଳତାର ଶୀର୍ଷକୁ ଛୁଇଁ ଥିଲା। ଏବେ ଆନ୍ତର୍ଜାତିକ ହକି ଫେଡେରେଶନ (ଏଫ୍‌ଆଇଏଚ୍) ଆସନ୍ତାବର୍ଷଠାରୁ ହକିର ଏହି ଫର୍ମାଟକୁ ଲାଗୁ କରିବାକୁ ପ୍ରସ୍ତୁତି ଚଳାଇଥିବା ବେଳେ ରିକ ଚାର୍ଲ୍ସୱର୍ଥଙ୍କ ଭଳି କେତେକ ଅଭିଜ୍ଞ କୋଚ୍ ଏହାକୁ ନାପସନ୍ଦ କରିଛନ୍ତି। ହକି ପାଇଁ ଛୋଟ ଫର୍ମାଟର ଆବଶ୍ୟକାତା ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

ଆସନ୍ତାବର୍ଷ ୫-ଏ- ସାଇଡ ହକିକୁ ନେଇ ଏଫ୍‌ଆଇଏଚ୍ ଏକ ପ୍ରଦର୍ଶନୀ ଟୁର୍ନାମେଣ୍ଟ ଆରମ୍ଭ କରିବାକୁ ଯୋଜନା କରୁଛି। ତେବେ ପାରମ୍ପିକ ୧୧-ଏ- ସାଇଡ ବଦଳରେ ଏହା ଲାଗୁ ହେବ ନାହିଁ ବୋଲି ଏଫ୍‌ଆଇଏଚ୍ ସ୍ପଷ୍ଟ କରାଯାଇଛି। ହକିର ମାର୍କେଟିଂ ବା ଲୋକପ୍ରିୟତା ବଢାଇବା ପାଇଁ ଏପରି ଯୋଜନା କରାଯାଉଛି ବୋଲି ଏଫ୍‌ଆଇଏଚ୍ କହିଛି।

ତେବେ ହକିର ବ୍ୟବସାୟୀକରଣକୁ ଚାର୍ଲ୍ସୱର୍ଥ ନାପସନ୍ଦ କରିଛନ୍ତି। ଅର୍ଥ କମାଇବା ପାଇଁ ଏଭଳି ନିଷ୍ପତ୍ତି ନିଆଯାଉଛି। କିନ୍ତୁ ଏହା ଦୁର୍ଭାଗ୍ୟଜନକ ବୋଲି ଅଷ୍ଟ୍ରେଲିଆର ଏହି ପୂର୍ବତନ ହକି ଖେଳାଳି ତଥା କୋଚ୍ ଜଣକ କହିଛନ୍ତି। ୫-ଏ- ସାଇଡ୍ ହକି ଦେଖିବାକୁ ମୁଁ ଆଦୌ ପସନ୍ଦ କରିବି ନାହିଁ ବୋଲି ସେ କହିଛନ୍ତି। ଏ ସଂକ୍ରାନ୍ତରେ ନ୍ୟୁଜିଲାଣ୍ଡ କୋଚ୍ ଶେନ ମ୍ୟାକଲୋଏଡ ଚାର୍ଲ୍ସୱର୍ଥଙ୍କୁ ସମର୍ଥନ କରିଛନ୍ତି। ୫-ଏ- ସାଇଡ୍ ହକିର କୌଣସି ଆବଶ୍ୟକତା ନାହିଁ ବୋଲି ମ୍ୟାକଲୋଏଡ କହିଛନ୍ତି। ତେବେ ୧୫ ମିନିଟ୍ ବିଶିଷ୍ଟ ୪ କ୍ୱାର୍ଟର ବଦଳରେ ୩୫ ମିନିଟ- ଏ- ସାଇଡ ହାଫ୍‌କୁ ନେଇ ମ୍ୟାଚ୍ ଖେଳାଯିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି।

# ଫ୍ୟାନ୍ ଭିଲେଜରେ ପ୍ରଶଂସକଙ୍କ ସହ ମିଶିବେ ଖେଳାଳି

ଭୁବନେଶ୍ୱର, ୩।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

ଚଳିତ ହକି ବିଶ୍ୱକପ୍‌କୁ ଆହୁରି ମଜାଦାର କରିବା ପାଇଁ ଆୟୋଜକମାନେ ଆଉ ଏକ ଅଭିନବ ପ୍ରୟାସ କରିବାକୁ ଯାଉଛନ୍ତି। ମଙ୍ଗଳବାରଠାରୁ ବିଶ୍ୱକପ୍‌ରେ ଅଂଶଗ୍ରହଣ କରିଥିବା ସବୁ ଦଳ ଫ୍ୟାନ୍ ଭିଲେଜ ଭ୍ରମଣକରି ପ୍ରଶଂସକମାନଙ୍କ ସହ ମଶି ଭାବର ଆଦାନ ପ୍ରଦାନ କରିବେ। ଏହା ଦ୍ୱାର ହକି ପ୍ରଶଂସକମାନେ ସେମାନଙ୍କ ପ୍ରିୟ ଖେଳାଳି ତଥା ତାରକାଙ୍କ ସହ ନିକଟରୁ ମିଶିବାର ସୁଯୋଗ ହାସଲ କରିବେ ଓ ବ୍ୟକ୍ତିଗତ ଭାବେ ଭାବର ଆଦାନ ପ୍ରଦାନ କରିବେ। ଏହି ଅବସରରେ ବିଭିନ୍ନ ଦେଶର ଖେଳାଳିମାନେ ପ୍ରଶଂସକଙ୍କ ପ୍ରଶ୍ନର ଉତ୍ତର ଦେବେ। ଏପରିକି ପ୍ରଶଂସକଙ୍କ ଅନୁରୋଧରେ ଖେଳାଳିମାନେ ନାଚିବା ସହ ଗୀତ ଗାଇବେ ଓ ହକି ସମ୍ପର୍କିତ ବିଭିନ୍ନ ଟିପ୍ସ ଦେବେ। ବିଭିନ୍ନ ଦଳ ଓ ଖେଳାଳିଙ୍କ ସହ ପ୍ରଶଂସକମାନେ ବହୁ ସଂଖ୍ୟାରେ ସେଲ୍‌ଫି ନେଇପାରିବେ। ଖେଳାଳିମାନଙ୍କ ମଧ୍ୟରେ ବଲ- ଜଗଲିଙ୍ଗ୍ ପ୍ରତିଯୋଗିତା ହେବ। ଏହା ଦ୍ୱାରା ପ୍ରଂଶସକମାନେ ବେଶ୍ ଉତ୍ସାହିତ ହେବା ସହ ଆମୋଦିତ ହେବେ ବୋଲି କୁହାଯାଇଛି।

ମଙ୍ଗଳବାର ବେଲଜିୟମ ଓ ଦକ୍ଷିଣ ଆଫ୍ରିକା ପ୍ରଥମ ଦୁଇଟି ଦଳ ଭାବେ ଫ୍ୟାନ୍ ଭିଲେଜ ଆସି ଏପରି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ସେହିପରି ପୁଲ ଡି ଦଳ ମାଲେସିଆ, ନେଦରଲାଣ୍ଡ୍ସ ଓ ଜର୍ମାନୀ ୬ ତାରିଖରେ ଫ୍ୟାନ୍ ଭିଲେଜ ଭ୍ରମଣ କରିବେ। ସେହିପରି ୭ ତାରିଖରେ ଫ୍ରାନ୍ସ, ନ୍ୟୁଜିଲାଣ୍ଡ, ଆର୍ଜେଣ୍ଟିନା ଓ ସ୍ପେନ୍, ୮ ତାରିଖରେ ଚାଇନା, ଇଂଲଣ୍ଡ, ଆୟର୍ଲାଣ୍ଡ ଓ ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆ ଫ୍ୟାନ୍ ଭିଲେଜ ବୁଲିବାକୁ ଆସିବେ।

ହକି ବିଶ୍ୱକପ୍‌କୁ ଆମେ ସ୍ମରଣୀୟ କରିବାକୁ ଚାହୁଁଛୁ। ପ୍ରଶଂସକମାନେ ଏହି ମେଗା ଇଭେଣ୍ଟକୁ ବହୁଦିନ ଧରି ମନେରଖିବେ। ସେଥିପାଇଁ ଆମେ ଏଭଳି ନିଷ୍ପତ୍ତି ନେଇଛୁ ବୋଲି ହକି ଇଣ୍ଡିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ଏଲିନା ନର୍ମାନ କହିଛନ୍ତି। ଏହା ଦ୍ୱାରା ପ୍ରଶଂସକମାନେ ଆହୁରି ଉତ୍ସାହିତ ହୋଇ ଷ୍ଟାଡିୟମରେ ବୈଦ୍ୟୁତିକ ପରିବେଶ ସୃଷ୍ଟି କରିବେ। ମ୍ୟାଚ୍ ଦେଖିବାକୁ ବହୁ ସଂଖ୍ୟାରେ ଖେଳାଳି ଷ୍ଟାଡିୟମ ଆସୁଛନ୍ତି। କିନ୍ତୁ ଏହା ଦ୍ୱାରା ସେମାନେ ଖେଳାଳିଙ୍କ ସହ ଅତି ନିକଟରୁ ମିଶିବାର ସୁଯୋଗ ପାଇବେ ବୋଲି ନର୍ମାନ କହିଛନ୍ତି।

ଫ୍ୟାନ୍ ଭିଲେଜରେ ଏଥି ସହିତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଚାଲୁ ରହିଛି। କଳିଙ୍ଗ ଷ୍ଟାଡିୟମ ପରିସରରେ ୧୮,୦୦୦ ବର୍ଗମିଟର ଅଞ୍ଚଳରେ ନିର୍ମିତ ଏହି ଫ୍ୟାନ୍ ଭିଲେଜରେ ଗ୍ରାଭିଟି ଡିଫାଇଂ ଫଟୋ ଉଠାଇବାର ସୁଯୋଗ ରହିଛି। ୩୬୦ ଡିଗ୍ରୀ ଫଟୋ ବୁଥ୍‌ରେ ମଧ୍ୟ ୩୬୦ ଡିଗ୍ରୀ ଫଟୋ ଉଠାଇବାର ବ୍ୟବସ୍ଥା କରାଯାଇଛି। କଳିଙ୍ଗ ଷ୍ଟାଡିୟମର ୩ ଓ ୪ ନମ୍ବର ଗେଟ୍ ମଧ୍ୟରେ ଏହି ଫ୍ୟାନ୍ ଭିଲେଜ ପରିବ୍ୟାପ୍ତ ହୋଇଛି। ମ୍ୟାଚ୍ ଦିନ ଅପରାହ୍ନ ୧ଟାରେ ଫ୍ୟାନ୍ ଭିଲେଜ ଖୋଲାଯାଉଛି। ଏଥିସହିତ ଏଠାରେ ଖାଇବା ଓ ପିଇବା ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି। ଏଥିରେ ଓଡ଼ିଶାର କେତେକ ଖାଦ୍ୟ ପ୍ରଶଂସକ ପାଇପାରିବେ। ଛୋଟ ପିଲା ଖେଳିବା, ନାଚିବା ଓ କୁଦିବା ପାଇଁ ଟ୍ରାମ୍ପୋଲିନ୍‌ର ମଧ୍ୟ ବ୍ୟବସ୍ଥା କରାଯାଇଛି। ଏଥି ସହିତ ଆୟୋଜକମାନେ ଏକ ୩-ଏ- ସାଇଡ ହକି ଟର୍ଫ ବିଛାଇଛନ୍ତି। ଏହି ଛୋଟିଆ ଟର୍ଫରେ ପ୍ରଶଂସକମାନେ ହକି ଖେଳିବାର ସୁଯୋଗ ହାସଲ କରିବେ। ଏହା ବ୍ୟତୀତ ଏକ ଇଣ୍ଡିଆ ପୋଷ୍ଟ ଷ୍ଟାମ୍ପ ଷ୍ଟଲ ମଧ୍ୟ ରହିଛି। ନୂଆକରି ଲଞ୍ଚ ହୋଇଥିବା ଷ୍ଟାମ୍ପ କ୍ରୟ କରିବା ସହ ପ୍ରଶଂସକମାନେ ଷ୍ଟାମ୍ପ ସଂଗ୍ରହ ମଧ୍ୟ କରିପାରିବେ।



ଫ୍ୟାନ୍ ଭିଲେଜରେ ହକି ଖେଳରେ ନିମଗ୍ନ ପ୍ରଶଂସକ।




www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୪/୨୦୧୮ Bhubaneswar, Tuesday, December 4/ 2018

## ସଂକ୍ଷେପରେ

### ତୃତୀୟ ଅନ୍‌ଅଫିସିଆଲ ଟେଷ୍ଟ ଡ୍ର

**ୱାଙ୍ଗାରାଇ(ନ୍ୟୁଜିଲାଣ୍ଡ),୩।୧୨(ପି.ଟି.):** ଏଠାରେ ଭାରତ ଏ' ଓ ନ୍ୟୁଜିଲାଣ୍ଡ ଏ' ମଧ୍ୟରେ ଖେଳାଯାଉଥିବା ତୃତୀୟ ଅନ୍‌ଅଫିସିଆଲ ଟେଷ୍ଟ ଅମୀମାଂସିତ ଭାବେ ଶେଷ ହୋଇଛି। ମ୍ୟାଚ୍‌ର ୪ର୍ଥ ତଥା ଅନ୍ତିମ ଦିବସ ବର୍ଷା ଯୋଗୁ ଖେଳି ହୋଇପାରି ନ ଥିଲା। ଏଥିଯୋଗୁ ମ୍ୟାଚ୍ ବିନା ଫଳରେ ଶେଷ ହୋଇଛି। ଏଥିପୂର୍ବରୁ ଅନୁଷ୍ଠିତ ଦୁଇଟି ଅନ୍‌ଅଫିସିଆଲ ମ୍ୟାଚ୍ ମଧ୍ୟ ସମାନ ବିନା ଫଳାଫଳ ଶେଷ ହୋଇଯାଇଛି। ପ୍ରଥମ ଇନିଂସରେ ଭାରତ ଏ' ୩୨୩ ରନ୍ କରିଥିବାବେଳେ ନ୍ୟୁଜିଲାଣ୍ଡ ୩୯୮ ରନ୍‌ରେ ଅଲଆଉଟ୍ ହୋଇଥିଲା। ଭାରତ ପକ୍ଷରୁ କ୍ରିଷ୍ଣାପା ଗୋଥାମ ଭଲ ବୋଲିଂ କରିଥିଲେ। ପରେ ୭୫ ରନ୍‌ରେ ପଛୁଆ ଥିବା ଭାରତ ଏ' ୩ୟ ଦିବସ ଖେଳ ଶେଷ ସୁଦ୍ଧା ଏକ ଉଇକେଟ ହରାଇ ୩୮ ରନ୍ କରିଥିଲା। ଦଳ ପକ୍ଷରୁ ଆର. ସମର୍ଥ (୨୭) ଓ ଏ. ବାୱ୍‌ନେ (୫) ଅପରାଜିତ ଥିଲେ।

### ଓଡ଼ିଶା ୧୨୪ ରନ୍‌ରେ ଅଲଆଉଟ

**କଟକ ଅଫିସ,୩।୧୨:** ବିଜୟନଗରମର ଡଃ ପି.ଭି.ଜି. ରାଜୁ ଏସିଏ ସ୍ପୋର୍ଟସ କମ୍ପ୍ଲେକ୍ସଠାରେ ୧୯ ବର୍ଷରୁ କମ୍ କୁଚବିହାର ଟ୍ରଫିର ଓଡ଼ିଶା-ଆନ୍ଧ୍ରପ୍ରଦେଶ ମ୍ୟାଚ ସୋମବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଓଡ଼ିଶାର ପ୍ରଥମ ଇନିଂସ ୧୨୪ ରନ୍‌ରେ ସୀମିତ ରହିଥିବାବେଳେ ଆନ୍ଧ୍ରପ୍ରଦେଶ ୨ ଉଇକେଟରେ ୬୯ ରନ୍ କରିଛି। ଆନ୍ଧ୍ରପ୍ରଦେଶ ଟସ୍ ଜିତି ଓଡ଼ିଶାକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା। ଓଡ଼ିଶା ୧୫ ରନ୍‌ରେ ୪ଟି ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ମଧ୍ୟକ୍ରମରେ ମାନସ ରଞ୍ଜନ ନାୟକଙ୍କ ୪୦ ଓ ଆୟୁଷ ନାୟକଙ୍କ ୩୨ ରନ ବଳରେ ଦଳ ୧୦୦ ରନ୍ ଅତିକ୍ରମ କରିବାକୁ ସମର୍ଥ ହୋଇଥିଲା। ଓଡ଼ିଶାର ୮ ଜଣ ବ୍ୟାଟ୍ସମ୍ୟାନ ଦୁଇ ଅଙ୍କ ଛୁଇଁ ପାରି ନଥିଲେ। ଆନ୍ଧ୍ରପ୍ରଦେଶ ପକ୍ଷରୁ ବି. ସନ୍ତୋଷ କୁମାର ଓ ନୀତିଶ କୁମାର ରେଡ୍ଡୀ ୩ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଆନ୍ଧ୍ରପ୍ରଦେଶର ଓପନର ଭମସି କ୍ରୀଷ୍ଣା ୧୭ରନ୍‌ରେ ଶେଖର ମାଝୀଙ୍କ ଦ୍ୱାରା ଓ ନୀତିଶ କୁମାର ରେଡ୍ଡୀ ୨ରନ୍‌ରେ ଉମେଶ ଯାଦବଙ୍କ ଦ୍ୱାରା ଆଉଟ ହୋଇଛନ୍ତି। ଦଳ ୫୫ରନ୍‌ରେ ପଛରେ ଥିବା ବେଳେ ୟାରା ସନ୍ଦୀପ ୩୨ରନ୍‌ରେ ଅପରାଜିତ ଅଛନ୍ତି।

### ସର୍ବଭାରତୀୟ ବିଏସ୍‌ଏନ୍‌ଏଲ କ୍ରିକେଟ ଆଜିଠାରୁ

**ଭୁବନେଶ୍ୱର, ୩।୧୨(କ୍ରୀଡ଼ା ପ୍ରତିନିଧି):** ସର୍ବଭାରତୀୟ ବିଏସଏନ୍‌ଏଲ କ୍ରିକେଟ ଟୁର୍ନାମେଣ୍ଟର ୧୮ତମ ସଂସ୍କରଣ ମଙ୍ଗଳବାରଠାରୁ ସ୍ଥାନୀୟ ଇଷ୍ଟକୋଷ୍ଟ ରେଲୱେ ଷ୍ଟାଡିୟମରେ ଆରମ୍ଭ ହେବ। ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିବେ। ବିଏସଏନ୍‌ଏଲର ଚିଫ୍ ଜେନେରାଲ ମ୍ୟାନେଜର (ଓଡ଼ିଶା ଟେଲିକମ୍ ସର୍କଲ) ସତ୍ୟାନନ୍ଦ ନାୟକ ଉତ୍ସବରେ ଅଧ୍ୟକ୍ଷତା କରିବେ ବୋଲି ବିଏସଏନ୍‌ଏଲ ଜେନେରାଲ ମ୍ୟାନେଜର(ମାନବସମ୍ବଳ/ପ୍ରଶାସନ) ପ୍ରଶାନ୍ତ କୁମାର ମହାପାତ୍ର ଜଣାଇଛନ୍ତି।

### ସମ୍ମାନ ହାନି ହୋଇଥିବାରୁ ଗେଲ୍‌ଙ୍କୁ ମିଳିବ ଦେଢ଼ କୋଟି

**ସିଡ୍‌ନୀ,୩।୧୨:** ଗତବର୍ଷ ୱେଷ୍ଟଇଣ୍ଡିଜ୍‌ର ବିସ୍ଫୋରକ ବ୍ୟାଟ୍ସମ୍ୟାନ କ୍ରିସ୍ ଗେଲ୍‌ଙ୍କ ନାମରେ ଅଷ୍ଟ୍ରେଲିଆର ଖବରକାଗଜ ଫେୟାରଫାକ୍ସ ମିଡିଆ ୨୦୧୬ରେ ଏକ ଆପତ୍ତିଜନକ ରିପୋର୍ଟ ପ୍ରକାଶ କରିଥିଲା। ଏ ନେଇ ଉକ୍ତ ଖବରକାଗଜ ବିରୋଧରେ ଗେଲ ମାନହାନି ମକଦ୍ଦମା ଦାଏର କରିଥିଲେ। ଉକ୍ତ ମାମଲାର ଶୁଣାଣି କରି ଗତବର୍ଷ ଅଷ୍ଟ୍ରେଲିଆ କୋର୍ଟ ୧୦୩ ଟେଷ୍ଟ ମ୍ୟାଚ୍ ଖେଳିଥିବା ବ୍ୟାଟ୍ସମ୍ୟାନଙ୍କ ସପକ୍ଷରେ ମତ ଦେଇଥିଲେ। ସୋମବାର ଏହି ମାମଲାର ଶୁଣାଣି କରି ଜଷ୍ଟିସ ଲୁସି ମ୍ୟାକ୍‌କୁଲମ ଫେୟାରଫାକ୍ସ ମିଡିଆକୁ କ୍ଷତିପୂରଣ ବାବଦକୁ ୨୨୦,୭୭୦ ଆମେରିକୀୟ ଡଲାର ଗେଲ୍‌ଙ୍କୁ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାର ମୂଲ୍ୟ ଭାରତୀୟ ମୁଦ୍ରାରେ ଦେଢ଼ କୋଟିରୁ ଊର୍ଦ୍ଧ୍ୱ।

# ଭାରତ-ପାକିସ୍ତାନ ଫାଇନାଲ ଚାହାନ୍ତି ହାସନ

**ଭୁବନେଶ୍ୱର, ୩।୧୨(କ୍ରୀଡ଼ା ପ୍ରତିନିଧି)**

ହକି ବିଶ୍ୱକପ ଖେଳିବା ପାଇଁ ଓଡ଼ିଶା ଆସିଥିବା ପାକିସ୍ତାନ ଦଳ ଭୁବନେଶ୍ୱରରେ ଆତିଥେୟତା ଏବଂ ଦର୍ଶକ ସମର୍ଥନରେ ଅଭିଭୂତ। ହକି ପାଇଁ କଳିଙ୍ଗ ଷ୍ଟାଡିୟମ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ସ୍ଥାନ। ଭାରତ-ପାକିସ୍ତାନ ଫାଇନାଲ ହେଲେ ଦୁଇ ଦେଶର କ୍ରୀଡ଼ା ସମ୍ପର୍କ ଅଧିକ ମଜଭୁତ ହୋଇପାରିବ ଏବଂ ଏସୀୟ ହକି ଅଧିକ ସମୃଦ୍ଧ ହେବ ବୋଲି କହିଛନ୍ତି ପାକିସ୍ତାନ କୋଚ୍ ହାସନ ସର୍ଦ୍ଦାର। ଷ୍ଟାଡିୟମ ପରିସରରେ ଥିବା ପୋଲିସ ଫ୍ୟାନ୍ସ ଭିଲେଜରେ ସୋମବାର ଓଡ଼ିଶା ପୋଲିସ ପକ୍ଷରୁ ପାକିସ୍ତାନ ଦଳକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆମକୁ ଏଠାରେ ବହୁତ ସମ୍ମାନ ମିଳିଛି। ଏଠାକାର ପରିବେଶକୁ ଆମ ପିଲାମାନେ ବହୁତ ଉପଭୋଗ କରୁଛନ୍ତି। ଏଠାକୁ ବହୁ ପରିମାଣରେ ଦର୍ଶକ ହକିକୁ ସମର୍ଥନ କରିବାକୁ ଆସୁଛନ୍ତି। ଜର୍ମାନୀ ବିପକ୍ଷ ମ୍ୟାଚରେ ଆମେ ୭-୮ଥର ସୁଯୋଗ ପାଇଥିଲୁ। ମାତ୍ର ସେଥିରୁ ଥରେ ହେଲେ ଗୋଲ ଦେବାକୁ ସକ୍ଷମ ହେଲୁନାହିଁ। ଆମେ ୩-୪ଟି ଗୋଲ କରି ପାରିଥାନ୍ତୁ ବୋଲି କହିଛନ୍ତି ସର୍ଦ୍ଦାର। ୧୯୮୨ରେ ମୁମ୍ବାଇରେ ହୋଇଥିବା ବିଶ୍ୱକପରେ ଆମେ ଚାମ୍ପିୟନ ହୋଇଥିଲୁ। ସେତେବେଳେ ଆମେ ଜର୍ମାନୀକୁ ହରାଇ ଟାଇଟଲ ଜିତିଥିଲୁ। ମୁଁ ୧୯୮୧ରୁ ପ୍ରାୟ ଭାରତ ଆସୁଛି। ୧୯୮୨ରେ ଏସିଆନ ଗେମ୍ସ ଖେଳିବାକୁ ଆମେ ନୂଆଦିଲ୍ଲୀ ଆସିଥିଲୁ। ଏହି ଅବସରରେ ଆମକୁ ରାଜୀବ ଗାନ୍ଧୀ ଏବଂ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ସହିତ ମିଶିବାର ସୁଯୋଗ ମିଳିଥିଲା। ଏସିଆନ ଗେମ୍ସର ସଫଳ ଆୟୋଜନ ହୋଇଥିବାରୁ ଭାରତରେ ଅଲିମ୍ପିକ୍ସ ଆୟୋଜନ ସମ୍ପର୍କରେ ଚିନ୍ତା କରିବାକୁ ଆମେ ମତ ରଖିଥିଲୁ। ଭାରତରେ ହକିର ଲୋକପ୍ରିୟତା ବହୁତ। ଭୁବନେଶ୍ୱର ଏକ କ୍ଲିନ୍ ସିଟି। ଆମେ ଏଥିରେ ବହୁତ ପ୍ରଭାବିତ। ଭାରତର ଅନ୍ୟ ସହର ଏବଂ ପାକିସ୍ତାନରେ ମଧ୍ୟ ଏପରି ହେବା ଉଚିତ। ନିରାପତ୍ତା ଯୋଗାଇ ଦେଇଥିବାରୁ ଓଡ଼ିଶା ପୋଲିସକୁ ଧନ୍ୟବାଦ ଜଣାଇବାକୁ ଭୁଲି ନ ଥିଲେ ହାସନ। ଶେଷରେ ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା ସମସ୍ତ ଖେଳାଳି ଓ ଅଫିସିଆଲଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପୋଲିସ ଡିଜିପି ଆର୍‌ପି ଶର୍ମା ଗଣମାଧ୍ୟମକୁ କହିଥିଲେ ଯେ ହକି ଖେଳ ପ୍ରତି ତାଙ୍କର ଛୋଟବେଳୁ ଆଗ୍ରହ ରହିଛି। ପାକିସ୍ତାନ କୋଚ ହାସନ ଜଣେ ଆକ୍ରମକ ଖେଳାଳି। ୧୯୮୦ ଦଶକରେ ସେ ସେଣ୍ଟର ଫରୱାର୍ଡ ଭାବେ ଖେଳୁଥିବା ବେଳେ ଉଚ୍ଚକୋଟିର ପ୍ରଦର୍ଶନ କରିଛନ୍ତି। ତେଣୁ ତାଙ୍କ ତତ୍ତ୍ୱାବଧାନରେ ପାକିସ୍ତାନର ସମସ୍ତ ଖେଳାଳି ଭଲ ପ୍ରଦର୍ଶନ କରିବେ। ଏଥିସହ ଭାରତ ଏବଂ ପାକିସ୍ତାନ ଭଲ ଖେଳ ପ୍ରଦର୍ଶନ କରି ଫାଇନାଲରେ ପହଞ୍ଚିବା ନେଇ ଶର୍ମା ଉଭୟ ଦେଶର ଖେଳାଳିଙ୍କୁ ଶୁଭକାମନା ଜଣାଇଛନ୍ତି।

**'ଓଡ଼ିଶାରେ ସ୍ନେହ, ସମ୍ମାନ ଅବିସ୍ମରଣୀୟ'**



କଳିଙ୍ଗ ଷ୍ଟାଡ଼ିୟମ୍ ଭିତରେ ଥିବା 'ଫ୍ୟାନ୍ ଭିଜେଲ' ଭ୍ରମଣ ଅବସରରେ ପାକିସ୍ତାନ ଖେଳାଳି।

### ସି.କେ ନାଇଡୁ ଟ୍ରଫି ନିମନ୍ତେ ରାଜ୍ୟ ଦଳ ଘୋଷିତ

**କଟକ ଅଫିସ, ୩।୧୨:** ସମ୍ବଲପୁରର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଆସନ୍ତା ୮ ତାରିଖରୁ ୨୩ ବର୍ଷରୁ କମ ସି.କେ ନାଇଡୁ ଟ୍ରଫି ଓଡ଼ିଶା-ରେଲୱେ ମଧ୍ୟରେ ମ୍ୟାଚ୍ ଖେଳାଯିବ। ଉକ୍ତ ମ୍ୟାଚ୍ ନିମନ୍ତେ ସୋମବାର ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପକ୍ଷରୁ ୧୫ଜଣିଆ ଦଳ ଘୋଷଣା କରାଯାଇଛି। ଏହି ଟୁର୍ନାମେଣ୍ଟରେ ଏଲିଟ ଗ୍ରୁପ୍-ସିରେ ସ୍ଥାନ ପାଇଥିବା ଓଡ଼ିଶା ୪ଟି ମ୍ୟାଚ୍ ଖେଳିଥିଲେ ମଧ୍ୟ ବିଜୟର ସ୍ୱାଦ ଚାଖିପାରି ନାହିଁ। ୩ଟି ପରାଜୟ ଓ ଗୋଟିଏ ଡ୍ର ସହ ୩ପଏଣ୍ଟ ହାସଲ କରି ଓଡ଼ିଶା ପଏଣ୍ଟ ଟେବୁଲର ୮ମ ସ୍ଥାନରେ ରହିଛି। **ଘୋଷିତ ଦଳ:** ଦେବାଶିଷ ସାମନ୍ତରାୟ (ଅଧିନାୟକ), ଅମ୍ରିତ ଖଟୁଆ (ଉପଅଧିନାୟକ), ସନ୍ଦୀପ ପଟ୍ଟନାୟକ, ବିଶ୍ୱଜିତ ଭୂୟାଁ, କାର୍ତ୍ତିକ ବିଶ୍ୱାଳ, ସୌଭାଗ୍ୟ ମିଶ୍ର, ଜ୍ଞାନଜ୍ୟୋତି ରାୟ(ଉଇକେଟ କିପର), ରାଜକିଶନ ପଟେଲ, ଆଶିଷ ରାୟ, ଐଶକାନ୍ତ ସାହୁ, ସୌରଭ କାନୌଜିଆ, କ୍ଷମା ସାଗର ବଳ(ଉଇକେଟକିପର), ତାରିଣୀ ସ, ସୁନୀଲ ରାଉଳ, ପ୍ରଶାନ୍ତ ପାଣ୍ଡେ। ବିକାଶ ମିଶ୍ର- ମ୍ୟାନେଜର, ସୁରେଶ କୁମାର-କୋଚ୍, ବିଶ୍ୱଜିତ ମହାପାତ୍ର-ଫିଜିଓ, ମହେଶ ମଲ୍ଲ-ଟ୍ରେନର, ସୂର୍ଯ୍ୟନାରାୟଣ ମିଶ୍ର-ନୀରିକ୍ଷକ।

# ଆଇପିଏଲ୍ ଖେଳାଳି ନିଲାମ ୧୮ରେ

**ନୂଆଦିଲ୍ଲୀ, ୩।୧୨ (ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ୨୦୧୯ ପାଇଁ ଖେଳାଳି ନିଲାମ ଚଳିତମାସ ୧୮ ତାରିଖରେ ଜୟପୁରଠାରେ ଅନୁଷ୍ଠିତ ହେବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ ସୋମବାର ଏହା ଘୋଷଣା କରାଯାଇଛି। ଖେଳାଳି ନିଲାମ ଗୋଟିଏ ଦିନରେ ଶେଷ ହେବ। ଏଥିରେ ୫୦ ଭାରତୀୟ ଏବଂ ୨୦ ବିଦେଶୀ ମୋଟ ୭୦ ଖେଳାଳି ଅଂଶଗ୍ରହଣ କରିବେ। ୮ଟି ଦଳ ବୋଲି ଲଗାଇବେ। ଏଥିପାଇଁ ମୋଟ ସେମାନେ ୧୪୫.୨୫ କୋଟି ଟଙ୍କା ବ୍ୟୟ କରିପାରିବେ। ନିଲାମ ପୂର୍ବରୁ ଦଳଗୁଡ଼ିକ ଗତମାସରେ ସେମାନଙ୍କ ରିଟେନଶନ ଖେଳାଳିଙ୍କ ନାମ ତାଲିକା ପ୍ରକାଶ କରିଥିବାବେଳେ କେତେଜଣ ନାମି ଖେଳାଳିଙ୍କୁ ରିଲିଜ କରିଛନ୍ତି। କିଙ୍ଗ୍ସ ଏକାଦଶ ପଞ୍ଜାବ ୟୁବରାଜ ସିଂଙ୍କୁ ରିଲିଜ କରିଥିବାବେଳେ ଦିଲ୍ଲୀ ଡେୟାର ଡେଭିଲ୍ସ ଗୌତମ ଗମ୍ଭୀରଙ୍କୁ ଛାଡ଼ିଥିଲା। ରାଜସ୍ଥାନ ରୟାଲ୍ସ ଜୟଦେବ ଉନାଡ୍‌କଟଙ୍କୁ ୧୧.୫ କୋଟି ଟଙ୍କା ଦେଇ ରିଲିଜ କରିଛି। ସେହିପରି ସନରାଇଜର୍ସ ହାଇଦ୍ରାବାଦ ଆଘାତପ୍ରାପ୍ତ ରିଦ୍ଧିମାନ ଶାହ ଏବଂ ୱେଷ୍ଟଇଣ୍ଡିଜ ଟି୨୦ ଅଧିନାୟକ କାର୍ଲୋସ ବ୍ରାଥୱେଟ୍‌ଙ୍କୁ ରିଲିଜ କରିଛି। ସେହିପରି ମୁମ୍ବାଇ ଇଣ୍ଡିଆନ୍ସ ଜେପି ଡୁମିନି ଏବଂ ଫାଷ୍ଟ ବୋଲିଂ ଯୋଡ଼ି ପ୍ୟାଟ କୁମିନ୍ସ ଓ ବାଂଲାଦେଶର ମୁସ୍ତାଫିଜୁର ରହମନଙ୍କ ଭଳି କେତେଜଣ ଅନ୍ତର୍ଜାତୀୟ ଖେଳାଳିଙ୍କୁ ରିଲିଜ କରିଛି। ଯଦି ନିର୍ବାଚନ ଏକ ସମୟରେ ହୁଏ ତେବେ ଆଇପିଏଲର ୨୦୧୯ ସଂସ୍କରଣର କିଛି ଅଂଶ ଭାରତ ବାହାରେ ହୋଇପାରେ।

### ଧରିତ୍ରୀ ଜନ୍ମଦିନ ବିଶେଷାଙ୍କ
## ହକି ଓଡ଼ିଶାରେ ବିଶ୍ୱ

ଧରିତ୍ରୀର ୪୫ତମ ଜନ୍ମଦିନ ଅବସରରେ ପ୍ରକାଶ ପାଇଛି ଆକର୍ଷଣୀୟ ବିଶେଷାଙ୍କ 'ହକି ଓଡ଼ିଶାରେ ବିଶ୍ୱ'। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେଉଛି ଚତୁର୍ଦ୍ଦଶ ପୁରୁଷ ହକି ବିଶ୍ୱକପ୍। ଏହି ପ୍ରେକ୍ଷାପଟରେ ଓଡ଼ିଶା ହକିର ଅନ୍ତୁଡ଼ିଶାଳ ସୁନ୍ଦରଗଡ଼ ତଥା ହକି ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲେଖ୍ୟ ସହ ଏଥିରେ ରହିଛି ୨୦୧୯: ସିଂହାସନ ପାଇଁ ସଜବାଜ, ହାର୍ଡୱର୍କ ନୁହେଁ ସ୍ମାର୍ଟୱର୍କ, #ମି ଟୁ: ପୁରୁଷ-ଆଧିପତ୍ୟରେ ଚଡ଼କ, ପ୍ଲାଷ୍ଟିକ୍ ଆବର୍ଜନା : ପରିଚାଳନା ଓ ବିକଳ୍ପ, ଶର୍ଟ ଫିଲ୍ମ: ଅଳ୍ପ ଅବଧି, ବେଶୀ ବାର୍ତ୍ତା, ପରଦେଶରେ ଦେଶୀ ଫ୍ୟାଶନ୍। ବିଶିଷ୍ଟ ସାହିତ୍ୟିକା ଡ. ପ୍ରତିଭା ରାୟଙ୍କ ସହ ସାକ୍ଷାତ୍‌କାର ସମେତ ପ୍ରବୀଣ ନବୀନଙ୍କ ଗଳ୍ପ, ପ୍ରବନ୍ଧ, କବିତା ସମ୍ଭାରରେ ଏହି ସଂଖ୍ୟା ସମୃଦ୍ଧ।




ଧରିତ୍ରୀ ବିତରକଙ୍କ ପାଖରେ ଏହି ବିଶେଷାଙ୍କ ଉପଲବ୍ଧ

**ମୂଲ୍ୟ: ୮୦**

**ଯୋଗାଯୋଗ: ଭୁବନେଶ୍ୱର:** ସାଇପ୍ରସାଦ ଦାଶ (୭୮୯୪୪୬୭୨୯୨୦), ସଞ୍ଜୟ ସାହୁ (୯୦୪୦୮୦୦୩୭୪), ସଞ୍ଜୟ ତୋଷ (୭୦୦୮୦୧୯୭୪୩) **କଟକ:** ଜ୍ଞାନେନ୍ଦ୍ର କର (୯୪୩୯୬୭୨୧୧୫)
**ପୁରୀ/ନୟାଗଡ଼:** ଜ୍ୟୋତିପ୍ରକାଶ ଶତପଥୀ (୭୦୦୮୬୮୪୦୪୧) **ଖୋର୍ଦ୍ଧା:** ଅରବିନ୍ଦ ପାଠୀ (୭୦୦୮୯୫୦୪୨୫)
ଦୂରଭାଷ: ୦୬୭୪-୨୫୮୦୧୦୧/୨୫୪୯୩୦୨



'ମାଷ୍ଟର ଟ୍ରେନର' ଟ୍ରେନିଂରେ ଭାଗନେଇଥିବା ଛାତ୍ରୀମାନେ।

### ଫରିଦଙ୍କ ଡବଲ୍ ଗୋଲ: ଫାଓ ଏକାଡେମୀ ବିଜୟୀ

**କଟକ ଅଫିସ,୩।୧୨**

ବୋକାରୋର ମୋହନ କୁମାର ମଙ୍ଗଳମ ଷ୍ଟାଡିୟମରେ ସୋମବାର ଅନୁଷ୍ଠିତ ଏଆଇଏଫ୍‌ଏଫ୍ ୟୁଥ୍ ଲିଗ୍‌ର ଏକ ମ୍ୟାଚ୍‌ରେ ଓଡ଼ିଶାର ଫାଓ ଏକାଡେମୀ ୨-୧ ଗୋଲରେ ସେଲ ବୋକାରୋ ଏକାଡେମୀକୁ ପରାସ୍ତ କରିଛି। କଟକରେ ଏହି ଟୁର୍ନାମେଣ୍ଟର ପ୍ରଥମ ପର୍ଯ୍ୟାୟ ଶେଷ ହେବା ବେଳେ ବୋକାରୋ ଠାରେ ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇଛି। ଫାଓ ଏକାଡେମୀ ପକ୍ଷରୁ ୨୫ତମ ମିନିଟରେ ସେକ୍ ଫରିଦ ପ୍ରଥମ ଗୋଲ ସ୍କୋର କରିଥିଲେ। ୬୯ତମ ମିନିଟରେ ସେଲ ପକ୍ଷରୁ ଗୋଟିଏ ସ୍କୋର ହେବା ସହ ମ୍ୟାଚ୍ ୧-୧ରେ ପହଞ୍ଚିଥିଲା। ପରେ ଫରିଦ ୭୭ତମ ମିନିଟରେ ବ୍ୟକ୍ତିଗତ ଦ୍ୱିତୀୟ ତଥା ମ୍ୟାଚ୍ ବିଜୟୀ ଗୋଲ ସ୍କୋର କରିଥିଲେ। ଫାଓ ଏକାଡେମୀ ପରବର୍ତ୍ତୀ ମ୍ୟାଚ୍ ଆସନ୍ତା ୧୧ ତାରିଖରେ ଜାମସେଦପୁର ବିପକ୍ଷରେ ଖେଳିବ।

### ମାଷ୍ଟର ଟ୍ରେନର ଟ୍ରେନିଂ ଉଦ୍‌ଯାପିତ

**ଭୁବନେଶ୍ୱର,୩।୧୨(ସ୍ପୋର୍ଟ୍ସ ବ୍ୟୁରୋ):** ଉଚ୍ଚଶିକ୍ଷା ବିଭାଗ ତରଫରୁ ବିଭିନ୍ନ ଜିଲାର କଲେଜଗୁଡ଼ିକରୁ ଆସିଥିବା ଦ୍ୱିତୀୟ ବ୍ୟାଚ୍ ଛାତ୍ରୀମାନଙ୍କୁ 'ମାଷ୍ଟର ଟ୍ରେନର' ଟ୍ରେନିଂ ପ୍ରଦାନ କରାଯାଇଛି। ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ତରଫରୁ ହରି ପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାଧାନରେ ତାଲିମ ନେଇଥିବା ଏହି ଛାତ୍ରୀମାନେ 'ମାଷ୍ଟର ଟ୍ରେନର ଭାବେ ସେମାନଙ୍କ କଲେଜରେ ଅନ୍ୟ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ 'ରିଆକ୍ଟ' ଶିଖାଇବେ। ଏହି ଅବସରରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ସଚିବ ପି.କେ. ଦାସ ଯୋଗଦାନ କରି ଛାତ୍ରୀମାନଙ୍କୁ ପୁସ୍ତକ ଓ ସାର୍ଟିଫିକେଟ ପ୍ରଦାନ କରିଥିଲେ।

# ଓଡ଼ିଶାକୁ ବିଜୟ ଦେଲେ ମଧୁସ୍ମିତା

**କଟକ ଅଫିସ,୩।୧୨**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆନୁକୂଲ୍ୟରେ କଟକରେ ଚାଲିଥିବା ସିନିୟର ମହିଳା ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ଏଲିଟ୍ ଗ୍ରୁପ୍-ସି'ର ଏକ ମ୍ୟାଚ୍‌ରେ ସୋମବାର ଓଡ଼ିଶା ୬ ଉଇକେଟରେ ଉତ୍ତରପ୍ରଦେଶକୁ ପରାସ୍ତ କରିଛି। ଓଡ଼ିଶା ଅଧିନାୟିକା ମଧୁସ୍ମିତା ବେହେରାଙ୍କ ଅଲରାଉଣ୍ଡର ପ୍ରଦର୍ଶନ ବଳରେ ଓଡ଼ିଶା ଏହି ମ୍ୟାଚ୍ ଜିତିଛି। ପ୍ରତିଯୋଗିତାରେ ଓଡ଼ିଶାର ଏହା ପ୍ରଥମ ବିଜୟ। ପ୍ରଥମ ମ୍ୟାଚ୍‌ରେ ଘରୋଇ ଦଳ ହାଇଦ୍ରାବାଦଠାରୁ ପରାସ୍ତ ହୋଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଉତ୍ତରପ୍ରଦେଶ ନିର୍ଦ୍ଧାରିତ ୫୦ ଓଭରରେ ୮ ଉଇକେଟ ହରାଇ ୧୪୧ ରନ୍ କରିଥିଲା। ଅଧିନାୟିକା ଆଦିତି ସର୍ବାଧିକ ୪୪ ରନ୍ କରିଥିଲେ। ଓଡ଼ିଶା ଅଧିନାୟିକା ମଧୁସ୍ମିତାଙ୍କୁ ସର୍ବାଧିକ ୪ଟି ଉଇକେଟ ମିଳିଥିଲା। ପ୍ରିୟଙ୍କା ପ୍ରିୟଦର୍ଶିନୀ ୨ଟି, ସୁଜାତା ମଲିକ, ରୋଶନାରା ପରୱିନ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଛନ୍ତି। ଜବାବରେ ମଧୁସ୍ମିତାଙ୍କ ୫୦, ସରିତା ମେହେରାଙ୍କ ୩୪ ଓ କାଦମ୍ବିନୀ ମହାକୁଡ଼ଙ୍କ ଅପରାଜିତ ୨୨ ରନ୍ ବଳରେ ଓଡ଼ିଶା ୪ ଉଇକେଟ ହରାଇ ବିଜୟୀ ହୋଇଥିଲା। ଉତ୍ତରପ୍ରଦେଶ ପକ୍ଷରୁ ରାଶି କନୌଜିଆ ୩ଟି ଉଇକେଟ ହାସଲ କରିଛନ୍ତି।

### ଅପର୍ଣ୍ଣାଙ୍କ ହ୍ୟାଟ୍ରିକ

ସନ୍‌ସାଇନ ଗ୍ରାଉଣ୍ଡରେ ସୋମବାର ଖେଳାଯାଇଥିବା ସିନିୟର ମହିଳା ଏକଦିବସୀୟ ଟୁର୍ନାମେଣ୍ଟର ଜମ୍ମୁ ଓ କଶ୍ମୀର ମ୍ୟାଚ୍‌ରେ ହ୍ୟାଟ୍ରିକ ଉଇକେଟ ଦଖଲ କରିଛନ୍ତି ମଧ୍ୟପ୍ରଦେଶର ଅପର୍ଣ୍ଣା ଶ୍ରୀବାସ୍ତବ। ୩୧ତମ ଓଭରର ଅନ୍ତିମ ୩ଟି ବଲରେ ଜମ୍ମୁ ଓ କଶ୍ମୀରର ୨ଜଣ ବ୍ୟାଟ୍ସମ୍ୟାନଙ୍କୁ କ୍ଲିନ ବୋଲ୍ଡ ଓ ଜଣଙ୍କୁ କ୍ୟାଚ୍ ଆଉଟ କରାଇ ଅପର୍ଣ୍ଣା ଏହି ସଫଳତା ପାଇଛନ୍ତି। ଉକ୍ତ ମ୍ୟାଚ୍‌କୁ ମଧ୍ୟପ୍ରଦେଶ ୮୫ ରନ୍‌ରେ ବିଜୟୀ ହୋଇଛି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୪ ଡିସେମ୍ବର, ୨୦୧୮



ନୀଚ ଲୋକଠାରେ ଯଦି ଉଚ୍ଚ ବିଦ୍ୟା ଥାଏ, ତେବେ ଜାତି ଧର୍ମ ନ ବିଚାରି ତାହା ଗ୍ରହଣ କରିବା ଉଚିତ, ଯେପରି ଶାମୁକା ଭିତରୁ ମୁକ୍ତା ସଂଗ୍ରହ ହୁଏ।
-ବ୍ୟାସଦେବ



## ସଂକ୍ଷେପରେ

### କାଜୁ ଜଙ୍ଗଲରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଆଠଗଡ଼,୩।୧୨(ସ୍ୱ.ପ୍ର.):** ଆଠଗଡ଼ ଥାନା ନୂଆବନ୍ଧ ଗ୍ରାମ ପତଙ୍ଗାତଇଳା କାଜୁ ଜଙ୍ଗଲରୁ ସୋମବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ ଗୁରୁଡିଝାଟିଆ ଥାନା ବଉଳ ଗ୍ରାମର ମଙ୍ଗୁଳି ବେହେରାଙ୍କ ପୁଅ ରବି(୨୫)। ସେ ଦୁଇ ଦିନ ଧରି ନିଖୋଜ ଥିଲେ। ସକାଳୁ କିଛି ଲୋକ କାଠ ଗୋଟାଇବା ପାଇଁ ଜଙ୍ଗଲକୁ ଯାଇଥିଲା ବେଳେ ରବି ଏକ ଗଛରେ ରଶି ଲଗାଇ ଝୁଲୁଥିବା ଦେଖିଥିଲେ। ପରେ ଆଠଗଡ଼ ଥାନାକୁ ଖବର ଦିଆଯାଇଥିଲା। ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଆଠଗଡ ଡାକ୍ତରଖାନାକୁ ଆଣିଥିଲା। ଖବରପାଇ ରବିଙ୍କ ପରିବାର ବର୍ଗ ଡାକ୍ତରଖାନାରେ ପହଞ୍ଚିଥିଲେ। ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ-୫୧/୧୮)ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିବା ସହ ମୃତଦେହ ବ୍ୟବଚ୍ଛେଦ କରି ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି।

### ମାସିକ ସାହିତ୍ୟ ଆସରର ମୁଖପତ୍ର 'ପଲ୍ଲବୀ' ଉନ୍ମୋଚିତ

**ବାଙ୍କୀ,୩।୧୨(ସ୍ୱ.ପ୍ର.):** ବାଙ୍କୀ ମାସିକ ସାହିତ୍ୟ ଆସରର ୧୭୪ତମ ଅଧିବେଶନ ପ୍ରେସ୍ କ୍ଲବ ବିଦ୍ୟାରତ୍ନ ଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନ ସଭାପତି ଇଂ.ସତ୍ୟବ୍ରତ ରଥ ଅଧକ୍ଷତା କରିଥିଲେ। ସମ୍ପାଦକ ଜ୍ଞାନେନ୍ଦ୍ର ମୋହନ ମିଶ୍ର ସ୍ୱାଗତ ଭାଷଣ ଦେଇ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ମୁଖପତ୍ର 'ପଲ୍ଲବୀ' ସଭାପତି ରଥ, ସମ୍ପାଦକ ମିଶ୍ର, ବରିଷ୍ଠ କବି ଦେବେନ୍ଦ୍ର ନାଥ ବେହେରା, ହରିହର ସ୍ୱାଇଁ, ପବନୀ ଜେନା ଓ ଭଗବାନ ସାମଲ ପ୍ରମୁଖଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ପଲ୍ଲବୀ ସମ୍ପାଦକ ଭଗବାନ ସାମଲ ପୁସ୍ତକ ଉପରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ଏହାପରେ ସାମଲଙ୍କ ସଂଯୋଜନାରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କବୟିତ୍ରୀ ମୃଣ୍ମୟୀ ପରିଡା, ବିଦ୍ୟୁତ୍‌ଲତା ଭୂୟାଁ, ଚନ୍ଦ୍ରକାନ୍ତି ସିଂହ, ସରୋଜିନୀ ସାହୁ, ଅମୂଲ୍ୟବାଳା ପଟ୍ଟନାୟକ, ଶକୁନ୍ତଳା ମଲିକ, ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ, ରବୀନ୍ଦ୍ର ଛୋଟରାୟ, ସୁଦର୍ଶନ ସାହୁ ଓ ଜଗଦେବ ରାଉତ ପ୍ରମୁଖ କବି ଯୋଗଦେଇ ସେମାନଙ୍କ ସ୍ୱରଚିତ କବିତା ପାଠ କରିଥିଲେ।

### ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ରୌପ୍ୟ ଜୟନ୍ତୀ ପ୍ରସ୍ତୁତି

**ସାଲେପୁର,୩।୧୨(ଡି.ଏନ.ଏ.):** ସାଲେପୁର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ରୌପ୍ୟ ଜୟନ୍ତୀ ଉତ୍ସବ ଆସନ୍ତା ୨୨ରୁ୨୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏନେଇ ଏକ ପ୍ରସ୍ତୁତି ବୈଠକ ଶିକ୍ଷାକେନ୍ଦ୍ର ସଭାପତି ହରିହର ମଲ୍ଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶିକ୍ଷାକେନ୍ଦ୍ରର ସମସ୍ତ ସଦସ୍ୟ ଯୋଗ ଦେଇଥିଲେ। ୧୬ରେ ଶିକ୍ଷାକେନ୍ଦ୍ର ପରିସରରେ ନୃତ୍ୟ, ଗୀତ ଓ ବକ୍ତୃତା ପ୍ରତିଯୋଗିତା ବ୍ଲକ୍‌ସ୍ତରରେ ହେବାକୁ ସ୍ଥିର କରାଯାଇଥିଲା। ୨୨ରେ ମା'ମାନଙ୍କ ଦ୍ୱାରା ରୋଷେଇ ପ୍ରତିଯୋଗିତା କରାଯିବା ସହ ସନ୍ଧ୍ୟାରେ ହାଇସ୍କୁଲ ପଡ଼ିଆରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହେବ। ୩ ଦିନ ଧରି ହେବାକୁ ଥିବା କାର୍ଯ୍ୟକ୍ରମରେ ରାଜ୍ୟର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେବେ। ପୁରାତନ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସମାବେଶ ଓ ସମ୍ବର୍ଦ୍ଧନା ସଭା ହେବ। କାର୍ଯ୍ୟକ୍ରମରେ ସମସ୍ତ ଅଭିଭାବକ ସହଯୋଗ କରିବାକୁ କୁହାଯାଇଛି। ବୈଠକରେ ସମ୍ପାଦକ ଅକ୍ଷୟ ଦାଶ, ଅଧକ୍ଷ ଭାବଗ୍ରାହୀ ସ୍ୱାଇଁ, କୋଷାଧକ୍ଷ ଗୋପବନ୍ଧୁ ଭୂୟାଁ ଓ ବରିଷ୍ଠ ସଭ୍ୟ ଅଶ୍ୱିନୀ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

**ନେମାଳ,୩।୧୨(ଡି.ଏନ.ଏ.):** ନେମାଳ ଥାନା ଅଧୀନ ବାଲିଆପଦା ଉଚ୍ଚ ବିଦ୍ୟାଳୟ ୧୯୯୭ ମସିହା ମାଟ୍ରିକ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଓ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କ୍ଷୀରୋଦ ପଣ୍ଡାଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ କାର୍ତ୍ତିକ ଚନ୍ଦ୍ର ଦାସ, ମୁଖ୍ୟବକ୍ତା ପ୍ରମୋଦ ଦାଶ, ସମ୍ମାନିତ ଅତିଥି ପ୍ରଧାନଶିକ୍ଷକ କ୍ଷୀରୋଦ ସେନାପତି, ଶିକ୍ଷାଜ୍ୟୋତି ଲକ୍ଷ୍ମୀନାରାୟଣ ବରାଳ, ପରିଚାଳନା କମିଟି ସଭାପତି ବୈଷ୍ଣବ ଚରଣ ବରାଳ ପ୍ରମୁଖ ଉପସ୍ଥିତ ରହି ଚାରାରୋପଣ କରିବା ସହିତ ବନ୍ଧୁ ମିଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ପ୍ରଶାନ୍ତ ବରାଳ, ଅକ୍ଷୟ ସିଂ, ପ୍ରମିଳା ତ୍ରିପାଠୀ, ନିରଞ୍ଜନ ପଣ୍ଡା, ସୁନାକର ସେଠୀ ପ୍ରମୁଖ ଯୋଗଦେଇଥିଲେ। ଚାରାରୋପଣ କାର୍ଯ୍ୟକ୍ରମରେ ପୁରାତନ ଛାତ୍ରୀଛାତ୍ରଙ୍କ ସହ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଅଭିଭାବକ ସାମିଲ ହୋଇଥିଲେ।

# ବନ୍ଦ ହେବ ଗୁଡ୍ ନ୍ୟୁଜ୍ ଇଣ୍ଡିଆ ହଷ୍ଟେଲ

**କଟକ ଅଫିସ, ୩।୧୨**

■ **୪୮** ଅନ୍ତେବାସୀ ସ୍ଥାନାନ୍ତର ହେଲେ

■ **୩୮** ଜଣଙ୍କୁ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି

ଚୌଦ୍ୱାରଠାରେ ଥିବା ଗୁଡ୍ ନ୍ୟୁଜ୍ ଇଣ୍ଡିଆ ହଷ୍ଟେଲ ବନ୍ଦ କରାଯିବ। ସମସ୍ତ ଅନ୍ତେବାସୀଙ୍କୁ ଥଇଥାନ କରାଯିବା ପରେ ହଷ୍ଟେଲକୁ ବନ୍ଦ କରାଯିବ। ସୋମବାର ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଓ ଜିଲା ଶିଶୁ ମଙ୍ଗଳ କମିଟିର କର୍ମକର୍ତ୍ତାମାନେ ହଷ୍ଟେଲ୍‌କୁ ଯାଇ ଅନ୍ତେବାସୀଙ୍କ ଥଇଥାନ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ପ୍ରଥମ ଦିନରେ ୪୮ ଜଣ ପିଲାଙ୍କୁ ହଷ୍ଟେଲ୍‌ରୁ କଢ଼ାଯାଇଛି। ତନ୍ମଧ୍ୟରୁ ୩୮ଜଣଙ୍କୁ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଥିବାବେଳେ ୧୦ ଜଣଙ୍କୁ ନିକଟରେ ଥିବା ସର୍ଭ୍ୟାଣ୍ଟ ଇଣ୍ଡିଆ ସୋସାଇଟି ନାମକ ଶିଶୁ ଯତ୍ନ ଅନୁଷ୍ଠାନକୁ ସ୍ଥାନାନ୍ତର କରାଯାଇଛି। କାରଣ ଏହି ୧୦ ଜଣ ପିଲା ନବମ, ଦଶମ ଶ୍ରେଣୀରେ ପାଠ ପଢୁଛନ୍ତି। ଆଗକୁ ସେମାନଙ୍କର ପରୀକ୍ଷା ଆସୁଥିବାରୁ ସେମାନଙ୍କୁ ସେଠାରେ ଥଇଥାନ କରିବା ପାଇଁ ସେମାନଙ୍କ ପରିବାର ଲୋକେ ସମ୍ମତି ଦେଇଥିବା ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତି ସୂଚନା ଦେଇଛନ୍ତି। ସେହିପରି ବାକି ୩୮ ଜଣ ପିଲାଙ୍କୁ ସେମାନଙ୍କ ପରିବାର ଲୋକଙ୍କୁ ଡାକି ହସ୍ତାନ୍ତର କରାଯାଇଛି। ବାକି ଅନ୍ତେବାସୀମାନଙ୍କୁ ଦୁଇଦିନ ମଧ୍ୟରେ ସ୍ଥାନାନ୍ତର କରାଯିବ ବୋଲି ଅଧିକାରୀ ମହାନ୍ତି ସୂଚନା ଦେଇଛନ୍ତି। ତେବେ ଏହି ହଷ୍ଟେଲ୍‌ଟି ଅଣପଞ୍ଜୀକୃତ। ହଷ୍ଟେଲ ଚଳାଇବା ପାଇଁ ଆବଶ୍ୟକ ଗାଇଡ୍‌ଲାଇନ ଅନୁସରଣ କରାଯାଇ ନ ଥିବାରୁ ତାହାକୁ ବନ୍ଦ କରିବା ପାଇଁ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଜିଲାପାଳଙ୍କୁ ସୁପାରିସ କରିଥିଲା। ସୁପାରିସ ଆଧାରରେ ଭାରପ୍ରାପ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ ଉକ୍ତ ହଷ୍ଟେଲ୍‌କୁ ବନ୍ଦ କରିବା ପାଇଁ ଆଦେଶ ଦେଇଥିବା ଶିଶୁ ସୁରକ୍ଷା ଅଧିକାରୀ ମହାନ୍ତି ସୂଚନା ଦେଇଛନ୍ତି।

ସୂଚନାଥାଉ କି, ଢେଙ୍କାନାଳର ଗୁଡ୍ ନ୍ୟୁଜ୍ ଇଣ୍ଡିଆ ଡ୍ରିମ ସେଣ୍ଟରରେ ଘଟିଥିବା ଯୌନ ଶୋଷଣ ଘଟଣା ପରେ କଟକ ପ୍ରଶାସନର ଚେତା ପଶିଥିଲା। ଉକ୍ତ ସଂସ୍ଥାର ଏକ ହଷ୍ଟେଲ୍ ଚୌଦ୍ୱାରଠାରେ ବିନା ପଞ୍ଜୀକରଣରେ ୨ ବର୍ଷ ହେବ ଚାଲିଥିବା ଜଣାପଡ଼ିଥିଲା। ଗତ ଶନିବାର ଜିଲା ଶିଶୁ ମଙ୍ଗଳ କମିଟି ଓ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ହଷ୍ଟେଲ୍ ସମ୍ପର୍କରେ ଖୋଳତାଡ଼ କରାଯାଇଥିଲା। ହଷ୍ଟେଲ୍ ରେଜିଷ୍ଟର ଅନୁଯାୟୀ ସେଠାରେ ୧୫୪ ଜଣ ଅନ୍ତେବାସୀ ରହୁଥିବା ଜଣାପଡ଼ିଥିଲା।



ବିଜୁ ସେତୁର ଶିଳାନ୍ୟାସ କରୁଛନ୍ତି ମନ୍ତ୍ରୀ ପ୍ରତାପ ଜେନା।

# ଚିତ୍ରୋତ୍ପଳା ନଦୀରେ ବିଜୁ ସେତୁ ପାଇଁ ଶିଳାନ୍ୟାସ

**ନିଶ୍ଚିନ୍ତକୋଇଲି/ନେମାଳ,୩/୧୨ (ସ୍ୱ.ପ୍ର./ଡି.ଏନ.ଏ.)**

ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ନଗସପୁର ନିକଟ ଚିତ୍ରୋତ୍ପଳା ନଦୀରେ ବିଜୁ ସେତୁ ପାଇଁ ସୋମବାର ଶିଳାନ୍ୟାସ କରାଯାଇଛି। ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ଏହାର ଶିଳାନ୍ୟାସ କରିଛନ୍ତି। ଏଥିସହ ନରେନ୍ଦ୍ରପୁର, ଦାଉଦପୁର ଓ ନଗସପୁର ପଞ୍ଚାୟତରେ ବହୁ ଉନ୍ନୟନମୂଳକ କାର୍ଯ୍ୟର ଶିଳାନ୍ୟାସ ଓ କେତେକ ପ୍ରକଳ୍ପକୁ ମନ୍ତ୍ରୀ ଜେନା ଉଦ୍‌ଘାଟନ କରିଛନ୍ତି। ନରେନ୍ଦ୍ରପୁର ସେକସନ ବଜାରରେ ପୋଲିସ ବିଟ ହାଉସ ଲୋକାର୍ପଣ କରିଥିଲେ। ପରେ ନରେନ୍ଦ୍ରପୁର ସେବା ସମବାୟ ସମିତି କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ସେହିପରି ଦାଉଦପୁର ପଞ୍ଚାୟତରେ ତାରିଣୀ କୋଠ ଘର ଲୋକାର୍ପଣ କରିଥିଲେ। ପରେ ସଙ୍କୁନ୍ତଳା ବିଦ୍ୟାନିକେତନ ନୂତନ ଗୃହର ଉଦ୍‌ଘାଟନ କରିବା ସହ ଏକ କଲ୍ୟାଣ ମଣ୍ଡପ ପାଇଁ ଶିଳାନ୍ୟାସ କରିଥିଲେ। ହରଚଣ୍ଡି ଶାରିରୀକ, ମାନସିକ ଅନଗ୍ରସର ବିଦ୍ୟାଳୟରେ ପହଞ୍ଚି ଭିନ୍ନକ୍ଷମଙ୍କ ସହ ଜନ୍ମଦିନ ପାଳିଥିଲେ। ଅପରାହ୍ନରେ ନଗସପୁର ପଞ୍ଚାୟତ ଚକରପଡିଆ ନିକଟରେ ପହଞ୍ଚି ଚିତ୍ରୋତ୍ପଳା ନଦୀରେ ୧୮.୩୪ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ବିଜୁ ସେତୁର ଶିଳାନ୍ୟାସ କରିଥିଲେ। ସନ୍ଧ୍ୟାରେ ଅଶୋକ ଓଝାଙ୍କ ସଭାପତିତ୍ୱରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ଜେନା ଯୋଗଦେଇ ଶିଳାନ୍ୟାସ ହୋଇଥିବା ସେତୁ ଲୁଣା ଚିତ୍ରୋତ୍ପଳା ଦ୍ୱୀପାଞ୍ଚଳ ଗମନା ଗମନକୁ ସୁଗମ କରିବା ସହ କଟକ ଓ ଜଗତ୍‌ସିଂହପୁର ଜିଲାକୁ ଏହା ସଂଯୋଗର ସେତୁ ହେବ ବୋଲି କହିଥିଲେ। ସଭାରେ ବ୍ଲକ ଅଧକ୍ଷା ସବିତା ଓଝା, ଜିଲା ପରିଷଦ ସଭ୍ୟା ଗୀତାଞ୍ଜଳି ପଣ୍ଡା, ବ୍ଲକ ବିଜେଡି ପର୍ଯ୍ୟବେକ୍ଷକ ବିବେକାନନ୍ଦ ସାମନ୍ତରାୟ, ସରପଞ୍ଚ ହିମାଂଶୁ ଭୂୟାଁ ଓ ଗିରିଶ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ନଗେନ୍ଦ୍ର ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।



ରଗଡ଼ି ସିଟି ସ୍କୁଲ ଛାତ୍ରୀଛାତ୍ର ଧାରଣାରେ ବସିଛନ୍ତି।

# ରଗଡ଼ି ସିଟି ସ୍କୁଲ ଛାତ୍ରୀଛାତ୍ରଙ୍କ ଧାରଣା

**ବାଙ୍କୀ,୩।୧୨(ବି.ପ୍ର.)**

ସୋମବାର ସ୍ଥାନୀୟ ରଗଡି ସିଟି ସ୍କୁଲ ଛାତ୍ରୀଛାତ୍ର ସ୍କୁଲ ପରିସରରେ ଧାରଣାରେ ବସିଛନ୍ତି। ସରକାର ଜାତୀୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନର ବେସରକାରୀ ଛାତ୍ରୀଛାତ୍ରଙ୍କୁ ଓଟିଇଟି ପରୀକ୍ଷା ଦେବାର ସୁଯୋଗ ଦେଉଥିବା ପ୍ରତିବାଦରେ ରାଜ୍ୟବ୍ୟାପୀ ସରକାରୀ ପ୍ରାଥମିକ ଶିକ୍ଷକ ଶିକ୍ଷାନୁଷ୍ଠାନ ଛାତ୍ରୀଛାତ୍ରଙ୍କ ବିକ୍ଷୋଭ ଆରମ୍ଭ ହୋଇଛି। ଗତ ୧ ତାରିଖରୁ ରଗଡି ପ୍ରାଥମିକ ଶିକ୍ଷକ ଶିକ୍ଷାନୁଷ୍ଠାନ ପକ୍ଷରୁ ବାଙ୍କୀ ଉପଜିଲାପାଳ ଓ ଡମପଡା ବ୍ଲକ ଶିକ୍ଷାଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇ ମୁକ୍ତ ବିଦ୍ୟାଳୟ ଅନ୍ତର୍ଗତ ବେସରକାରୀ ଛାତ୍ରୀଛାତ୍ରଙ୍କୁ ଓଟିଇଟି ପରୀକ୍ଷା ଦେବାର ସୁଯୋଗ ବ୍ୟବସ୍ଥା ବନ୍ଦ ନ କଲେ ଆନ୍ଦୋଳନ ଡାକରା ଦେଇଥିଲେ। ସେହି ଅନୁସାରେ ସୋମବାର ରଗଡି ପ୍ରାଥମିକ ଶିକ୍ଷକ ଶିକ୍ଷାନୁଷ୍ଠାନରେ ଅଧ୍ୟୟନରତ ଛାତ୍ରୀଛାତ୍ର ଶ୍ରେଣୀ ବର୍ଜନ କରିବା ସହିତ ବିଦ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣାରେ ବସିଛନ୍ତି। ଛାତ୍ର ନେତା ସିପୁନ ସାମଲ ଓ ଅମରଜ୍ୟୋତି ପାତ୍ରଙ୍କ ନେତୃତ୍ୱରେ ବିଷ୍ଣୁଚରଣ ସାହୁ, ସମୀର କୁମାର ସାହୁ, ସୁଧାଂଶୁ ଶେଖର ଦାସ, ସନ୍ତୋଷ ସାହୁ, ରୋମିନା ରାମ, ପୁଷ୍ପାଞ୍ଜଳି ମୁଦୁଲି, ବନସ୍ମିତା ସାହୁ, ନିଲମ ବେହେରା, ବୁଙ୍ଗା ମାରାଣ୍ଡି ପ୍ରମୁଖ ୧ମ ଓ ୨ୟ ବର୍ଷର ସମସ୍ତ ଛାତ୍ରୀଛାତ୍ରୀ ଧାରଣାରେ ବସିଥିଲେ। ଆସନ୍ତା ୧୦ତାରିଖ ଓଟିଇଟି ପରୀକ୍ଷା ଫର୍ମ ଫିଲପ୍‌ର ଶେଷ ତାରିଖ ଥିବାରୁ ସିଟି ସ୍କୁଲର ଛାତ୍ରୀଛାତ୍ର ସେଦିନ ପର୍ଯ୍ୟନ୍ତ ଶ୍ରେଣୀ ବର୍ଜନ କରି ବିଦ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ଛାତ୍ର ନେତା ସୂଚନା ଦେଇଛନ୍ତି।

## କଂଗ୍ରେସର ସାଙ୍ଗଠନିକ ବୈଠକ

**ଆଠଗଡ଼,୩।୧୨(ସ୍ୱ.ପ୍ର.)**

ଆଠଗଡ଼ ବ୍ଲକ ୧ନଂ ଜୋନ୍ କଂଗ୍ରେସର ସାଙ୍ଗଠନିକ ବୈଠକ ସୋମବାର ସ୍ଥାନୀୟ ଚନ୍ଦନ କଲ୍ୟାଣ ମଣ୍ଡପଠାରେ ଜୋନ୍ ସଭାପତି ଅକ୍ଷୟ କୁମାର ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପିସିସି ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ଉମା ବଲ୍ଲଭ ରଥ ମୁଖ୍ୟ ଅତିଥିଭାବେ ଯୋଗଦାନ କରି ରାଜ୍ୟ ସରକାରଙ୍କ ବିରୋଧରେ ଜନ ସଚେତନତା ସୃଷ୍ଟି କରିବା ପାଇଁ ଦଳୀୟ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ବୈଠକରେ ଜୋନ ନଂ ୧ ଅନ୍ତର୍ଗତ ୧୦ ପଞ୍ଚାୟତରୁ ଶତାଧିକ କର୍ମୀ ଯୋଗଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଦାନନ୍ଦ ପଟ୍ଟନାୟକ, ସୁନୀଲ ସୁତାର, ବାଞ୍ଛାନିଧି ରାଉତ, ରବୀନ୍ଦ୍ର ନାଥ ରାଉତ, ସୁକାନ୍ତି ସାହୁ, ଶିନିବାସ ସ୍ୱାଇଁ, ସୁଦର୍ଶନ ସାହୁ, ଜୋନ ନଂ ୩ ସଭାପତି ମଙ୍ଗୁଳି ଚରଣ ପାଣି, ନରେଶ ଦାଶ ଓ ଦେବପ୍ରସାଦ ମହାନ୍ତି ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆଠଗଡ ଯୁବ କଂଗ୍ରେସ ସଭାପତି ମନୋରଞ୍ଜନ ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ନଗର କଂଗ୍ରେସ ସଭାପତି ମାନସ ରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ସମବାୟ ବ୍ୟାଙ୍କର ବାର୍ଷିକ ସଭା

**ବାଙ୍କୀ,୩।୧୨(ସ୍ୱ.ପ୍ର.)**

ବାଙ୍କୀ କ୍ରେଡିଟ୍ ସମବାୟ ବ୍ୟାଙ୍କର ବାର୍ଷିକ ସାଧାରଣ ସଭା ବାଙ୍କୀ କଲେଜ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କ ସଭାପତି ଦେବରାଜ ରଣା ଏଥିରେ ଅଧକ୍ଷତା କରିଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ କୃତ୍ତିବାସ ପଣ୍ଡା ସ୍ୱାଗତ ଭାଷଣ ଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ସଭାରେ ବିଗତ ସାଧାରଣ ଅଧିବେଶନର ବିବରଣୀ ପାଠ କରାଯାଇ ଦୃଢ଼ୀକରଣ କରାଯାଇଥିଲା। ୨୦୧୭-୧୮ବର୍ଷର ବିବରଣୀ ସଭାପତି ଉପସ୍ଥାପନ କରିବା ସହ ସଭ୍ୟମାନେ ପ୍ରତ୍ୟେକ ବିଷୟରେ ଆଲୋଚନା କରିଥିଲେ। ସଭ୍ୟ ବିରଞ୍ଚି ନାରାୟଣ ଦାସ, ଶରତ ଚନ୍ଦ୍ର ବାରିକ, ଡ.କଲ୍ୟାଣୀ ପଟ୍ଟନାୟକ, ଅଚ୍ୟୁତା ନନ୍ଦ ସାହୁ ଓ ସର୍ବେଶ୍ୱର ନାୟକଙ୍କ ସମେତ ବହୁ ସଦସ୍ୟ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଲୁଟ୍ ଘଟଣା: ୨ କୋର୍ଟଚାଲାଣ

**ଫୁଲନଖରା, ୩।୧୨(ଡି.ଏନ୍.ଏ.)**

ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାର ମହିଳା କର୍ମଚାରୀଙ୍କଠାରୁ ଟଙ୍କା ଓ ଆକ୍ଟିଭା ସ୍କୁଟି ଲୁଟ୍ ଘଟଣାରେ କଟକ ସଦର ପୋଲିସ ୨ ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ପୁରୀ ସଦର ଥାନା ଅଧୀନ ଛତିଅଣା ଗ୍ରାମର ବିଭୂତି ଭୂଷଣ ତ୍ରିପାଠୀ ଓ ବଳଙ୍ଗା ଥାନା ବିଧାରପୁର ଅଞ୍ଚଳର ହିମାଂଶୁ ପଣ୍ଡା। ଏ ନେଇ ଥାନାରେ ମାମଲା(ନଂ. ୪୫୧/୧୮) ରୁଜୁ ହୋଇଛି। ସଦର ଥାନା ଅଧୀନ ଭାଣପୁର ପୀରବଜାର ଅଞ୍ଚଳର ଲିପି ଦାସ ଏକ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାରେ କାର୍ଯ୍ୟ କରନ୍ତି। ଶନିବାର ସେ ଗୋବିନ୍ଦପୁର ନୂଆଗାଁ ଅଞ୍ଚଳରୁ ଅର୍ଥ ଆଦାୟ କରି ସ୍କୁଟିରେ ଅଫିସ୍‌କୁ ଫେରୁଥିଲେ। ସେହି ସମୟରେ ଏକ ପଲ୍‌ସରରେ ପିଛା କରୁଥିବା ୩ ଯୁବକ ଫୁଲନଖରା-ଗୋବିନ୍ଦପୁର ରାସ୍ତାର ବାଇଁଲୋ ନିକଟସ୍ଥ ଝାଉଁ ଜଙ୍ଗଲଠାରେ ତାଙ୍କୁ ଅଟକାଇ ଲୁଟ୍ କରିଥିଲେ। ପରେ ଜଣେ ଯୁବକ ପଲ୍‌ସରରେ ଫେରାର ହୋଇଯାଇଥିବାବେଳେ ଅନ୍ୟ ୨ ସ୍କୁଟିରେ ଯାଉଥିଲେ। ମହୀଧରପଡା ଡାକ୍ତରଖାନା ଛକ ଖଣ୍ଡାଗର ନିକଟରେ ସ୍କୁଟି ସହ ଅଭିଯୁକ୍ତ ଦ୍ୱୟ ତଳେ ପଡିଯାଇଥିଲେ। ଏହି ସମୟରେ ସ୍ଥାନୀୟ ଲୋକେ ଉଠାଇବାକୁ ଆସିବାରୁ ସେମାନେ ସ୍କୁଟି ଛାଡି ଦୌଡିଥିଲେ। ଏହା ଦେଖି ସନ୍ଦେହ ହେବାରୁ ସ୍ଥାନୀୟ ଲୋକେ ସେମାନଙ୍କ ପିଛା କରିଥିଲେ। ଅଭିଯୁକ୍ତ ଦ୍ୱୟ ସେମାନଙ୍କୁ ଭୟଭୀତ କରିବା ପାଇଁ ୨ ରାଉଣ୍ଡ ଫାଙ୍କା ଗୁଳିଚାଳନା କରି ଧାନବିଲରେ ଲୁଚି ଯାଇଥିଲେ। ପରେ ସ୍ଥାନୀୟ ଲୋକେ ସେମାନଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ।

# ସ୍କୁଲ ନିକଟରେ ଖୋଲାରେ ଚାଲିଛି ତମାଖୁ ବିକ୍ରି

**କଟକ ଅଫିସ,୩।୧୨**

ତମାଖୁ ଜାତୀୟ ପଦାର୍ଥର ବାଣିଜ୍ୟ, ଉତ୍ପାଦ, ବିକ୍ରୟ ଏବଂ ପ୍ରସାର ନିଷେଧ ନିମନ୍ତେ ଦେଶରେ ଲାଗୁ ହୋଇଛି ସିଗାରେଟ ଓ ଅନ୍ୟ ତମାଖୁ ଉତ୍ପାଦ ଅଧିନିୟମ ୨୦୦୩ ବା କୋଟପା (COTPA) ଆକ୍ଟ। ଏହି ନିୟମ ଅନୁଯାୟୀ କୌଣସି ବିଦ୍ୟାଳୟଠାରୁ ଶହେ ମିଟର ପରିଧି ମଧ୍ୟରେ ତମାଖୁ ବିକ୍ରୟ ଏବଂ ଏଥିପାଇଁ ପ୍ରୋତ୍ସାହନ ଦଣ୍ଡନୀୟ ଅପରାଧ। ଏହି ନିୟମକୁ କଡ଼ାକଡ଼ି ପାଳନ କରିବାକୁ ୨୦୧୩ରୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ରହିଛି। ହେଲେ କଟକ ସହରରେ ଏହାର ଖୋଲା ଉଲ୍ଲଂଘନ କରାଯାଉଛି। ପୋଲିସ ପକ୍ଷରୁ ଏନେଇ ସାମାନ୍ୟତମ ଯାଞ୍ଚ ହେଉନାହିଁ ବୋଲି ଅଭିଯୋଗ କରିଛନ୍ତି ସମାଜସେବୀ ସୁଧାଂଶୁ ପରିଡା ଓ ସୂଚନା ଅଧିକାର କର୍ମୀ ଜିତେନ୍ଦ୍ର କୁମାର।

ସହରର ବାଦାମବାଡି, ଖାନନଗର, ଚଣ୍ଡିଛକ, ଚୌଧୁରୀବଜାର, ହାଇକୋର୍ଟ ଛକ, ମିଶନରୋଡ ଆଦି ଅଞ୍ଚଳର ବହୁ ସ୍କୁଲ କାନ୍ଥକୁ ଲାଗି ଏବଂ ଖୁବ୍ ନିକଟରେ ଖୋଲାଖୋଲି ତମାଖୁ ଏବଂ ସିଗାରେଟ ବିକ୍ରି ଚାଲିଛି। ଏହାକୁ ରୋକିବା ପାଇଁ କାହାରି ଆନ୍ତରିକତା ଥିବା ଭଳି ମନେ ହେଉନାହିଁ। ଉଦାହରଣ ଭାବେ ମିଶନରୋଡ ନିକଟ ଏକ ଘରୋଇ ସ୍କୁଲ କାନ୍ଥକୁ ଲାଗି ରହିଥିବା ପାନଦୋକାନ ଏବଂ ବାଦାମବାଡି ଅଞ୍ଚଳର ଏକ ଉଚ୍ଚ ପ୍ରାଥମିକ ସରକାରୀ ସ୍କୁଲର ପ୍ରବେଶ ପଥ ନିକଟ ଦୁଇଟି ଦୋକାନକୁ ନିଆଯାଇପାରେ, ଯେଉଁଠି ସିଗାରେଟ, ଗୁଟ୍‌ଖା, ଶତାବରୀ ଭଳି ତମାଖୁ ସାମଗ୍ରୀ ବିକ୍ରି ହେଉଛି। ବାଦାମବାଡିର ଉକ୍ତ ପ୍ରାଥମିକ ସରକାରୀ ସ୍କୁଲର ପ୍ରଧାନଶିକ୍ଷକ କହିଛନ୍ତି, ଆମ ସ୍କୁଲଠାରୁ ଶହେ ମିଟର ପରିଧି ମଧ୍ୟରେ କିଛି ଦୋକାନରେ ତମାଖୁ ବିକ୍ରି ହେଉଛି। ଏହା ଦଣ୍ଡନୀୟ ଅପରାଧ ହୋଇଥିଲେ ମଧ୍ୟ ମୁଁ ଏହାକୁ ସେତେ ଗୁରୁତ୍ୱର ସହ ଚିନ୍ତା କରିନାହିଁ। ଫଳରେ ଏନେଇ ଥାନାକୁ ଜଣାଇନାହିଁ। ଡିସିପି ଅଖିଳେଶ୍ୱର ସିଂ ସ୍ୱୀକାର କରିଛନ୍ତି ଯେ, ଉପରୋକ୍ତ ନିୟମ ପାଳନ ସଂକ୍ରାନ୍ତରେ ପୋଲିସ ପକ୍ଷରୁ ନିୟମିତ ଯାଞ୍ଚ ହୋଇପାରୁନାହିଁ। ଯଦି କିଛି ଅଭିଯୋଗ ଆସେ କିମ୍ବା କୌଣସି ସ୍କୁଲ କର୍ତ୍ତୃପକ୍ଷ ସୂଚନା ଦିଅନ୍ତି, ତାହାହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମିଶନରୋଡ ଅଞ୍ଚଳର ଉକ୍ତ ଘରୋଇ ସ୍କୁଲ ନିକଟ ପାନଦୋକାନୀ କହିଛନ୍ତି ଯେ, ଲୋକଙ୍କ ଚାହିଦା ଦେଖି ତମାଖୁ ଜାତୀୟ ଜିନିଷ ବିକୁଛୁ। ଯଦି ଉତ୍ପାଦ ବନ୍ଦ ହୁଅନ୍ତା ତେବେ ନା ଆମେ ରଖନ୍ତୁ ନା ଗ୍ରାହକ ମାଗନ୍ତେ।

# ଭାଜପାରେ ଯୋଗଦେଲେ ବିଜେଡି କର୍ମୀ

**ଲଳିତଗିରି,୩।୧୨(ସ୍ୱ.ପ୍ର.)**

ବିଜେଡି କାର୍ଯ୍ୟରେ ଅସନ୍ତୁଷ୍ଟ ହୋଇ ମାହାଙ୍ଗା ବ୍ଲକ ବାସୁଦେବପୁର ପଞ୍ଚାୟତ ୧୯ନଂ ୱାର୍ଡର ବହୁ ଜନସାଧାରଣ ଭାଜପାରେ ଯୋଗଦାନ କରିଛନ୍ତି। ଭାଜପା ନେତା ସାରଦା ପ୍ରଧାନଙ୍କ ଉପସ୍ଥିତି ଓ ୱାର୍ଡ ସଭ୍ୟ ପର୍ଶୁରାମ ପାଢୀଙ୍କ ନେତୃତ୍ୱରେ କପିଳ ଜେନା, ରଘୁନାଥ ଜେନା, ମେଘନାଥ ଜେନା, ଜଗବନ୍ଧୁ ଜେନା, ବନମାଳି ଜେନା, ଚଗଲି ଜେନା ଓ ଅନନ୍ତକିଶୋର ଜେନା ପ୍ରମୁଖ ଏହି ଦଳରେ ସାମିଲ ହୋଇଛନ୍ତି। ଜିତେନ୍ଦ୍ର ଶତପଥୀ, କୁଳମଣି ବରାଳ, ଜୟନ୍ତ ବଳ ଓ ଯଯାତି ମହାନ୍ତି ପ୍ରମୁଖ ମିଶ୍ରଣ ପର୍ବରେ ଉପସ୍ଥିତ ଥିଲେ। ଏହି ଯୋଗଦାନ ମାହାଙ୍ଗାରେ ଭାଜପାକୁ ମଜଭୁତ କରିବ ବୋଲି ଭାଜପା ନେତା ପ୍ରଧାନ ମତବ୍ୟକ୍ତ କରିଛନ୍ତି।



୧୯ନଂ ୱାର୍ଡର ଜନସାଧାରଣ ଭାଜପାରେ ସାମିଲ ହୋଇଛନ୍ତି।

■ ଏକଡ଼ାଳ-ସିଧାମୂଳା ମହାନଦୀ ବ୍ରିଜ୍ ପାଲଟିଛି ମରଣଯନ୍ତା

# ଦୀର୍ଘଦିନ ହେବ ମରାମତି ହେଉନି

**ନରସିଂହପୁର,୩।୧୨(ସ୍ୱ.ପ୍ର.)**

କଟକ ଜିଲା ନରସିଂହପୁର ଓ ନୟାଗଡ଼ ଜିଲା କଣ୍ଟିଲୋକୁ ସଂଯୋଗ କରୁଥିବା ଏକଡ଼ାଳ-ସିଧାମୂଳା ମହାନଦୀ ବ୍ରିଜ୍ ଏବେ ମରଣଯନ୍ତା ପାଲଟିଛି। ପ୍ରାୟ ବର୍ଷେରୁ ଊର୍ଦ୍ଧ୍ୱ ହେବ ବ୍ରିଜ୍‌ର ବିଭିନ୍ନ ସ୍ଥାନରେ ଖାଲଖମା ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ତାହାର ମରାମତି କରାଯାଇନାହିଁ। ଫଳରେ ସେହି ଖାଲଗୁଡ଼ିକରୁ ଏବେ ସମ୍ପୂର୍ଣ୍ଣ ଢଳେଇ ବାହାରି ଯାଇ ରଡ୍ ଦେଖାଯାଉଛି। ଯଦ୍ୱାରା ପ୍ରତ୍ୟେକଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି। ତେବେ ଏହି ବ୍ରିଜ୍‌ର ମରାମତି ପାଇଁ ଉଭୟ ଜିଲାର ସ୍ଥାନୀୟଲୋକେ ଦୀର୍ଘଦିନ ହେବ ଦାବି କରି ଆସୁଛନ୍ତି। ହେଲେ ସେମାନଙ୍କ ଦାବିକୁ କେହି କର୍ଣ୍ଣପାତ କରୁନାହାନ୍ତି। ଯାହାଫଳରେ ଆଜି ବ୍ରିଜ୍‌ର ଅବସ୍ଥା ଏପରି ହୋଇଛି। ବ୍ରିଜ୍ ଦେଇ ଦୈନିକ ଶହଶହ ଗାଡ଼ିମୋଟର ବିପଦସଙ୍କୁଳ ଭାବେ ଯାତାୟାତ କରୁଛି। ସେହିପରି ରାତିରେ ଅନେକ ପଥଚାରୀ ଓ ସାଇକେଲ ଆରୋହୀ ମଧ୍ୟ ଯାତାୟାତ କରୁଛନ୍ତି। ତେବେ ପୋଲରେ ଲାଇଟ୍ ବ୍ୟବସ୍ଥା ନ ଥିବାରୁ ସେମାନେ ମଧ୍ୟ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ବ୍ରିଜ୍ ଅବସ୍ଥା ଏପରି ହୋଇଛି ବୋଲି ଏକଡାଳ ସରପଞ୍ଚ ମନୋଜିନୀ ରାଉତ ଅଭିଯୋଗ କରିଛନ୍ତି। ତେଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ତୁରନ୍ତ ଦୃଷ୍ଟି ଦେଇ ବ୍ରିଜ୍ ମରାମତି କରିବାକୁ ସରପଞ୍ଚଙ୍କ ସମେତ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏହି ବ୍ରିଜ୍ ନୟାଗଡ଼ ପୂର୍ତ୍ତ ବିଭାଗ ଅଧୀନରେ ରହିଛି। ଏ ସମ୍ପର୍କରେ ନୟାଗଡ଼ ପୂର୍ତ୍ତ ବିଭାଗ କାର୍ଯ୍ୟନିର୍ବାହୀ ଅଧୀକ୍ଷଣ ଯନ୍ତ୍ରୀ ହିମାଂଶୁ ଶେଖର ଷଡ଼ଙ୍ଗୀ କହିଛନ୍ତି, ବ୍ରିଜ୍‌ର ମରାମତି ପାଇଁ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି। ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ।



ଏକଡ଼ାଳ-ସିଧାମୂଳା ମହାନଦୀ ବ୍ରିଜ୍ ଉପରେ ଢଳେଇ ଛାଡିଯାଇ ରଡ୍ ଦିଶୁଛି।

■ **ଶୀଘ୍ର ମରାମତି କରିବାକୁ ଦାବି**

■ **୨ ଜିଲାର ଲୋକେ ଏଥିରେ ଯାତାୟାତ କରୁଛନ୍ତି**

## ଆଜି କ'ଣ କେଉଁଠି

### କଟକ

- ସାରଳା ସାହିତ୍ୟ ସଂସଦ ଆନୁକୂଲ୍ୟରେ ସ୍ୱାଧୀନତା ସଂଗ୍ରାମୀ ଓ ସାହିତ୍ୟିକ ବିଶ୍ୱନାଥ ପଶାୟତଙ୍କ ସ୍ମୃତିସନ୍ଧ୍ୟା, ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସନ୍ଧ୍ୟା ୬ଟା।
- କଟକ ଲେଖକ ସହଯୋଗ ସମିତି ପକ୍ଷରୁ ଗୀତିକବି ଉପେନ୍ଦ୍ର ନାଥ ପାତ୍ରଙ୍କ ଗୀତିକବିତା ପୁସ୍ତକ 'ଖୋଲା ଆକାଶର ତଳେ' ଏବଂ ସଙ୍ଗୀତ ସିଡୀ 'ସୁରସୁଧା' ଉନ୍ମୋଚନ, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା।
- ସୁହୃଦ ସେବାଶ୍ରମ ପକ୍ଷରୁ ଗୀତା ଜ୍ଞାନଯଜ୍ଞ ଉଦ୍‌ଯାପନ, ଚନ୍ଦ୍ରଶେଖର ଶିବ ମନ୍ଦିର ହଲ୍, ଅରୁଣୋଦୟନଗର, ବାଦାମବାଡ଼ି, ରାତି ୭ଟା।

## ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

**କଟକ ସଦର, ୩।୧୨ (ଡି.ଏନ୍.ଏ.):** କଟକ-ପାରାଦୀପ ରାସ୍ତାର ପାରାବିଲ ନିକଟରେ ସୋମବାର ଦୁର୍ଘଟଣାରେ ବାଇକ୍ ଚାଳକ ରାଜେନ୍ଦ୍ର ବେହେରା(୩୨)ଙ୍କ ମୃତ୍ୟୁ ଘଟିଛି। ତାଙ୍କ ଘର କନ୍ଦରପୁର ଥାନା ଅଧୀନ କେଶପୁର ଗ୍ରାମରେ ହୋଇଥିବାବେଳେ ସେ ରେଳୱେରେ ଠିକା ଶ୍ରମିକ ଭାବେ କାମ କରୁଥିଲେ। ସେ ସକାଳେ ବଡଖଣ୍ଡେଏତା ଷ୍ଟେଶନରୁ ଡ୍ୟୁଟି ସାରି ଘରକୁ ବାଇକ୍‌ରେ ଫେରୁଥିବାବେଳେ ପାରାବିଲ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ପୋଲିସ ସୂତ୍ରରୁ ଜଣାପଡିଛି। ପରେ ମଙ୍ଗଳାବାଗ ପୋଲିସ ମୃତଦେହକୁ ବ୍ୟବଚ୍ଛେଦ କରାଇ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଖବରପାଇ କିଶୋର ନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରି ଅନୁସନ୍ଧାନ ଚଳାଇଛି।

## କାର ଜଳିଗଲା



**ଫୁଲନଖରା, ୩।୧୨(ଡି.ଏନ୍.ଏ.):** କଟକ-ଭୁବନେଶ୍ୱର ଜାତୀୟ ରାଜପଥର ବଣ୍ଟକୁଦ ନିକଟରେ ରବିବାର ବିଳମ୍ବିତ ରାତିରେ ଏକ କାର ଜଳିଯାଇଛି। ସାଲେପୁରରୁ ଏକ ଦୁର୍ଘଟଣାଗ୍ରସ୍ତ କାରକୁ କ୍ରେନ୍ ଯୋଗେ ଭୁବନେଶ୍ୱର ନିଆଯାଉଥିଲା। ହେଲେ କାର ପଛ ଚକ ତଳେ ଘସି ହୋଇ ନିଆଁ ଲାଗିଯାଇଥିଲା। ଏହା ଦେଖିବା ପରେ କ୍ରେନ୍‌କୁ ଚାଳକ ଘଟଣାସ୍ଥଳରେ ଅଟକାଇ ଦେଇଥିଲେ। ବିଳମ୍ବିତ ରାତି ହୋଇଥିବାରୁ ଓ ପାଖରେ ପାଣି ନ ଥିବାରୁ ରାସ୍ତା ଉପରେ ଦୀର୍ଘ ସମୟ ଧରି କାରଟି ଜଳିଥିଲା। ଖବରପାଇ କଟକ ସଦର ପୋଲିସ ଓ ଦମକଳ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ଜିଲାପାଳଙ୍କ ଜନଶୁଣାଣି ଶିବିର

**କଟକ ସଦର, ୩।୧୨ (ଡି.ଏନ୍.ଏ.):** କିଶୋର ନଗରଠାରେ ଜିଲାପାଳଙ୍କ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ହରିଶ୍ଚନ୍ଦ୍ର ନାୟକ ଶିବିରରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ୪୭ଟି ଅଭିଯୋଗ ଆସିଥିଲା। ବାରମ୍ବାର ଦାବି ସତ୍ତ୍ୱେ ଅଭିଯୋଗଗୁଡିକର ସମାଧାନ ହୋଇପାରୁନାହିଁ ବୋଲି କିଶୋର ନଗର ପଞ୍ଚାୟତର ପୂର୍ବତନ ସରପଞ୍ଚ ବାଉରୀବନ୍ଧୁ ମହାନ୍ତି ଶିବିରରେ ଅଭିଯୋଗ କରିଥିଲେ। ଏହାଛଡା ୪ ବର୍ଷ ହେବ କିଶୋର ନଗରଠାରେ ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଖୋଲିଥିବାବେଳେ କେହି ପଦାଧିକାରୀ ଆସୁ ନ ଥିବା ଦିଲୀପ ମହାନ୍ତି ଅଭିଯୋଗ କରି ଏକ ଦାବିପତ୍ର ଦେଇଥିଲେ। କିଶନ ନଗର ବିକାଶ ମଞ୍ଚର ବିଭିନ୍ନ ଦାବି ସଚିବାଳୟସ୍ତରରେ ପୂରଣ ହେବାକୁ ଥିବାରୁ ସ୍ଥାନୀୟ ମନ୍ତ୍ରୀଙ୍କ ସହ ଯୋଗାଯୋଗ ପାଇଁ ଅତିରିକ୍ତ ଜିଲାପାଳ ନାୟକ ସେମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଶିବିରରେ ସରୋଜ ମହାନ୍ତି, ବିଡିଓ ଦେବାଶିଷ ପଟ୍ଟନାୟକ ଓ କଟକ ଏସ୍‌ପି ମାଧବଚନ୍ଦ୍ର ସାହୁ ଉପସ୍ଥିତ ଥିଲେ।

## କୋଟସାହି ପଞ୍ଚାୟତରେ ଗ୍ରାମସଭା

**ଟାଙ୍ଗୀ(କଟକ),୩।୧୨(ଡି.ଏନ୍.ଏ.):** ଟାଙ୍ଗୀ-ଚୌଦ୍ୱାର ବ୍ଲକ କୋଟସାହି ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ଏକ ଗ୍ରାମସଭା ଟାଙ୍ଗୀ ଗୋରୁହାଟ ପ୍ରାଙ୍ଗଣରେ ସୋମବାର ଅନୁଷ୍ଠିତ ହୋଇଯାଇଛି । ସରପଞ୍ଚ ଅମୂଲ୍ୟ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଶ୍ୱେତପ୍ରସାଦ ରାଉତଙ୍କ ସମେତ ବହୁ ୱାର୍ଡ ସଭ୍ୟାସଭ୍ୟ ଯୋଗଦେଇ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କିତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରସ୍ତାବିତ ବିଭିନ୍ନ ପ୍ରକଳ୍ପ ଅନୁମୋଦନ ଲାଭ କରିଥିଲା। ଶେଷରେ ବିବେକାନନ୍ଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

■ ସ୍କୁଲ ନିକଟରେ ଖୋଲାରେ ଚାଲିଛି ତମାଖୁ ବିକ୍ରି

# ରୋକିବାକୁ ଆନ୍ତରିକତା ଅଭାବ

**କଟକ ଅଫିସ,୩।୧୨**

ତମାଖୁ ଜାତୀୟ ପଦାର୍ଥର ବାଣିଜ୍ୟ, ଉତ୍ପାଦ, ବିକ୍ରୟ ଏବଂ ପ୍ରସାର ନିଷେଧ ନିମନ୍ତେ ଦେଶରେ ଲାଗୁ ହୋଇଛି ସିଗାରେଟ ଓ ଅନ୍ୟ ତମାଖୁ ଉତ୍ପାଦ ଅଧିନିୟମ ୨୦୦୩ ବା କୋଟପା (COTPA) ଆକ୍ଟ। ଏହି ନିୟମ ଅନୁଯାୟୀ କୌଣସି ବିଦ୍ୟାଳୟଠାରୁ ଶହେ ମିଟର ପରିଧି ମଧ୍ୟରେ ତମାଖୁ ବିକ୍ରୟ ଏବଂ ଏଥିପାଇଁ ପ୍ରୋତ୍ସାହନ ଦଣ୍ଡନୀୟ ଅପରାଧ। ଏହି ନିୟମକୁ କଡ଼ାକଡ଼ି ପାଳନ କରିବାକୁ ୨୦୧୩ରୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ରହିଛି। ହେଲେ କଟକ ସହରରେ ଏହାର ଖୋଲା ଉଲ୍ଲଂଘନ କରାଯାଉଛି। ପୋଲିସ ପକ୍ଷରୁ ଏନେଇ ସାମାନ୍ୟତମ ଯାଞ୍ଚ ହେଉନାହିଁ ବୋଲି ଅଭିଯୋଗ କରିଛନ୍ତି ସମାଜସେବୀ ସୁଧାଂଶୁ ପରିଡା ଓ ସୂଚନା ଅଧିକାର କର୍ମୀ ଜିତେନ୍ଦ୍ର କୁମାର।

ସହରର ବାଦାମବାଡି, ଖାନନଗର, ଚଣ୍ଡିଛକ, ଚୌଧୁରୀବଜାର, ହାଇକୋର୍ଟ ଛକ, ମିଶନରୋଡ ଆଦି ଅଞ୍ଚଳର ବହୁ ସ୍କୁଲ କାନ୍ଥକୁ ଲାଗି ଏବଂ ଖୁବ୍ ନିକଟରେ ଖୋଲାଖୋଲି ତମାଖୁ ଏବଂ ସିଗାରେଟ ବିକ୍ରି ଚାଲିଛି। ଏହାକୁ ରୋକିବା ପାଇଁ କାହାରି ଆନ୍ତରିକତା ଥିବା ଭଳି ମନେ ହେଉନାହିଁ। ଉଦାହରଣ ଭାବେ ମିଶନରୋଡ ନିକଟ ଏକ ଘରୋଇ ସ୍କୁଲ କାନ୍ଥକୁ ଲାଗି ରହିଥିବା ପାନଦୋକାନ ଏବଂ ବାଦାମବାଡି ଅଞ୍ଚଳର ଏକ ଉଚ୍ଚ ପ୍ରାଥମିକ ସରକାରୀ ସ୍କୁଲର ପ୍ରବେଶ ପଥ ନିକଟ ଦୁଇଟି ଦୋକାନକୁ ନିଆଯାଇପାରେ, ଯେଉଁଠି ସିଗାରେଟ, ଗୁଟ୍‌ଖା, ଶତାବରୀ ଭଳି ତମାଖୁ ସାମଗ୍ରୀ ବିକ୍ରି ହେଉଛି। ବାଦାମବାଡିର ଉକ୍ତ ପ୍ରାଥମିକ ସରକାରୀ ସ୍କୁଲର ପ୍ରଧାନଶିକ୍ଷକ କହିଛନ୍ତି, ଆମ ସ୍କୁଲଠାରୁ ଶହେ ମିଟର ପରିଧି ମଧ୍ୟରେ କିଛି ଦୋକାନରେ ତମାଖୁ ବିକ୍ରି ହେଉଛି। ଏହା ଦଣ୍ଡନୀୟ ଅପରାଧ ହୋଇଥିଲେ ମଧ୍ୟ ମୁଁ ଏହାକୁ ସେତେ ଗୁରୁତ୍ୱର ସହ ଚିନ୍ତା କରିନାହିଁ। ଫଳରେ ଏନେଇ ଥାନାକୁ ଜଣାଇନାହିଁ। ଡିସିପି ଅଖିଳେଶ୍ୱର ସିଂ ସ୍ୱୀକାର କରିଛନ୍ତି ଯେ, ଉପରୋକ୍ତ ନିୟମ ପାଳନ ସଂକ୍ରାନ୍ତରେ ପୋଲିସ ପକ୍ଷରୁ ନିୟମିତ ଯାଞ୍ଚ ହୋଇପାରୁନାହିଁ। ଯଦି କିଛି ଅଭିଯୋଗ ଆସେ କିମ୍ବା କୌଣସି ସ୍କୁଲ କର୍ତ୍ତୃପକ୍ଷ ସୂଚନା ଦିଅନ୍ତି, ତାହାହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମିଶନରୋଡ ଅଞ୍ଚଳର ଉକ୍ତ ଘରୋଇ ସ୍କୁଲ ନିକଟ ପାନଦୋକାନୀ କହିଛନ୍ତି ଯେ, ଲୋକଙ୍କ ଚାହିଦା ଦେଖି ତମାଖୁ ଜାତୀୟ ଜିନିଷ ବିକୁଛୁ। ଯଦି ଉତ୍ପାଦ ବନ୍ଦ ହୁଅନ୍ତା ତେବେ ନା ଆମେ ରଖନ୍ତୁ ନା ଗ୍ରାହକ ମାଗନ୍ତେ।




ବିଶ୍ୱ ଭିନ୍ନକ୍ଷମ ଦିବସ ଅବସରରେ 'ଆଶ୍ରୟ ଦି ସେଲ୍ଟର' ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

■ ଜିଲା ପ୍ରଶାସନ ପାଳିଲା ବିଶ୍ୱ ଭିନ୍ନକ୍ଷମ ଦିବସ

# ଭିନ୍ନକ୍ଷମ ଅକ୍ଷମ ନୁହନ୍ତି

**କଟକ ଅଫିସ, ୩।୧୨**

ଭିନ୍ନକ୍ଷମ ପିଲାମାନେ ଅକ୍ଷମ ନୁହନ୍ତି ବରଂ ବିଭିନ୍ନ କ୍ଷେତ୍ରରେ ସେମାନେ ସକ୍ଷମ। ସେମାନଙ୍କର ପ୍ରତିଭାକୁ ବୈଜ୍ଞାନିକ ପଦ୍ଧତିରେ ଉନ୍ମୋଚନ କରି ସେ ଦିଗରେ ସେମାନଙ୍କୁ ଉତ୍ସାହିତ କରିବା ଆବଶ୍ୟକ। ବିଶ୍ୱ ବିଖ୍ୟାତ ବୈଜ୍ଞାନିକ ଷ୍ଟିଫେନ୍ ହକିଙ୍ଗ୍ ମଧ୍ୟ ଜଣେ ଭିନ୍ନକ୍ଷମ ଥିଲେ । ଏଣୁ ଭିନ୍ନକ୍ଷମ ହେବା ଅଭିଶାପ ନୁହେଁ ବରଂ ନିଜ ସାମର୍ଥ୍ୟର ପରିପ୍ରକାଶ କରିବା ପାଇଁ ଏହା ସୁଯୋଗ ସୃଷ୍ଟି କରିଥାଏ । ସୋମବାର ସିଡିଏ ସେକ୍ଟର-୭ସ୍ଥିତ ଆଶ୍ରୟ ଦି ସେଲ୍ଟର ସମ୍ମୁଖ ପଡିଆରେ ଜିଲା ପ୍ରଶାସନ ଆନୁକୂଲ୍ୟରେ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି ଦିବସ ଅବସରରେ ଅଂଶଗ୍ରହଣ କରିଥିବା ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ଏକ ଶୋଭାଯାତ୍ରାକୁ ଜିଲା ଓ ଦୌରାଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ସତ୍ୟ ନାରାୟଣ ମିଶ୍ର ଶୁଭାରମ୍ଭ କରି ଉପରୋକ୍ତ କଥା କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟ ଅତିଥିଙ୍କ ସହ ଜିଲାର ବିଭିନ୍ନ ସ୍ୱତନ୍ତ୍ର ବିଦ୍ୟାଳୟର ୭୦୦ରୁ ଅଧିକ ଭିନ୍ନକ୍ଷମ ଛାତ୍ରୀଛାତ୍ର ଯୋଗଦେଇଥିଲେ । ସେହିପରି ଲାୟନ୍ସ କ୍ଲବ୍, ରୋଟାରୀ କ୍ଲବ୍ ଓ ମାରୱାଡି କ୍ଲବ୍‌ର କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଭିନ୍ନକ୍ଷମ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଥିଲା। ଏଥିସହ ଜିଲା ସର୍ବଶିକ୍ଷା ଅଭିଯାନ ତରଫରୁ ୨୫ ଜଣ ଛାତ୍ରୀଛାତ୍ରଙ୍କୁ ହୁଇଲ ଚେୟାର, ଟ୍ରାଇ ସାଇକେଲ, ଶ୍ରବଣ ଯନ୍ତ୍ର ଓ ଏମଆର କିଟ୍ ବଣ୍ଟନ କରାଯାଇଥିଲା।

## ସିଏମ୍‌ସି ଶୌଚାଳୟ ଟେଣ୍ଡରକୁ ନେଇ ହାଇକୋର୍ଟରେ ମାମଲା

**କଟକ ଅଫିସ,୩।୧୨**

କଟକ ସହରରେ ଥିବା ଶୌଚାଳୟଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ସିଏମ୍‌ସି ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଇଥିଲା। କିନ୍ତୁ ଟେଣ୍ଡର ପ୍ରକ୍ରିୟାରୁ ସୁଲଭ ଇଣ୍ଟରନ୍ୟାଶନାଲ ସଂସ୍ଥାକୁ ବାଦ ଦିଆଯାଇଥିଲା। ଏ ନେଇ ସଂସ୍ଥା ପକ୍ଷରୁ ହାଇକୋର୍ଟରେ ମାମଲା ଦାଏର କରାଯାଇଥିଲା। ମାମଲାର ଶୁଣାଣି କରି ହାଇକୋର୍ଟ ରାଜ୍ୟ ସରକାର, ସିଏମ୍‌ସି ସମେତ ଅନ୍ୟ ପକ୍ଷଭୁକ୍ତଙ୍କଠାରୁ ଜବାବ ଲୋଡିଥିଲେ। ତେବେ ପ୍ରତିପକ୍ଷଙ୍କ ପକ୍ଷରୁ ଜବାବ ଦାଖଲ ପାଇଁ ସମୟ ଲୋଡ଼ାଯାଇଛି। ଏହି ମାମଲାର ଶୁଣାଣି ସୋମବାର ହାଇକୋର୍ଟ ହୋଇଥିଲା। ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ଓ ବିଚାରପତି ଜଷ୍ଟିସ କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରୁଛନ୍ତି।

## ଆତ୍ମରକ୍ଷା କୌଶଳ ତାଲିମ ଶିବିର

**ଚୌଦ୍ୱାର, ୩।୧୨ (ଡି.ଏନ୍.ଏ.)**

ଚୌଦ୍ୱାର କଲେଜରେ ସୋମବାର ଅତ୍ମରକ୍ଷା କୌଶଳ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ସ୍ମୃତି ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଶିକ୍ଷିକା ଲତିକା ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କଲେଜର ଛାତ୍ରୀ ଓ ମହିଳା କର୍ମଚାରୀଙ୍କୁ ଆତ୍ମରକ୍ଷା ପାଇଁ ତାଲିମ ଦିଆଯାଇଥିଲା। ଏହି ଅବସରରେ ଛାତ୍ରୀମାନଙ୍କୁ ପ୍ରମାଣପତ୍ର ଓ ତାଲିମ ସମ୍ପର୍କିତ ପୁସ୍ତକ ପ୍ରଦାନ କରାଯାଇଥିଲା । ଡ. ମମତା ସାହୁ , ଅଧ୍ୟାପିକା ସସ୍ମିତା ଭୂୟାଁ ଓ ଅନୁପମା ତ୍ରିପାଠୀ ଶିବିର ପରିଚାଳନା କରିଥିଲେ ।

## ଭାରତ ରତ୍ନ ଡ. ରାଜେନ୍ଦ୍ର ପ୍ରସାଦଙ୍କ ଜୟନ୍ତୀ ପାଳିତ

**କଟକ ଅଫିସ, ୩।୧୨**

ନୂଆବଜାରସ୍ଥିତ ଶାନ୍ତି ଆଶ୍ରମଠାରେ ପ୍ରଥମ ରାଷ୍ଟ୍ରପତି ତଥା ଭାରତ ରତ୍ନ ରାଜେନ୍ଦ୍ର ପ୍ରସାଦଙ୍କ ଜୟନ୍ତୀ ସୋମବାର ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଶାନ୍ତି ଆଶ୍ରମର ସଭାଗୃହରେ ରାଜେନ୍ଦ୍ରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏଥିରେ ସାଲ୍ୟୁଟ ତିରଙ୍ଗାର ରାଜ୍ୟ ଅଧ୍ୟକ୍ଷ ଶୈଳେଶ କୁମାର ବର୍ମା ସଭାପତିତ୍ୱ କରି ଡ. ରାଜେନ୍ଦ୍ରଙ୍କ କାର୍ଯ୍ୟର ଗୁଣାବଳୀ ପ୍ରକାଶ କରିଥିଲେ। ଏଥିରେ ନଥମଲ ଚନାନି, ସୁରେଶ ଶର୍ମା, ରାମମୂର୍ତ୍ତି ତିୱାରୀ, ମୁକେଶ ସିଂ, ମୁକୁନ୍ଦ ସିହ୍ନା, ବିଜୟ ଅଗ୍ରୱାଲା, ସୁନୀଲ ଶର୍ମା, ପାରସ ନାଥ ସାହା, ସଞ୍ଜୟ ଭଗତ, ରାଜେଶ କୁମାର ପଣ୍ଡା ପ୍ରମୁଖ ଡ. ରାଜେନ୍ଦ୍ର ପ୍ରସାଦଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଉଲ୍ଲେଖନୀୟ ସେବା କାର୍ଯ୍ୟ ପାଇଁ ସିଷ୍ଟର ଇଲସି, ମିନାକ୍ଷୀ ରାଉତ, ସିଷ୍ଟର ରୋଜମେରୀ, ମୋନିକା, ଆନା, ମେରୀ, ନିର୍ମଳା ସାହୁ, ମୋନିକା ପଣ୍ଡା, ହରପ୍ରିୟା ଧଳ, ମାମା ସ୍ୱାଇଁ, କୃଷ୍ଣଚନ୍ଦ୍ର ପଣ୍ଡା, ଅବୁ ତାଲିମ ଖାନ, ତୀର୍ଥବାସୀ ବେହେରାଙ୍କୁ ସାଲୁଟ ତିରଙ୍ଗା ପକ୍ଷରୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସାଲୁଟ୍ ତିରଙ୍ଗାର ରାଜ୍ୟ ମେଡିଆ ଅଧ୍ୟକ୍ଷ ସଞ୍ଜୟ କୁମାର ଜେନା ପରିଚାଳନା କରିଥିଲେ।

## ଦିବ୍ୟାଙ୍ଗଙ୍କ ପାଇଁ ଶ୍ରମ ଅଧିକାର ଆଇନର ଆବଶ୍ୟକତା ରହିଛି

**କେନ୍ଦ୍ରାପଡା, ୩।୧୨(ଡି.ଏନ୍.ଏ.)**

ଓଲଟପୁର ସ୍ଥିତ ଦିବ୍ୟାଙ୍ଗ ସ୍ୱାସ୍ଥ୍ୟ ଓ ଗବେଷଣା କେନ୍ଦ୍ର ଅଡିଟୋରିୟମରେ ବିଶ୍ୱ ଭିନ୍ନକ୍ଷମ ଦିବସ ସୋମବାର ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ଜିଲା ଡେପୁଟି କଲେକ୍ଟର ବିରଜା ପ୍ରସାଦ ରାଉତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଦିବ୍ୟାଙ୍ଗମାନେ କାର୍ଯ୍ୟକ୍ଷମ ହେଲେ ସେମାନଙ୍କ ବଞ୍ଚିବା ପାଇଁ କାମର ଆବଶ୍ୟକତା ରହିଛି। ତେଣୁ ସେମାନଙ୍କ ପାଇଁ ଶ୍ରମ ଅଧିକାର ଆଇନ ଲାଗୁ କରିବାର ସମୟ ଆସିଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିରତାରର ନିର୍ଦ୍ଦେଶକ ଡା. ଶକ୍ତିପ୍ରସାଦ ଦାସ, ବୈଷୟିକ ନିର୍ଦ୍ଦେଶକ ଡା. କିଶୋର ମହାପାତ୍ର ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠାନରେ କାମ କରୁଥିବା ଦିବ୍ୟାଙ୍ଗ କର୍ମଚାରୀ ଓ ବିଭିନ୍ନ ଖେଳରେ ଭାଗନେଇ କୃତକାର୍ଯ୍ୟ ହୋଇଥିବା ଦିବ୍ୟାଙ୍ଗ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନର ଜନମଙ୍ଗଳ କମିଟି ଅଧ୍ୟକ୍ଷ ରଶ୍ମିରଞ୍ଜନ ସେଠୀ ଧନ୍ୟବାଦ ଦେଇଥିଲେ। ଶେଷରେ ଦିବ୍ୟାଙ୍ଗମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# କୃଷି ଶିକ୍ଷା ଦିବସ ପାଳିତ




କୃଷି ଶିକ୍ଷା ଦିବସ ପାଳନ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

**କଟକ ଅଫିସ, ୩।୧୨**

କଟକ ବିଦ୍ୟାଧରପୁରସ୍ଥିତ ଜାତୀୟ ଧାନ ଗବେଷଣା ଅନୁଷ୍ଠାନ ପରିସରରେ ସୋମବାର ସପ୍ତମ କୃଷି ଶିକ୍ଷା ଦିବସ ପାଳିତ ହୋଇଯାଇଛି। ଏଥିରେ ୧୩ଟି ସ୍କୁଲ ଏବଂ ଜୁନିୟର ମହାବିଦ୍ୟାଳୟରୁ ପ୍ରାୟ ୧୫୬ ଜଣ ଛାତ୍ରୀଛାତ୍ର ଓ ସେମାନଙ୍କର ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେଇଥିଲେ। କୃଷି ଓ ଆନୁଷଙ୍ଗିକ ବିଭାଗରୁ ବହୁ ଖ୍ୟାତିସମ୍ପନ୍ନ ଅବସରପ୍ରାପ୍ତ ବୈଜ୍ଞାନିକମାନେ ଅତିଥି ଭାବେ ଯୋଗଦେଇଥିଲେ। ଜାତୀୟ ଧାନ ଗବେଷଣା ଅନୁଷ୍ଠାନର ନିର୍ଦ୍ଦେଶକ ଡ. ହିମାଂଶୁ ପାଠକ ଏଥିରେ ଅଧ୍ୟକ୍ଷତା କରି ଦେଶର ଅଭିବୃଦ୍ଧି ତଥା ଖାଦ୍ୟ ଓ ପୋଷଣ ନିରାପତ୍ତାରେ କୃଷିର ଅବଦାନ ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ସମାଜର ଅଭିବୃଦ୍ଧି ପାଇଁ ଜଳବାୟୁ ଉପଯୋଗୀ କୃଷି ଉପରେ ଏକ ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। ଏଥିସହିତ ବକ୍ତୃତା ପ୍ରତିଯୋଗିତା ଓ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଫସଲ ଉତ୍ପାଦନ ବିଭାଗର ମୁଖ୍ୟ ଡ. ଅମରେଶ କୁମାର ନାୟକ ସ୍ୱାଗତ ଭାଷଣ ଓ ଅନୁଷ୍ଠାନର ବୈଜ୍ଞାନିକ ଡ. ରାହୁଲ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

## ଲୁଟ୍ ଘଟଣା: ୨ କୋର୍ଟ ଚାଲାଣ

**ଫୁଲନଖରା, ୩।୧୨(ଡି.ଏନ୍.ଏ.)**

ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାର ମହିଳା କର୍ମଚାରୀଙ୍କଠାରୁ ଟଙ୍କା ଓ ଆକ୍ଟିଭା ସ୍କୁଟି ଲୁଟ୍ କରିବା ଘଟଣାରେ କଟକ ସଦର ପୋଲିସ ୨ ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ପୁରୀ ସଦର ଥାନା ଅଧୀନ ଛତିଅଣା ଗ୍ରାମର ବିଭୂତି ଭୂଷଣ ତ୍ରିପାଠୀ ଓ ବଳଙ୍ଗା ଥାନା ଅନ୍ତର୍ଗତ ବିଧାରପୁର ଅଞ୍ଚଳର ହିମାଂଶୁ ପଣ୍ଡା। ଏ ନେଇ ଥାନାରେ ଏକ ମାମଲା(ନଂ. ୪୫୧/୧୮) ରୁଜୁ ହୋଇଛି। କଟକ ସଦର ଥାନା ଅଧୀନ ଭାଣପୁର ପୀରବଜାର ଅଞ୍ଚଳର ଲିପି ଦାସ ଏକ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାରେ କାର୍ଯ୍ୟ କରନ୍ତି। ଶନିବାର ସେ ଗୋବିନ୍ଦପୁର ନୂଆଗାଁ ଅଞ୍ଚଳରୁ ଅର୍ଥ ଆଦାୟ କରି ସ୍କୁଟିରେ ଅଫିସ୍‌କୁ ଫେରୁଥିବାବେଳେ ଫୁଲନଖରା-ଗୋବିନ୍ଦପୁର ରାସ୍ତାର ବାଙ୍ଗିଲୋ ନିକଟସ୍ଥ ଝାଉଁ ଜଙ୍ଗଲଠାରେ ୩ ଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇ ଟଙ୍କା ଓ ସ୍କୁଟି ଲୁଟ୍ କରିଥିଲେ। ପରେ ସେମାନେ ପଳାଇ ଯାଉଥିବାବେଳେ ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ମହୀଧରପଡା ଡାକ୍ତରଖାନା ଛକ ଖଣ୍ଡାଗର ନିକଟରେ ସ୍ଥାନୀୟ ଲୋକେ କାବୁ କରି ପୋଲିସ ଜିମା ଦେଇଥିଲେ।

## ଖ୍ରୀଷ୍ଟ କଲେଜର ସାଇକେଲ ଶୋଭାଯାତ୍ରା

**କଟକ ଅଫିସ, ୩।୧୨**

ପ୍ଲାଟିନମ ଜୁବିଲି ଉପଲକ୍ଷେ ଖ୍ରୀଷ୍ଟ କଲେଜ ପକ୍ଷରୁ କଟକରେ ସୋମବାର ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା କ୍ଷେତ୍ରରେ କଲେଜର ଅବଦାନ ବାର୍ତ୍ତାରେ ନେଇ ଅଧ୍ୟକ୍ଷ ମନ୍ମଥ ଓତାଙ୍କ ନେତୃତ୍ୱରେ ଅଧ୍ୟାପିକାଅଧ୍ୟାପକ ଓ ଛାତ୍ରୀଛାତ୍ରମାନେ ସାଇକେଲ ଶୋଭାଯାତ୍ରାରେ କଟକ ସହରର ବିଭିନ୍ନ ସ୍ଥାନ ପରିଭ୍ରମଣ କରିଥିଲେ। ଏହି ଅବସରରେ ସହରରେ ଥିବା ମହାତ୍ମା ଗାନ୍ଧୀ, ସୁଭାସ ଚନ୍ଦ୍ର ବୋଷ, ଗୋରୀଶଙ୍କର ରାୟ, ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ପ୍ଲାଟିନମ ଜୁବିଲି କମିଟି ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା।

# ଅଳଙ୍କାର, ମୋବାଇଲ ଜବତ : ଅଭିଯୁକ୍ତ ଗିରଫ

**କଟକ ଅଫିସ, ୩।୧୨**

କଟକ ସହରରେ ଆତଙ୍କ ଖେଳାଇ ଲୋକମାନଙ୍କ ଠାରୁ ଲୁଟ୍ କରୁଥିବା ଜଣେ ଅଭିଯୁକ୍ତଙ୍କୁ ବାଦାମବାଡି ପୋଲିସ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଟାଙ୍ଗୀ ଥାନା ଅନ୍ତର୍ଗତ ଗଣେଶ୍ୱରପୁର ଅଞ୍ଚଳର ବସନ୍ତ ପଣ୍ଡା। ପୋଲିସ ତାଙ୍କ ଠାରୁ ଦୁଇଟି ସୁନାମୁଦି, ଗୋଟିଏ ସୁନାଚେନ୍, ହଳେ ସୁନା ଶଙ୍ଖା, ରୁପା ପାଉଜି, ଦୁଇଟି ମୋବାଇଲ, ଏଟିଏମ୍ କାର୍ଡ, ବ୍ୟାଗ୍ ସହିତ ୧୭ ହଜାର ଟଙ୍କା ଜବତ କରିଛି। ଅଭିଯୁକ୍ତଙ୍କ ନାମରେ ବାଦାମବାଡି, ସିଡିଏ ସେକ୍ଟର-୨, ପୁରୀଘାଟ ଥାନାରେ ବହୁ ଲୁଟ୍ ମାମଲା ଥିବା ପୋଲିସ ସୂଚନା ଦେଇଛି। ପୋଲିସ ସୂଚନା ଅନୁଯାୟୀ, ଗତ ଅକ୍ଟୋବର ୯ ତାରିଖରେ ସ୍ଥାନୀୟ ଅଞ୍ଚଳର ଗିରିଜା ଶଙ୍କର ଶ୍ରୀଚନ୍ଦନ ମହାପାତ୍ର(୭୦) ବାଦାମବାଡିଠାରେ ରାସ୍ତା ପାର ହେଉଥିବାବେଳେ ଅଭିଯୁକ୍ତ ଜଣଙ୍କ ଏକ ବାଇକରେ ଆସି ତାଙ୍କ ହାତରୁ ବ୍ୟାଗ ଛଡାଇ ନେଇ ପଳାଇ ଯାଇଥିଲେ। ବ୍ୟାଗରେ ୨ ମୋବାଇଲ, ଗୋଟିଏ ସୁନା ମୁଦି, ୩୨ ହଜାର ଟଙ୍କା ଏବଂ ଏଟିଏମ୍ କାର୍ଡ ଥିଲା। ଏ ନେଇ ଗିରିଜା ବାଦାମବାଡି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୨୭୮/୧୮) ରୁଜୁ କରିଥିଲା। ବାଦାମବାଡି ଅଞ୍ଚଳର ଏକ ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜ୍‌ରୁ ଅଭିଯୁକ୍ତଙ୍କ ପତ୍ତା କରି ପୋଲିସ ତାଙ୍କୁ ଗିରଫ କରିଥିଲା। ପଚରାଉଚରା ପରେ ସେ ବିଭିନ୍ନ ସ୍ଥାନରୁ ଲୁଟ୍ କରିଥିବା ସମ୍ପର୍କରେ ପୋଲିସ ନିକଟରେ ସ୍ୱୀକାର କରିଥିବା ଥାନାଧିକାରୀ ରଶ୍ମୀରଞ୍ଜନ ମହାପାତ୍ର କହିଛନ୍ତି।

## ଭୋଟର ସଚେତନତା କାର୍ଯ୍ୟକ୍ରମ

**ନିଆଳି, ୩।୧୨(ଡି.ଏନ୍.ଏ.)**

ନିଆଳି ବ୍ଲକ କାର୍ଯ୍ୟାଳୟ ନିକଟ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପରିସରରେ ବ୍ଲକସ୍ତରୀୟ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ ହୋଇଥିଲା। ଏହି ଅବସରରେ ଦିବ୍ୟାଙ୍ଗମାନଙ୍କୁ ନେଇ ଭୋଟର ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ବିଡିଓ ସୟେଦ୍ ଆରିଫ୍ ହୁସେନ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା କଳ୍ପନା ପାଣି, ବ୍ଲକ ମହିଳା ଓ ଶିଶୁ ବିକାଶ ଅଧିକାରିଣୀ ପୁଷ୍ପାଞ୍ଜଳି ମିଶ୍ର, ସାମାଜିକ ସୁରକ୍ଷା ଅଧିକାରିଣୀ ଜ୍ୟୋତିର୍ମୟୀ ନାୟକ, ଅତିରିକ୍ତ ବିଡିଓ ରବୀନ୍ଦ୍ର ଦଳାଇ, ଜିପିଓ ସୁଦର୍ଶନ ବେହେରା ପ୍ରମୁଖ ଯୋଗଦେଇ ଭିନ୍ନକ୍ଷମମାନଙ୍କୁ ଭୋଟ ଦେବା ବିଷୟରେ ସଚେତନତା କରାଇବା ସହ ମେଶିନ୍‌ରେ କିପରି ଭୋଟ ଦେବେ ତାହା ଶିଖାଇଥିଲେ। ଏହି ଶିବିରରେ ୨ଶହରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମ ଯୋଗଦେଇଥିଲେ।




ମା' ରମାଦେବୀଙ୍କ ଜୟନ୍ତୀ ଅବସରରେ କଟକ ଶ୍ରୀରାମଚନ୍ଦ୍ର ଭବନରେ ଅନୁଷ୍ଠିତ ସଭାରେ ସାହିତ୍ୟିକା ମନୋରମା ମହାପାତ୍ର ଉଦ୍‌ବୋଧନ ଦେଉଛନ୍ତି।

# ବନ୍ଦ ହେବ ଗୁଡ୍ ନ୍ୟୁଜ୍ ଇଣ୍ଡିଆ ହଷ୍ଟେଲ

**୪୮ ଅନ୍ତେବାସୀ ସ୍ଥାନାନ୍ତର ହେଲେ**

**କଟକ ଅଫିସ, ୩।୧୨**

ଚୌଦ୍ୱାରଠାରେ ଥିବା ଗୁଡ୍ ନ୍ୟୁଜ୍ ଇଣ୍ଡିଆ ହଷ୍ଟେଲ ବନ୍ଦ କରାଯିବ। ସମସ୍ତ ଅନ୍ତେବାସୀଙ୍କୁ ଥଇଥାନ କରାଯିବା ପରେ ହଷ୍ଟେଲକୁ ବନ୍ଦ କରାଯିବ। ସୋମବାର ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଓ ଜିଲା ଶିଶୁ ମଙ୍ଗଳ କମିଟିର କର୍ମକର୍ତ୍ତାମାନେ ହଷ୍ଟେଲ୍‌କୁ ଯାଇ ଅନ୍ତେବାସୀଙ୍କ ଥଇଥାନ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ପ୍ରଥମ ଦିନରେ ୪୮ ଜଣ ପିଲାଙ୍କୁ ହଷ୍ଟେଲ୍‌ରୁ କଢ଼ାଯାଇଛି। ତନ୍ମଧ୍ୟରୁ ୩୮ଜଣଙ୍କୁ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଥିବାବେଳେ ୧୦ ଜଣଙ୍କୁ ନିକଟରେ ଥିବା ସର୍ଭ୍ୟାଣ୍ଟ ଇଣ୍ଡିଆ ସୋସାଇଟି ନାମକ ଶିଶୁ ଯତ୍ନ ଅନୁଷ୍ଠାନକୁ ସ୍ଥାନାନ୍ତର କରାଯାଇଛି। କାରଣ ଏହି ୧୦ ଜଣ ପିଲା ନବମ, ଦଶମ ଶ୍ରେଣୀରେ ପାଠ ପଢୁଛନ୍ତି। ଆଗକୁ ସେମାନଙ୍କର ପରୀକ୍ଷା ଆସୁଥିବାରୁ ସେମାନଙ୍କୁ ସେଠାରେ ଥଇଥାନ କରିବା ପାଇଁ ସେମାନଙ୍କ ପରିବାର ଲୋକେ ସମ୍ମତି ଦେଇଥିବା ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତି ସୂଚନା ଦେଇଛନ୍ତି। ସେହିପରି ବାକି ୩୮ ଜଣ ପିଲାଙ୍କୁ ସେମାନଙ୍କ ପରିବାର ଲୋକଙ୍କୁ ଡାକି ହସ୍ତାନ୍ତର କରାଯାଇଛି। ବାକି ଅନ୍ତେବାସୀମାନଙ୍କୁ ଦୁଇଦିନ ମଧ୍ୟରେ ସ୍ଥାନାନ୍ତର କରାଯିବ ବୋଲି ଅଧିକାରୀ ମହାନ୍ତି ସୂଚନା ଦେଇଛନ୍ତି। ତେବେ ଏହି ହଷ୍ଟେଲଟି ଅଣପଞ୍ଜୀକୃତ। ହଷ୍ଟେଲ ଚଳାଇବା ପାଇଁ ଆବଶ୍ୟକ ଗାଇଡ୍‌ଲାଇନ ଅନୁସରଣ କରାଯାଇ ନ ଥିବାରୁ ତାହାକୁ ବନ୍ଦ କରିବା ପାଇଁ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଜିଲାପାଳଙ୍କୁ ସୁପାରିସ କରିଥିଲା। ସୁପାରିସ ଆଧାରରେ ଭାରପ୍ରାପ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ ଉକ୍ତ ହଷ୍ଟେଲ୍‌କୁ ବନ୍ଦ କରିବା ପାଇଁ ଆଦେଶ ଦେଇଥିବା ଶିଶୁ ସୁରକ୍ଷା ଅଧିକାରୀ ମହାନ୍ତି ସୂଚନା ଦେଇଛନ୍ତି।

ସୂଚନାଥାଉ କି, ଢେଙ୍କାନାଳର ଗୁଡ୍ ନ୍ୟୁଜ୍ ଇଣ୍ଡିଆ ଡ୍ରିମ ସେଣ୍ଟରରେ ଘଟିଥିବା ଯୌନ ଶୋଷଣ ଘଟଣା ପରେ କଟକ ପ୍ରଶାସନର ଚେତା ପଶିଥିଲା। ଉକ୍ତ ସଂସ୍ଥାର ଏକ ହଷ୍ଟେଲ୍ ଚୌଦ୍ୱାରଠାରେ ବିନା ପଞ୍ଜୀକରଣରେ ୨ ବର୍ଷ ହେବ ଚାଲିଥିବା ଜଣାପଡ଼ିଥିଲା। ଗତ ଶନିବାର ଜିଲା ଶିଶୁ ମଙ୍ଗଳ କମିଟି ଓ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ହଷ୍ଟେଲ୍ ସମ୍ପର୍କରେ ଖୋଳତାଡ଼ କରାଯାଇଥିଲା। ହଷ୍ଟେଲ୍ ରେଜିଷ୍ଟର ଅନୁଯାୟୀ ସେଠାରେ ୧୫୪ ଜଣ ଅନ୍ତେବାସୀ ରହୁଥିବା ଜଣାପଡ଼ିଥିଲା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୪ ଡିସେମ୍ବର, ୨୦୧୮



ନୀଚ ଲୋକଠାରେ ଯଦି ଉଚ୍ଚ ବିଦ୍ୟା ଥାଏ, ତେବେ ଜାତି ଧର୍ମ ନ ବିଚାରି ତାହା ଗ୍ରହଣ କରିବା ଉଚିତ, ଯେପରି ଶାମୁକା ଭିତରୁ ମୁକ୍ତା ସଂଗ୍ରହ ହୁଏ।
-ବ୍ୟାସଦେବ



## ସଂକ୍ଷେପରେ

### ଦୁଇ ଆଶ୍ରମ ସ୍କୁଲ ଛାତ୍ର ଉଦ୍ଧାର

**ଖୋର୍ଦ୍ଧା ଅଫିସ/ବୋଲଗଡ, ୩।୧୨(ଡି.ଏନ.ଏ.):** ନୟାଗଡ ବ୍ଲକ ପାଣି କୋଇଲାସ୍ଥିତ ମଦର୍ଶ ଆଶ୍ରମ ସ୍କୁଲରୁ ସୋମବାର ପ୍ରାର୍ଥନା ଚାଲିଥିବାବେଳେ ଦୁଇ ଆଦିବାସୀ ଛାତ୍ର ନିଖୋଜ ହୋଇଯାଇଥିଲା। ସେମାନଙ୍କୁ ବୋଲଗଡ ବଜାରରୁ ବୋଲଗଡ ଥାନା ପୋଲିସ ରାତିରେ ଉଦ୍ଧାର କରି ସ୍କୁଲର ସମ୍ପାଦିକା ପ୍ରଭାସିନୀ ନନ୍ଦଙ୍କୁ ହସ୍ତାନ୍ତର କରିଛି। ପୋଲିସ ସୂଚନା ଅନୁସାରେ ମୟୂରଭଞ୍ଜ ଜିଲା ବାଙ୍ଗିରପୋଶି ବ୍ଲକ ମଛିଗାଁ ଦ୍ୱିତୀୟ ଶ୍ରେଣୀରେ ପଢୁଥିବା ଛାତ୍ର, ଅନ୍ୟ ଜଣେ ହେଲେ ଗୋରୁ ମହିଶାଣୀ ବ୍ଲକ କୋଆଲି ଗାଁର ତୃତୀୟ ଶ୍ରେଣୀ ଛାତ୍ର ପ୍ରାର୍ଥନା ଚାଲିଥିବା ବେଳେ ପଳାଇ ଆସିଥିଲେ। ବଜାରର ଏକ ଢାବା ନିକଟରେ କାନ୍ଦୁଥିବା ବେଳେ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ଥାନାକୁ ନେଇଥିଲା। ସେଠାରେ ସେମାନଙ୍କଠାରୁ ବୁଝାବୁଝି କରିବା ପରେ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ।

### ଭାଜପା ପକ୍ଷରୁ ଜନପରାମର୍ଶ ପଦଯାତ୍ରା

**ବେଗୁନିଆ,୩।୧୨ (ଡି.ଏନ.ଏ.):** ନିର୍ବାଚନ ସମୟ ଯେତିକି ପାଖେଇ ଆସୁଛି ରାଜନୈତିକ ଉଷ୍ମତା ସହରଠୁ ଗାଁ ପର୍ଯ୍ୟନ୍ତ ଦେଖାଦେଇଛି। ଏ ପରିପ୍ରେକ୍ଷୀରେ କିଛିଦିନ ହେଲା ବେଗୁନିଆ ଭାଜପା ପକ୍ଷରୁ ଜନ ପରାମର୍ଶ ପଦଯାତ୍ରା ଗାଁକୁ ଗାଁ ବୁଲୁଛି। ସୋମବାର ଅପରାହ୍ନରେ ସିମୋର ପଞ୍ଚାୟତର ଦଳୀୟ କର୍ମୀମାନଙ୍କୁ ନେଇ ମଣ୍ଡଳ ସଭାପତି ଅଜୟ କୁମାର ମାର୍ଥାଙ୍କ ନେତୃତ୍ୱରେ ଗଁପୁର, ସିମୋର, କଣ୍ଟାମଲିମ ଗ୍ରାମର ୧୪ ଗୋଟି ୱାର୍ଡ ଅଧୀନ ଅଞ୍ଚଳରେ ଏହି ପଦଯାତ୍ରା କରାଯାଇଥିଲା। ରାଜ୍ୟ ସମ୍ପାଦକ ଡ. ଯତୀନ ମହାନ୍ତି, ଜିଲା ସଭାପତି ସୁବାସ ଜେନା, ସଞ୍ଜୟ ପ୍ରସାଦ ଛୁଆଳସିଂହ, ଭଗବାନ ପଣ୍ଡା, ଦୟାନିଧି ସେଠୀ, ପ୍ରଫୁଲ୍ଲ ପଣ୍ଡା, ଧନେଶ୍ୱର ପ୍ରଧାନ ପ୍ରମୁଖ ସାମିଲ ଥିଲେ। ଏହି ଅବସରରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ କୁହାଯାଇଥିଲା।

### ମେଧାବୃତ୍ତି ପରୀକ୍ଷା ଫଳ ପ୍ରକାଶିତ

**ଟାଙ୍ଗୀ(ଖୋର୍ଦ୍ଧା),୩।୧୨(ଡି.ଏନ.ଏ.):** ଟାଙ୍ଗୀ ବ୍ଲକ୍‌ର ପ୍ରାଥମିକ ବିଦ୍ୟାଳୟରେ ପଢୁଥିବା ୩ୟ ଓ ୫ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ମେଧାବୃତ୍ତି ଓ ମେଧା ତଥା ଦାରିଦ୍ର୍ୟ ବୃତ୍ତି ପରୀକ୍ଷା ଫଳ ପ୍ରକାଶିତ ହୋଇଛି। ଏଥିରେ ୨୮ ଜଣ ପରୀକ୍ଷାର୍ଥୀ ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ୩ୟ ଶ୍ରେଣୀ ମେଧା ବୃତ୍ତି ପରୀକ୍ଷାରେ ନୂଆପଡ଼ାର ଅବିନାଶ ଜେନା, ଅଚ୍ୟୁତପୁରର ଆନନ୍ଦ ସାହୁ ଓ ବନଜା ମହାରଣା, ରାଉଳସାହିର ଶିବାନୀ ମହାରଣା ପ୍ରମୁଖ ଉତ୍ତୀର୍ଣ୍ଣ ହୋଇଛନ୍ତି। ମେଧା ତଥା ଦାରିଦ୍ର୍ୟ ବୃତ୍ତି ପରୀକ୍ଷାରେ ରମାବିଲର କୁମାରୀ ସୋନାଲୀ ସାମନ୍ତରାୟ, ନିରାକାରପୁରର ଓମ୍ ପ୍ରକାଶ ବାରିକ ଓ ସୁନ୍ଦରପୁରର ସୁପ୍ରିୟା ପାତ୍ର ପ୍ରମୁଖ କୃତିତ୍ୱ ହାସଲ କରିଥିବା ବିଭାଗୀୟ ସୂତ୍ରରୁ ପ୍ରକାଶ। ସେହିପରି ୫ମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାରେ ସରପାରିର ରୀତାଞ୍ଜଳି ବେହେରା ଓ ରୋଜାଲିନ୍ ସାହୁ, କମାଗୁରୁର ରୀତିଶା ସୌମାଶ୍ରୀ ବିଶ୍ୱାଳ ଏବଂ ଦୟଣାସାହିର ସୁବ୍ରତ ସାହୁ କୃତିତ୍ୱ ଅର୍ଜନ କରିଥିବା ବ୍ଲକ୍ ଶିକ୍ଷା କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି ।

### ଗାଧୋଇ ଫେରିବା ବେଳକୁ ଚୋରି

**ଖୋର୍ଦ୍ଧା ଅଫିସ,୩।୧୨:** ଘର ଆଲଣାରେ ପ୍ୟାଣ୍ଟ ସାର୍ଟ ଥୋଇ ଗାଧୁଆଘରେ ଧୁଆ ଧୋଇ ହୋଇ ଫେରିବାବେଳକୁ ପ୍ୟାଣ୍ଟ ନାହିଁ ଦେଖିବା ବେଳକୁ ପ୍ୟାଣ୍ଟଟି ଦାଣ୍ଡପଟେ ପଡି ରହିଛି। ତେବେ ପ୍ୟାଣ୍ଟରେ ଥିବା ୮ ହଜାର ଟଙ୍କା ଓ ଦାମୀ ମୋବାଇଲକୁ କେହି ଦୁର୍ବୃତ୍ତ ନେଇଯାଇଛି। ଘଟଣାର ତଦନ୍ତ କରୁ କରୁ ଘର ସମ୍ମୁଖରେ ଠିଆ ହୋଇଥିବା ଟାଙ୍ଗୀ ବାଉରିସାହିର ବିବି ନାୟକ ନେଇଥିବା ଜଣାପଡିଲା। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ନଂ. ୪୬୬/୧୮ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁସାରେ ଗତ ୨୬ ତାରିଖ ରାତିରେ ଭାଲିଆବାଡିର ଅଭୟ ଦାଶ ଦୋକାନ ବନ୍ଦ କରି ପ୍ରାୟ ସାଢ଼େ ୯ଟାରେ ଘରକୁ ଫେରିଥିଲେ। ଆଲଣାରେ ପ୍ୟାଣ୍ଟ ସାର୍ଟ ଥୋଇ ଗାଧୁଆଘରକୁ ଯାଇଥିଲେ। ପରେ ଦେଖିବାବେଳକୁ ପ୍ୟାଣ୍ଟ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ।





ପଞ୍ଚାୟତ ପରିସରରେ ପୋଲିସ ଜିପ ସହ କର୍ମଚାରୀଙ୍କୁ ମହିଳାମାନେ ଅଟକ ରଖିଛନ୍ତି।



ପଞ୍ଚାୟତ ଅଫିସ ସମ୍ମୁଖରେ ଟାୟାର ଜାଳି ରାସ୍ତାରୋକୋ କରିଛନ୍ତି।

■ ହତ୍ୟାକାରୀଙ୍କୁ ଗିରଫ ନ କରି ଆନ୍ଦୋଳନକୁ ଭଣ୍ଡୁର

# ଗେଟ୍‌ରେ ତାଲା ପକାଇ ପୋଲିସକୁ ଅଟକ

**ଖୋର୍ଦ୍ଧା ଅଫିସ/ବେଗୁନିଆ, ୩।୧୨(ଡି.ଏନ.ଏ.)**

ହତ୍ୟାକାରୀଙ୍କୁ ଗିରଫ ନ କରିବା ପ୍ରତିବାଦରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ଆସୁଥିବା ମହିଳାମାନଙ୍କ ଉଦ୍ୟମକୁ ସୋମବାର ବେଗୁନିଆ ଥାନା ପୋଲିସ ଭଣ୍ଡୁର କରିଥିଲା। ଏହାର ପ୍ରତିବାଦରେ ପୋଲିସକୁ ଗୋବିନ୍ଦପୁର (ପରିଛଳ) ପଞ୍ଚାୟତ ଫାଟକରେ ପୂର୍ବାହ୍ନ ୯ଟାରେ ତାଲା ପକାଇ ୪୦୦ରୁ ଊର୍ଦ୍ଧ୍ୱ ମହିଳା ଅଟକ ରଖିଥିଲେ। ଉତ୍ୟକ୍ତ ମହିଳା ନ୍ୟାୟ ପାଇଁ ପଞ୍ଚାୟତ ସମ୍ମୁଖରେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଉତ୍ତେଜନା ବଢ଼ିବାରୁ ୧ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲା। ଖୋର୍ଦ୍ଧା ଏସ୍‌ଡିପିଓ, ବେଗୁନିଆ ତହସିଲଦାର ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରି ଅପରାହ୍ନ ୩ଟାରେ ଆଇଆଇସିଙ୍କ ସମେତ ୬ ଜଣ ପୋଲିସଙ୍କୁ ଉଦ୍ଧାର କରିଥିଲେ। ଆନ୍ଦୋଳନକୁ ଲକ୍ଷ୍ୟ କରି ପୋଲିସ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ ବୋଲି ଆନ୍ଦୋଳନକାରୀଙ୍କୁ ପ୍ରତିଶ୍ରୁତି ଦେଇଛି।

ସେପ୍ଟେମ୍ବର ୧୩ରେ ବେଗୁନିଆ ଥାନା ପରିଛଳ ଗାଁର ସରୋଜ ସାହୁଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ଜମିବାଡି ବିବାଦକୁ ନେଇ ହତ୍ୟା କରାଯାଇଥିବା ତାଙ୍କ ବାପା ସାରଙ୍ଗଧର, ମା' ବିଦ୍ୟୁଲତା ଅଭିଯୋଗ କରିଥିଲେ। ପୋଲିସ ଏହାକୁ ଅଣଦେଖା କରିଥିଲା। ମୃତଦେହ ଉଦ୍ଧାର କରିବାକୁ ପୋଲିସ ବିଳମ୍ବରେ ଆସିବାରୁ ଉତ୍ତେଜନା ଦେଖାଦେଇଥିଲା। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ କରିବାକୁ ନେବା ବାଟରେ ହତ୍ୟା ମାମଲା ରୁଜୁ ଲାଗି ୧୫ ହଜାର ଟଙ୍କା ଲାଞ୍ଚ ମାଗିଥିଲା। ଖବର ପାଇ ଗାଁ ଲୋକେ ଲାଞ୍ଚ ମାଗିଥିବା ପୋଲିସ ଅଫିସରଙ୍କୁ ଅଟକ ରଖି ଜିପ ଭଙ୍ଗାରୁଜା ଓ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଏହି ଘଟଣାରେ ପୋଲିସ ୧୮ ଜଣଙ୍କ ନାଁରେ ମାମଲା ରୁଜୁ କରିଥିଲା। ଯେଉଁମାନଙ୍କ ନାଁରେ ମାମଲା ହୋଇଛି ସେମାନେ ନିର୍ଦ୍ଦୋଷ ବୋଲି ପ୍ରମାଣ ଦେଉଥିଲେ ହେଁ ପୋଲିସ ନ ଶୁଣିବାରୁ ଉତ୍ତେଜନା ବଢିଥିଲା। କେବଳ ହତ୍ୟା ମାମଲା ରୁଜୁ କରି ପୋଲିସ ବସିଥିବା ଅଭିଯୋଗ ହେଉଛି। ହତ୍ୟାକାରୀଙ୍କୁ ଗିରଫ ଦାବିରେ ନଭେମ୍ବର ୨୭ରେ ଖୋର୍ଦ୍ଧା ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ ହୋଇଥିଲା। ଅନଶନରତ ମୃତ ସରୋଜଙ୍କ ମା'ବାପାଙ୍କ ଦାବିକୁ ଅଣଦେଖା କରି ଟାଉନ ଥାନା ପୋଲିସ ଉଭୟଙ୍କୁ ଅଟକ ରଖି ଛାଡି ଦେଇଥିଲା। ପୋଲିସର ଏଭଳି କାର୍ଯ୍ୟ ପ୍ରତିବାଦରେ ମହିଳାମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ବସ୍ ଯୋଗେ ଆସିବାକୁ ପ୍ରସ୍ତୁତ ହେଉଥିଲେ। ପୋଲିସ ପହଞ୍ଚି ଏକ ମାମଲାରେ ବସ ଡ୍ରାଇଭରଙ୍କୁ ଗିରଫ କରିବାକୁ ଆସିଛି କହିଥିଲା। ପରେ ମହିଳାମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇପାରିବେ ନାହିଁ ବୋଲି ଚେତାବନୀ ଦେଇଥିଲା। ଉତ୍କ୍ଷିପ୍ତ ମହିଳାମାନେ ପୋଲିସକୁ ଅଟକ ରଖିଥିଲେ। ଏ ସମ୍ପର୍କରେ ଆଇଆଇସି ରଶ୍ମି ରଞ୍ଜନ ସାହୁଙ୍କୁ ପଚାରିବାରେ ବ୍ୟବଚ୍ଛେଦ ରିପୋର୍ଟରେ ସରୋଜ ଆତ୍ମହତ୍ୟା କରିଛନ୍ତି। ଏଣୁ ପୋଲିସ କାହାକୁ ଗିରଫ କରିନାହିଁ ବୋଲି ସେ କହିଛନ୍ତି। ଗ୍ରାମବାସୀ ଓ ସରୋଜଙ୍କ ପରିବାର ଲୋକେ ଯୁକ୍ତି ବାଢୁଛନ୍ତି ପୋଲିସ ବ୍ୟବଚ୍ଛେଦ ରିପୋର୍ଟକୁ ବଦଳାଇ ଦେଇଛି। ସରୋଜଙ୍କୁ ହତ୍ୟା କରାଯାଇଥିବା ପାରିପାର୍ଶ୍ୱିକ ସ୍ଥିତିରୁ ଜଣାପଡିଥିଲା। ପୋଲିସ ତଦନ୍ତକୁ ତ୍ୱରାନ୍ୱିତ ନ କରି ଚୁପ ରହୁଛି।

# ଭିନ୍ନକ୍ଷମ ଦିବସ ପାଳନ ବେଳେ ଧାରଣା

**ଖୋର୍ଦ୍ଧା ଅଫିସ, ୩।୧୨**





ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇ ଥିବା ଦମ୍ପତି।

ଖୋର୍ଦ୍ଧା ଜିଲାସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ସୋମବାର ବିଜେବି ହାଇସ୍କୁଲ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ସେପଟେ ବିଏମ୍‌ସି ଡୁମଡୁମା ପ୍ରଧାନସାହିର ପରିକ୍ଷିତ ସାହୁ ନାମକ ଜଣେ ଭିନ୍ନକ୍ଷମ ଘର ଖଣ୍ଡିଏ ପାଇବାକୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ପୂର୍ବାହ୍ନ ୧୧ଟାରୁ ଧାରଣା ଦେଇଥିଲେ। ସରକାରୀ ଯୋଜନା ବସୁନ୍ଧରାରେ ଜମି ସହ ଗୃହ ଯୋଗାଇଦେବାକୁ ବିଏମ୍‌ସି କର୍ତ୍ତୃପକ୍ଷଙ୍କ ସହ କଥାବାର୍ତ୍ତା ଶେଷ ହୋଇଥିବା ପ୍ରତିଶ୍ରୁତି ଜିଲାପାଳଙ୍କଠାରୁ ପାଇବା ପରେ ଭିନ୍ନକ୍ଷମ ଦମ୍ପତି ଧାରଣାରୁ ହଟିଥିଲେ। ଏହି ଦମ୍ପତିଙ୍କର ନିଜସ୍ୱ ଘରନାହିଁ। ୨୦୧୨ରୁ ବସ୍ତିରେ ଭଡାରେ ରହି ଆସୁଛନ୍ତି। ଅନ୍ୟପକ୍ଷେ ଜିଲାସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଓ ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ସଭାରେ ଜିଲାପାଳ ନିର୍ମଳ ମିଶ୍ର ଯୋଗଦେଇ କହିଥିଲେ, ଭିନ୍ନକ୍ଷମମାନେ କୌଣସି ଗୁଣରେ କମ୍ ନୁହଁନ୍ତି। ଭିନ୍ନକ୍ଷମମାନେ ସକ୍ଷମଙ୍କ ପରି ଆଗାମୀ ନିର୍ବାଚନରେ ଭୋଟ ଓ ସଚେତନତା ସୃଷ୍ଟି କରନ୍ତୁ। ଏଥିରେ ଅତିରିକ୍ତ ଜିଲାପାଳ ମନୋରଞ୍ଜନ ମଲ୍ଲିକ କହିଥିଲେ, ଭିନ୍ନକ୍ଷମଙ୍କ ପ୍ରତି କିଛି କରିବା ଦୟା ନୁହେଁ କର୍ତ୍ତବ୍ୟ କୁହାଯିବ। ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ସରୋଜ ସାହୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରଜିତ ମିଶ୍ର ଅତିଥି ରୂପେ ଯୋଗ ଦେଇଥିଲେ। ପୂର୍ବାହ୍ନରେ ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ବାହାରିଥିବା ଶୋଭାଯାତ୍ରା ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିଥିଲା। ସେହିପରି ବାଣପୁରରେ ବିଭିନ୍ନ ଅନୁଷ୍ଠାନ ଓ ବିଦ୍ୟାଳୟ ପକ୍ଷରୁ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ ହୋଇଛି। ତାଲୁକା ଆଇନ ସହାୟତା କମିଟି ପକ୍ଷରୁ ବାଣପୁର କୋର୍ଟ ପରିସରରେ ସବ୍‌ଜଜ୍ ଦିଲୀପ କୁମାର ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଓକିଲ ସଂଘର ସଭାପତି ଗୌରୀଶଙ୍କର ଷଡଙ୍ଗୀ, ଶରତ ପଟ୍ଟନାୟକ, ସଚିତ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ରମେଶ ଚନ୍ଦ୍ର ବିଷୋୟୀ, ଭବାନୀ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ବାଣପୁର ହନ୍ତୁଆଡସ୍ଥିତ ଟିଙ୍କିରାଇ ସରକାରୀ ଉପ୍ରା ବିଦ୍ୟାଳୟ, ଏକତା ବିଦ୍ୟା ନିକେତନ, ନେହେରୁ ସେବାସଂଘର କନକ ଭବନରେ ଅନୁରୂପ ଭାବେ ଭିନ୍ନକ୍ଷମ ଦିବସ ପାଳନ କରାଯାଇଥିଲା।

### ମ୍ୟୁନିସିପାଲିଟି ପ୍ରଶାସକ, ଅବସରପ୍ରାପ୍ତ କର୍ମଚାରୀଙ୍କ ଆଲୋଚନା

**ଜଟଣୀ,୩।୧୨(ଡି.ଏନ.ଏ)**

ଜଟଣୀ ପୌର ପରିଷଦ ଅବସରପ୍ରାପ୍ତ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ନେଇ ସୋମବାର ସବ୍‌କଲେକ୍ଟର ତଥା ପରିଷଦର ପ୍ରଶାସକ ଶୁଭେନ୍ଦୁ ସାହୁଙ୍କ ସହ ଆଲୋଚନା ହୋଇଥିଲା। ଦୀର୍ଘଦିନ ହେବ ଅବସର ଗ୍ରହଣ କରିଥିବା ୧୦୭ ଜଣ କର୍ମଚାରୀ ଏଯାବତ୍ ସେମାନଙ୍କ ପୂର୍ଣ୍ଣାଙ୍ଗ ପେନ୍‌ସନ ଓ ଅନ୍ୟ ବକେୟା ପ୍ରାପ୍ୟ ପାଇନାହାନ୍ତି। ଏହାକୁ ନେଇ ଜଟଣୀ ପୌର ପରିଷଦ ଅବସରପ୍ରାପ୍ତ କର୍ମଚାରୀ ସଂଘ ବହୁବାର ଆନ୍ଦୋଳନ କରିଛି। ବିଭାଗୀୟ ସଚିବ, ଜିଲାପାଳଙ୍କୁ ଆପତ୍ତି ଅଭିଯୋଗ ମଧ୍ୟ କରିଛନ୍ତି। ଏହି ସମସ୍ୟା ନେଇ ଏଠାରେ ନୂତନ ପ୍ରଶାସକ ଭାବେ ଅବସ୍ଥାପିତ ସବ୍‌କଲେକ୍ଟର ସାହୁଙ୍କ ସହ ଅକ୍ଟୋବର ୩୦ରେ ଅବସରପ୍ରାପ୍ତ କର୍ମଚାରୀ ସଂଘର କର୍ମକର୍ତ୍ତାମାନେ ଆଲୋଚନା କରିଥିଲେ। ନଭେମ୍ବର ୩୦ ମଧ୍ୟରେ ସମସ୍ୟା ଦୂର କରିବାକୁ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। କୌଣସି ସୁଫଳ ନ ମିଳିବାରୁ ସୋମବାର ସବ୍‌କଲେକ୍ଟର ସାହୁଙ୍କୁ ସଂଘର କର୍ମକର୍ତ୍ତାମାନେ ସାକ୍ଷାତ୍ କରି ଅବଗତ କରିଥିଲେ। ଡିସେମ୍ବର ଶେଷ ସପ୍ତାହ ମଧ୍ୟରେ ସମସ୍ୟାଗୁଡିକ ସମାଧାନ କରିବାକୁ ନିର୍ବାହୀ ଅଧିକାରୀଙ୍କୁ ସବ୍‌କଲେକ୍ଟର ପୁଣି ନିର୍ଦ୍ଦେଶ ଦେଇଛନ୍ତି। ଆଲୋଚନା ସମୟରେ ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ସୁବ୍ରତ ନନ୍ଦ, ଉପସଭାପତି ସୁବାସ ଚନ୍ଦ୍ର ସୁବୁଦ୍ଧି, ସମ୍ପାଦକ ସରୋଜ ରାୟ, ସହ ସମ୍ପାଦକ ସଚ୍ଚିଦାନନ୍ଦ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଇଭିଏମ୍, ଭିଭିପାର୍ଟ ଉପରେ ଅବଗତ ହେଲେ ଭିନ୍ନକ୍ଷମ

**ଜଟଣୀ,୩।୧୨(ଡି.ଏନ.ଏ)**

ବିଶ୍ୱ ଭିନ୍ନକ୍ଷମ ଦିବସ ପରିପ୍ରେକ୍ଷୀରେ ଜଟଣୀ ବ୍ଲକ ଅନ୍ତର୍ଗତ ରାଧାଚରଣପୁର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ଇଭିଏମ୍, ଭିଭିପାର୍ଟ ପ୍ରଦର୍ଶନ କରାଯାଇଥିଲା। ଏହା ମାଧ୍ୟମରେ ଭିନ୍ନକ୍ଷମମାନେ କିପରି ମତଦାନ କରିପାରିବେ ବିଶଦ ଭାବେ ସେମାନଙ୍କୁ ଅବଗତ କରାଯାଇଥିଲା। ଯାଁଳା ଗାନ୍ଧୀ ଶାନ୍ତି ନିବାସ ଓ ନିକଟବର୍ତ୍ତୀ ଗ୍ରାମର ଭିନ୍ନକ୍ଷମମାନେ, ମତଦାତା ଉପସ୍ଥିତ ରହି ଇଭିଏମ୍ ଓ ଭିଭିପାର୍ଟର ବ୍ୟବହାର ସମ୍ବନ୍ଧରେ ଅବଗତ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଜଟଣୀ ବ୍ଲକ ଏବିଡିଓ ଜୟସୂର୍ଯ୍ୟ ରଥ, ବିପିଇଓ, ସିଇଓ, କମ୍ପ୍ୟୁଟର ପ୍ରୋଗ୍ରାମର ପ୍ରମୁଖ ଉପସ୍ଥିତ ରହି ଏହାକୁ ପରିଚାଳନା କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅନ୍ତର୍ଗତ ଅଙ୍ଗାରପଡ଼ା, ଯାଁଳା, ଗଙ୍ଗପଡ଼ା ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟମାନେ ଉପସ୍ଥିତ ରହିଥିଲେ।

# ଦଳିତ ଆଦିବାସୀ ମହାସଂଘର ବିକ୍ଷୋଭ

**ଜଟଣୀ,୩।୧୨(ଡି.ଏନ.ଏ)**

ବିଭିନ୍ନ ଦାବି ନେଇ ଉତ୍କଳ ଦଳିତ ଆଦିବାସୀ ମହାସଂଘ ପକ୍ଷରୁ ସୋମବାର ଜଟଣୀ ବ୍ଲକ ଓ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିଡିଓ ଓ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଭୂମିହୀନମାନଙ୍କୁ ବିଜୁ ପକ୍କା ଘର, ରାଶନ କାର୍ଡ, ବିଭିନ୍ନ ଭତ୍ତା, ସ୍ୱଚ୍ଛ ଭାରତ ଯୋଜନାରେ ପାଇଖାନା ପାଇଁ ଅର୍ଥ ପ୍ରଦାନ, ଗର୍ଭବତୀ, ଶିଶୁ ଓ ପ୍ରସବ ପରବର୍ତ୍ତୀ ସୁବିଧା ପ୍ରଦାନ, ରାଜୀବ ଓ ବିଜୁ କୁଟୀର ଜ୍ୟୋତି ଯୋଜନାରେ ଗରିବ ଦଳିତ ଆଦିବାସୀଙ୍କୁ ବିଦ୍ୟୁତ୍ ସଂଯୋଗ, ପାନୀୟ ଜଳଯୋଗାଣ, ଦଳିତ ଆଦିବାସୀ ବହୁଳ ଅଞ୍ଚଳକୁ ରାସ୍ତା ସୁବିଧା ଆଦି ୧୩ ଦଫା ସମ୍ବଳିତ ଦାବିପତ୍ର ମହାସଂଘ ସଦସ୍ୟମାନେ ପ୍ରଦାନ କରିଥିଲେ। ଏହା ପୂର୍ବରୁ ଶୋଭାଯାତ୍ରା ଜଟଣୀ ମୁଖ୍ୟରାସ୍ତା ପରିକ୍ରମା କରିଥିଲା। ରିପବ୍ଲିକ ପାର୍ଟି ଅଫ୍ ଇଣ୍ଡିଆର ରାଜ୍ୟ ଅଧ୍ୟକ୍ଷ ଏସ୍.କେ. ଅବଦୁଲ ୱାଲି, ଉତ୍କଳ ଦଳିତ ଆଦିବାସୀ ମହାସଂଘର ସଭାପତି ରବିନାରାୟଣ ନାୟକ, ଜିଲା ସଭାପତି ବିରଞ୍ଚି ନାରାୟଣ ସେଠୀ, ତ୍ରିନାଥ ବେହେରା, ମନୁଆ ବେହେରା, କୁନ୍ଦନ ନାୟକ ଓ ଅନ୍ୟମାନଙ୍କ ନେତୃତ୍ୱରେ ଏହି ବିକ୍ଷୋଭ କରାଯାଇଥିଲା ।



ଜଟଣୀ ବଜାରରେ ଦଳିତ ମହାସଂଘ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

■ ଚିଟ୍‌ଫଣ୍ଡ ଜମାକାରୀଙ୍କ ଟଙ୍କା ଫେରାଅ

# କଂଗ୍ରେସ ପକ୍ଷରୁ ତହସିଲ ଘେରାଉ

**ଖୋର୍ଦ୍ଧା ଅଫିସ,୩।୧୨**

ଖୋର୍ଦ୍ଧା ଜିଲା କଂଗ୍ରେସ କମିଟି ପକ୍ଷରୁ ଚିଟ୍‌ଫଣ୍ଡ ଜମାକାରୀଙ୍କ ଟଙ୍କା ଫେରି ପାଇବା ଲାଗି ସୋମବାର ଚିଲିକା ତହସିଲ ଘେରାଉ କଂଗେସ ପକ୍ଷରୁ ହୋଇଥିଲା। ଜିଲା କଂଗ୍ରେସ କମିଟିର ଉପସଭାପତି ତଥା ପିସିସି ସଭ୍ୟ ପ୍ରଦୀପ ସ୍ୱାଇଁଙ୍କ ନେତୃତ୍ୱରେ ଅନୁଷ୍ଠିତ ଘେରାଉରେ ରାଜ୍ୟ ବିରୋଧୀ ଦଳ ଉପନେତା ଚିରଞ୍ଜୀବ ବିଶ୍ୱାଳ ଯୋଗ ଦେଇଥିଲେ। ଚିଲିକା ତହସିଲଦାରଙ୍କ ଜରିଆରେ ରାଜ୍ୟପାଳଙ୍କୁ ଚିଟ୍‌ଫଣ୍ଡ ଜମାକାରୀମାନେ ସ୍ମାରକପତ୍ର ଦେଇଛନ୍ତି। ଏକ ମାସ ମଧ୍ୟରେ ଜମାକାରୀମାନେ ଟଙ୍କା ଫେରସ୍ତ ନ ପାଇଲେ ନବୀନ ନିବାସ ସମ୍ମୁଖରେ ଜମାକାରୀମାନେ ଅନିର୍ଦ୍ଦିଷ୍ଟକାଳ ପାଇଁ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।





କଂଗ୍ରେସ ପକ୍ଷରୁ ଚିଲିକା ତହସିଲକୁ ଘେରାଉ ଅବସରରେ ସମାବେଶ।

## ଦିବ୍ୟାଙ୍ଗ ଦିବସରେ କ୍ରୀଡ଼ା ପ୍ରତିଯୋଗିତା

**ଟାଙ୍ଗୀ(ଖୋର୍ଦ୍ଧା),୩।୧୨(ଡି.ଏନ.ଏ.)**

ଟାଙ୍ଗୀ ପଞ୍ଚାୟତ ସମିତି ଓ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ସୋମବାର ଆନ୍ତର୍ଜାତିକ ଦିବ୍ୟାଙ୍ଗ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନେ ପ୍ଲାକାର୍ଡ ଧରି ସ୍ଲୋଗାନ ପୂର୍ବକ ସଚେତନତା ଶୋଭାଯାତ୍ରାରେ ବଜାର ପରିକ୍ରମା କରିଥିଲେ। ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମେଡ଼ିକାଲ ଅଫିସର ଡା. ସୁବାସ ଚନ୍ଦ୍ର ଘଡ଼େଇ କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ। ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଦେବଦତ୍ତ ମହାପାତ୍ର, ସ୍ୱାସ୍ଥ୍ୟ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଜିତେନ୍ଦ୍ର କୁମାର ସାହୁ, ବିଆର୍‌ସିସି ଅବଧୂତ ଚମ୍ପତି, ଏବିଇଓ ଦେବରାଜ ମହାପାତ୍ର, ଶିକ୍ଷକ ପ୍ରସନ୍ନ କୁମାର ଶ୍ରୀଚନ୍ଦନ, ସିଆର୍‌ସିସି ଲଳିତ ନାରାୟଣ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ୩୨ ବିଦ୍ୟାଳୟର ୬୮ଜଣ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଚିଲିକା ଷ୍ଟାଡିୟମରେ ଅନୁଷ୍ଠିତ କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ ଟାଙ୍ଗୀ ଗୋଷ୍ଠୀ ଶିକ୍ଷାଧିକାରୀ ସୁରେନ୍ଦ୍ର ମଙ୍ଗରାଜ। ବଳରାମଦେବ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ତ୍ରିନାଥ ଦାସ, ଶିକ୍ଷକ ପ୍ରଦୀପ ପରିଡ଼ା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ କୃତୀ ପ୍ରତିଯୋଗୀ ରାଜେଶ୍ୱରୀ ବେହେରା, ସୁଜାତା ଦାସ, ଜ୍ୟୋତି ପାତ୍ର, ଶୁଭ୍ରଜ୍ୟୋତି ପଟ୍ଟନାୟକ ଓ ସୋମନାଥ ବଡ଼ଜେନା ପ୍ରମୁଖଙ୍କୁ ପାଠ୍ୟ ଉପକରଣ ପ୍ରଦାନ କରାଯାଇଥିଲା ।

## କ୍ରିକେଟ: ମା' ମଙ୍ଗଳା ଚାମ୍ପିୟନ

**ଯାଁଳା,୩।୧୨ (ଡି.ଏନ.ଏ.)**

ଯାଁଳା ପଞ୍ଚାୟତ ଅନ୍ତର୍ଗତ ଓଗାଳପଡା ଗାଁରେ ମା' ମଙ୍ଗଳା କ୍ରିକେଟ ଆସୋସିଏଶନ ପକ୍ଷରୁ ଏକାଦଶ କ୍ରିକେଟ ଟୁର୍ନାମେଣ୍ଟର ସୋମବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ମା' ମଙ୍ଗଳା କ୍ଲବ, ଓଗାଳପଡା, ଯାଁଳା ସହ ମେଣ୍ଢାଶାଳ କ୍ରିକେଟ କ୍ଲବ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ୨୦ ଓଭରରେ ମେଣ୍ଢାଶାଳ କ୍ରିକେଟ କ୍ଲବ ୮୧ ରନ୍‌ରେ ଅଲଆଉଟ ହୋଇଥିଲା। ଜବାବରେ ମା' ମଙ୍ଗଳା କ୍ରିକେଟ କ୍ଲବ ୩ ଉଇକେଟ ହରାଇ ୮୨ ରନ୍ କରି ବିଜୟ ଲାଭ କରିଥିଲା। ଖେଳକୁ ଜଗନ୍ନାଥ ଦଳେଇ, ବାଦଲ ନାୟକ ଓ ଅନିଲ ଛୋଟରାୟ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ବିଜେଡି ନେତା ଦିଲୀପ ମଙ୍ଗରାଜ ଏବଂ ସମ୍ମାନିତ ଅତିଥି ଭାବେ ଦିବାକର ନାୟକ ଓ ଲିଟୁ ନାୟକ ଚାମ୍ପିୟନ ଦଳକୁ ୭ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଭଲ ଖେଳ ପାଇଁ ସଞ୍ଜୟ କୁମାର ବେହେରାଙ୍କୁ ମଧ୍ୟ ପୁରସ୍କୃତ କରିଥିଲେ।





ଅତିଥିଙ୍କ ଗହଣରେ ଚାମ୍ପିୟନ ଖେଳାଳିମାନେ।

■ ହୀରାପୁର ପଞ୍ଚାୟତରେ ଅନିୟମିତତା ଅଭିଯୋଗ

# ଆବାସ ଯୋଜନାରେ ଘର ନ କରି ବିଲ୍

**ଖୋର୍ଦ୍ଧା ଅଫିସ,୩।୧୨**

■ ମୃତ ଲୋକଙ୍କ ନାଁରେ ଉଠୁଛି ରାଶନ ସାମଗ୍ରୀ

■ ଜିଲାପାଳଙ୍କୁ ଫେରାଦ ପରେ, ତଦନ୍ତ କରିବେ ଜିପିଓ

ବେଗୁନିଆ ବ୍ଲକ ହୀରାପୁର ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଭତ୍ତା, ରାଶନ ସାମଗ୍ରୀ ବଣ୍ଟନରେ ଅନିୟମିତତାର ଅଭିଯୋଗ ରହିଛି। ଏ ନେଇ ବାରମ୍ବାର ବିଡିଓଙ୍କୁ ଅଭିଯୋଗ ସତ୍ତ୍ୱେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ପଞ୍ଚାୟତର ସରପଞ୍ଚ ଓ ୱାର୍ଡମେମ୍ବରଙ୍କ ଅଭିଯୋଗକୁ ଅଣଦେଖା କରାଯାଉଛି। ଏପରି କି ଅନିୟମିତତାରେ ସଂଶ୍ଳିଷ୍ଟ ଥିବା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବଦଳି ସତ୍ତ୍ୱେ ଦାୟିତ୍ୱ ହସ୍ତାନ୍ତର କରୁନାହାନ୍ତି। ସେହିପରି ପଞ୍ଚାୟତର ଅନ୍ୟ କର୍ମଚାରୀଙ୍କ ନାଁରେ ମଧ୍ୟ ଅନିୟମିତତା କରିଥିବା ଅଭିଯୋଗ ରହିଛି। ଏ ସମ୍ପର୍କରେ ସରପଞ୍ଚ ସଂଯୁକ୍ତା ଜଗଦ୍ଦେବଙ୍କ ନେତୃତ୍ୱରେ ୱାର୍ଡମେମ୍ବର, ପୂର୍ବତନ ସରପଞ୍ଚ, ସ୍ଥାନୀୟ ବାସିନ୍ଦା ସୋମବାର ଜିଲାପାଳଙ୍କୁ ଭେଟି ୯ ଦଫା ଦାବିର ତଦନ୍ତ ସହ ଦୁର୍ନୀତିଗ୍ରସ୍ତ କର୍ମଚାରୀ କାର୍ଯ୍ୟନିର୍ବାହୀ ଅଧିକାରୀ, ରାତ୍ରି ଜଗୁଆଳ, ଅନ୍ୟମାନଙ୍କୁ ବଦଳି କରିବାକୁ ଅନୁରୋଧ କରିଥିଲେ। ଜିଲାପାଳ ହୀରାପୁର ପଞ୍ଚାୟତରେ ହୋଇଥିବା ଅନିୟମିତତାର ତଦନ୍ତ କରି ରିପୋର୍ଟ ଦେବାକୁ ଜିଲା ପଞ୍ଚାୟତ ଅଧିକାରୀ(ଜିପିଓ)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଅଭିଯୋଗ ଅନୁସାରେ, ଗୌଡିଆପଡାରେ ୨୦୧୫-୧୬ ଆର୍ଥିକ ବର୍ଷରେ ବିଜୁ ପକ୍କାଘର ୨ଟି କିସ୍ତିରେ ପ୍ରାୟ ୫୫ ହଜାର ଟଙ୍କା ହଡ଼ପ ହୋଇଛି। ଗୃହ ନିର୍ମାଣ ପାଇଁ ୭୦ ହଜାର ମଞ୍ଜୁର ହୋଇଥିବାବେଳେ ଘର ନ କରି ଫଲସ୍ ବିଲ୍ କରାଯାଇଛି। ଖୁଣ୍ଟୁବନ୍ଧ ଗାଁରେ ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣ ଲାଗି ୫ ହଜାର ଟଙ୍କା ଲାଞ୍ଚ ନିଆଯାଇଥିବା ଅଭିଯୋଗ ହୋଇଛି। ଏହି ଗାଁରେ ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣ ପାଇଁ ୧ ଲକ୍ଷ ୨୦ ହଜାର ଟଙ୍କା ଫଲସ ବିଲ୍ ମଧ୍ୟ କରାଯାଇଛି। ରାଇମୂଳ ଗାଁରେ ଜବକାର୍ଡଧାରୀଙ୍କ ଆକାଉଣ୍ଟକୁ ଟଙ୍କା ନ ପଠାଯାଇ ଅଣଜବ୍‌କାର୍ଡଧାରୀଙ୍କ ଆକାଉଣ୍ଟକୁ ଯାଇଛି। ଇନ୍ଦିପୁର ଗାଁରେ ମୃତା ଲକ୍ଷ୍ମୀଙ୍କ ନାଁରେ ଚାଉଳ ଉଠାଣ ଚାଲିଛି। ପ୍ରତିଟି କାର୍ଯ୍ୟରେ କର୍ମଚାରୀମାନେ ହାତଗୁଞ୍ଜା ନେଉଛନ୍ତି। ବାରମ୍ବାର ଅଭିଯୋଗ ପରେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବଦଳି ପ୍ରଥମେ ବୋଡକମା ଓ ଏବେ ସିକୋକୁ ହୋଇଥିଲେ ହେଁ ସେ କାର୍ଯ୍ୟରେ ଯୋଗ ଦେଉନାହାନ୍ତି ବୋଲି ଅଭିଯୋଗ ହେଉଛି। ଏ ନେଇ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ବାରିକ କୁହନ୍ତି, ଅନିୟମିତତା ନୁହେଁ କିଛିଟା ତ୍ରୁଟି ରହିଛି। ତଦନ୍ତକୁ ସ୍ୱାଗତ କରୁଛି। ସେ ବଦଳି ସ୍ଥାନରେ ଯୋଗ ଦେବାକୁ ଚାହୁଁଛନ୍ତି ହେଲେ ତାଙ୍କୁ ସୁଯୋଗ ଦିଆଯାଉନି। ଜିପିଓ ତଦନ୍ତ କରିବେ ବୋଲି କହିଛନ୍ତି। ବିଡିଓ ରବି ନାରାୟଣ ମାଝି କୁହନ୍ତି, ଅଭିଯୋଗର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ।



ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ପଞ୍ଚାୟତବାସୀ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୪ ଡିସେମ୍ବର, ୨୦୧୮



ନୀଚ ଲୋକଠାରେ ଯଦି ଉଚ୍ଚ ବିଦ୍ୟା ଥାଏ, ତେବେ ଜାତି ଧର୍ମ ନ ବିଚାରି ତାହା ଗ୍ରହଣ କରିବା ଉଚିତ, ଯେପରି ଶାମୁକା ଭିତରୁ ମୁକ୍ତା ସଂଗ୍ରହ ହୁଏ।
- ବ୍ୟାସଦେବ



## ଆଜି କ'ଣ କେଉଁଠି

କୋଣାର୍କ

- କୋଣାର୍କ ମହୋତ୍ସବର ଚତୁର୍ଥ ସନ୍ଧ୍ୟା, ମୁକ୍ତାକାଶ ରଙ୍ଗମଞ୍ଚ, ସନ୍ଧ୍ୟା ୬ଟା। ଅନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବ, ଚନ୍ଦ୍ରଭାଗା ବେଳାଭୂମି, ପୂର୍ବାହ୍ନ ୧୧ଟାରୁ ଆରମ୍ଭ।

## ସ୍ୱଚ୍ଛ ଆଇକନିକ ସହର ବୈଠକ

# ଗଢ଼ିବ ଆଉ ୧୫ ବ୍ୟାଟେରି ଚାଳିତ ଅଟୋ

ପୁରୀ ଅଫିସ,୩।୧୨

ସ୍ଥାନୀୟ ସର୍କିଟ ହାଉସ୍ ସମ୍ମିଳନୀ କକ୍ଷରେ ସୋମବାର ସ୍ୱଚ୍ଛ ଆଇକନିକ ସହର ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପୁରୀ ସହରର ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଗାନ୍ଧୀ ପାର୍କରେ ବୃକ୍ଷରୋପଣ ଓ ସୌନ୍ଦର୍ଯ୍ୟକରଣ କାମ ସରିଥିବାବେଳେ ଆସନ୍ତା ୨୫ ତାରିଖ ସୁଦ୍ଧା ମ୍ୟୁଜିକାଲ ଫାଉଣ୍ଟେନ କାମ ଶେଷ ହେବ ବୋଲି ନାଲ୍‌କୋ ପକ୍ଷରୁ କୁହାଯାଇଛି। ଶ୍ରୀମନ୍ଦିର ପରିସର ଉପବନ ସୌନ୍ଦର୍ଯ୍ୟକରଣ ଲାଗି ମନ୍ଦିର ପ୍ରଶାସନ ପକ୍ଷରୁ ସବିଶେଷ ପ୍ରକଳ୍ପ ସହ ୧ କୋଟି

### ୨୫ ସୁଦ୍ଧା ସରିବ ଗାନ୍ଧୀ ପାର୍କ ମ୍ୟୁଜିକାଲ ଫାଉଣ୍ଟେନ କାମ

୮୬ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ପ୍ରସ୍ତାବ ଦିଆଯାଇଛି। ସେହିପରି ବହୁସ୍ତରୀୟ ପାର୍କିଂ ଲାଗି ଅଢେଇ ଏକର ଜମି ଆବଶ୍ୟକ ଥିବାବେଳେ ଜିଲା ପ୍ରଶାସନ ପକ୍ଷରୁ ୧ ଏକର ଜମି ପ୍ରଦାନ କରାଯାଇଛି। ବାକି ଦେଢ ଏକର ଜମି ଯୋଗାଇବାକୁ ପୁରୀ ତହସିଲଦାର ପଦକ୍ଷେପ ଗ୍ରହଣ ନେଇଛନ୍ତି। ଅନ୍ୟପକ୍ଷରେ ପରିକ୍ରମା ମାର୍ଗର ଉନ୍ନତି ପାଇଁ ପ୍ରଥମ ପର୍ଯ୍ୟାୟରେ ନାଲ୍‌କୋ ପକ୍ଷରୁ ୩୬ ଲକ୍ଷ ୯୩ ହଜାର ଟଙ୍କା ପ୍ରଦାନ କରାଯାଇଛି ଏବଂ କାମ ଶେଷ ହୋଇଛି ବୋଲି ଆଲୋଚନା ହୋଇଥିଲା। ଆସନ୍ତା ୧୫ ତାରିଖ ସୁଦ୍ଧା ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପାଚେରି ସୌନ୍ଦର୍ଯ୍ୟକରଣ କାମ ଶେଷ କରିବାକୁ ଜିଲାପାଳ ଜ୍ୟୋତିପ୍ରକାଶ ଦାସ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଗୁଣ୍ଡିଚା ମନ୍ଦିର ଏବଂ ବସ୍‌ଷ୍ଟାଣ୍ଡରେ ଲକର ଓ ଶୌଚାଳୟ ନିର୍ମାଣ ପାଇଁ ପୌରସଂସ୍ଥା ଯୋଗାଇ ଦେଇଥିବା ୯୦୦ ବର୍ଗଫୁଟ ଛଡା ଆହୁରି ୧୮୦୦ ବର୍ଗଫୁଟ ଜମି ଦରକାର ବୋଲି ନାଲକୋ ପକ୍ଷରୁ କୁହାଯାଇଛି। ସହରର ୧୨ଟି ସ୍ଥାନରେ ଶୁଦ୍ଧ ପାନୀୟଜଳ ଯୋଗାଣ ବ୍ୟବସ୍ଥା ହୋଇଥିବାବେଳେ ବସ୍‌ଷ୍ଟାଣ୍ଡ ଓ ଶ୍ୟାମାକାଳୀ ଛକ ନିକଟରେ ଆଉ ଦୁଇଟି ବ୍ୟବସ୍ଥା କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ବର୍ତ୍ତମାନ ୭ଟି ବ୍ୟାଟେରି ଚାଳିତ ଅଟୋ ଚାଲୁଥିବା ବେଳେ ଆଉ ୧୫ଟି ଅଟୋ ଚଳାଚଳ ଲାଗି ନାଲ୍‌କୋ ବ୍ୟବସ୍ଥା କରିବ। ବିଜୁ ପଟ୍ଟନାୟକ ଛକ, ବଡ଼ଶଙ୍ଖ, ମାର୍କେଟ ଛକ, ଡାକ୍ତରଖାନା ଛକ ଟ୍ରାଫିକ ପୋଷ୍ଟ, ସର୍କିଟ ହାଉସ ଲାଇଟ୍ ସୌନ୍ଦର୍ଯ୍ୟକରଣ ସାଙ୍ଗକୁ ମାଳତୀପାଟପୁରଠାରେ ଯାତ୍ରୀ କମ୍ପ୍ଲେକ୍ସ କାମ ଶୀଘ୍ର ଆରମ୍ଭ କରିବାକୁ ନାଲ୍‌କୋ ସିଏମ୍‌ଡି ଡ. ତପନ କୁମାର ଚାନ୍ଦ ପ୍ରତିଶ୍ରୁତି ଦେଇଛନ୍ତି।

ବୈଠକରେ ଏସ୍‌ପି ସାର୍ଥକ ଷଡ଼ଙ୍ଗୀ, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଡ. ଉଦ୍ଧବ ଚନ୍ଦ୍ର ମାଝି, ପୌର ନିର୍ବାହୀ ଅଧିକାରୀ ଶ୍ରୀକାନ୍ତ ତରାଇ, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରିୟବ୍ରତ ସାମନ୍ତରା ପ୍ରମୁଖ ଉପସ୍ଥିତ ଥିଲେ।

## ଅଟୋ-ଟ୍ରକ ମୁହାଁମୁହିଁ ଧକ୍କା

# ଜଣେ ମୃତ, ୨ ଗୁରୁତର

ପୁରୀ ଅଫିସ,୩।୧୨



ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ଓ ଅଟୋ।

ପୁରୀ-ସାତପଡ଼ା ଜାତୀୟ ରାଜପଥର କୋରୁଅଁ ଛକରେ ସୋମବାର ଘଟିଛି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଏକ ଅଟୋ ଓ ଚାଉଳ ବୋଝେଇ ଟ୍ରକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଟ୍ରକ ତଳେ ଚାପି ହୋଇ ଜଣକର ମୃତ୍ୟୁ ହୋଇଥିବା ବେଳେ ୨ଜଣ ଗୁରୁତର ଆହତ ହୋଇଛନ୍ତି। ଆହତ ଦ୍ୱୟଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ମୃତକ ହେଲେ ପୁରୀ ସଦର ଥାନା ଅଧୀନ ଆମ୍ୱପଡ଼ାର ପ୍ରତାପ ମହାନ୍ତି। ଆହତଙ୍କ ମଧ୍ୟରେ ଜଣେ ହେଲେ ଦିଲୀପ ମହାନ୍ତି। ଅନ୍ୟ ଜଣକ ପରିଚୟ ମିଳିପାରିନାହିଁ। ପ୍ରତାପ ଓ ଦିଲୀପ ବାପ-ପୁଅ ବୋଲି ଜଣାପଡିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଟ୍ରକ ଡ୍ରାଇଭର ଫେରାର ହୋଇଯାଇଛନ୍ତି।

ଦିଲୀପ ଅଟୋ ଚଳାଇ ପୁରୀରୁ ଘରକୁ ଫେରୁଥିଲେ। ପଛରେ ବାପା ପ୍ରତାପ ଓ ଅନ୍ୟ ଜଣେ ବ୍ୟକ୍ତି ବସିଥିଲେ। ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ଏକ ଚାଉଳ ବୋଝେଇ ଟ୍ରକ କୋରୁଅଁ ଛକରେ ଅଟୋକୁ ଧକ୍କା ଦେଇଥିଲା। ଅଟୋଟି ଟ୍ରକ ତଳେ ଚାପି ହୋଇଯାଇଥିଲା। ଦିଲୀପ ରାସ୍ତା କଡକୁ ଛିଟିକି ପଡ଼ିଥିଲେ। ପ୍ରତାପ ଓ ଅନ୍ୟ ଜଣକ ଚାପି ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ଅଟୋରୁ ଉଭୟଙ୍କୁ ବାହାର କରି ଆମ୍ବୁଲାନ୍ସ ଯୋଗେ ପୁରୀ ମେଡିକାଲକୁ ପଠାଇଥିଲେ। ସେଠାରେ ଡାକ୍ତର ପ୍ରତାପଙ୍କୁ ମୃତ ଘୋଷଣା କରିଥିଲେ। ପ୍ରକାଶ ଯେ, ଗତ ୧୦ମାସ ମଧ୍ୟରେ ପୁରୀ-ସାତପଡା ଜାତୀୟ ରାଜପଥରେ ସଡ଼କ ଦୁର୍ଘଟଣାରେ ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ପ୍ରାଣଗଲାଣି।

## ସମବାୟ ଅଧିକାରୀଙ୍କୁ ଅଟକ ରଖିଲେ ଚାଷୀ

ବ୍ରହ୍ମଗିରି, ୩।୧୨(ଡି.ଏନ୍.ଏ.): ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ସାହସପୁରଠାରେ ଥିବା କହଲପଦା ସେବା ସମବାୟ ସମିତି ଲିଃରେ ଚାଷୀଙ୍କ ବୀମା ରାଶି ହଡପ ନେଇ କିଛି ଦିନ ତଳେ ବିଶୃଙ୍ଖଳା ଦେଖାଦେଇଥିଲା। ସମିତିର ସମ୍ପାଦକଙ୍କ ବିରୋଧରେ ଚାଷୀମାନେ ବ୍ରହ୍ମଗିରି ଥାନାରେ ଅଭିଯୋଗ କରିବା ସହିତ ଥାନା ସମ୍ମୁଖରେ ଧାରଣା ଦେଇଥିଲେ। ସୋମବାର ପୁରୀ ଜିଲା ମୁଖ୍ୟ କାର୍ଯ୍ୟାଳୟରୁ କିଛି ଅଧିକାରୀ ସେହି ସେବା ସମବାୟ ସମିତିରେ ପହଞ୍ଚିବା ପରେ ସମ୍ପାଦକ ଅନୁପସ୍ଥିତ ଥିବାରୁ କାଗଜପତ୍ର ଦେଖିବାକୁ ପାଇ ନ ଥିଲେ। ତେବେ ସମବାୟ ସମିତିରେ ହୋଇଥିବା ବୀମା ରାଶି ହଡପରେ ଉକ୍ତ ଅଧିକାରୀମାନେ ସଂପୃକ୍ତ ଥିବା ଦର୍ଶାଇ ସେମାନଙ୍କୁ ଚାଷୀମାନେ ଅଟକ ରଖିଥିଲେ। ପରେ ଘଟଣାସ୍ଥଳରେ ପୋଲିସ ପହଞ୍ଚି ବୁଝାଶୁଝା କରିଥିଲେ ମଧ ଚାଷୀମାନେ ଜିଦ୍‌ରେ ଅଟଳ ରହିଥିଲେ। ୨ଦିନ ମଧ୍ୟରେ ଏ ଘଟଣା ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଉପଜିଲାପାଳ ଭବତାରଣ ସାହୁ ପ୍ରତିଶ୍ରୁତି ଦେବାପରେ ଅଧିକାରୀମାନେ ମୁକ୍ତ ହୋଇଥିଲେ।





କୋଣାର୍କ ମହୋତ୍ସବ ଅବସରରେ ଆୟୋଜିତ 'ସାହିତ୍ୟ ଆସର'ରେ ଅତିଥିମାନେ 'ଧରମା'ର ୪ର୍ଥ ସଂଖ୍ୟା ଉନ୍ମୋଚନ କରୁଛନ୍ତି।

## ଗ୍ୟାସ ଗାଡ଼ି କର୍ମଚାରୀଙ୍କୁ ମାଡ଼ ମାରି ୩୦ହଜାର ଲୁଟ୍

ପିପିଲି,୩।୧୨(ଡି.ଏନ୍.ଏ.)

ପିପିଲିରେ ଅବସ୍ଥିତ ଇଣ୍ଡେନ ଗ୍ୟାସ ବିତରଣକାରୀ ସଂସ୍ଥାର ଏକ ଗାଡ଼ିକୁ ଦୁର୍ବୃତ୍ତମାନେ ଅଟକାଇ ଦୁଇ କର୍ମଚାରୀଙ୍କୁ ମାଡ଼ ମାରି ୩୦ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ପ୍ରକାଶଯେ, ମା' ମଙ୍ଗଳା ଇଣ୍ଡେନ ଗ୍ୟାସ ବିତରକଙ୍କ ସିଲିଣ୍ଡର ବିତରଣ କରିବାକୁ ଗୋଟିଏ ଅଟୋ ପିପିଲି କଲେଜ ରାସ୍ତାରେ ଯାଉଥିଲା। ଧନେଶ୍ୱର ମନ୍ଦିର ନିକଟରେ ୩ଟି ବାଇକରେ ୭/୮ଜଣ ଯୁବକ ଆସି ହଠାତ୍ ଅଟୋକୁ ଅଟକାଇ ଥିଲେ। ସେଥିରେ ବସିଥିବା ପ୍ରଶନ୍ନ ପୃଷ୍ଟି ଓ ନିରଞ୍ଜନ ବେହେରାଙ୍କୁ ମାଡ଼ ମାରିବା ସହ ପାଖରେ ଥିବା ୩୦ହଜାର ୨୦୮ଟଙ୍କା ନେଇ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ଏନେଇ ସଂସ୍ଥାର ମ୍ୟାନେଜର ପିପିଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପିପିଲି ଆଇଆଇସି ଶରତ କୁମାର ସାହୁଙ୍କୁ ପଚାରିବାରେ ଅଭିଯୋଗ ମିଳିଥିବାବେଳେ ତଦନ୍ତ ଜାରି ରହିଛି ବୋଲି ପ୍ରକାଶ କରିଛନ୍ତି।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଠିକା ଶ୍ରମିକ ଗୁରୁତର

କଣାସ,୩।୧୨(ଡି.ଏନ୍.ଏ.)

ବିଦ୍ୟୁତ୍ ସଂସ୍ପର୍ଶରେ ଆସି ସୋମବାର ଜଣେ ଠିକା ଶ୍ରମିକ ଗୁରୁତର ହୋଇଛନ୍ତି। ସେ ହେଲେ କୋଠବାଡ଼ ପଞ୍ଚାୟତର ବେନୁପଡ଼ା ଗ୍ରାମର ଧର୍ମେନ୍ଦ୍ର ବେହେରା(୨୫)। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସୂଚନା ଅନୁଯାୟୀ, କଣାସ ବ୍ଲକ ଜଗନ୍ନାଥପୁର ଫିଡରରୁ କଲ୍ୟାଣପୁର ପର୍ଯ୍ୟନ୍ତ ୧୧ କେଭି ବିଦ୍ୟୁତ୍ ତାର ସଂଯୋଗ ହୋଇଥିବା ବେଳେ ସେଠାରେ ଥିବା ଉଠାଜଳସେଚନ ପଏଣ୍ଟକୁ ବସିଥିବା ଟ୍ରାନ୍ସଫର୍ମରରେ ବିଦ୍ୟୁତ୍ ସଂଯୋଗ ପାଇଁ ଫେଡକୋ ଉପଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଜେଇ ପଙ୍କଜ ଜେନା ଲାଇନ୍ ସଂଯୋଗ କରିବା ପାଇଁ ଘଟଣାସ୍ଥଳକୁ କଣ୍ଟ୍ରାକ୍ଟରଙ୍କ ସହିତ ଧର୍ମେନ୍ଦ୍ରଙ୍କୁ ପଠାଇଥିଲେ। ଭୁଲ୍ ବଶତଃ କଣାସକୁ ଶର୍ଟ ଡାଉନ୍ ନ ମାଗି ଡେଲାଙ୍ଗ ଫେଡକୋ ଜେଇକୁ ଶର୍ଟ ଡାଉନ୍ ମାଗିଥିଲେ। ଡେଲାଙ୍ଗ ଜେଇ ଶର୍ଟ ଡାଉନ୍ ଦେବାରୁ ଧର୍ମେନ୍ଦ୍ର ଖୁଣ୍ଟିରେ ଚଢ଼ିଥିଲେ। ତାର ସଂଯୋଗ କଲାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଧର୍ମେନ୍ଦ୍ର ତଳକୁ ଖସିପଡ଼ିଥିଲେ। ଘଟଣାସ୍ଥଳରେ ଥିବା କଣ୍ଟ୍ରାକ୍ଟର ଓ ଗ୍ରାମବାସୀ ଧର୍ମେନ୍ଦ୍ରଙ୍କୁ ଏକ ଅଟୋରେ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅନ୍ୟପକ୍ଷରେ ଏ ସମ୍ପର୍କରେ କଣାସ ଫେଡକୋ କନିଷ୍ଠ ଯନ୍ତ୍ରୀ ପ୍ରୀତମ କୁହନ୍ତି, ଆମକୁ ଶର୍ଟ ଡାଉନ୍ ମଗାଯାଇନାହିଁ ବୋଲି କହିଥିଲେ।

## ଯୁବତୀଙ୍କୁ ଆକ୍ରମଣ: ଜଣେ ଗିରଫ

ପୁରୀ ଅଫିସ,୩।୧୨: ଜଣେ ଯୁବତୀଙ୍କୁ ଏକତରଫା ପ୍ରେମ କରି ବିଫଳ ହୋଇ ଆକ୍ରମଣ କରିବା ଅଭିଯୋଗରେ ଟାଉନ ଥାନା ପୋଲିସ ବୀରହରେକୃଷ୍ଣପୁରର ଦେବାଶିଷ ତ୍ରିପାଠୀଙ୍କୁ ସୋମବାର ଗିରଫ କରିଛି। ପୁରୀ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଜଣେ ଯୁବତୀ ଅସ୍ଥାୟୀ ଭାବେ କାର୍ଯ୍ୟରତ ଅଛନ୍ତି। ଦେବାଶିଷ ଯୁବତୀଙ୍କୁ ଏକତରଫା ପ୍ରେମ କରି ଆସୁଥିଲେ। ଏପରି କି ତାଙ୍କୁ ରାସ୍ତାରେ ପିଛା କରୁଥିଲେ। ତାଙ୍କୁ ବିବାହ ଲାଗି ପ୍ରସ୍ତାବ ଦେଇଥିଲେ। ଯୁବତୀ ଜଣକ ଏଥିରେ ରାଜି ହୋଇ ନ ଥିଲେ। ସୋମବାର ଦେବାଶିଷ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଯୁବତୀଙ୍କୁ ଗାଳିଗୁଲଜ କରିବା ସହ ଟଣଓଟରା କରିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ।

# ସମଙ୍ଗ ଜଳ ଯୋଗାଣ ପ୍ରକଳ୍ପକୁ ବିରୋଧ

ପୁରୀ ଅଫିସ,୩।୧୨

ସମଙ୍ଗ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇ ପୁରୀ ସହରକୁ ଜଳ ଯୋଗାଣ ହେଉଛି। ଏହି ପ୍ରକଳ୍ପର ଆହୁରି ଅଧା କାର୍ଯ୍ୟ ବାକି ରହିଛି। ସିରେଇକଣା ମୌଜାରେ ଜମି ଅଧିଗ୍ରହଣ କରାଯାଇଥିଲେ ହେଁ ଏହି ମାମଲା ହାଇକୋର୍ଟରେ ଝୁଲି ରହିଛି। ନୂତନ ଜମି ଅଧିଗ୍ରହଣ ନୀତି ଅନୁଯାୟୀ, କ୍ଷତିପୂରଣ ଦାବି କରୁଛନ୍ତି ସମ୍ପୃକ୍ତ ଗ୍ରାମବାସୀ। ସେମାନେ ଜମି ଦେଇ କ୍ଷତିପୂରଣ ପାଇ ନାହାନ୍ତି। ନୂତନ ଜମି ଅଧିଗ୍ରହଣ ଆଇନ ୨୦୧୪ ଅନୁଯାୟୀ, କ୍ଷତିପୂରଣ ରାଶି ପ୍ରଦାନ କରା ନ ଯିବା ପର୍ଯ୍ୟନ୍ତ ଉକ୍ତ ପ୍ରକଳ୍ପରୁ ଜଳ ଯୋଗାଣ ବନ୍ଦ ରଖିବାକୁ ସେମାନେ ଦାବି କରିଛନ୍ତି। ଏହାସହିତ ପ୍ରକଳ୍ପ ଅଞ୍ଚଳରେ ଉନ୍ନୟନ କାମ ବନ୍ଦ ରଖିବାକୁ କହିଛନ୍ତି। ଦାବି ପୂରଣ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ସୋମବାର ବାଟମଙ୍ଗଳା କୃଷକ ସଂଘ ସମିତି ସଭାପତି ଚକ୍ରଧର ରାଉତଙ୍କ ନେତୃତ୍ୱରେ ପ୍ରସନ୍ନ କୁମାର ପରିଡ଼ା, ରମେଶ ଚନ୍ଦ୍ର ପ୍ରଧାନ, ପ୍ରକାଶ ପରିଡ଼ା, ଶିବ ପ୍ରଧାନଙ୍କ ସମେତ କେତେଜଣ ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ସମଙ୍ଗ ଜଳଯୋଗାଣ ପ୍ରକଳ୍ପ ପାଇଁ ୨୦୧୦ ମସିହାରେ ସିରେଇକଣା ମୌଜାରେ ଜମି ଅଧିଗ୍ରହଣ କରାଯାଇଥିଲା।

## ୭୬ପ୍ରତିଶତରୁ ଊର୍ଦ୍ଧ୍ୱ ଲୋକେ କୃଷି ଉପରେ ନିର୍ଭରଶୀଳ

ସାକ୍ଷୀଗୋପାଳ, ୩।୧୨(ଡି.ଏନ୍.ଏ.)

### କୃଷିଶିକ୍ଷା ଦିବସ ପାଳିତ

ସ୍ଥାନୀୟ ସରକାରୀ ବାଳିକା ବିଦ୍ୟାଳୟରେ ପୁରୀଜିଲା କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ କୃଷି ଶିକ୍ଷା ଦିବସ ସୋମବାର ପାଳିତ ହୋଇଯାଇଛି। କୃଷିପ୍ରଧାନ ରାଜ୍ୟ ଓଡ଼ିଶାରେ ୭୬ପ୍ରତିଶତରୁ ଊର୍ଦ୍ଧ୍ୱ ଲୋକେ କୃଷି ଉପରେ ନିର୍ଭରଶୀଳ ହୋଇଥିବାରୁ କୃଷିର ବିକାଶ ନିମନ୍ତେ ଅଧିକ ଗୁରୁତ୍ୱ ଦିଆଯିବା ଦରକାର। ଚାଷବାସ ପ୍ରତି ପିଲାମାନଙ୍କୁ ଆକୃଷ୍ଟ କରିବା ପାଇଁ ଏହି ଅବସରରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। କୃଷି ବିଜ୍ଞାନ କେନ୍ଦ୍ରର ଯାନ୍ତ୍ରିକ ବୈଜ୍ଞାନିକ ଦିପ୍ତୀଶିଖା ପରମଜିତା ଓ ଓ କୃଷି ସଂପ୍ରସାରଣ ବୈଜ୍ଞାନିକ ସୋନିତାରାଣୀ ଯୋଗଦେଇ ଛାତ୍ରୀମାନେ କୃଷିକୁ ଅନୁସନ୍ଧାନମୂଳକ ବୃତ୍ତି ଭାବରେ ଗ୍ରହଣ କରି ନିଜକୁ ଜଣେଜଣେ କୃଷି ଉଦ୍ୟୋଗୀ ଭାବରେ ଗଢ଼ିତୋଳିବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଗଣ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

## ୮ରୁ ରାଜ୍ୟସ୍ତରୀୟ ଦିବାରାତ୍ର ଫୁଟବଲ ଟୁର୍ନାମେଣ୍ଟ

ନିମାପଡ଼ା,୩।୧୨(ଡି.ଏନ୍.ଏ.)

ନିମାପଡ଼ା ଏସ୍‌ପି ଫାଉଣ୍ଡେଶନ ପକ୍ଷରୁ ବାରବାଟି ପଡିଆରେ ଚତୁର୍ଥ ରାଜ୍ୟସ୍ତରୀୟ ଲଲାଟେନ୍ଦୁ ସ୍ମାରକୀ ଦିବାରାତ୍ର ଫୁଟବଲ ଟୁର୍ନାମେଣ୍ଟ ଆସନ୍ତା ୮ତାରିଖରେ ଉଦ୍‌ଘାଟନ ହେବ ବୋଲି ସୋମବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଫାଉଣ୍ଡେଶନର ଚେୟାରମ୍ୟାନ ଶ୍ୱେତପର୍ଣ୍ଣା ରାୟ ମହାପାତ୍ର ଓ ଚନ୍ଦ୍ରକାନ୍ତ ବରାଳ କହିଛନ୍ତି। ଏହି ପ୍ରତିଯୋଗିତାରେ ୮ଟି ଟିମ ଅଂଶଗ୍ରହଣ କରିବେ। ପ୍ରତିଯୋଗିତାରେ କୃତୀ ଚାମ୍ପିୟନ ଟିମକୁ ୩୦ହଜାର ଟଙ୍କା ଓ ଟ୍ରଫି, ରନର୍ସଅପ ଟିମକୁ ୨୦ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯିବ। ଏହା ସହ ନିମାପଡ଼ା ଅଞ୍ଚଳର ୧୦୦ ଛାତ୍ରୀଛାତ୍ରଙ୍କୁ ୧ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯିବ। ଏହି ଟୁର୍ନାମେଣ୍ଟ ୯ ତାରିଖରେ ଉଦ୍‌ଯାପିତ ହେବ ବୋଲି ଫାଉଣ୍ଡେଶନ ପକ୍ଷରୁ କୁହାଯାଇଛି।

# ଏଣିକି ଅନ୍‌ଲାଇନରେ ହେବ କାମ

## ଶ୍ରୀମନ୍ଦିର କର୍ମଚାରୀ ନେବେ କମ୍ପ୍ୟୁଟର ପ୍ରଶିକ୍ଷଣ

ପୁରୀ ଅଫିସ,୩।୧୨

ଶ୍ରୀମନ୍ଦିରର ସମସ୍ତ କାର୍ଯ୍ୟ ଏଣିକି ଅନ୍‌ଲାଇନରେ ହେବ। ଆଉ ଟେବୁଲ ଉପରେ ଗଦା ଗଦା ଫାଇଲ ରହିବ ନାହିଁ। ଏଥିପାଇଁ ଆରମ୍ଭ ହୋଇଛି ପ୍ରକ୍ରିୟା। ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ଏଥିପାଇଁ କମ୍ପ୍ୟୁଟର ପ୍ରଶିକ୍ଷଣ ଦେବା ଆରମ୍ଭ ହୋଇଛି। ସୁଯୋଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ କମ୍ପ୍ୟୁଟର ଏଜୁକେଶନ ଆଣ୍ଡ ମ୍ୟାନେଜମେଣ୍ଟ ପକ୍ଷରୁ ଶ୍ରୀମନ୍ଦିର କର୍ମଚାରୀଙ୍କୁ ୨ ମାସ ଧରି ନିଶୁଳ୍କ ତାଲିମ ଦିଆଯିବ। ସୋମବାର ସନ୍ଧ୍ୟାରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଜିଲାପାଳ ଜ୍ୟୋତିପ୍ରକାଶ ଦାସ ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପ୍ରଶିକ୍ଷଣ ଦେବାକୁ ଯାଉଥିବା ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ମନୋରଞ୍ଜନ ମହାପାତ୍ର, ଏସ୍‌ଆଇସିଇଏମ୍‌ର ନିର୍ଦ୍ଦେଶକ ସୁଦର୍ଶନ ମହାପାତ୍ର ଉପସ୍ଥିତ ଥିଲେ। ସେଣ୍ଟରର ମ୍ୟାନେଜର ପ୍ରକାଶ ଗୋଛାୟତଙ୍କ ତତ୍ତ୍ୱାବଧାନରେ ସନ୍ଧ୍ୟା ୬ରୁ ରାତି ୮ଟା ପର୍ଯ୍ୟନ୍ତ ତାଲିମ ପ୍ରଦାନ କରାଯିବ।

## ଜଗନ୍ନାଥବଲ୍ଲଭ କ୍ରାଫ୍ଟ କମ୍ପ୍ଲେକ୍ସର ପୁନରୁଦ୍ଧାର ଦାବି

ପୁରୀ ଅଫିସ,୩।୧୨

ଜଗନ୍ନାଥବଲ୍ଲଭ କ୍ରାଫ୍ଟ କମ୍ପ୍ଲେକ୍ସର ପୁନରୁଦ୍ଧାର ଦାବିରେ ନୀଳାଚଳ କ୍ୟାବିନ ମାଲିକ ସଂଘ ପକ୍ଷରୁ ଜିଲାପାଳଙ୍କୁ ସୋମବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି କମ୍ପ୍ଲେକ୍ସରେ ଆଲୋକୀକରଣ, ନାମଫଳକ ସ୍ଥାପନ, କମ୍ପ୍ଲେକ୍ସ ଚାରିପାଖ ସ୍ୱଚ୍ଛତା, ବନ୍ଦ ପଡିଥିବା ଏ ବ୍ଲକରେ ଦୋକାନ ଗୃହ ଆବଣ୍ଟନ, ପାର୍କିଂ ସ୍ଥାନ ଓ ନିକଟରେ ରହିଥିବା ଶୌଚାଳୟ ପୁନରୁଦ୍ଧାର ଲାଗି ସଂଘ ଦାବି କରିଛି। ଗତ ଏପ୍ରିଲ ୭ରେ ଜଗନ୍ନାଥବଲ୍ଲଭ କ୍ରାଫ୍ଟ କମ୍ପ୍ଲେକ୍ସ ଉଦ୍‌ଘାଟିତ ହୋଇଥିଲା। ପର୍ଯ୍ୟଟନ ବିଭାଗ ଅଧୀନରେ ଏହା ରହିଛି। ବଡ଼ଦାଣ୍ଡରୁ ଉଚ୍ଛେଦ ହୋଇଥିବା କେତେଜଣ କ୍ୟାବିନ ମାଲିକଙ୍କୁ ଭଡା ସୂତ୍ରରେ ଦୋକାନ ଖୋଲିବା ଲାଗି ଅନୁମତି ପ୍ରଦାନ କରାଯାଇଥିଲା। ତେବେ ଉଦ୍‌ଘାଟନକୁ ୮ମାସ ବିତିଲାଣି। କମ୍ପ୍ଲେକ୍ସର କୌଣସି ଉନ୍ନୟନମୂଳକ କାର୍ଯ୍ୟ ହୋଇନାହିଁ ବୋଲି ସଂଘ ପକ୍ଷରୁ ଦିଆଯାଇଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

## ମହିଳାଙ୍କୁ ଅପହରଣ ଉଦ୍ୟମ, ଅଭିଯୁକ୍ତ ଗିରଫ

ପୁରୀ ଅଫିସ,୩।୧୨: ଜନୈକା ବିବାହିତ ମହିଳାଙ୍କୁ ଅପହରଣ ଉଦ୍ୟମ ଅଭିଯୋଗରେ ସଦର ଥାନା ପୋଲିସ ସୋମବାର ନିମାପଡ଼ାର ଅଭୟ କୁମାର ଭୋଇଙ୍କୁ ଗିରଫ କରିଛି। ଅଭୟ ଓ ସମ୍ପୃକ୍ତା ମହିଳାଙ୍କର ଗତ କିଛି ବର୍ଷ ଧରି ପ୍ରେମ ସମ୍ପର୍କ ରହିଥିଲା। ପରେ ମହିଳାଙ୍କର ଅନ୍ୟତ୍ର ବିବାହ ହୋଇଥିଲା। ବିବାହ ପରେ ମହିଳାଜଣକ ସ୍ୱାମୀ ସହିତ ସଦର ଥାନା ଅଞ୍ଚଳରେ ରହୁଥିଲେ। ଅଭୟ ସମ୍ପୃକ୍ତା ମହିଳାଙ୍କ ଘର ଠିକଣା ପାଇ ସୋମବାର ସକାଳେ ସେଠାରେ ପହଞ୍ଚିଥିଲେ। ଘରେ ସ୍ୱାମୀ ନ ଥିବା ସୁଯୋଗ ନେଇ ତାଙ୍କୁ ଅପହରଣ ଉଦ୍ୟମ କରିଥିଲେ। କୌଣସି ମତେ ମହିଳାଜଣକ ଖସି ଆସି ସଦର ଥାନାରେ ଅଭିଯୋଗ କରିଥିଲେ।

# ପେଟ୍ରୋଲ ପମ୍ପରେ ଯୋଗାଣ ବିଭାଗର ଚଢ଼ାଉ

ପିପିଲି,୩।୧୨(ଡି.ଏନ୍.ଏ.)

ପିପିଲି ଥାନା ଅନ୍ତର୍ଗତ ମଙ୍ଗଳପୁରଠାରେ ଥିବା ମହାଲକ୍ଷ୍ମୀ ଫିଲିଙ୍ଗ ଷ୍ଟେଶନରେ ସୋମବାର ଜିଲା ଯୋଗାଣ ବିଭାଗ ଏବଂ ବୈଧ ମାପ ବିଭାଗ ପକ୍ଷରୁ ମିଳିତ ଚଢ଼ାଉ କରାଯାଇଥିଲା। ଏଥିରେ ଜିଲା ସହକାରୀ ଯୋଗାଣ ଅଧିକାରୀ ବିଭୁ ପ୍ରସାଦ ଆଚାର୍ଯ୍ୟ, ପିପିଲି ଯୋଗାଣ ଅଧିକାରୀ ଦୀପ୍ତିରଞ୍ଜନ ଇନ୍ଦ୍ର ସିଂ, ବୈଧ ମାପ ବିଭାଗର ଏସି ଗୋପାଳ ବଲ୍ଲଭ ସାମନ୍ତରାୟ, ବୈଧମାପ ଇନ୍ସପେକ୍ଟର ରାଜେଶ କୁମାର ନାୟକ ଏବଂ ସହକାରୀ ନିରଞ୍ଜନ ଦାଶ ପ୍ରମୁଖ ଚଢ଼ାଉ କରିଥିଲେ। ପେଟ୍ରୋଲ ଏବଂ ଡିଜେଲର ସମସ୍ତ ୟୁନିଟ ଯାଞ୍ଚ କରିବା ସହ ଅପମିଶ୍ରଣ ସନ୍ଦେହରେ ସାମ୍ପୁଲ ନେଇଥିଲେ। ଏହି ସାମ୍ପୁଲକୁ ବିଭାଗୀୟ ଲାବୋରେଟୋରି ପଠାଇ ତଦନ୍ତ କରାଯାଉଛି ବୋଲି ଯୋଗାଣ ଅଧିକାରୀ ଦୀପ୍ତିରଞ୍ଜନ କହିଛନ୍ତି। ଯଦି ଅପମିଶ୍ରଣର ପ୍ରମାଣ ମିଳେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ।



ଯୋଗାଣ ଓ ମାପ ବିଭାଗ ଅଧିକାରୀମାନେ ପେଟ୍ରୋଲ ପମ୍ପ ଯାଞ୍ଚ କରୁଛନ୍ତି।

## ରଶି ଲଗାଇ ମହିଳାଙ୍କ ଆତ୍ମହତ୍ୟା

ନିମାପଡ଼ା,୩।୧୨(ଡି.ଏନ୍.ଏ.): ନିମାପଡ଼ା ଥାନା ଅନଳପୁର ଗ୍ରାମର ଶିବ ଦାସଙ୍କ ସ୍ତ୍ରୀ ପାକିନା ଦାସ(୪୦)ସୋମବାର ଅପରାହ୍ନରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ରୋଗ ଯନ୍ତ୍ରଣା ସହି ନ ପାରି ଝିଅ ଆତ୍ମହତ୍ୟା କରିଛି ବୋଲି ପାକିନାଙ୍କ ବାପା ଓଳାଂଶ ଗ୍ରାମର ମାଧବ ବେହେରା ଅଭିଯୋଗ କରିଛନ୍ତି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପାକିନାଙ୍କ ମୃତଦେହ ଜବତ କରିଛି। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୨୯/୧୮)ରୁଜୁ କରି ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ମୃତଦେହକୁ ମଙ୍ଗଳବାର ବ୍ୟବଚ୍ଛେଦ ପାଇଁ ଚାରିଛକ ମେଡିକାଲକୁ ପଠାଯିବ ବୋଲି ପୋଲିସ କହିଛି।

## ଜିଲାସ୍ତରୀୟ ଭିନ୍ନକ୍ଷମ ପ୍ରତିଭା ସମ୍ମାନ ଉତ୍ସବ

# ଭିନ୍ନକ୍ଷମଙ୍କ ପ୍ରତି ଆଭିମୁଖ୍ୟ ବଦଳିଛି

ପୁରୀ ଅଫିସ,୩।୧୨

ବିଶ୍ୱ ଭିନ୍ନକ୍ଷମ ଦିବସ ପାଳନ ଅବସରରେ ସୋମବାର ଏଲ୍‌ଆଇସି କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ ଭିନ୍ନକ୍ଷମ ପ୍ରତିଭା ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ବିଭିନ୍ନ କ୍ଷେତ୍ରରେ ଭିନ୍ନକ୍ଷମମାନେ ଅନ୍ୟମାନଙ୍କ ଅପେକ୍ଷା ଅଧିକ ସକ୍ଷମ। ରାଜ୍ୟ ସରକାର ଭିନ୍ନକ୍ଷମଙ୍କ ସୁବିଧା ପାଇଁ ସ୍ୱତନ୍ତ୍ର ବିଭାଗ ଖୋଲିଛନ୍ତି। ଭିନ୍ନକ୍ଷମଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ଓ ସେମାନଙ୍କ କଲ୍ୟାଣ ଲାଗି ବହୁତ ଯୋଜନା ହେଉଛି। ସମ୍ମାନିତ ଅତିଥି ଜିଲାପାଳ ଜ୍ୟୋତିପ୍ରକାଶ ଦାସ କହିଲେ, ବିଶ୍ୱସ୍ତରରେ ଭିନ୍ନକ୍ଷମଙ୍କ ପ୍ରତି ଆଭିମୁଖ୍ୟରେ ପରିବର୍ତ୍ତନ ହୋଇଛି। ସେମାନଙ୍କ ମଧ୍ୟରେ ଭରପୂର ପ୍ରତିଭା ରହିଛି। ଭିନ୍ନକ୍ଷମ ପିଲା ସାଧାରଣ ପିଲାଙ୍କ ଅପେକ୍ଷା ଅଧିକ ପ୍ରତିଭା ସମ୍ପନ୍ନ। ପୁରୀ ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀକାନ୍ତ ତରାଇ ଅତ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭିନ୍ନକ୍ଷମ ପିଲାଙ୍କ ଚିକିତ୍ସା ସୁବିଧା ସମ୍ପର୍କରେ କହିଥିଲେ।





ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

ଜିଲା ସର୍ବଶିକ୍ଷା ଅଭିଯାନର ପ୍ରକଳ୍ପ ସଂଯୋଜିକା ସୌନ୍ଦର୍ଯ୍ୟାମଞ୍ଜରୀ ଦାସ ଏଥିରେ ସଭାପତିତ୍ୱ କରି ଭିନ୍ନକ୍ଷମ ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଶିକ୍ଷା କ୍ଷେତ୍ରରେ ଭିନ୍ନକ୍ଷମ ପିଲାଙ୍କୁ ବିଭିନ୍ନ ସୁବିଧା ଯୋଗାଇ ଦିଆଯାଉଛି। ସେମାନଙ୍କୁ ସହାୟକ ଉପକରଣ, ହ୍ୱିଲଚେୟାର, ଟ୍ରାଇସାଇକେଲ, କିଟ୍ ଯୋଗାଇ ଦିଆଯାଉଛି। ଏହି ପିଲାଙ୍କ ଲାଗି ଫିଜିଓଥେରାପି ଓ ଚିକିତ୍ସା ବ୍ୟବସ୍ଥା କରାଯାଉଛି ବୋଲି ସେ କହିଥିଲେ। ଜିଲା ଶିକ୍ଷା ଅଧିକାରୀ ହୃଷୀକେଶ କାଣ୍ଡି, ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧକ୍ଷ ସୁଜାତା ମହାନ୍ତି, ସ୍ୱାସ୍ଥ୍ୟ ଅଧିକାରୀ ଡା. ଅଶୋକ କୁମାର ସିଂ ଭିନ୍ନକ୍ଷମମାନଙ୍କୁ ଉପଯୁକ୍ତ ସମ୍ମାନ ଓ ସୁବିଧା ଦେବାକୁ କହିଥିଲେ। ଭିନ୍ନକ୍ଷମ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଜିଲାର ବିଭିନ୍ନ ବ୍ଲକରେ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ମଧ୍ୟରେ ହୋଇଥିବା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।